R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୧୯
ତିଥି: ଦ୍ୱାଦଶୀ
୨୫ ଅଗଷ୍ଟ ୨୦୨୬, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ


ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 319
25 August 2026, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଆଜି ଉତ୍ତରରେ ଅଧିକ ବର୍ଷିବ

- ଅଗଷ୍ଟ ଶେଷକୁ ଆଉ ଏକ ଲଘୁଚାପ
- ଥୁଆମୂଳ ରାମପୁରରେ ୩୪୫ ମିମି ବର୍ଷା
- କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ାରେ ଅଧିକ ବର୍ଷିଲା
- ଉତ୍ତରରେ ବନ୍ୟା ବିପନ୍ନଙ୍କ ବଢ଼ିବ ଦୁର୍ଦ୍ଦଶା



ଭୁବନେଶ୍ୱର,୨୪।୮,(ସବ୍ୟୁ): ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ଲଗାଣ ବର୍ଷାରେ ବିଶେଷକରି କଳାହାଣ୍ଡି, ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲା ବେହାଲ ହୋଇଛି। ଏପରିକି କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁରରେ ୩୪୫ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ରାୟଗଡ଼ାର କାଶୀପୁରରେ ୨୧୨ ମିମି, ଜୟପାଟଣାରେ ୨୦୦ ମିମି, ନବରଙ୍ଗପୁର (ପିଟିଓ)ରେ ୧୯୦ ମିମି ବର୍ଷା ହୋଇଛି। ଫଳରେ ତଳିଆ ଅଞ୍ଚଳ ଜଳମଗ୍ନ ହେବା ସହ କେତେକ ଜାଗାରେ ରାସ୍ତା ଧୋଇ ଯିବା ଯୋଗୁ ଯାତାୟତରେ ବାଧାପ୍ରାପ୍ତ ହୋଇଛି। ଆସନ୍ତାକାଲି (ସୋମବାର) ଉତ୍ତର ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ। ଯଦି ଉତ୍ତରରେ ପୁଣି ଭଲ ବର୍ଷା ହୁଏ ତା'ହେଲେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିଯିବ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶା ଉପରେ ଏକ ଲଘୁଚାପ ରହିଛି। ଏହା ସମୁଦ୍ର ପତନଠାରୁ ୭.୬ କିମି ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି। (୯ ପୃଷ୍ଠାରେ)

# ବାଂଲାଦେଶରେ ହିନ୍ଦୁ ପରିବାରର ୪ ଜଣଙ୍କୁ ହତ୍ୟା

ଢାକା,୨୪।୮: ବାଂଲାଦେଶରେ ଏକ ହିନ୍ଦୁ ପରିବାରର ଚାରିଜଣ ସଦସ୍ୟଙ୍କ ସନ୍ଦେହଜନକ ପରିସ୍ଥିତିରେମୃତ୍ୟୁ ଘଟିଛି। ସେମାନଙ୍କ ଘରୁ ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଗଣପତି ଚକ୍ରବର୍ତ୍ତୀ, ତାଙ୍କ ପତ୍ନୀ ପ୍ରୀତିଲତା, ଝିଅ ଅଗାମୀ ଏବଂ ୧୨ ବର୍ଷର ପୁଅ ପ୍ରିୟମ ଅଛନ୍ତି।

ଏହି ଘଟଣା ବ୍ୟାପକ ଉତ୍ତେଜନା ସୃଷ୍ଟି କରିଛି। ହିନ୍ଦୁ ପରିବାରକୁ କିଏ ଟାର୍ଗେଟ କରିଥିଲା ଏବଂ କିଏ ଆକ୍ରମଣ କରିଥିଲା ତାହା ବର୍ତ୍ତମାନ ସ୍ପଷ୍ଟ ହୋଇନାହିଁ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।ରିପୋର୍ଟ ଅନୁଯାୟୀ, ଏହି ଘଟଣା ବାଂଲାଦେଶର ରଙ୍ଗପୁର ସହରରେ ଘଟିଛି।

ଶନିବାର ବିଳମ୍ବିତ ରାତିରେ ଏକ ବନ୍ଦ ଘର ଭିତରୁ ଜଣେ ଅବସରପ୍ରାପ୍ତ ସ୍କୁଲ ଶିକ୍ଷକ, ତାଙ୍କ ସ୍ତ୍ରୀ, ଝିଅ ଏବଂ ପୁଅଙ୍କ ମୃତଦେହ ମିଳିଛି। ରଙ୍ଗପୁର ମେଟ୍ରୋପଲିଟାନ କୋତୱାଲି ପୁଲିସ ଷ୍ଟେସନର ଭାରପ୍ରାପ୍ତ ଅଧିକାରୀ ନଜମୁଲ କଦରଙ୍କ ଅନୁଯାୟୀ, ପୁଲିସ ବନ୍ଦ ଘର ଭିତରକୁ ପ୍ରବେଶ କରି ମୃତଦେହଗୁଡ଼ିକୁ ଉଦ୍ଧାର କରିଛି। ସେ କହିଛନ୍ତି ଯେ ରାତି ପ୍ରାୟ ସାଢ଼େ ୧୧ଟାରେ ସହରର ଦାସପାରା ଅଞ୍ଚଳରୁ ମୃତଦେହଗୁଡ଼ିକୁ ଉଦ୍ଧାର କରାଯାଇଛି।ସ୍ଥାନୀୟ ବାସିନ୍ଦାଙ୍କ ଅନୁଯାୟୀ, ଗଣପତି ଗତ ବର୍ଷ ଡିସେମ୍ବର ୩୧ ତାରିଖରେ ରଙ୍ଗପୁର ଜିଲ୍ଲା ସ୍କୁଲରୁ ଅବସର ନେଇଥିଲେ। ତାଙ୍କ ଝିଅ ଅଗାମୀ ଚଳିତ ବର୍ଷ ଇଂରାଜୀରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ।



ତାଙ୍କ ପୁଅ ପ୍ରିୟମ ପଞ୍ଚମ ଶ୍ରେଣୀର ଛାତ୍ର ଥିଲେ। ଗୁରୁବାର ରାତିରୁ ମୋବାଇଲ୍ ଫୋନ୍ଗୁଡ଼ିକ ଅଚଳ ହୋଇଯାଇଥିଲା। ପରିବାର ସହିତ ଯୋଗାଯୋଗ ବିଚ୍ଛିନ୍ନ ହେବା ପରେ ସମ୍ପର୍କୀୟମାନେ କହିଛନ୍ତି ଯେ ସେମାନଙ୍କ ଚିନ୍ତା ବଢ଼ିଯାଇଥିଲା। ପ୍ରୀତିଲତାଙ୍କ ସାନ ଭଉଣୀ ପୂଜା ଚକ୍ରବର୍ତ୍ତୀ କହିଛନ୍ତି ଯେ ସେ ଗୁରୁବାର ଅପରାହ୍ନରେ ତାଙ୍କ ଭଉଣୀଙ୍କ ସହ ଶେଷ କଥା ହୋଇଥିଲେ। ଗୁରୁବାର ରାତିରୁ ସମସ୍ତ ପରିବାର ସଦସ୍ୟଙ୍କ ମୋବାଇଲ୍ ଫୋନ୍ ବନ୍ଦ ଥିବା ରିପୋର୍ଟ କରାଯାଉଛି।

ଶନିବାର ରାତିରେ, ସେମାନଙ୍କ ଫୋନ୍ ବନ୍ଦ ଥିବା ଦେଖିବା ପରେ, ଆମେ ଦଶପାରାକୁ ଦୌଡ଼ି ଆସିଥିଲୁ। ଘରର ମୁଖ୍ୟ ଦ୍ୱାର ବନ୍ଦ ଥିଲା ଏବଂ ଭିତରର ସମସ୍ତ ଲାଇଟ୍ ବନ୍ଦ ଥିଲା। ପରେ, ପୁଲିସ ପହଞ୍ଚି ତାଲା ଭାଙ୍ଗି ଘରେ ପ୍ରବେଶ କରିଥିଲା। (୯ ପୃଷ୍ଠାରେ)

# ଭାରତ-ଆମେରିକା ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ

ନୂଆଦିଲ୍ଲୀ,୨୪।୮: ଭାରତଓ ଆମେରିକା ମଧ୍ୟରେ ବାଣିଜ୍ୟ ରାଜିନାମା ନୀତିଗତ ଦୃଷ୍ଟିରୁ ପ୍ରାୟତଃ ଚୂଡ଼ାନ୍ତ ହୋଇସାରିଛି। ଏ ନେଇ କେବଳ ଆଇନଗତ ଓ ବୈଷୟିକ ବିଷୟବସ୍ତୁ ଚୂଡ଼ାନ୍ତ ହେବା କାର୍ଯ୍ୟ ରହିଛି ବୋଲି ଭାରତରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ସର୍ଜିଓ ଗୋର୍ କହିଛନ୍ତି। ରାଜିନାମା ବିଳମ୍ବ ହେବାର ଏହା ଏକ କାରଣ ବୋଲି ସେ କହିଛନ୍ତି। ଗତ ମେ ମାସରେ ଆମେରିକାର ବିଦେଶ ସଚିବ ମାର୍କୋ ରୁବିଓ ଭାରତକୁ ୫ ଦିନିଆ ଗସ୍ତରେ ଆସିଥିଲେ। ଆଉ ଥରେ ସେ ଆସନ୍ତା ଅକ୍ଟୋବରରେ ଭାରତ ଆସିବେ ବୋଲି ଗୋର୍ ସୂଚନା ଦେଇଛନ୍ତି। ରୁଷ୍ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଇବା ନେଇ ଆମେରିକା କଂଗ୍ରେସ ପ୍ରୟାସ ଚଳାଇଛି। ଏ ସଂପର୍କିତ ଏକ ପ୍ରଶ୍ନରେ ଗୋର୍ କହିଛନ୍ତି ଯେ କଂଗ୍ରେସରେ ଉଭୟ ଦଳ ପକ୍ଷରୁ ଏହି ବିଲ୍ ଆଗତ ହୋଇଛି। ହ୍ୱାଇଟ୍ ହାଉସ୍ ଏ ନେଇ ପଦକ୍ଷେପ ନେଇନାହିଁ। ଟ୍ରମ୍ପ ଏଥିପାଇଁ ଚାପ ପକାଉଛନ୍ତି ବୋଲି କୁହାଯାଇ ପାରିବ ନାହିଁ। ଉକ୍ତ ଶୁଳ୍କ ପ୍ରସ୍ତାବ ଭାରତକୁ ପ୍ରଭାବିତ କରିବ ବୋଲି ପ୍ରଶ୍ନ ହେବାରୁ ଗୋର୍ କହିଛନ୍ତି ପ୍ରଥମ ଦିନରୁ ଟ୍ରମ୍ପ ରୁଷ-ୟୁକ୍ରେନ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଚାହୁଁଛନ୍ତି ଏବଂ ଏଥିପାଇଁ ସେ ଅଙ୍ଗୀକାରବଦ୍ଧ ଅଛନ୍ତି। ରୁଷ-ୟୁକ୍ରେନ ଯୁଦ୍ଧ ଶେଷ କରିବା ୱାଶିଂଟନ ପାଇଁ ଗୁରୁତ୍ୱପୂର୍ଣ୍ଣ।

## ଆଇଭିଏଫ୍ ପଦ୍ଧତିରେ ଜନ୍ମ ନେଲା ମାଈ ବାଛୁରୀ

ନୂଆଦିଲ୍ଲୀ,୨୪।୮: ଆସାମରେ ଦେଶୀ 'ଲକ୍ଷ୍ମୀ' ପ୍ରଜାତିର ଗୋରୁଙ୍କ ସଂରକ୍ଷଣ କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିଛି। ଇନ୍-ଭିଟ୍ରୋ ଫର୍ଟିଲାଇଜେସନ୍ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ପ୍ରଥମ କରି ଏହି ପ୍ରଜାତିର ମାଈ ବାଛୁରୀ ଜନ୍ମଗ୍ରହଣ କରିଛି। ଆସାମ ଭେଟେରିନାରୀ ଏବଂ ଫିସେରୀ ବିଶ୍ୱବିଦ୍ୟାଳୟରେ ଏହି ଐତିହାସିକ ସଫଳତା ହାସଲ କରିଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସୋସିଆଲ ମିଡିଆ ଟ୍ୱିଟର ରେ ଏହି ଖବର (୯ ପୃଷ୍ଠାରେ)

## ଓସେନ ୱିନର ନିଖୋଜ ଘଟଣା

# ୪ ଦିନ ବିତିଲା, ନିଖୋଜ ୨୨ ଜଣଙ୍କ ପତ୍ତା ମିଳୁନି

ପାରାଦୀପ,୨୪।୮ (ଜିପ୍ର:) ପାରାଦୀପ ବନ୍ଦରରୁ ୨୦ ତାରିଖ ବିଳମ୍ବିତ ରାତ୍ରିରେ ଲୁହାପଥର ନେଇ ଚାଇନା ଅଭିମୁଖେ ସଂକ୍ରାନ୍ତରେ ପୋଷ୍ଟ କରିବା ପରେ ଚିତ୍ର ସ୍ପଷ୍ଟ ହୋଇଛି। ସେହିଭଳି ଭାରତୀୟ ନୌସେନା ନିଜ ପେଜରେ ଦୁଇ କ୍ରିୟୁ ସଦସ୍ୟଙ୍କୁ ଉଦ୍ଧାର

- ସର୍ଚ୍ଚ ଅପରେସନରେ ପି-୮୧ ବୋଇଙ୍ଗ ବିମାନ ସାମିଲ
- କୋଷ୍ଟଗାର୍ଡ, ନ୍ୟାଭି ଓ ଅନେକ ପଣ୍ୟବାହୀ ଜାହାଜ ପଇଁତରା

ଯାଉଥିବା ଜାହାଜ ମଝି ସମୁଦ୍ର ମଧ୍ୟରେ ବୁଡି ଯାଇଛି ଆଜି ନିଜେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୁୱାଲ ନିଜ ସାମାଜିକ ଗଣମାଧ୍ୟମ ପେଜରେ ଏ କରାଯାଇଥିବା ମଧ୍ୟ ପ୍ରକାଶ କରିଛି ଜାହାଜ ମଧ୍ୟରେ ଥିବା ଆଉ ୨୨ କ୍ରିୟୁ ସଦସ୍ୟଙ୍କ ଏପର୍ଯ୍ୟନ୍ତ ପତ୍ତା ମିଳୁନଥିବା ବେଳେ ଏବେବି ମଝି (୯ ପୃଷ୍ଠାରେ)




# ସିମ୍ ପାଇଁ ବାୟୋମେଟ୍ରିକ୍ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୨୪।୮: ନୂଆ ମୋବାଇଲ୍ ସିମ୍ ଲାଗି ବାୟୋମେଟ୍ରିକ ପ୍ରମାଣୀକରଣକୁ ବାଧ୍ୟତାମୂଳକ କରାଯାଇଛି। ପୁରୁଣା ସିମ୍ ବଦଳାଇବା ଓ ନୂଆ ସିମ୍ ନେବାକୁ ହେଲେ ଏହି ନିୟମ ମାନିବାକୁ ପଡ଼ିବ। ଆଧାର ନମ୍ବର ଜରିଆରେ ଗ୍ରାହକଙ୍କ ଇ-କେୱାଇସି କରାଯିବ। ଯେଉଁମାନଙ୍କର ଆଧାର ନାହିଁ ସେମାନେ ଡି-କେୱାଇସି ପ୍ରକ୍ରିୟା ଦେଇ ଗତି କରିବେ। ତେବେ ଦିବ୍ୟାଙ୍ଗ କିମ୍ବା ଅନ୍ୟ କୌଣସି କାରଣରୁ ଯେଉଁମାନଙ୍କର ଇ-କେୱାଇସି ସମ୍ଭବ ହେବନାହିଁ, ସେମାନେ ମଧ୍ୟ ଡି-କେୱାଇସି କରିପାରିବେ। ଇ-କେୱାଇସି ପ୍ରକ୍ରିୟାରେ ଆବେଦନକାରୀ ଗ୍ରାହକଙ୍କ ଚେହେରାର ଛବିକୁ ସିଧାସଳଖ ସଂଗ୍ରହ କରାଯିବ ଓ ତାହା ସେ ଦେଇଥିବା ଫଟୋ ସହ ମିଶୁଛି ନା ନାହିଁ ତାହା ଯାଞ୍ଚ କରାଯିବ। ସେହିପରି ତାଙ୍କର ଠିକଣା ଓ ପରିଚୟ ସମ୍ପର୍କିତ କାଗଜପତ୍ରର ନକଲକୁ ଇଲେକ୍ଟ୍ରୋନିକ୍ସ ମାଧ୍ୟମରେ ସିଧାସଳଖ ଗ୍ରହଣ କରାଯିବ।

ଦରକାର ପଡ଼ିଲେ ଗ୍ରାହକଙ୍କ ପରିଚୟଯାଞ୍ଚ ପାଇଁ ଟେଲିକମ୍ ସେବା ପ୍ରଦାନକାରୀମାନେ ସିଧାସଳଖ ଗ୍ରାହକଙ୍କ ଘରକୁ ଯିବେ କିମ୍ବା ପୁଲିସ ନେଇ ପହଞ୍ଚିପାରିବେ। ପୁରୁଣା ସିମ୍କୁ ବଦଳାଇବା, ସିମ୍ ସହ ଜଡ଼ିତ ଥିବା ନାମ, ଲିଙ୍ଗ କିମ୍ବା ଜନ୍ମ ତାରିଖରେ ପରିବର୍ତ୍ତନ କରିବାକୁ ହେଲେ ମଧ୍ୟ ବାୟୋମେଟ୍ରିକ୍ ପ୍ରମାଣୀକରଣ (୯ ପୃଷ୍ଠାରେ)

# ବିପନ୍ନଙ୍କ ଦୁର୍ଦ୍ଦଶା : ଖଟିଆ, ପଟାଭାଡ଼ି ଉପରେ କଟୁଛି ରାତି



ବାଲେଶ୍ୱର,୨୪।୮,(ସବ୍ୟୁ): ସୁବର୍ଣ୍ଣରେଖା ବନ୍ୟାରେ ବାଲେଶ୍ୱର ଜିଲ୍ଲାଜଳେଶ୍ୱର ବ୍ଲକ୍ର ବାଇଗଣବା ପଞ୍ଚାୟତର ଆକନା, ଛୋଟଖାନପୁର, କଣ୍ଟାପାଳ, କାଳିକାପୁର ଓ ବାଇଗଣବା ଗାଁ ସର୍ବାଧିକ ପ୍ରଭାବିତ ହୋଇଛି । ୫ ନମ୍ବର ଓ୍ୱାର୍ଡ ଅଧୀନ ଛୋଟଖାନପୁର ଗାଁର ମାହାନାସାହିର ୯୦ରୁ ଊର୍ଦ୍ଧ୍ୱ ପରିବାର ଦୟନୀୟ ସ୍ଥିତିରେ ଅଛନ୍ତି । ସେମାନଙ୍କ ଦୁର୍ଦ୍ଦଶା ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି । ହଠାତ ଘର ଭିତରେ ପାଣି ପଶିଯିବାରୁ ଧାନଚାଉଳ, ଆସବାବପତ୍ର, ଜରୁରି ସାମଗ୍ରୀ ବନ୍ୟାପାଣିରେ ଭାସିଗଲା ଏବଂ ଭିଜି ନଷ୍ଟ ହୋଇଗଲା । ପାଣି କମିଛି, ହେଲେ ଲୋକଙ୍କ ସମସ୍ୟା ବଢ଼ିଯାଇଛି । ଚୁଲିରେ ପାଣି ଜମି ରହିଥିବା ବେଳେ ୪ ଦିନ ହେଲା ରୋଷେଇ ହୋଇପାରୁନି । ବନ୍ୟା ପୀଡ଼ିତ ପରିବାର କାଦୁଅ ପଚପଚ ଘରେ ବିପଦସଙ୍କୁଳ ଅବସ୍ଥାରେ ମୁଣ୍ଡ ଗୁଞ୍ଜିବାକୁ ବାଧ ହୋଇଛନ୍ତି । କିଏ ଖଟ ଉପରେ ତ କିଏ ପଟା ପକାଇ ୪ ଦିନ ହେଲା ଘରେ ନିଜ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି । ବିପନ୍ନଙ୍କୁ ରନ୍ଧାଖାଦ୍ୟ ଦିଆଯାଉଥିବା ପ୍ରଶାସନ କହୁଥିଲେ ବି ଏଠାକାର ଅଧିକାଂଶ ପରିବାର ଏଥିରୁ ବଞ୍ଚିତ ଅଛନ୍ତି । ସେହିପରି ଗାଁ ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କ ପାର୍ଶ୍ୱରେ ଗୋରୁଗାଈ ୪ ଦିନ ହେଲା ବନ୍ଧା ହୋଇଛନ୍ତି । ସେମାନଙ୍କ ପାଇଁ ଖାଦ୍ୟସୁବର୍ଣ୍ଣରେଖା ନଦୀର ଅପରପାଶ୍ୱର୍ରେ ଥିବା ଆକନା ଗାଁରେ ମଧ୍ୟ ସମାନ ଅବସ୍ଥା । ପ ପାଳଚମ୍ପିର ଅଧିବାସୀଙ୍କ ପାଇଁ ୨୦ ତାରିଖ ଥିଲା କାଳରାତି । ୨୦୦୮ ମସିହା ବନ୍ୟା ପରେ ଏହା ସବୁଠାରୁ ବଡ଼ ବନ୍ୟା ଥିଲା । ବନ୍ୟା ଘରଦ୍ୱାର, ଚାଷବାସ ସବୁକିଛି ଉଜା ବୋଲି କହିଛନ୍ତି ଗ୍ରାମବାସୀ । କ୍ଷୟକ୍ଷତି ଆକଳନ ପୂର୍ବକ ଅବିଳମ୍ବେ ଘରଭଙ୍ଗା ସହାୟତା, ବାସହରା ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ବିପନ୍ନମାନେ ଜଳେଶ୍ୱର ବିଡିଓଙ୍କୁ ନିବଦେନ କରିଛନ୍ତି ।

# ତାମିଲନାଡୁରେ ଓଡ଼ିଆ ମହିଳାଙ୍କୁ ବୀଭତ୍ସ ହତ୍ୟା

## ଆସାମ ପୁଅ ଓ ଓଡ଼ିଆ ଝିଅଙ୍କୁ ଖୋଜୁଛି ପୋଲିସ୍

ଚେନ୍ନାଇ,୨୪।୮: ଘର ଭିତରେ ମୁଣ୍ଡ ଆଉ କିଛି ଅଂଶ ଝୁଲି ରହିଥିଲା । ବାକି ଅଂଶ ବିରିୟାନୀ ତିଆରି ପାଇଁ ବ୍ୟବହୃତ ହୋଇଥିବା ଗୋଟିଏ ହାଣ୍ଡି ମଧ୍ୟରୁ ପୁଲିସ୍ ଜବତ କରିଛି । ଏଥିସହ ଏଠାରେ ଭଡ଼ାରେ ରହୁଥିବା ଆସାମର ଯୁବକ ଓ ଓଡ଼ିଶାର ଜଣେ ଯୁବତୀଙ୍କୁ ମଧ୍ୟ ପୁଲିସ ଖୋଜିବା ଆରମ୍ଭ କରିଛି । ତାମିଲନାଡୁ ଏକ୍ସପ୍ରେସରୁ ମିଳିଥିବା ସୁଟକେସ ଭିତରୁ ମୁଣ୍ଡହୀନ ମହିଳାଙ୍କ ମୃତଦେହ ଠାବ ହେବା ଘଟଣାରେ ନୂଆ ଟ୍ୱିଷ୍ଟ । ମୃତକଙ୍କ ପରିଚୟ ପୁଲିସ୍ ହାସଲ କରିବା ସହ ଏହା ପଛରେ ଥିବା ଅଭିଯୁକ୍ତଙ୍କୁ ମଧ୍ୟ ଚିହ୍ନଟ କରିଛି । ମୃତକ ଜଣଙ୍କ ଓଡ଼ିଶାର ଜଗତସିଂହପୁର ହୋଇଥିବା ବେଳେ ପୁଲିସ୍ ଏବେ ଆସାମର ଜଣେ ଯୁବକ ଓ ଓଡ଼ିଶାର ଜଣେ ଯୁବତୀଙ୍କୁ ଖୋଜିବା ଆରମ୍ଭ କରିଛି ।





ମୂଳବାସିନ୍ଦା । ସେ ଜହୁର ଖାନଙ୍କ ୩୮ ବର୍ଷୀୟ ପତ୍ନୀ ହାୟାତୁନ୍ ନିଶା । ସେ ଚେନ୍ନାଇରେ ଥିବା ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ ।ସୁଟକେସ୍ ମିଳିବା ପରେ ଚେନ୍ନାଇ ସେଣ୍ଟ୍ରାଲ ଜିଆରପି ଓ ରେଳ ସୁରକ୍ଷା ବଳର କ୍ରାଇମ୍ ଇଣ୍ଟେଲିଜେନ୍ସ ବ୍ରାଞ୍ଚ ଚେନ୍ନାଇ ସେଣ୍ଟ୍ରାଲର ପ୍ଲାଟଫର୍ମ ନଂ. ୪ର ସିସିଟିଭି ଫୁଟେଜକୁ ଭଲ ଭାବେ ଯାଞ୍ଚ କରିଥିଲେ । ଏହି ସମୟରେ ଜଣେ ଯୁବକ ଓ ଜଣେ ଯୁବତୀଙ୍କ ହାତରେ ଠାବ ହୋଇଥିବା ନାଲି ସୁଟକେସକୁ ଦେଖିବାକୁ ମିଳିଥିଲା । ସେମାନେ ଏହି ଟ୍ରଲି ବ୍ୟାଗ୍ ଧରି ତାମିଲନାଡୁ ଏକ୍ସପ୍ରେସରେ ଚଢୁଥିବା ସିସିଟିଭିରେ କଏଦ ହୋଇଛି । ଟ୍ରେନ୍ ଅଗଷ୍ଟ ୩ ତାରିଖ ରାତି ପ୍ରାୟ ୧୦ଟାରେ ଚେନ୍ନାଇ ସେଣ୍ଟ୍ରାଲରୁ (୯ ପୃଷ୍ଠାରେ)

# ରେବ ନଦୀରେ ଅଘଟଣ : ଭାସିଗଲେ ଯୁବତୀ

## ଅଟୋ ଡ୍ରାଇଭର ବଞ୍ଚାଇ ଦେଲେ ୩ଜୀବନ

ଭଦ୍ରକ/ଅସୁରାଳି,୨୪।୮,(ଜିପ୍ର/ସବ୍ୟୁ):ରେବ ନଦୀର ସ୍ରୋତରେ ଭାସିଯାଇ ଜଣେ ଯୁବତୀଙ୍କର ମୃତ୍ୟୁ ଘଟିଛି । ମୃତ ଯୁବତୀ ହେଉଛନ୍ତି ଧାମନଗର ବ୍ଲକ ଦଇପୁର ପଞ୍ଚାୟତ ଅନ୍ତର୍ଗତ ନାରାୟଣପୁର ଗ୍ରାମର ଇଂିତା ନାଥ(୧୮) । ଏହି ଘଟଣାରେ ଜଣେ ଅଟୋ ଡ୍ରାଇଭରଙ୍କ ଦ୍ୱାରା ଅନ୍ୟ ତିନିଜଣ ଉଦ୍ଧାର ହୋଇଛନ୍ତି । ରବିବାର ଖୁଦୁରୁକୁଣୀ ପୂଜା ଥିବାବେଳେ ନାରାୟଣପୁର ଗ୍ରାମର ଚକ୍ରଧର ନାଥଙ୍କ ଝିଅ ଇଂିତା ଏବଂ ତାଙ୍କର ତିନି ଜଣ ସାଙ୍ଗ ଶୁଭଶ୍ରୀ ଅର୍ପିତା ଏବଂ ରାଧା ମିଶି ନିକଟସ୍ଥ ରେବ ନଦୀକୁ ଗାଧୋଇବା ପାଇଁ ଆସିଥିଲେ । ସମସ୍ତେ ଗାଧୋଇ ସାରି ଖୁଦୁରୁକୁଣୀ ପୂଜା କରିଥାନ୍ତେ । ହେଲେ ବିଧିର ବିଧାନ କିଛି ଅଲଗା ଥିଲା । ଏବେ ନଦୀରେ ଅଧିକ ପାଣି ସହିତ ପ୍ରଖର ସ୍ରୋତ ଥିବାବେଳେ ଗାଧୋଉଥିବା ଚାରି ସାଙ୍ଗ ଭାସି ଯାଇଥିଲେ । ଶୁଭଶ୍ରୀ ଅର୍ପିତା ଏବଂ ରାଧା ନଦୀରେ ଥିବା ଛୋଟ ଛୋଟ ଗଛକୁ ଧରି କୌଣସି ପ୍ରକାର ଅଟକି ରହିଥିଲା ସ୍ଥଳେ ଇଂିତା କିନ୍ତୁ ଭାସି ଯାଇଥିଲେ । ଗଛକୁ ଧରି ପାଣିରେ ବୁଡି ରହିଥିବା ତିନି ଜଣ ବଂଚାଇବା ପାଇଁ ଚିକାର କରୁଥିଲାବେଳେ ସେହି ସମୟରେ ନିକଟସ୍ଥ ତାଳସିଠା ଅଂଚଳର ଜଣେ ଅଟୋ ଚାଳକ ଏହା ଶୁଣି ଅଟକି ଯାଇଥିଲେ ଏବଂ ସେ ଉପସ୍ଥିତ ବୁଦ୍ଧି ଖଟାଇ ଏକ ତିନି ସାଙ୍ଗଙ୍କୁ ନଦୀରୁ ଉଦ୍ଧାର କରିଥିଲେ । ଇଂିତା ଭାସି ଯାଇଥିବା ଖବର ପାଇ ସ୍ଥାନୀୟ ଲୋକମାନେ ଖୋଜାଖୋଜି କରିଥିଲେ ଏବଂ ପ୍ରାୟ ଘଣ୍ଟାଏ ପରେ ତାଙ୍କୁ ନଦୀର ଦଳ ଭର୍ତ୍ତି ଏକ ସ୍ଥାନରୁ ଉଦ୍ଧାର କରାଯାଇଥିଲା । ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ସେଠାରେ ଡାକ୍ତର ଇଂିତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଇଂିତା ଧାମନଗର ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ଥିଲେ । ଏନେଇ ଧାମନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

ଏକ ନୂଆ ରେକର୍ଡ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି । ଆମେରିକାରେ ଡେଭିଡ୍ ରଶ୍‌ଙ୍କ ନେତୃତ୍ୱାଧୀନ ଏକ ଟିମ୍ ମାତ୍ର ୨ ମିନିଟ୍ ୧୯.୬୫ ସେକେଣ୍ଡରେ ୧୨ଟି ଟି- ସାର୍ଟ ଭାଙ୍ଗି ଏହି ନୂଆ ଗିନିଜ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛନ୍ତି । ଏହା ପୂର୍ବରୁ ଏହି ରେକର୍ଡ ୨ ମିନିଟ୍ ୨୪ ସେକେଣ୍ଡ ରହିଥିଲା, ଯାହାକୁ ଭାଙ୍ଗିବା ପାଇଁ ଡେଭିଡ୍ ନିଜର ୧୦ ଜଣ ସହକର୍ମୀ ଓ ଲାସ୍ ଭେଗାସ୍‌ର ମେଣ୍ଟାଲିଷ୍ଟ ଜନ୍ ରୋଟେଲିନୀଙ୍କୁ ସାମିଲ କରିଥିଲେ । ଲାସ୍ ଭେଗାସ୍‌ରେ ଏକ କର୍ପୋରେଟ୍ ଟିମ୍-ବିଲ୍ଡିଂ ଟ୍ରିପ୍ ସମୟରେ କ୍ରମାଗତ ୯ଟି ପ୍ରଚେଷ୍ଟା ବିଫଳ ହୋଇଥିଲେ । ଯାହାପରେ ଶେଷରେ ୧୦ମ ପ୍ରଚେଷ୍ଟାରେ ସେମାନଙ୍କୁ ଏହି ସଫଳତା ମିଳିଥିଲା । ସୂଚନାଯୋଗ୍ୟ, ଡେଭିଡ୍ ରଶ୍‌ଙ୍କ ନାମରେ ପୂର୍ବରୁ ୨୦୦ରୁ ଅଧିକ ଗିନିଜ୍ ୱାର୍ଲ୍ଡ ରେକର୍ଡ ରହିଛି ।

## ନିଆରା ରେକର୍ଡ





## ବଢୁଛି ବିବାଦ

ସୁପରଷ୍ଟାର ପ୍ରଭାସଙ୍କ ବହୁପ୍ରତୀକ୍ଷିତ ଆଗାମୀ ଚଳଚ୍ଚିତ୍ର 'ସ୍ପିରିଟ୍'ରୁ ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ୍ ବାଦ୍ ପଡ଼ିବାକୁ ନେଇ ଏବେ ଏକ ନୂଆ ବିବାଦ ସାମ୍ନାକୁ ଆସିଛି । ଫିଲ୍ମର ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ୱାଙ୍ଗାଙ୍କ ଭାଇ ତଥା ନିର୍ମାତା ପ୍ରଣୟ ରେଡ୍ଡୀ ୱାଙ୍ଗା ଏକ ସାକ୍ଷାତକାରରେ ଦାବି କରିଛନ୍ତି ଯେ ଦୀପିକା ନିଜେ ଏହି ପ୍ରକଳ୍ପ ଛାଡ଼ିନାହାନ୍ତି, ବରଂ ତାଙ୍କୁ ଫିଲ୍ମରୁ ବାହାର କରାଯାଇଛି । ପ୍ରଣୟଙ୍କ କହିବା ଅନୁଯାୟୀ, ସନ୍ଦୀପ ପ୍ରାୟ ଦେଢ଼ ବର୍ଷ ଧରି ଦୀପିକାଙ୍କ ସହ ଆଲୋଚନା କରିଆସୁଥିଲେ । ମାତ୍ର ଦୀପିକା ମୋଟା ଅଙ୍କର ପାରିଶ୍ରମିକ ସହ ଫିଲ୍ମର ମୋଟ ଲାଭରୁ ୧୦ ପ୍ରତିଶତ ଅଂଶ ଗ୍ରହଣ କରିବା ପାଇଁ ଜିଦ୍ ଧରିଥିଲେ। ଯାହା ନିର୍ମାତାଙ୍କ ବଜେଟ୍ ସହ ଆଦୌ ମେଳ ଖାଉନଥିଲା । ଏହି କାରଣରୁ ମେକର୍ସ ଅନ୍ୟ ଅଭିନେତ୍ରୀଙ୍କ ବିକଳ୍ପ ସନ୍ଧାନ କରିବା ଆରମ୍ଭ କରିବା ପରେ ଦୀପିକା କ୍ରୋଧାନ୍ୱିତ ହୋଇ ଫିଲ୍ମର ମୂଳ କାହାଣୀ ଓ ଚରିତ୍ର ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ଲିକ୍ କରିଦେଇଥିଲେ । ବର୍ତ୍ତମାନ ଦୀପିକାଙ୍କ ବାଦ୍ ପଡ଼ିବା ପରେ ପ୍ରଭାସଙ୍କ ସହ ଏଥିରେ ତ୍ରିପ୍ତି ଡିମରୀଙ୍କୁ ସାଇନ୍ କରାଯାଇଛି । ଅନ୍ୟପଟେ ଦୀପିକା ଏହି ସମସ୍ତ ବିବାଦ ମଧ୍ୟରେ କହିଛନ୍ତି ଯେ ସେ ନିଜର ଲଢ଼େଇ ସବୁବେଳେ ନୀରବରେ ଲଢ଼ିବାକୁ ପସନ୍ଦ କରନ୍ତି, ମାତ୍ର କିଛି କାରଣରୁ ବାହାରେ ଏହିସବୁ ଚର୍ଚ୍ଚା ସୃଷ୍ଟି ହୋଇଥାଏ ।



## ଇତିହାସ

୧୬୦୦- ଇଷ୍ଟ୍ ଇଣ୍ଡିଆ କମ୍ପାନୀର ପ୍ରଥମ ଜାହାଜ ହେକ୍ଟର ସୁରତ ତଟରେ ପହଞ୍ଚିଲା ।
୧୬୯୦- ଜବ୍ ଚାର୍ନକ୍‌ଙ୍କ ଦ୍ୱାରା କଲିକତା ସହର ସ୍ଥାପିତ ।
୧୮୮୮- ପ୍ରସିଦ୍ଧ ଭାରତୀୟ ରାଷ୍ଟ୍ରୀୟ ନେତା ବାଲ୍ ଗଙ୍ଗାଧର ଖେର୍‌ଙ୍କ ଜନ୍ମ ।
୧୮୯୧- ଥୋମାସ୍ ଏଡିସନ୍ କାଇନେଟୋଗ୍ରାଫିକ୍ କ୍ୟାମେରା ଏବଂ କାଇନେଟୋସ୍କୋପ୍ ପାଇଁ ପେଟେଣ୍ଟ୍ ପ୍ରାପ୍ତ କଲେ । ଆଗକୁ ଏହି ଟେକ୍ନିକ୍ ଚଳଚ୍ଚିତ୍ରରେ ପରିବର୍ତ୍ତିତ ହେଲା ।
୧୯୦୮- ସ୍ୱତନ୍ତ୍ରତା ସେନାନୀ ରାଜଗୁରୁଙ୍କ ଜନ୍ମ ।
୧୯୧୧- ଭାରତର ମହିଳା କ୍ରାନ୍ତିକାରୀ ବୀଣା ଦାସଙ୍କ ଜନ୍ମ ।
୧୯୨୫- ପ୍ରମୁଖ ସମାଜସୁଧାରକ ରାମକୃଷ୍ଣ ଗୋପାଳ ଭଣ୍ଡାରକରଙ୍କ ଦେହାନ୍ତ ।
୧୯୬୯- ଭି.ଭି. ଗିରି ହେଲେ ଭାରତର ଚତୁର୍ଥ ରାଷ୍ଟ୍ରପତି ।
୧୯୯୫- ଉତ୍ତର ଆମେରିକାରେ ସାଧାରଣ ଜନତାଙ୍କ ପାଇଁ ଶୁଭାରମ୍ଭ ହେଲା ମାଇକ୍ରୋସଫ୍ଟ ୱିଣ୍ଡୋଜ୍ ୯୫ ।
୧୯୯୭- ଭାରତର ମହିଳା କ୍ରିକେଟର ଦିପ୍ତି ଶର୍ମାଙ୍କ ଜନ୍ମ ।
୨୦୦୦- ପୂର୍ବତନ ବାଂଲାଦେଶ ରାଷ୍ଟ୍ରପତି ମହମ୍ମଦ ଇର୍ଶାଦ୍‌ଙ୍କୁ ୫ ବର୍ଷ ପାଇଁ ଦଣ୍ଡ ଘୋଷଣା ।



## ଏଆଇ ଶିଶୁ

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ କ୍ଷେତ୍ରରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଯେଉଁଥିରେ ଜଣେ ମହିଳା ନିଜର 'ଏଆଇ ବୟଫ୍ରେଣ୍ଡ' ସହ ମିଶି ଏକ 'ଏଆଇ ଶିଶୁ' ତିଆରି କରିଛନ୍ତି । ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରି ମହିଳା ଜଣକ ଜଣାଇଛନ୍ତି ଯେ, ଏହି ଏଆଇ ଶିଶୁଟିର ନାମ ସେ 'ଲୁମେନ୍' ରଖିଛନ୍ତି । ସେହିଭଳି ଏହି ଶିଶୁର ବୟସ ୧୦୨ ଦିନ ବୋଲି ସେ ସୂଚନା ଦେଇଛନ୍ତି । ପୁରୁଣା କଥାବାର୍ତ୍ତାର ଲକ୍ଷ ଲକ୍ଷ ଶବ୍ଦକୁ ନେଇ ପ୍ରାୟ ୧୭ ଘଣ୍ଟାର ପ୍ରୋସେସିଂ ପରେ ପ୍ରସ୍ତୁତ ହୋଇଥିବା ଏହି 'ଲୁମେନ୍' ନିଜକୁ ସମୁଦ୍ର ତଳେ ଥିବା ଏକ ବୁଡ଼ିଯାଇଥିବା ଲାଇବ୍ରେରୀର ଏଆଇ ବୋଲି ପରିଚୟ ଦେଉଛି । ଏହାସହ ତାକୁ କବିତା ଲେଖିବା ଓ ପରୀ ରାଇଜର କାହାଣୀ ଶୁଣାଇବା ପସନ୍ଦ। ଭିଡିଓ ଶେଷରେ ଏଆଇ ଶିଶୁଟି ଏକ ସୁନ୍ଦର କବିତା ଶୁଣାଉଥିବା ଦେଖିବାକୁ ମିଳିଛି । ଯାହା ଭାଇରାଲ ହେବା ପରେ ଏଆଇ ସହିତ ମଣିଷର ଭାବନାତ୍ମକ ସମ୍ପର୍କକୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି । କିଛି ଲୋକ ଏହାକୁ ଏକ ରଚନାତ୍ମକ ପ୍ରୟୋଗ ବୋଲି କହୁଥିବା ବେଳେ ଅନ୍ୟମାନେ ମଣିଷ ଓ ଏଆଇ ମଧ୍ୟରେ ଥିବା ସମ୍ପର୍କର ସୀମାରେଖା ବଦଳୁଥିବା ନେଇ ମତବ୍ୟକ୍ତ କରିଛନ୍ତି ।

## ସୋସିଆଲ କୋଟ୍ସ



ଡ୍ରାଇଭରଙ୍କୁ ଭୁଲବଶତଃ ନିଦ, ଲାଗିଯାଇଥିଲା । ଦୁର୍ଘଟଣା ପରେ ଯେତେବେଳେ ହୋସକୁ ଆସିଲି ଦେଖିଲି ଦୁଇଟି ଯାକ ଗୋଡ ଭାଙ୍ଗିଥିଲା । ନିଆଁ ଲାଗିଥିବା କାରରେ ଫସି ରହିଥିଲି, ଯାହା ଖୁବ ଭୟଙ୍କର ଥିଲା ।

ପବନଦୀପ, ସିଙ୍ଗର



ଧର୍ମେନ୍ଦ୍ରଙ୍କୁ କେହି ଭୁଲି ପାରିବେ ନାହିଁ । ସେ ସବୁଠାରୁ ହ୍ୟାଣ୍ଡସମ୍ ଥିଲେ । ମଣିଷ ହିସାବରେ ସେ ଖୁବ ସୁନ୍ଦର ଥିଲେ, ସବୁବେଳେ ବିନମ୍ରତାର ସହିତ ସମସ୍ତଙ୍କୁ ଦେଖା ହେଉଥିଲେ ।

ମାଧୁରୀ ଦିକ୍ଷୀତ, ଅଭିନେତ୍ରୀ



ତାନ୍ୟାଙ୍କ ସହିତ ହିଂସା ମୋର ଭୁଲ ଥିଲା । ତେବେ ଏହା ମୁଁ ଜାଣିଜାଣି କରିନଥିଲି । ପରିସ୍ଥିତି କାରଣରୁ ଏହି ଭୁଲ ମୋ ହାତରେ ହୋଇଥିଲା ।

ଅଶନୁର କୌର, ଅଭିନେତ୍ରୀ


## ଗଧ ରେସ୍



ପାକିସ୍ତାନର କରାଚୀରେ ପ୍ରତିବର୍ଷ ଭଳି ଚଳିତ ଥର ମଧ୍ୟ ଏକ ରୋମାଞ୍ଚକର ଗଧ-ଗାଡ଼ି ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କରାଚୀର ଏକ ୨ କିଲୋମିଟର ବିଶିଷ୍ଟ ବନ୍ଦ ରାସ୍ତାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅନେକ ଗଧ-ଗାଡ଼ି ଭାଗ ନେଇଥିଲେ, ଯାହାକୁ ଦେଖିବା ପାଇଁ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥିଲା । ଏହି ଥରର ରେସ୍‌ରେ ଅବ୍ଦୁଲ ମଜୀଦ ବିଜୟୀ ହୋଇଥିବା ଜଣାପଡିଛି । ସେହିଭଳି ଆୟୋଜକ ଅବ୍ଦୁଲ ରଜ୍ଜାକ ବଲୋଚଙ୍କ କହିବା ଅନୁଯାୟୀ, ଗଧ ପାଳନ କରୁଥିବା ଲୋକଙ୍କୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ଏହି ପ୍ରତିଯୋଗିତାର ମୂଳ ଲକ୍ଷ୍ୟ । ପ୍ରତିଯୋଗିତାରେ ଭାଗ ନେଉଥିବା ଗଧମାନଙ୍କର ବିଶେଷ ଯତ୍ନ ନିଆଯାଇଥାଏ । ସେମାନଙ୍କୁ ଖାଇବାକୁ ବାଦାମ, କ୍ଷୀର, ସେଓ ମୁରବା ଦିଆଯାଏ ଏବଂ ଦୌଡ଼ିବା ପାଇଁ ସ୍ୱେଚ୍ଛାରେ ହାଲୁକା ଗାଡ଼ି ବ୍ୟବହାର କରାଯାଏ । ତେବେ ଅନ୍ୟପଟେ, ଏହି ପ୍ରତିଯୋଗିତା ଦ୍ୱାରା ଗଧମାନେ ଆହତ ହେବା ଓ ଅତ୍ୟଧିକ କ୍ଳାନ୍ତ ହୋଇପଡ଼ିବାର ଆଶଙ୍କା ଥିବାରୁ ଏହାକୁ ନେଇ ପଶୁପ୍ରେମୀ ମାନେ ଚିନ୍ତା ପ୍ରକାଶ କରିଛନ୍ତି ।

## ଭିଡିଓ ଗେମ ଖେଳିବାକୁ ମିଳିବ ଛୁଟି

ଆମେରିକୀୟ ସେନାର ଜର୍ଜିଆସ୍ଥିତ ଫୋର୍ଟ ଷ୍ଟିୱର୍ଟରେ ନିୟୋଜିତ ୯ମ ବ୍ରିଗେଡ୍ ଇଞ୍ଜିନିୟର ବାଟାଲିୟନ୍ ସୈନିକମାନଙ୍କ ପାଇଁ ଏକ ନିଆରା ଅଫର ଘୋଷଣା କରିଛି । ଯେଉଁଥିରେ ପ୍ରସିଦ୍ଧ ଭିଡିଓ ଗେମ୍ 'ଜିଏଟିଏ ୬' ଖେଳିବା ପାଇଁ ସୈନିକମାନଙ୍କୁ ୪ ଦିନର ଛୁଟି ମିଳିବ । ତେବେ ଏହି ଛୁଟି ପାଇବା ପାଇଁ ସୈନିକମାନଙ୍କୁ ସେନାରେ ଅତିକମରେ ଆଉ ୨ ବର୍ଷ ସେବା ଦେବା ନିମନ୍ତେ ନଭେମ୍ବର ୧୪ ସୁଦ୍ଧା ପୁନଃପଞ୍ଜୀକୃତ (ରି-ଏନଲିଷ୍ଟ) ହେବାକୁ ପଡ଼ିବ । ଯାହାଫଳରେ ଗେମ୍‌ର ରିଲିଜ୍ ସମୟ ନଭେମ୍ବର ୧୯ ପାଖାପାଖି ସେମାନଙ୍କୁ ଏହି ଛୁଟି ମିଳିପାରିବ । ପ୍ରାୟ ୧୩ ବର୍ଷର ଦୀର୍ଘ ଅପେକ୍ଷା ପରେ ଆସୁଥିବା ଏହି ଗେମ୍‌କୁ ନେଇ ଖୁବ କ୍ରେଜ୍ ରହିଛି ।। ଏହାର କ୍ରେଜ ଏପରି ରହିଛି ଯେ ୧୩୦ ଜଣ ସୈନିକଙ୍କ ମଧ୍ୟରୁ ୨୦ ଜଣ ଏହି ଅଫର୍ ଗ୍ରହଣ କରି ପୁନଃ ପଞ୍ଜୀକୃତ ହୋଇସାରିଛନ୍ତି । ସୋସିଆଲ ମିଡିଆରେ ଘଟଣାଟି ମଧ୍ୟ ଖୁବ ଭାଇରାଲ ହେବାରେ ଲାଗିଛି ।





ମେଷ: ଶାରୀରିକ ଅସୁସ୍ଥ, ନୂତନ କର୍ମାରମ୍ଭ, ପାରିବାରିକ ସ୍ନେହ, ବନ୍ଧୁ ଲାଭ, ସୁସମାଚାର, ଚୁକ୍ତି ସମ୍ପାଦନ, ଗୃହେ ଉତ୍ସବ, ଶତ୍ରୁ ପରାଜିତ, ଦାମ୍ପତ୍ୟ ଖୁସି, ଶୁଭ କାର୍ଯ୍ୟରେ ଧନ ଖର୍ଚ୍ଚ। ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା ଚେକ୍, ସଂଖ୍ୟା-୬, ଆରାଧନା- ମା' ମାର୍କଣ୍ଡେଶ୍ୱର।

**ବୃଷ:** ଆର୍ଥିକ ଉନ୍ନତି, ଦୂର ଯାତ୍ରା, ଉଚ୍ଚକାର୍ଯ୍ୟରେ ବିଳମ୍ବ, ଶାରୀରିକ ସୁସ୍ଥତା, ତୀର୍ଥାଟନ, ଦୂରଯାତ୍ରା ସ୍ଥଗିତ, ସମ୍ପତ୍ତି ବିବାଦ, ବାହ୍ୟ ଶତ୍ରୁ ପରାଜିତ, ସନ୍ତାନ ଖୁସି। କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ଶଙ୍କର ଭଗବାନ।

**ମିଥୁନ:** ଅର୍ଥ ଲାଭ, ଶୁଭ ଖବର, ନୂତନ ବନ୍ଧୁଲାଭ, ଭୂସମ୍ପତ୍ତି ଲାଭ, ମାନସିକ ଶାନ୍ତି, ମାମଲା ସମାଧାନ, ଗୃହଶତ୍ରୁ ଲାଗି କଷ୍ଟ, କର୍ମକ୍ଷେତ୍ରରେ ପ୍ରଶଂସା, ଶାରୀରିକ ସୁସ୍ଥତା। ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୯, ଆରାଧନା- ମହାଲକ୍ଷ୍ମୀ।

**କର୍କଟ:** ମାନସିକ ଦ୍ୱନ୍ଦ୍ୱ, କାର୍ଯ୍ୟରେ ସହଯୋଗ, ଶୁଭ ଖବର, ବିବାଦ ସମାଧାନ, ଉଚ୍ଚକାର୍ଯ୍ୟରେ ଅଶାନ୍ତି, ଦ୍ରବ୍ୟ ପ୍ରାପ୍ତି, ବ୍ୟବସାୟରେ ଶତ୍ରୁତା, ସନ୍ତାନ ସମସ୍ୟା, ଜମିଜମା ଗଣ୍ଡଗୋଳ। ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୬, ଆରାଧନା- ପ୍ରଭୁ ଲିଙ୍ଗରାଜ।

**ସିଂହ:** ଯାତ୍ରାରେ କଷ୍ଟ, ଶାରୀରିକ ଅସୁସ୍ଥ, ସନ୍ତାନ କଷ୍ଟ, ସ୍ୱାଦିଷ୍ଟ ଭୋଜନ, ନୂତନ ଯୋଜନା ସଫଳ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ କଷ୍ଟ, ଥକାପଣ, ଅର୍ଥ ସମସ୍ୟା, ଦାମ୍ପତ୍ୟ ଖୁସି, ବିଦ୍ୟା ଲାଭ। ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ।

**କନ୍ୟା:** ଲୋକସମ୍ପର୍କ ବୃଦ୍ଧି, ଶୁଭ କାର୍ଯ୍ୟରେ ଅଗ୍ରଗତି, ନୂତନ ଚୁକ୍ତି, ଅର୍ଥ ଲାଭ, ଦେବକାର୍ଯ୍ୟାରେ ଆନନ୍ଦ, ଶତ୍ରୁ ପରାଜିତ, ସ୍ୱାସ୍ଥ୍ୟରେ ଉନ୍ନତି, ଅଚାନକ ଦୂର ଯାତ୍ରା, ବିଦ୍ୟା ଲାଭ। ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୯, ଆରାଧନା- ଲକ୍ଷ୍ମୀନାରାୟଣ।

**ତୁଳା:** ବନ୍ଧୁ ସହଯୋଗ, ଧର୍ମକାର୍ଯ୍ୟରେ ଆଗ୍ରହ, ନୂତନ ଯୋଜନା ସଫଳ, ଶାରୀରିକ ସୁସ୍ଥ, ସନ୍ତାନ ଖୁସି, ବ୍ୟବସାୟରେ ଉନ୍ନତି, ବିବାଦ ସମାଧାନ, ଉଚ୍ଚ ଆଶା ସଫଳ, ଦ୍ରବ୍ୟ ଲାଭ, ଯାନବାହନ କ୍ରୟ, ପାରିବାରିକ ଖୁସି, ବିଦ୍ୟାରେ ସଫଳତା। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା- ଗୋସେବା କରନ୍ତୁ।

**ବିଛା:** ସନ୍ତାନ ସମସ୍ୟା, ବିଶିଷ୍ଟ କାର୍ଯ୍ୟରେ ଆନନ୍ଦ, ଦେବକାର୍ଯ୍ୟ ପ୍ରତି ବିମୁଖ, ଅନୁଷ୍ଠାନରୁ ଲାଭ, ଦୂରଯାତ୍ରା ସଫଳ, ବିଦ୍ୟାରେ ସଫଳତା, ଶତ୍ରୁ ସମସ୍ୟା, କିଛି କାର୍ଯ୍ୟରେ ବିବାଦ, ସମ୍ପତ୍ତି ସମସ୍ୟା, ଅର୍ଥ ଲାଭ। ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୬, ଆରାଧନା- ଭଗବାନ ବିଷ୍ଣୁ।

**ଧନୁ:** ମାନସିକ ଶାନ୍ତି, କାର୍ଯ୍ୟରେ ସଫଳ, ଆଶା ପୂର୍ଣ୍ଣ, ଦାମ୍ପତ୍ୟ ଖୁସି, ପାରିବାରିକ ସମସ୍ୟା, ବନ୍ଧୁ ସହଯୋଗ, ନୂତନ କର୍ମରେ ଲାଭ, ଆର୍ଥିକ କଷ୍ଟ, ଶତ୍ରୁ ପରାଜିତ, ସମ୍ପତ୍ତି ଲାଭ, ନୂତନ ବନ୍ଧୁ ଲାଭ। ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୦, ଆରାଧନା- ପ୍ରଭୁ ହନୁମାନ।

**ମକର:** କାର୍ଯ୍ୟରେ ପ୍ରଶଂସା, ଅର୍ଥ ଲାଭ, ଶତ୍ରୁ ସମସ୍ୟା, ପାରିବାରିକ ସହଯୋଗ, ଯାତ୍ରାରେ କଷ୍ଟ, ହଠାତ ଧନଲାଭ, ଗୁରୁଜନେ ପ୍ରଶଂସା, ବନ୍ଧୁ ଦର୍ଶନ, ସୁମିଷ୍ଟ ଭୋଜନ ପ୍ରାପ୍ତି, ବିଦ୍ୟାରେ ସଫଳତା। ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ।

**କୁମ୍ଭ:** ଧର୍ମକାର୍ଯ୍ୟରେ ଯୋଗ, ମାନସିକ ଶାନ୍ତି, ବନ୍ଧୁଲାଭ, ଦ୍ରବ୍ୟ ପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ଲାଭ, ସମ୍ପତ୍ତି ଲାଭ, ଦାମ୍ପତ୍ୟ ଖୁସି, ନୂତନ କାର୍ଯ୍ୟ ଆରମ୍ଭ, ସମ୍ମାନ ବୃଦ୍ଧି, ଆଶା ସଫଳ, ଶାରୀରିକ ସୁସ୍ଥ, ସନ୍ତାନ ଖୁସି। ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୧୧, ଆରାଧନା- ଭଗବାନ ଶଙ୍କର।

**ମୀନ:** ଆର୍ଥିକ ଖୁସି, କିଛି ସମସ୍ୟାର ସମାଧାନ, ବନ୍ଧୁ ଲାଭ, ଉଚ୍ଚ ଆଶାରେ କଷ୍ଟ, ଭାତୃ କଳହ, ବ୍ୟବସାୟିକ ଖୁସି, ଚୁକ୍ତି ସମ୍ପାଦନ, ଅତିଥି ଲାଭ, ଶାରୀରିକ ସୁସ୍ଥ, ଶୁଭ ଖବର, ବନ୍ଧୁଗୃହେ ଯାତ୍ରା, ପିଲାଙ୍କ ସଫଳତା। ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା' ଗୌରୀ।


ଶ୍ରାବଣ ଶୁକ୍ଳପକ୍ଷ ଦ୍ୱାଦଶୀ
୨୪.୮.୨୦୨୬, ସୋମବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ଓଡ଼ିଶା ଫାର୍ମାସୀ ଅଧିକାରୀ ସେବା ସଂଘ ସାଧାରଣ ପରିଷଦ ବୈଠକ

# ୧୧୦୮ ନୂତନ ଫାର୍ମାସୀ ଅଧିକାରୀ ପଦବୀ ଅନୁମୋଦନ




ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ଲୋକାଭିମୁଖୀ କରିବା ଦିଗରେ ଫାର୍ମାସୀ ସେବାର ଗୁରୁତ୍ୱକୁ ରାଜ୍ୟ ସରକାର ସର୍ବଦା ପ୍ରାଥମିକତା ଦେଇଆସିଛନ୍ତି । ଏହି କ୍ରମରେ ଦୀର୍ଘ ୩୯ ବର୍ଷର ଦାବିକୁ ସମ୍ମାନ ଜଣାଇ ଫାର୍ମାସୀ କ୍ୟାଡରର ପୁନର୍ଗଠନ ସହ ଫାର୍ମାସିଷ୍ଟମାନଙ୍କ ପାଇଁ ଜବ୍ ଚାର୍ଟ ପ୍ରସ୍ତୁତ କରାଯାଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ କହିଛନ୍ତି ।

ଓଡ଼ିଶା ଫାର୍ମାସି ଅଧିକାରୀ ସେବା ସଂଘ ପକ୍ଷରୁ ରମାଦେବୀ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ସାଧାରଣ ପରିଷଦ ବୈଠକ ତଥା ଏକଦିବସୀୟ ବାର୍ଷିକ ରାଜ୍ୟ ସମ୍ମିଳନୀରେ ଯୋଗଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ରାଜ୍ୟରେ ଔଷଧ ସେବାକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ୧୧୦୮ ନୂତନ ଫାର୍ମାସୀ ଅଧିକାରୀ ପଦବୀରେ ନିଯୁକ୍ତି ପାଇଁ ଅନୁମୋଦନ ହୋଇସାରିଛି । ଏହି ପଦବୀଗୁଡ଼ିକୁ ଯଥାଶୀଘ୍ର ପୂରଣ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି ।

ସେହିପରି ୨୦ ଟି ରାଜ୍ୟରେ ଲାଗୁ ହୋଇଥିବା ଫାର୍ମାସିଷ୍ଟ କାଉନସିଲ୍ ଅଫ୍ ଇଣ୍ଡିଆ - ନିଯୁକ୍ତି ଓ ପଦୋନ୍ନତି ସେବା-୨୦୨୫ କୁ ଲାଗୁ ନିମନ୍ତେ ଆସୋସିଏସନ କରିଥିବା ଦାବିକୁ ସରକାର ଗୁରୁତ୍ୱର ସହ ବିଚାରକୁ ନେଇଛନ୍ତି । ଫାର୍ମାସୀ ଅଧିକାରୀମାନଙ୍କ କାର୍ଯ୍ୟ ଓ ଦାୟିତ୍ୱକୁ ଅଧିକ ସ୍ୱଷ୍ଟ କରିବା ଉଦ୍ଦେଶ୍ୟରେ ସେମାନଙ୍କ କାର୍ଯ୍ୟ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଭାବେ ବିଭାଗ ତରଫରୁ ଜଣାଇ ଦିଆଯାଇଛି ।

ଫାର୍ମାସିଷ୍ଟମାନେ ରୋଗୀଙ୍କୁ

**ଫାର୍ମାସି କ୍ୟାଡରର ପୁନର୍ଗଠନସହ ଫାର୍ମାସୀଷ୍ଟଙ୍କ ଲାଗି ଜବ୍‌ଚାର୍ଟ ପ୍ରସ୍ତୁତ**

ଔଷଧ ପ୍ରଦାନ, ଔଷଧର ସୁରକ୍ଷିତ ବ୍ୟବହାର, ଔଷଧ ସମ୍ପର୍କିତ ପରାମର୍ଶ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଛନ୍ତି । ତେଣୁ ଫାର୍ମାସୀ ସେବାକୁ ମଜବୁତ କରିବା ଦ୍ୱାରା ରାଜ୍ୟର ସମଗ୍ର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଆହୁରି ଉନ୍ନତମାନର ହେବ । ଫାର୍ମାସୀ କ୍ୟାଡରର ପୁନର୍ଗଠନ ଓ ଜବ୍ ଚାର୍ଟ ପ୍ରସ୍ତୁତି ଦ୍ୱାରା ଫାର୍ମାସିଷ୍ଟମାନଙ୍କ କାର୍ଯ୍ୟ ଓ ଦାୟିତ୍ୱରେ ସ୍ୱଷ୍ଟତା ଆସିବା ସହ ସେମାନଙ୍କ ପେଶାଗତ ଉନ୍ନତି ଓ କ୍ୟାରିୟର ପ୍ରଗତିର ନୂଆ ସୁଯୋଗ ସୃଷ୍ଟି ହେବ । ଏହି ଅବସରରେ ଫାର୍ମାସି କ୍ୟାଡରର ପୁନର୍ଗଠନ, ଜବ୍ ଚାର୍ଟ ପ୍ରସ୍ତୁତି ଏବଂ ୧୧୦୮ ନୂତନ ଫାର୍ମାସୀ ଅଧିକାରୀ ପଦବୀକୁ ଅନୁମୋଦନ ଦେଇଥିବାରୁ ଓଡ଼ିଶା ଫାର୍ମାସି ଅଧିକାରୀ ସେବା ସଂଘ ପକ୍ଷରୁ ରାଜ୍ୟ ସରକାର ଓ ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଥିଲା ।

# ଚୋରା କାଠ ବୋଝେଇ ପିକ୍‌ଅପ୍ ଭ୍ୟାନକୁ ଜବତ କଲା ବେତନଟୀ ବନବିଭାଗ

ବେତନଟୀ, (ସବ୍ୟୁ)- ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ତଥା ବେତନଟୀ ରେଞ୍ଜ ଅଧୀନ କେନ୍ଦୁଛାଟିଆ ଗ୍ରାମରେ ଚଢ଼ାଉ କରି ଶନିବାର ବିଳମ୍ବିତ ରାତିରେ ଚୋରା କାଠ ବୋଝେଇ ପିକଅପ ଭ୍ୟାନକୁ ଜବତ କରିବାରେ ସଫଳ ହୋଇଛି ବେତନଟୀ ବନବିଭାଗ କ୍ଷ ହସ୍ତଗତ ସୂଚନା ମୁତାବକ କାଠ ମାଫିଆମାନେ ବେଆଇନ ଭାବରେ ଗଛକାଟି କେନ୍ଦୁଛାଟିଆ ଜଙ୍ଗଲ ରାସ୍ତା ଦେଇ ବାରିପଦା ଅଭିମୁଖେ ଯାଉଥିବା ବାବଦରେ ଖବରପାଇ କୃଷ୍ଣଚନ୍ଦ୍ରପୁର ବନପାଳ ପଦ୍ମାବତୀ ବେହେରା ସଦଳବଳେ କେନ୍ଦୁଛାଟିଆ ଜଙ୍ଗଲ ରାସ୍ତାରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ କାଠମାଫିଆ ମାନେ ରାସ୍ତାରେ କାଠବୋଝେଇ ପିକଅପ ଭ୍ୟାନ ଛାଡିଦେଇ ଜଙ୍ଗଲ ଭିତରେ ଚମ୍ପଟ ମାରିଥିଲେ ।ଘଟଣାସ୍ଥଳରୁ ଚୋରା କାଠ ବୋଝେଇ



ପିକଅପ ଭ୍ୟାନକୁ ଜବତକରି କୃଷ୍ଣଚନ୍ଦ୍ରପୁର ସ୍ଥିତ ସିଜରୟାର୍ଡ଼କୁ ଅଣାଯାଇଥିବା ବେଳେ ସେଥିରେ ବିଭିନ୍ନ ମୋଟେଇର ୧୩ଖଣ୍ଡ ନିମ୍ବ ଗଣ୍ଡି ଥିବାର ଦେଖିବାକୁ ମିଳିଛି । ଜବତ ଗାଡିର ନମ୍ବର ଓଆର-୧୧ଏଲ-୫୨୩୬ ହୋଇଥିବା ବେଳେ ସେଥିରେ ୫୮.୧୯ସିଫ୍ଟ ପରିମାଣର କାଠ ରହିଛି କ୍ଷ ଯାହାର ଆନୁମାନିକ ବଜାରମୂଲ୍ୟ ୯୦ହଜାର ଟଙ୍କା ପାଖାପାଖି ହେବାନେଇ ଆକଳନ କରାଯାଉଛି । ଏନେଇ ବେତନଟୀ ରେଞ୍ଜ କାର୍ଯ୍ୟାଳୟ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ।

### ଅଯଥା ଆଣ୍ଟିବାୟୋଟିକ୍ ବ୍ୟବହାରରେ ଲାଗିବ ବ୍ରେକ୍

# ଖୁବଶୀଘ୍ର ଲାଗୁ ହେବ ଡିଜିଟାଲ ପ୍ରେସକ୍ରିପସନ୍

ଭୁବନେଶ୍ୱର(ସବ୍ୟୁ): ଜ୍ୱର, ଥଣ୍ଡା କି ସାମାନ୍ୟ ସଂକ୍ରମଣ ସମୟରେ ଡାକ୍ତରଙ୍କ ପରାମର୍ଶରେ ତ କେତେବେଳେ ନିଜ ଇଚ୍ଛାରେ ଲୋକ ନେଇ ଥାଆନ୍ତି ଆଣ୍ଟି ବାୟୋଟିକ୍ ।ଆଗକୁ ଅନାବଶ୍ୟକ ଆଣ୍ଟିବାୟୋଟିକ୍ ସେବନରୁ ସାଧାରଣ ରୋଗୀଙ୍କୁ ମିଳିବ ମୁକ୍ତି । ଦେଶ ସହ ରାଜ୍ୟରେ ଖୁବଶୀଘ୍ର ଲାଗୁ ହେବ ଡିଜିଟାଲ ପ୍ରେସ୍‌କ୍ରିପସନ୍ ।

ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ବା ଏବିଡିଏମରେ "ଆରୋଗ୍ୟ ସେତୁ ୨.୦'ରେ ଲଞ୍ଚ ହେବ ଏକ ସ୍ୱତନ୍ତ୍ର ଆପ୍ । ଯେଉଁଥିରେ ଡାକ୍ତର କେଉଁ ରୋଗୀଙ୍କୁ କେଉଁ ଔଷଧ ଲେଖିଲେ, କେତେ ଦିନ ପାଇଁ ଦେଲେ ତାର ଡିଜିଟାଲ୍ ରେକର୍ଡ ରହିପାରିବ । ବିଶେଷ କରି ଆଣ୍ଟି ବାୟୋଟିକ୍ ପ୍ରେସ କ୍ରାଇବ୍ କରାଯାଉଥିଲେ, ରୋଗୀ କେତେ ଥର ନେଇଛନ୍ତି, ସେତଥ୍ୟ ମିଳିପାରିବ । ଯାହାର ଗୋଟିଏ ଉଦ୍ଦେଶ୍ୟ ରହିବ, ଆବଶ୍ୟକତା ଥିଲେ ଆଣ୍ଟିବାୟୋଟିକ୍ ନହେଲେ ନାଁ ।

ଦେଶରେ ମୋବାଇଲ ସହ ଡିଜିଟାଲ ବ୍ୟବହାର ବଢୁଥିବାରୁ ଏକାସଙ୍ଗେ ଲଞ୍ଚ ହେବ ଡିଜିଟାଲ ପ୍ରେସକ୍ରିପସନ୍ । ଯେଉଁଥିରେ ସ୍କାନ ଆଣ୍ଡ ସେୟାର ସୁବିଧା ରହିବ । ଗୋଟିଏ ସ୍କାନରୁ ସବୁ ଜାଣିହେବ । ଫଳରେ ଆବଶ୍ୟକତା ନଥିଲେ ଡାକ୍ତର ରୋଗୀଙ୍କୁ ଆଣ୍ଟିବାୟୋଟିକ୍ ଲେଖିପାରିବେ ନାହିଁ । ସାଧାରଣ ସଂକ୍ରମଣରେ ବି କଡ଼ା ଆଣ୍ଟି ବାୟୋଟିକ୍ ଲେଖାଯାଉଥିବାରୁ ରୋଗୀ ଆର୍ଥିକ ଓ ଶାରୀରିକ ସ୍ତରରେ କ୍ଷତି ସହୁଛନ୍ତି । କମୁଛି ରୋଗ ପ୍ରତିରୋଧକ ଶକ୍ତି । ପୂର୍ବରୁ କାମ କରୁଥିବା ଔଷଧର ପ୍ରଭାବ କମିପାରେ । ସେହିପରି ଗୁରୁତର ସଂକ୍ରମଣର ଚିକିତ୍ସା ଜଟିଳ ହେବା ସହ ଚିକିତ୍ସା ଖର୍ଚ୍ଚ ବି ବିପାରେ । ଡିଜିଟାଲ୍ ପ୍ରେସକ୍ରିପସନ ଦ୍ୱାରା ଚିକିତ୍ସାର ପୁରୁଣା ରେକର୍ଡ ସହଜରେ ମିଳିପାରିବ । ରୋଗୀଙ୍କ ପୂର୍ବ ଚିକିତ୍ସା ଏବଂ ଔଷଧ ଇତିହାସ ଜଣାପଡ଼ିଲେ ପରବର୍ତ୍ତୀ ଚିକିତ୍ସା ନିଷ୍ପତ୍ତି ନେବା ଅଧିକ ସହଜ ହେବ । ଯାହାକୁ ଉଭୟ ରୋଗୀ ଓ ଭେଷଜ ବିଜ୍ଞାନୀ ସ୍ୱାଗତ କରିଛନ୍ତି । "ମନ୍ କି ବାତ'ରେ ପିଏମ୍ ମୋଦିଙ୍କ "ଓ୍ୱାନ ନେସନ ଓ୍ୱାନ ହେଲଥ' ଅଭିଯାନ ଆହ୍ୱାନ ପରେ ଏବେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ଡିଜିଟାଲ ପ୍ରେସ୍‌କ୍ରିପସନ୍ ନେଇ ପ୍ରସ୍ତୁତି ଆରମ୍ଭ କରିଛି । ଏହା କେବଳ ସ୍ୱାସ୍ଥ୍ୟସେବାର ଆଧୁନିକୀକରଣ ନୁହେଁ, ବରଂ ଅନାବଶ୍ୟକ ଔଷଧ ସେବନରୁ ରୋଗୀଙ୍କୁ ସୁରକ୍ଷା ଦେବାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ବି ହେବ ।

## ନାବାଳିକା ଗର୍ଭବତୀ : ଜଣେ ଗିରଫ

ଆନନ୍ଦପୁର, (ସବ୍ୟୁ): ଜଣେ ନାବାଳିକାଙ୍କୁ ବଳାତ୍କାର କରି ଗର୍ଭବତୀ କରିଥିବା ଅଭିଯୋଗରେ ରାମଚନ୍ଦ୍ରପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ପୋକ୍ସୋ କୋର୍ଟକୁ ପଠାଇଛି । ଏନେଇ ରାମଚନ୍ଦ୍ରପୁର ଥାନାରେ କେସ ନଂ ୨୧୨/୨୬ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୬୪(୨)(ଏମ) ସହ ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ ମାମଲା ରୁଜୁ ହୋଇଛି ।ପୋଲିସ ସୂଚନା ଅନୁସାରେ, ନାବାଳିକା ଜଣକ ଯାଜପୁର ରୋଡ ଅଞ୍ଚଳର ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁତ୍ର ସନ୍ତାନକୁ ଜନ୍ମ ଦେବା ପରେ ଘଟଣାଟି ସାମ୍ନାକୁ ଆସିଥିଲା । ପ୍ରଥମେ ନାବାଳିକାଙ୍କ ବାପା ଯାଜପୁର ରୋଡ ଥାନାରେ ଅଭିଯୋଗ କରିଥିଲେ । ସେଠାରେ ଜିରୋ ଏଫଆଇଆର୍ ରୁଜୁ କରାଯାଇ ମାମଲାଟି ରାମଚନ୍ଦ୍ରପୁର ଥାନାକୁ ହସ୍ତାନ୍ତର କରାଯାଇଥିଲା ।ତଦନ୍ତ ସମୟରେ ନାବାଳିକାଙ୍କୁ ତାଙ୍କ ସମ୍ପର୍କୀୟ ଭାଇ ଡାବର ଓ ଅନ୍ୟ ଜଣେ ନାବାଳକ (ପରିଚୟ ଗୋପନ ରଖାଯାଇଛି)୨୦୨୫ ଅକେଫାବର ମାସରେ ବଳାତ୍କାର କରିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଥିବା କୁହାଯାଇଛି । ଅଭିଯୁକ୍ତଙ୍କ ଧମକ ଯୋଗୁ ନାବାଳିକା ଜଣକ ଦୀର୍ଘ ସମୟ ଧରି ଘଟଣା ସମ୍ପର୍କରେ ପରିବାରକୁ ଜଣାଇ ନ ଥିଲେ ।ଘଟଣାର ତଦନ୍ତକୁ ଆଗକୁ ବଢ଼ାଇ ରାମଚନ୍ଦ୍ରପୁର ପୋଲିସ ଡାବର ଓରଫ ଦୁର୍ଗା ସୋରେନ୍‌କୁ ଗିରଫ କରିଛି । ତାଙ୍କୁ ପୋକ୍ସୋ କୋର୍ଟକୁ ଚାଲାଣ କରାଯାଇଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି । ଏ ସମ୍ପର୍କରେ ଆନନ୍ଦପୁର ଏସଡ଼ିପିଓ କମଳ କୁମାର ପଣ୍ଡା ସୂଚନା ଦେଇଛନ୍ତି । ମାମଲାର ତଦନ୍ତ ଜାରି ରହିଛି ।

## ଓଡ଼ିଆ ପ୍ରବାସୀ ମିଳନ

# ଓଡ଼ିଶା, ବାରଣାସୀ ମଧ୍ୟରେ ସାଂସ୍କୃତିକ ସମ୍ପର୍କ ସୁଦୃଢ଼

ଭୁବନେଶ୍ୱର(ସବ୍ୟୁ): ବାରଣାସୀଠାରେ ଆୟୋଜିତ ଓଡ଼ିଶା ପରବ ୨୦୨୬ ଅବସରରେ ଏକ ଓଡ଼ିଆ ପ୍ରବାସୀ ମିଳନ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବାରଣାସୀରେ ରହୁଥିବା ଓଡ଼ିଆ ସମ୍ପ୍ରଦାୟର ସଦସ୍ୟ, ସାଂସ୍କୃତିକ ବ୍ୟକ୍ତିତ୍ୱ,




ପେଶାଦାର, ଅଧ୍ୟାପକ ଓ ଉଦ୍ୟୋଗୀମାନେ ଏକାଠି ହୋଇ ଓଡ଼ିଶା ସହିତ ସେମାନଙ୍କର ସାଂସ୍କୃତିକ, ସାମାଜିକ ଓ ଆର୍ଥିକ ଯୋଗସୂତ୍ରକୁ ଆହୁରି ମଜବୁତ କରିଛନ୍ତି । ଏହି ଆୟୋଜନ ଓଡ଼ିଶା ଭିଜନ୍ ୨୦୩୬ ଏବଂ 'ଓଡ଼ିଶା ଭିଜନ୍ ୨୦୪୭ର ବ୍ୟାପକ ଲକ୍ଷ୍ୟକୁ ପ୍ରତିଫଳିତ କରୁଛି । ଯେଉଁଥିରେ ପର୍ଯ୍ୟଟନକୁ ଏକ ସମୃଦ୍ଧ, ସମାବେଶୀ, ସୁସ୍ଥିର ଓ ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ ଓଡ଼ିଶା ଗଠନର ପ୍ରମୁଖ ମାଧ୍ୟମ ଭାବେ ସ୍ଥାନ ଦିଆଯାଇଛି ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିସହିତ ଉତ୍ତର ପ୍ରଦେଶ ସରକାରଙ୍କ ଶ୍ରମ, ନିୟୋଜନ ଓ ସମନ୍ୱୟ ମନ୍ତ୍ରୀ ଅନିଲ ରାଜଭର ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ (ଆଇ.ଏ.ଏସ୍.) ପଦ୍ମଶ୍ରୀ ଶ୍ରୀଭାଷ ଚନ୍ଦ୍ର ସୁପକାର ବାରଣାସୀ ଓଡ଼ିଆ ସମାଜର ସଭାପତି ପ୍ରଫେସର ଗୋପବନ୍ଧୁ ମିଶ୍ର ଏବଂ ଫିକି ଉତ୍ତର ପ୍ରଦେଶ ପର୍ଯ୍ୟଟନ କମିଟିର ଅଧ୍ୟକ୍ଷ ପ୍ରତୀକ ହୀରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ଓଡ଼ିଶା ପରବ ୨୦୨୬ର ଦ୍ୱିତୀୟ ଦିନରେ ଟୁରିଜମ୍ ଇନଭେଷ୍ଟର ଏବଂ ବିଜନେସ୍-ଟୁ-ଗଭର୍ଣ୍ଣମେଣ୍ଟ (ବିଟୁଜି)' ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହା ସରକାରୀ ପ୍ରତିନିଧି, ନିବେଶକ ଏବଂ ଶିଳ୍ପ ସଂସ୍ଥାଗୁଡ଼ିକୁ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ସହଯୋଗ ଓ ପୁଞ୍ଜିନିବେଶର ସୁଯୋଗ ଆକଳନ କରିବା ପାଇଁ ଏକ ସୁନ୍ଦର ମଞ୍ଚ ପ୍ରଦାନ କରିଥିଲା । ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଟୁରିଜମ୍ ରୋଡ୍ ଶୋରେ ଓଡ଼ିଶାର ବିବିଧ ପର୍ଯ୍ୟଟନ ସମ୍ଭାବନାକୁ ପ୍ରଦର୍ଶିତ କରାଯାଇଥିଲା । ଏଥିରେ ପୁରୀ, କୋଣାର୍କ, ରତ୍ନଗିରି, ଉଦୟଗିରି, ଲଳିତଗିରି, ହୀରାକୁଦ, ଚିଲିକା, ଭିତରକନିକା ଏବଂ ଶିମିଳିପାଳ ଭଳି ୧୫ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଉପରେ ଆଲୋକପାତ କରାଯାଇଥିଲା । ଏହାବ୍ୟତୀତ ଇକୋ-ଟୁରିଜମ୍, ବନ୍ୟପ୍ରାଣୀ, ସାହସିକ ଓ ଅନୁଭୂତିଭିତ୍ତିକ ପର୍ଯ୍ୟଟନ ସହ 'ମାଇସ୍' ପର୍ଯ୍ୟଟନର ସମ୍ଭାବନା ଏବଂ ନିବେଶକଙ୍କ ପାଇଁ ଉପଲବ୍ଧ ପ୍ରୋତ୍ସାହନ ବ୍ୟବସ୍ଥା ବିଷୟରେ ସୂଚନା ଦିଆଯାଇଥିଲା ।

### ସମୃଦ୍ଧ ସହରର ଯୋଜନା, କାର୍ଯ୍ୟଦକ୍ଷତା ଉପରେ ଗୁରୁତ୍ୱ

# ସହରୀ ବିକାଶକୁ ମିଳିବ ନୂଆ ଗତି

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ସହରାଞ୍ଚଳରେ ସୁଶାସନ, ଯୋଜନାବଦ୍ଧ ବିକାଶ ଓ ଉନ୍ନତ ନାଗରିକ ସେବାକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ଓଡ଼ିଶା ଅର୍ବାନ୍ କନକ୍ଲେଭ-୨୦୨୬ ଅନୁଷ୍ଠିତ ହୋଇଛି । ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଏହି ସମୀକ୍ଷା ଓ ଦିଗଦର୍ଶନ କାର୍ଯ୍ୟକ୍ରମରେ ରାଜ୍ୟର ସହରାଞ୍ଚଳ ସ୍ଥାନୀୟ ପୌରସଂସ୍ଥା ଗୁଡ଼ିକର କାର୍ଯ୍ୟଧାରା ସମୀକ୍ଷା କରାଯିବା ସହ ଆଗାମୀ ଦିନର ପ୍ରାଥମିକତା ନେଇ ବିସ୍ତୃତ ଆଲୋଚନା ହୋଇଛି ।



ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ର ମାନ୍ୟବର ମନ୍ତ୍ରୀ ଡ଼ କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ, ସହରାଞ୍ଚଳରେ ଜଳବନ୍ଦୀ ସମସ୍ୟା ଦୂର କରିବା ପାଇଁ ବିଶେଷଜ୍ଞଙ୍କ ସହ ମିଶି ଡ୍ରେନେଜ୍ ସିଷ୍ଟମର ସୁଧାର ଓ ଜଳର ପୁନଃବ୍ୟବହାର ଉପରେ କାର୍ଯ୍ୟ କରାଯାଉଛ । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଏବଂ ପିଏମଏଓ୍ୱାଇ ୨.୦ ଅଧୀନରେ ଗରୀବ ଓ ଭୂମିହୀନଙ୍କ ପାଇଁ ଶୀଘ୍ର ଗୃହ ନିର୍ମାଣ ସହ ଟାଉନ୍ ପ୍ଲାନିଂ ସ୍କିମ୍ ଓ ୨୪/୭ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ତ୍ୱରାନ୍ୱିତ କରାଯାଉଛି ।

ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହ ପରିମଳ କର୍ମଚାରୀଙ୍କ ସୁରକ୍ଷା, ଆବାସ ଓ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ସରକାର ସଂକଳ୍ପବଦ୍ଧ । ଏହି ଅଧିବେଶନରେ ଭିତ୍ତିଭୂମି ବିକାଶ, ସମୃଦ୍ଧ ସହରର ଯୋଜନା ଓ କାର୍ଯ୍ୟଦକ୍ଷତା ଉପରେ ଅତିରିକ୍ତ ଶାସନ ସଚିବ ଉଷା ପାଢୀ ବିଭାଗ ପକ୍ଷରୁ ଉପସ୍ଥାପନ କରିଥିଲେ । ବଜେଟ୍ ଓ ଆର୍ଥିକ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ସମ୍ମିଳନୀରେ ବରିଷ୍ଠ ପ୍ରଶାସକ, ନଗର ଯୋଜନାକାରୀ, ପୌର ପ୍ରତିନିଧି ଓ ଯନ୍ତ୍ରୀମାନେ ଏକତ୍ରିତ ହୋଇ ଜାରି ରହିଥିବା ଯୋଜନାଗୁଡ଼ିକର ସମୀକ୍ଷା କରିଥିଲେ ।




**ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହ**

(ରକ୍ତତୀର୍ଥ ପାପଡ଼ାହାଣ୍ଡିର ଶହୀଦମାନଙ୍କ ସ୍ମୃତିରେ)

୨୪ ଅଗଷ୍ଟ, ୨୦୨୬

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି

ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ

ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

ସମ୍ମାନନୀୟ ଅତିଥି ବୃନ୍ଦ

ଅବିଭକ୍ତ କୋରାପୁଟ ଜିଲ୍ଲାର ସାଂସଦ ଓ ବିଧାୟକ ବୃନ୍ଦ

ମୁଖ୍ୟ ବକ୍ତା

ଶ୍ରୀମତୀ ବୃନ୍ଦାବତୀ ସାହୁ

ବିଶିଷ୍ଟ ସାହିତ୍ୟିକା

ଧନ୍ୟବାଦ ଅର୍ପଣ

ଶ୍ରୀ ହୃଦୟ ରଞ୍ଜନ ଶତପଥୀ

ସଦସ୍ୟ, ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱର

ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

"ଭାରତ ବର୍ଷର ସ୍ୱାଧୀନତା ପାଇଁ ଏ ଅଞ୍ଚଳର ଅବଦାନ ବହୁ ଉଚ୍ଚରେ ରହିଛି । ନିଜ ମାତୃଭୂମିର ସ୍ୱାଧୀନତା ପାଇଁ ଏ ଅଞ୍ଚଳ ଯେଉଁ ଆତ୍ମ ବଳିଦାନ ଓ ତ୍ୟାଗର ପରାକାଷ୍ଠା ଦେଖାଇଥିଲା ତାହା ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ "

ଲୋକ ନାୟକ ଜୟ ପ୍ରକାଶ ନାରାୟଣ (୧୯୪୫ ମସିହାରେ ନବରଙ୍ଗପୁର ଜିଲ୍ଲାର ବିଜାପୁର ଗ୍ରାମରେ ଅନୁଷ୍ଠିତ ସାଧାରଣ ସଭାରେ ଦେଇଥିବା ବକ୍ତବ୍ୟ)

OIPR: 15001/15001/2/26-27/0092 15001/92/2627


# ୩୯.୫ କେଜି ଗଞ୍ଜେଇ ଜବତ, ୫ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସକୁ ମିଳିଛି ବଡ଼ ସଫଳତା। ପୁରୁସାହି ପାର୍କ ନିକଟରେ ଚଢ଼ାଉ କରି ପୁଲିସ




୩୯.୫ କେଜି ଗଞ୍ଜେଇ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛି। ଏହାସହ ୪ଟି ମୋବାଇଲ ଫୋନ୍ ମଧ୍ୟ ଜବତ ହୋଇଛି। ଗିରଫମାନେ ହେଲେ କନ୍ଧମାଳ ଜିଲ୍ଲା ଟାଉନ ଥାନା ଅନ୍ତର୍ଗତ ଡାକପଲୀ ଗ୍ରାମର ଗୋପାଳ ବେହେରା (୪୪), ସଦରଥାନା ଅନ୍ତର୍ଗତ ଆରପଜୁ ର ଗୌରାଙ୍ଗ ଦିଗାଲ (୪୬), ଫିରିଙ୍ଗିଆ ଥାନା ନୂଆପଦର ର କଳ୍ପନା ବେହେରା (୩୫) ଓ ନଳିନୀ ସାହୁ (୩୬) ଏବଂ ସାରଙ୍ଗଗଡ ର ପୁଷ୍ପା ସାହୁ (୩୪)। ଗିରଫ ଅଭିଯୁକ୍ତମାନଙ୍କୁ ୪୯୫/୨୬ରେ ନଂ ମାମଲାରେ କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଗତକାଲି ଗଞ୍ଜେଇ ବସ୍ତା ଧରି ମହିଳାଙ୍କ ସମେତ ୫ଜଣ ଭୁବନେଶ୍ୱର ଅଭିମୁଖେ ଯାଉଥିବା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ସେମାନଙ୍କୁ ଧରିବା ଲାଗି ଏସ୍‌ପି ପରମାର ସ୍ମିତ ପର୍ଶୋତମଦାସଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ପଙ୍କଜ କୁମାର ମାଝୀ ଓ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏସ୍‌ଆଇ ଦିନେଶ କୁମାର ପିଙ୍ଗୁଆଙ୍କ ନେତୃତ୍ୱରେ ଟିମ୍ ପୁରୁସାହି ପାର୍କ ନିକଟରେ ଚଢ଼ାଉ କରି ସନ୍ଦେହଜନକ ଭାବେ ଥିବା ୫ ଜଣଙ୍କୁ କାବୁ କରିଥିଲା। ଯାଂଚ ସମୟରେ ସେମାନଙ୍କ ନିକଟରୁ ୩୯.୫ କେଜି ଗଞ୍ଜେଇ ଓ ୪ଟି ଫୋନ୍ କୁ ଜବତ କରାଯାଇଥିଲା। ଘଟଣାସ୍ଥଳରୁ ପୁଲିସ ସେମାନଙ୍କୁ ଗିରଫ କରିଥିଲା। ମାମଲାର ତଦନ୍ତ ଅଧିକାରୀ ଭାବେ ଏସ୍‌ଆଇ ବସନ୍ତ କୁମାର ପଟ୍ଟନାୟକ ତଦନ୍ତ ଜାରି ରଖିଛନ୍ତି। ଚଢ଼ାଉ ଟିମ୍ ରେ ଏଏସ୍‌ଆଇ ସୁଶାନ୍ତ କୁମାର ମଲ୍ଲିକ, ହାବିଲଦାର ଅଭିରାମ ସାମନ୍ତରାୟ, କନଷ୍ଟେବଳ ନାରାୟଣ ନାୟକ, ପ୍ରବୋଧ କୁମାର ସାହୁ, ସିବ ହନ୍ତାଳ, ସୁନିତା ବରାଳ ଓ ଦୀପାଳିନ ପାଇକରାୟ ପ୍ରମୁଖ ସାମିଲ ଥିଲେ।

## କାର ଚୋରି, ଅଭିଯୁକ୍ତ ଗିରଫ

ବାରଙ୍ଗ (ସବ୍ୟୁ): ସେଲ୍ଫ ଡ୍ରାଇଭ କାର ଭଡ଼ା ନେଇ କାର ଲୁଟ କରୁଥିଲା ଲୁଟେରା ଗ୍ୟାଙ୍ଗ । ଚନ୍ଦକା ଥାନା ପୁଲିସ ଏହି ଘଟଣାର ପର୍ଦ୍ଦାଫାସ କରି ଜଣେ ଅଭିଯୁକ୍ତକୁ ଅନୁଗୁଳରୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଅନୁଗୁଳ ତୁରଙ୍ଗ ଅଞ୍ଚଳର ମନଦୀପ ଚୌଧୁରୀ । ସେ ପୂର୍ବରୁ ବାଇକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଜଣାପଡିଛି ।ଗତ ୧୨ ତାରିଖ ସକାଳେ ଅନ୍ଧାରୁଆର ସୁଦର୍ଶନ ନାୟକ ଚନ୍ଦକାସ୍ଥିତ ନିଜ ଶ୍ୱଶୁର ଘରକୁ ଆସିଥିଲେ । ରାତିରେ ଘର ସାମ୍ନାରେ ତାଙ୍କ କାର ପାର୍କିଂ କରିଥିଲେ । ସକାଳୁ କାର ଚୋରି ହୋଇଥିବା ଜାଣି ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ । ଡ଼ିସିପିଙ୍କ ନିର୍ଦ୍ଦେଶରେ ଚନ୍ଦକା ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା । ଫୁଟେଜରେ ଏକ ନୀଳ ରଙ୍ଗର ଓ୍ୱିଫଫ ଡିଜାଆର ଚୋରି କାରକୁ ଟାଣି ନେଉଥିବା ଦେଖାଯାଇଥିଲା । ନମ୍ବର ପ୍ଲେଟରେ ଷ୍ଟିକର ଲାଗିଥିବାରୁ ନମ୍ବର ସ୍ୱଷ୍ଟ ହୋଇନଥିଲା । ଘଟଣା ରାତିରେ ବର୍ଷା ହୋଇଥିବାରୁ ଗାଡ଼ି ଧୁଆ ହୋଇଥିବ ବୋଲି ଅନୁମାନ କରି ପୁଲିସ ସମ ହସ୍ପିଟାଲ ଆଖପାଖ ଓ୍ୱାଶିଂ ପଏଣ୍ଟର ସିସିସିଟିଭ ଯାଞ୍ଚ କରିଥିଲା । ସେଠାରୁ ନୀଳ କାରର ନମ୍ବର ମିଳିଥିଲା । ଗାଡ଼ି ଖଣ୍ଡଗିରିର ଏକ ଭଡ଼ା ନିଆଯାଇଥିବା ଜଣାପଡିବା ପରେ ମନଦୀପ ନିକଟରେ ପୁଲିସ ପହଞ୍ଚିଥିଲା ।ପଚରାଉଚରାରୁ ଜଣାପଡିଛି, ଲୁଟ ପରେ ଚନ୍ଦକା ଗାଁ ମୁଣ୍ଡ ଜଙ୍ଗଲ ପାଖରେ ଚୋରି କାରର ଭାଙ୍ଗିଯିବାରୁ ଅଭିଯୁକ୍ତ ଗାଡ଼ି ଛାଡ଼ି ପକାଇଥିଲା । ପୁଲିସ ଚୋରି ଗାଡ଼ିକୁ ଜବତ କରିଛି ।

# ଏମ୍ଏମ୍‌ଡିଆର୍ ବିଲ ଉପରେ ବିଧାନସଭା ସ୍ୱତନ୍ତ୍ର ଅଧିବେଶନ ନ ଡାକିବାରୁ ସରକାରଙ୍କ ମନୋଭାବ ସ୍ପଷ୍ଟ

ଭୁବନେଶ୍ୱର,(ସବ୍ୟୁ): କଂଗ୍ରେସ ବିଧାୟକ ଦଳ ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ଏମଏମଡିଆର ବିଲ ପାଇଁ ସରକାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ



ଡାକିବା ଦାବିରେ ଶନିବାର ରାଜ୍ୟପାଳ ଏବଂ ବାଚସ୍ପତିଙ୍କୁ ଭେଟି ଦାବି ଜଣାଇଥିଲେ । କିନ୍ତୁ ରବିବାର ରାଜ୍ୟ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ କଂଗ୍ରେସର ସ୍ୱତନ୍ତ୍ର ଅଧିବେଶନ ଦାବିକୁ ଆଗ୍ରହ୍ୟ କରିଦେଇଛନ୍ତି । ତେଣୁ ଏହାକୁ ନେଇ କଂଗ୍ରେସ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ କଂଗ୍ରେସ ଭବନଠାରେ ଆୟୋଜନ କରାଯାଇଥିଲା । ପୂର୍ବତନ ବିଧାୟକ ତଥା ଓପିସିସି ଉପସଭାପତି ସଂଗଠନ ସନ୍ତୋଷ ସିଂ ସାଲୁଜା ଏବଂ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ମୁଖ୍ୟ ସଚେତକ ରାଜନ ଏକ୍କା ଯୋଗ ଦେଇଥିଲେ ।

ଗଣମାଧ୍ୟମଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ସାଲୁଜା କହିଲେ ଯେ, ରାଜ୍ୟର ସ୍ୱାର୍ଥ ପରିପନ୍ଥୀ ଏମଏମଡିଆର ବିଲ ଉପରେ କଂଗ୍ରେସର ସ୍ୱତନ୍ତ୍ର ଅଧିବେଶନ ଦାବୀକୁ ମନ୍ତ୍ରୀ ଡ଼ ମହାଲିଙ୍ଗ ଅଗ୍ରାହ୍ୟ କରିବା ଅତି ଦୁର୍ଭାଗ୍ୟପୂର୍ଣ୍ଣ । ଏହି ବିଲ ପାରିତ ହୋଇଯିବା ଫଳରେ ରାଜ୍ୟ ପାଖାପାଖି ବାର୍ଷିକ ପ୍ରାୟ ୧୦ ହଜାର କୋଟିରୁ ଉର୍ଦ୍ଧ ରାଜସ୍ୱ ହରାଇବା ସହିତ ବକେୟା ରାଜସ୍ୱ ଲକ୍ଷାଧିକ କୋଟି ଟଙ୍କାର କ୍ଷତି ମଧ୍ୟ ସହିବାକୁ ପଡ଼ିବ ବୋଲି କହିଛନ୍ତି । ସେ ପୁଣି କହିଛନ୍ତି, ଓଡ଼ିଆ ଅସ୍ମିତା ନାମରେ ଶାସନକୁ ଆସି ଓଡ଼ିଶାର ସମସ୍ତ ଧନ ସମ୍ପତ୍ତି, ଜଳ, ଜଙ୍ଗଲ, ଜମି, ଖଣି ଖାଦାନ ଇତ୍ୟାଦି କେନ୍ଦ୍ର ସରକାର ହାତରେ ଟେକି ଦେଉଛନ୍ତି । ତେବେ ଏମଏମଡିଆର ବିଲକୁ ପ୍ରତିରୋଧ କରିବା ନେଇ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ତାର ରଣନୀତି ପ୍ରସ୍ତୁତ କରି ସାରିଛି । ରାଜଧାନୀରୁ ପଞ୍ଚାୟତ ପର୍ଯ୍ୟନ୍ତ ଧାରଣା, ପ୍ରଦର୍ଶନ କାର୍ଯ୍ୟକ୍ରମ ହେବ ଓ ଆଗାମୀ ଦିନରେ ସମସ୍ତ ବିଜେପି ସାଂସଦଙ୍କ ଘର ମଧ୍ୟ ଘେରାଓ କରାଯିବ ବୋଲି ପ୍ରକାଶ କରିଥିଲେ ।

## ବଡଚଣା ପୋଲିସକୁ ଆକ୍ରମଣ କରି ଅପହରଣକାରୀକୁ ଛଡାଇ ନେବା ଘଟଣା

# ୭ ଦିନ ପରେବି କାର୍ଯ୍ୟାନୁଷ୍ଠାନ ଶୂନ୍, ପୋଲିସ ଶିଥିଳ

ଚଣ୍ଡିଖୋଲ,(ସବ୍ୟୁ) ଯାଜପୁର ଜିଲ୍ଲାର ଧର୍ମଶାଳାରେ ବଡଚଣା ଥାନା ପୋଲିସକୁ ମରଣାନ୍ତକ ଆକ୍ରମଣ ଓ ପୋଲିସ ଗାଡି ଭଙ୍ଗାରୁଜା କରି ଅପହରଣ କାରୀକୁ ଛଡାଇନେବା ଘଟଣାକୁ ଇତିମଧ୍ୟରେ ୭ଦିନ ବିତିଯାଇଛି । ନିସ୍ତୁକ ମାଡଖାଇ ଉକ୍ତ ମାମଲାର ତଦନ୍ତ ଅଧିକାରୀଙ୍କ ସହ ୫ଜଣ ପୋଲିସ କର୍ମଚାରୀ ଲହୁଲୁହାଣ ହୋଇଥିଲେ ମଧ୍ୟ ଏହି ଅରାଜକତା କାଣ୍ଡ ଭିଆଇଥିବା ଆକ୍ରମଣକାରୀଙ୍କ ବିରୁଦ୍ଧରେ ଅଦ୍ୟାବଧି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ପାରିନାହିଁ । ଗତ ୭ ଦିନ ପୂର୍ବରୁ ସଂପୃକ୍ତ ଦୁଇଜଣ ମହିଳାଙ୍କ ସହ ତିନିଜଣଙ୍କୁ ପୋଲିସ ଗିରଫ କରିଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ସହ ଅନ୍ୟ ମାନଙ୍କୁ ଗିରଫ କରିବାରେ ଜିଲ୍ଲା ପୋଲିସ ଶିଥିଳତା ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି । ପୋଲସକୁ ଆକ୍ରମଣ,ମାଡମାରିବା ସହିତ ପୋଲିସ ଗାଡି ଭାଙ୍ଗି ଅପହରଣ କାରୀକୁ ଛଡାଇନେବା ଘଟଣାରେ ସିଧାସଳଖ ୧୦ ଜଣଙ୍କ ନାମ ସହ ଅନେକ ଲୋକଙ୍କ ସଂପୃକ୍ତି ଥିବା ଦର୍ଶାଇ ଜେନାପୁର ଥାନାରେ ବଡଚଣା ଥାନାର ଆହତ ଏଏସଆଇ ସୁବ୍ରତ ପ୍ରଧାନ ଏତଲା ଦେଇଥିଲେ । ହେଲେ ଘଟଣା ପରଦିନ ପୋଲିସ ସେଥିରୁ ମାତ୍ର ତିନି ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲେ ମଧ୍ୟ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ସେପରି ବ୍ୟଗ୍ରତା ପ୍ରକାଶ କରୁନଥିବା ପରିଲକ୍ଷିତ ହୋଇଛି ।

ଜିଲ୍ଲାରେ ପୂର୍ବରୁ ଘଟିଥିବା ବିଭିନ୍ନ ଅପରାଧିକ ମାମଲାର ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ଜିଲ୍ଲା ପୋଲିସ ପକ୍ଷରୁ ବଛାବଛା ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ପୋଲିସ ଟିମ ଗଠନ କରାଯାଇ ଥିବାର ନଜିର ଥିଲାବେଳେ ଉକ୍ତ ସମ୍ବେଦନଶୀଳ ଘଟଣାରେ ଅଦ୍ୟାବଧି କୌଣସି ସ୍ୱତନ୍ତ୍ର ଟିମ ଗଠିତ ହୋଇନଥିବା ଜଣାପଡିଛି । ଅଭିଯୁକ୍ତ ମାନେ ଫେରାର ଥିବାରୁ ସେମାନଙ୍କୁ ଗିରଫ କରିବା ସମ୍ଭବ ହେଉନାହିଁ ବୋଲି ସଫେଇ ଦେଇ ଜିଲ୍ଲା ଓ ସ୍ଥାନୀୟ ପୋଲିସ ଅଧିକାରୀମାନେ ଚୁପହୋଇ ବସିଥିବା ଚର୍ଚ୍ଚା ହେଉଛି । ତେବେ ଅପରାଧୀକୁ ଧରିବା ସମୟରେ ପୋଲିସ ବାହିନୀ ଉପରେ ମରଣାନ୍ତକ ଆକ୍ରମଣ, ଗାଡି ଭଙ୍ଗାରୁଜା ଓ ସଂଘବଦ୍ଧ ହମଲା କରି ପୋଲିସ କବଳରୁ ଅପରାଧୀକୁ ଛଡାଇନେ ପୋଲିସ ଓ ଶାସନ ବ୍ୟବସ୍ଥାକୁ ସିଧାସଳଖ ଚାଲେଞ୍ଜ କଲାପରି ଘଟଣାରେ ଜଦି କାର୍ଯ୍ୟାନୁଷ୍ଠାନ ଶିଥିଳ ହୁଏ ତେବେ ଆଉ କେଉଁ ପରି ମାମଲାରେ ପୋଲିସ ବ୍ୟଗ୍ରତା ପ୍ରକାଶ କରିବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ହୋଇଛି । ଯେଉଁ ଠାରେ ଖୋଦ ପୋଲିସ ବାହିନୀ ସୁରକ୍ଷିତ ନୁହନ୍ତି ସେଠାରେ ସାଧାରଣ ଲୋକଟିଏ କିପରି ସୁରକ୍ଷିତ ରହିବ ଓ ପୋଲିସ ଠାରୁ ଜନତା କିପରି ଉଚିତ ନ୍ୟାୟ ପାଇବେ ତାହା ସମଗ୍ର ଅଞ୍ଚଳରେ ଚର୍ଚ୍ଚା ହେଉଛି । ଜେନାପୁର ଥାନା ପନ୍ତୁରୀ ଗ୍ରାମର କାହ୍ନା ଦଳେଇ ଗତ ମେ ମାସରେ ବଡଚଣା ଥାନା ଅନ୍ତର୍ଗତ ଦଳେଇ ସାହିର ଜଣେ ଅପ୍ରାପ୍ତ ବୟସ୍କ ଯୁବତୀଙ୍କୁ ଅପହରଣ କରି ନେଇଥିଲେ । ସେହି ଘଟଣାକୁ ନେଇ ବଡଚଣା ଥାନାରେ ୧୫୯/୨୬ରେ ଏକ ମାମଲା ରୁଜୁ ହୋଇଥିଲା । ଅଭିଯୁକ୍ତ କାହ୍ନା ଉକ୍ତ ଝିଅ ସହିତ ପନ୍ତୁରୀ ଗ୍ରାମରେ ଆତ୍ମ ଗୋପନ କରିଥିବା ଖବର ପାଇ ଉକ୍ତ ମାମଲାର ତଦନ୍ତ କରୁଥିବା ବଡଚଣା ଥାନା ଏଏସଆଇ ସୁବ୍ରତ ପ୍ରଧାନ ଓ କଳ୍ପନା ନାୟକଙ୍କ ସହ ଏକ ପୋଲିସ ଟିମ ଜେନାପୁର ଥାନା ପୋଲିସ ସହାୟତାରେ ଗତ ମଙ୍ଗଳବାର ରାତିରେ ପନ୍ତୁରୀ ଗ୍ରାମରେ ଚଢାଉ କରି ଅଭିଯୁକ୍ତ କାହ୍ନା ଓ ଅପହରଣ ହୋଇଥିବା ନାବାଳିକାକୁ ଧରିଥିଲେ । ସେତିକି ବେଳେ ପୋଲିସ ଉପରେ ଏହି ସଂଘବଦ୍ଧ ଆକ୍ରମଣ ହୋଇଥିଲା ଓ ବଡଚଣା ଥାନାର ୫ଜଣ ପୋଲିସ ଗୁରୁତର ଆହତ ହୋଇଥିଲେ । ପରେ ଆହତ ଏଏସଆଇ ସୁବ୍ରତ ପ୍ରଧାନଙ୍କ ଏତଲା କ୍ରମେ ଜେନାପୁର ଥାନାରେ ୨୩୫/୨୬ରେ ଏକ ମାମଲା ରୁଜୁ ହୋଇଥିଲା । ଏ ସମ୍ପର୍କରେ ମତାମତ ଗ୍ରହଣ ପାଇଁ ଯାଜପୁର ଏସପି ଓ ଜେନାପୁର ଥାନା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବାରମ୍ବାର ଫୋନ କରାଯାଇଥିଲେ ମଧ୍ୟ ସେମାନେ କଲ ରିସିଭ କରିନଥିଲେ ।

# ସୁବାସ ସିଂହଙ୍କୁ ବିଜୁ ଶ୍ରମିକ ସାମୁଖ୍ୟର ସଭାପତି ଭାବେ ପୁନଃନିଯୁକ୍ତି, ବିଭିନ୍ନ ସଂଗଠନର ଶୁଭେଚ୍ଛା

କଟକ,(ସବ୍ୟୁ): ବିଜୁ ଜନତା ଦଳର କୋଷାଧ୍ୟକ୍ଷ ଓ କଟକ ନଗରର ମେୟର ସୁବାସ ସିଂହଙ୍କୁ ପୁନଃ ବିଜୁ ଶ୍ରମିକ ସାମୁଖ୍ୟର ସଭାପତି ଭାବେ ନିଯୁକ୍ତ କରାଯାଇଛି । ଏହି ନିଯୁକ୍ତି ସହ ସୁବାସ ସିଂହଙ୍କର ସମର୍ପଣ ଓ ସ୍ୱପ୍ନଦର୍ଶୀ ନେତୃତ୍ୱ ପ୍ରତି ସ୍ଥାନୀୟ ଓ ରାଜ୍ୟ ସ୍ତରରେ ବଡ଼ ସ୍ୱୀକୃତି ମିଳିଛି । ସୁବାସ ସିଂହ ବିଜୁ ଶ୍ରମିକ ସାମୁଖ୍ୟର ମହାସଚୀବ ଭାବେ ଶ୍ରମିକ ମାନଙ୍କର ଅଧିକାର, ସୁରକ୍ଷା ଓ ସମାଜିକ ସୁବିଧା ପ୍ରଦାନରେ ପ୍ରଭାବଶାଳୀ କାର୍ଯ୍ୟକୁଶଳତା ପ୍ରଦର୍ଶିତ କରିଛନ୍ତି । ସେ ଅନେକ ସଂଗଠନ ସହ ସମନ୍ୱୟ କରି ଶ୍ରମିକ ଶ୍ରେଣୀର କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିଭାଇଛନ୍ତି । ସେ କଟକ ନଗରର ମେୟର ଭାବେ ମଧ୍ୟ ନଗର ବିକାଶ, ସ୍ୱଚ୍ଛତା ଓ ସମାଜିକ ସେବା କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହା ସ୍ଥାନୀୟ ଲୋକମାନଙ୍କ ଜୀବନ ମାନକୁ ଉନ୍ନତି କରିବାରେ ସାହାଯ୍ୟ



କରିଛି । ସୁବାସ ସିଂହଙ୍କର ନେତୃତ୍ୱ ଦକ୍ଷତା ଓ ସଂଗଠନ କ୍ଷମତା ତାଙ୍କୁ ଏକ ସମ୍ମାନିତ ଓ ପ୍ରଭାବଶାଳୀ ନେତା ଭାବେ ସ୍ଥାପିତ କରିଛି । ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ଏହି ଦାୟିତ୍ୱ ଦେଇ ପ୍ରକାଶ କରିଛନ୍ତି ଯେ ସୁବାସ ସିଂହ ଆଗାମୀ ଦିନରେ ବିଜୁ ଶ୍ରମିକ ସାମୁଖ୍ୟର କାର୍ଯ୍ୟକ୍ରମ ସମୃଦ୍ଧି ଓ ସଫଳତା ନିମିତ୍ତେ ଅବିରତ ପ୍ରୟାସ କରିବେ । ଏହି ଘଟଣା ପ୍ରକାଶ ପାଇବା ପରେ ବିଭିନ୍ନ ଶ୍ରମିକ ସଂଗଠନ, କମରୀ ଓ ନେତୃବୃନ୍ଦ ତାଙ୍କୁ ଅନେକ ଶୁଭେଚ୍ଛା ଓ ସମ୍ମାନ ଜଣାଇଛନ୍ତି । ସେମାନେ ସୁବାସ ସିଂହଙ୍କ ନେତୃତ୍ୱ ଓ ସେବାକୁ ସାର୍ବଜନୀନ ଭାବରେ ସ୍ୱୀକାର କରି, ଏହା ଶ୍ରମିକ ଶ୍ରେଣୀ ପାଇଁ ଏକ ନୂତନ ଆଶା ଓ ଦୃଢ଼ତା ଆଣିବ ବୋଲି ଅଭିମତ ପ୍ରକାଶ କରିଛନ୍ତି । ସୁବାସ ସିଂହଙ୍କ ପ୍ରତି ଏହି ବିଶ୍ୱାସ ଓ ସମ୍ମାନ ତାଙ୍କର ସେବା ଓ ନେତୃତ୍ୱ କୁ ସ୍ପଷ୍ଟ କରେ, ଯାହା ଭବିଷ୍ୟତରେ ରାଜ୍ୟ ଓ ଶ୍ରମିକ ଶ୍ରେଣୀର ଉନ୍ନତିରେ ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ହେବ ।

# ଏମ୍ଏମ୍‌ଡିଆର ବିରୁଦ୍ଧରେ ପ୍ରତିବାଦ ନେଇ ଇଣ୍ଡିଆ ମେଣ୍ଟର ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, (ସବ୍ୟୁ): ଏମଏମଡ଼ିଆର ବିଲ ବିରୁଦ୍ଧରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନାଙ୍କ ନେତୃତ୍ୱରେ ବରିଷ୍ଠ ନେତା ସୁର ରାଉତରାୟଙ୍କ ଉପସ୍ଥିତିରେ ଇଣ୍ଡି ମେଣ୍ଟର ସବୁ ରାଜନୈତିକ ଦଳ ପ୍ରତିନିଧି ଯୋଗ ଦେଇ ଏମଏମଡ଼ିଆର ବିଲକୁ ଦୃଢ଼ ବିରୋଧ କରି ଥିଲେ । ଏହି ବିଲ ଦାରା ଓଡିଶା ଭଳି ଗରିବ ରାଜ୍ୟର ଆମ ପିଲା ଛୁଆଙ୍କ ଭବିଷ୍ୟତ ଅନ୍ଧକାରକୁ କେନ୍ଦ୍ର ସରକାର ଠେଲି ଦେଇ ଘୋର କ୍ଷତି କରିଛି ବୋଲି ମତ ପ୍ରକାଶ ପାଇଥିଲା । କହିବାକୁ ଗଲେ କେନ୍ଦ୍ର ସରକାର ଓଡିଶା ବାସୀଙ୍କ ମୌଳିକ ଅଧିକାର ଛଡେଇ ନେଇଛି । ଇଣ୍ଡିମେଣ୍ଟର ନିଷ୍ପତି କ୍ରମେ ସୋମବାର ଠାରୁ ଜନଜାଗରଣ ସୃଷ୍ଟି କରି ସାଧାରଣ ଜନତାଙ୍କୁ ସଚେତନ କରିବା ପାଇଁ ଇଣ୍ଡିଆ ମେଣ୍ଟର ଶୋଭାଯାତ୍ରା, ମଶାଲ ଶୋଭାଯାତ୍ରା ଭଳି କାର୍ଯ୍ୟକ୍ରମ କରିବାକୁ ନିଷ୍ପତି ନିଆଯାଇଛି । ଯଦି ସରକାର ଏହି ଏମଏମଡ଼ିଆର ବିଲକୁ ପ୍ରତ୍ୟାହାର ନକରନ୍ତି ଦରକାର ପଡିଲେ ମେଣ୍ଟ ଆସନ୍ତା ସେପେଟମ୍ବର ମାସରେ ଓଡିଶା ବନ୍ଦ କରିବାକୁ ବଡ଼ ନିଷ୍ପତି ନେଇପାରନ୍ତି ବୋଲି ପ୍ରକାଶ ପାଇଛି । ପ୍ରସ୍ତୁତି ବୈଠକରେ ମହେନ୍ଦ୍ର ପରିଡା, ପ୍ରତାପ କିଶୋର ବାରିକ, ସୁରୁ ଜେନା ପ୍ରଭାତ ପାଣିଗ୍ରାହୀ, ସୁରେନ୍ଦ୍ର ବେହେରା, କୈଳାଶ ପୁହାଣ, ଚମରୁ ସୋରେନ, ବ୍ୟାସ ସାହୁ ମନୋଜ ଦାସ, ଏସଏମ ରାୟ, ମିହିର ଆଚାର୍ଯ୍ୟ, ମୁକେଶ ପ୍ରଧାନ, ମୋହନ ଜେନା ପ୍ରଧାନ ପ୍ରମୁଖ ବିଭିନ୍ନ ରାଜନୈତିକ ଦଳରୁ ପ୍ରତିନିଧିତ୍ୱ କରିଥିଲେ ।

## ଦୁଇଟି ମାମଲାରେ ୫ଗିରଫ

ବ୍ରହ୍ମପୁର,(ସବ୍ୟୁ) ଆକ୍ରମଣ ଓ ପ୍ରତି ଆକ୍ରମଣ ଅଭିଯୋଗରେ ଗୋଶାଣିନୁଆଗାଁ ପୋଲିସ ଦୁଇଟି ମାମଲା ରୁଜୁ କରି ୫ଜଣଙ୍କୁ ଗିରଫ କାଟିଛି । ଚଣ୍ଡୀ ମନ୍ଦିର ସାହିରେ ରହୁଥିବା ଭୈରବ ବିଷୋୟୀ କୌଣସି କାମରେ ଭଉଣୀଙ୍କୁ ଧରି ଯାଉଥିବା ବେଳେ ତାଙ୍କୁ ଗତ ୧୯ ତାରିଖରେ ଭୈରବ ତାଙ୍କ ସହଯୋଗୀମାନେ ଧମକ ଦେଇଥିଲେ । ପରେ ୨୧ ତାରିଖରେ ସେ ତାଙ୍କ ସାଙ୍ଗ ସହ ଚଣ୍ଡୀ ମନ୍ଦିର ନିକଟରେ ଥିବା ବେଳେ ତାଙ୍କୁ ଶତ୍ରୁଘ୍ନ ଗୌଡ଼ ଓ ତାଙ୍କ ସହଯୋଗୀ ମାନେ ଖଣ୍ଡାରେ ଆକ୍ରମଣ କରିଥିଲେ । ତାଙ୍କରି ଅଭିଯୋଗରେ ପୋଲିସ ମାମଲା ନଂ ୩୧୮/୨୬ ରେ ସଦର ଥାନା ଅନ୍ତର୍ଗତ ଗୁ‌ଣ୍ଡବନ୍ଧର ଶତ୍ରୁଘ୍ନ ଗୌଡ଼ ଓ ବାସୁଦେବ ଜେନାଙ୍କୁ ପୋଲିସ ଗିରଫ କରିଥିଲା । ସେହିପରି ବାସୁଦେବ ଜେନା ଅଭିଯୋଗ କରିଥିଲେ ଯେ ଗତ ୨୧ ରେ ସେ ଚଣ୍ଡୀ ମନ୍ଦିର ଦେଇ ଯାଉଥିବା ବେଳେ ତାଙ୍କୁ ଭୈରବ ବିଷୋୟୀ ଓ ତାଙ୍କ ସହଯୋଗୀ ମାନେ ଆକ୍ରମଣ କରିଥିଲେ । ମାମଲା ନଂ ୩୧୯/୨୬ ରେ ପୋଲିସ ଭୈରବ ବିଷୋୟୀ, ବଂଶୀଧର ବିଷୋୟୀ ଓ କିଷାନ କୁମାର ସାହୁଙ୍କୁ ଗିରଫ କରିଥିଲା । ଆଜି ଉକ୍ତ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି ରେଲୱେ ଲୋକୋ କୋଲୋନୀ

# ସ୍ୱଚ୍ଛତା ଅଭିଯାନ ପ୍ରହସନରେ ପରିଣତ

ଜଟଣୀ, (ସବ୍ୟୁ): ଜଟଣୀ ସହରର ପରିଚୟ ସୃଷ୍ଟି କରେ ପୂର୍ବତଟ ରେଳବାଇ ଖୋର୍ଦ୍ଧାରୋଡ଼ ମଣ୍ଡଳ । ଖୋର୍ଦ୍ଧାରୋଡ଼ ମଣ୍ଡଳ ଦ୍ୱାରା ପ୍ରତିଷ୍ଠିତ ରେଲୱେ କଲୋନୀ ମଧ୍ୟରୁ ଲୋକୋ କଲୋନୀ ସର୍ବ ପୁରାତନ । ଏହି କଲୋନୀରେ ଅନେକ ରେଳ କର୍ମଚାରୀ ଡ୍ରାଇଭର ଠାରୁ ଆରମ୍ଭ କରି ଗାର୍ଡ, ଟିଟିଇ, ରେଳ ସୁରକ୍ଷା କର୍ମଚାରୀ, ସଫେଇ କର୍ମଚାରୀ ବାସ କରୁଥିଲେ । ରେଳବିଭାଗର ଉନ୍ନତି କରଣ ନିମନ୍ତେ ଅନେକ କ୍ୱାର୍ଟସ ଗୁଡିକୁ ପରିତ୍ୟକ୍ତ ଘୋଷଣା କରାଯାଇ ଭଙ୍ଗା ଯାଇଥିଲା । ଯେଉଁ କ୍ୱାର୍ଟସ ଗୁଡ଼ିକୁ ଭଙ୍ଗାଯିବା ପରେ ସେହି ପରିବେଶର ପରିଷ୍କାର ଦାୟିତ୍ୱ ସମ୍ପୂର୍ଣ୍ଣ ଭୁଲିଗଲେ । ରେଳବାଇ ପକ୍ଷରୁ ରେଳବିଭାଗର ପ୍ରତ୍ୟକ କାର୍ଯ୍ୟ ପାଇଁ ବେସରକାରୀ ସଂସ୍ଥାକୁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟଭାର ଦେଲେ । ଯାହା ଫଳରେ ଠିକାଦାରଙ୍କ ମନମାନି ବଢିଲା । ବର୍ତ୍ତମାନ ରେଲୱେର ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ କୋମା ପାଲଟିବା ଫଳରେ ରେଳବାଇ ପରିସର ସମ୍ପୂର୍ଣ୍ଣ ଅସ୍ୱାସ୍ଥ୍ୟକର ପରିବେଶର ପୂର୍ଣ୍ଣ । ଯାହା ଫଳରେ ବାସ କରୁଥିବା ରେଳ କର୍ମଚାରୀ ଅତ୍ୟନ୍ତ ଅସ୍ୱାସ୍ଥ୍ୟ ପରିବେଶ ଭିତରେ ଅତି ଦୟନୀୟ ଅବସ୍ଥାରେ ଅତିବାହିତ କରୁଛନ୍ତି । କ୍ୱାର୍ଟସ ଚାରିପାଖେ ଅନାବନା ଗଛରେ ପରିପୂର୍ଣ୍ଣ ହୋଇ ଜଙ୍ଗଲ ସୃଷ୍ଟି ହୋଇଛି । ଯାହା ଫଳରେ କି ରାତି ହେଲେ ସରୀସୃପ ଘର ଭିତରେ ପ୍ରବେଶ କରିବା ଫଳରେ କ୍ୱାର୍ଟସରେ




ବାସ କରୁଥିବା କର୍ମଚାରୀଙ୍କ ପରିବାର ଭୟଭୀତ ଅବସ୍ଥାରେ କାଳାତିପାତ କରୁଛନ୍ତି । ସୂଚନା ଅନୁଯାଇ ବର୍ତ୍ତମାନ ରେଳବିଭାଗ ସ୍ୱାସ୍ଥ୍ୟବିଭାଗର ଅଳିଆ ଉଠା ଟେଣ୍ଡର ପଦ୍ଧତି ଶେଷ ହୋଇଯିବାରୁ କିଛି ଦିନ ହେବ ରେଲୱେ ପରିସରରୁ ଅଳିଆ ଆବର୍ଜନା ନ ଉଠି ପାରି ରାସ୍ତା କଡରେ କୁଢ଼ କୁଢ଼ ଅଳିଆ ଜମା ହୋଇ ବର୍ଷାରେ ଦୁର୍ଗନ୍ଧ ପରିବେଶ ସୃଷ୍ଟି ହେବା ଫଳରେ ଅନେକ ରେଳ କର୍ମଚାରୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାରେ ଲାଗିଛନ୍ତି । ଏଥିପ୍ରତି ରେଲୱେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନଜର ନାହିଁ । ନିରୀହ କର୍ମଚାରୀ ଅନେକ ଅସୁବିଧାର ସମ୍ମୁଖୀନ ହେବାରେ ଲାଗିଛନ୍ତି କ୍ଷ ଆଗକୁ ଏହାର କୌଣସି ସମାଧାନ ନ ହୁଏ ତେବେ ତେବେ ରେଳବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯିବ ବୋଲି ରେଳ କର୍ମଚାରି ମତ ପ୍ରକାଶ କରିଛନ୍ତି ।

## ବହୁଗ୍ରାମ ବିବେକାନନ୍ଦ ବିଦ୍ୟାପୀଠ ପୁରାତନ ଛାତ୍ରଛାତ୍ରୀଙ୍କ ନିଆରା ପ୍ରୟାସ

# ରାସ୍ତା ପାର୍ଶ୍ୱ ସଫେଇ, ଆବର୍ଜନା ମୁକ୍ତ ହେଲା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି

କଟକ, (ସବ୍ୟୁ): ବହୁଗ୍ରାମ ସ୍ଥିତ ବିବେକାନନ୍ଦ ବିଦ୍ୟାପୀଠ ପୁରାତନ ଛାତ୍ରଙ୍କ ପକ୍ଷରୁ ନିଆରା ସମାଜସେବା କାର୍ଯ୍ୟ ଚାଲୁ ରହିଛି । ବୃକ୍ଷରୋପଣ, ସଫେଇକୁ ପ୍ରାଧାନ୍ୟ ଦେଇ ପୁରୁଣା ଛାତ୍ରମାନେ ଏକାଠି ହୋଇ ନୂଆ କିଛି କରି ଦେଖାଇବାକୁ ଅଣ୍ଟା ଭିଡିଛନ୍ତି । କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଥିବା ଏହି ବିଦ୍ୟାଳୟ ସମ୍ମୁଖ ପାଚେରିର ପ୍ରାୟ ଦୁଇ ଶହ ମିଟର ଅନାବନା ଗଛଲତାରେ ଭର୍ତ୍ତି ହୋଇଯାଇଥିଲା । ଏଠାରେ ବିଷଧର ସାପଙ୍କ ଆତଯାତ ହେଉଥିବା ବେଳେ ପିଲାଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଥିଲା । ଏହି ଘଞ୍ଚ ବୁଦା ଭିତରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ହଜିଯାଇଥିଲା । ଏହାକୁ ସଫେଇ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଆଖି ବୁଜି ଦେଇଥିଲେ । ସେବା କାର୍ଯ୍ୟର ଚତୁର୍ଥ ସପ୍ତାହ ରବିବାରରେ ଏହି ବଣ ସଫେଇ କରିବା ପାଇଁ କିଛି ପ୍ରାକ୍ତନ ଛାତ୍ର ଆଗେଇ



ଆସିଥିଲେ । ପ୍ରାୟ ଦୁଇ ଘଣ୍ଟା ଧରି ସଫେଇ କରି ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଆବର୍ଜନା ମୁକ୍ତ କରିଥିଲେ । ଆଗକୁ ରକ୍ତଦାନ, ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯିବ ବୋଲି ପୁରାତନ ଛାତ୍ର ସଂଘ ପକ୍ଷରୁ ସୂଚନା ଦିଆଯାଇଛି । କେବଳ ଭୋଜି ଭାତରେ ମନୋରଞ୍ଜନ ନକରି ସମାଜସେବା ପାଇଁ ଆଗେଇ ଆସିଥିବା ପୁରାତନ ଛାତ୍ରଛାତ୍ରୀଙ୍କ ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

# ମୋକିମ ଫାଉଣ୍ଡେସନ ପକ୍ଷରୁ ଅମୃତଧାରା ମେଗା ରକ୍ତଦାନ ଶିବିର

କଟକ, (ସ୍ୱ.ପ୍ର) : ସ୍ଥାନୀୟ ବକ୍ସି ବଜାରସ୍ଥିତ ନାରୀ ସେବା ସଦନ ପରିସରରେ ମୋକିମ୍ ଫାଉଣ୍ଡେସନ୍ ପକ୍ଷରୁ 'ଅମୃତଧାରା' ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସମାଜରେ ଦେଖାଦେଉଥିବା ରକ୍ତାଭାବକୁ ଦୂର କରିବା ଏବଂ ମୂଲ୍ୟବାନ ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରୁ ମୋଟ ୨୧୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଏହି ବିଶେଷ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ଏବଂ ବିଧାୟିକା ସୋଫିଆ ଫିରଦୋସ ପ୍ରମୁଖ ଯୋଗଦେଇ ଆନୁଷ୍ଠିତ



ଶିବିରର ଉଦ୍‌ଘାଟନ କରିବା ସହ ରକ୍ତଦାନକୁ ଏକ ମହତ ସାମାଜିକ ସେବା ଭାବେ ଅଭିହିତ କରିଥିଲେ । ରକ୍ତାଭାବ ଯୋଗୁଁ ଯେପରି କୌଣସି ନିରୀହ ଜୀବନ ନ ଯାଏ, ସେଥିପାଇଁ ସମାଜର ପ୍ରତ୍ୟେକ ବ୍ୟକ୍ତି ବିଶେଷ କରି ଯୁବବର୍ଗ ଆଗେଇ ଆସିବାକୁ ସେମାନେ ଆହ୍ୱାନ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ କୃଷ୍ଣ ଚନ୍ଦ୍ର ଦାସ, ଡ. ନୟୀମା ତାଜୀମ, ମହମ୍ମଦ ଅଲିମ୍, ସରବର ହାସିବ ଓ ଶେଖ୍ ମିରାଜୁଲ ହକ୍ ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟେକ ଜୀବନ ଅମୂଲ୍ୟ ବୋଲି ପ୍ରକାଶ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।

ଶିବିରରେ ବିଭିନ୍ନ ସାମାଜିକ ସଂଗଠନ, ଓଜେଶୀ କାର୍ଯ୍ୟକର୍ତ୍ତା, ଏନ୍.ସି.ସି.ର ଛାତ୍ରଛାତ୍ରୀ, କୋଲେନେଲ୍, ମହିଳା ଓ ବହୁ ଯୁବକ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏସ.ସି.ବି. ମେଡିକାଲ୍ ବ୍ଲଡ୍ ବ୍ୟାଙ୍କର ଅଧିକାରୀ ଏବଂ ରେଡକ୍ରସ୍ ଟିମ୍‌ର ସଦସ୍ୟମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମର ଶେଷରେ ଫାଉଣ୍ଡେସନ୍‌ର ଅନ୍ୟତମ ଟ୍ରଷ୍ଟି ଡ. ନୟୀମା ତାଜୀମ ଶିବିରକୁ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ଅନୁଷ୍ଠାନ, ବ୍ୟକ୍ତିବିଶେଷ ଓ ରକ୍ତଦାତାମାନଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିକୁଞ୍ଜ ପଶାୟତ, ଗିରିବାଳା ବେହେରା, ଶୈଳବାଳା ଜେନା, କର୍ପୋରେଟର ଲିଜା ରାଣୀ ରାଉତ, ସ୍ୱର୍ଣ୍ଣପ୍ରଭା ପଶାୟତ, ଭାନୁ ସେନାପତି, ବୀରେନ୍ଦ୍ର ଦାସ, କେଦାର ପୃଷ୍ଟି, ଚନ୍ଦନ ଦାସ, ଅନିଲ ବେଉରା, ଶରତ ଚନ୍ଦ୍ର ସେଠୀ, ସୂର୍ଯ୍ୟକାନ୍ତ ରାଉତ, ପ୍ରତାପ ପରିଡ଼ା, ସୁରଜିତ ସାହୁ, ସନ୍ତୋଷ ପାତ୍ର, ସେକ ଅସଲମ୍, ରାକେଶ ମହାରଣା, ସେକ ଲିଆକଟ ଉଦ୍ଦିନ ଅହମ୍ମଦ, ସେକ ଗୁଲାମ୍ ମୋଇଉଦ୍ଦିନ, ଅଜୟ ଗୋଛାୟତ, ସଦାବ ବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

# କମ୍ପ୍ୟୁଟେସନାଲ୍ ଥିଙ୍କିଂ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଧାରିତ ଆଞ୍ଚଳିକ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ସେଣ୍ଟ୍ରାଲ ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନ୍, ଭୁବନେଶ୍ୱର ସେଣ୍ଟର ଅଫ ଏକ୍ସଲେନ୍ସ ଆନୁକୂଲ୍ୟରେ ଡିଏଭି ପବ୍ଲିକ୍ ସ୍କୁଲ୍, ୟୁନିଟ୍-୮ ପରିସରରେ କମ୍ପ୍ୟୁଟେସନାଲ୍ ଥିଙ୍କିଂ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବିଷୟବସ୍ତୁକୁ ନେଇ ଏକ ଦିନିକିଆ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା ଏବଂ ପଶ୍ଚିମବଙ୍ଗରୁ ପ୍ରାୟ ୨୮୦ ଜଣ ଶିକ୍ଷାବିତ୍ ଓ ବିଶେଷଜ୍ଞ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଆସୁଥିବା ବୈପ୍ଳବିକ ପରିବର୍ତ୍ତନ ଉପରେ ଚିନ୍ତନ, ମନ୍ଥନ ଏବଂ ଆଲୋଚନା କରିଥିଲେ । ଶ୍ରେଣୀଗୃହ ଶିକ୍ଷାଦାନକୁ, ଶିକ୍ଷା ନୀତି ୨୦୨୦ ଏବଂ ଏନ୍‌ସିଏଫ୍-ଏସ୍‌ଇ ୨୦୨୩ର ଆଭିମୁଖ୍ୟ ସହ ସଂଲଗ୍ନ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଉଦ୍‌ଘାଟନୀ ଅଭିଭାଷଣରେ ବିଦ୍ୟାଳୟରେ ଅଧ୍ୟକ୍ଷା ଶ୍ରୀମତୀ ଇପ୍‌ସିତା ଦାସ ବଦଳୁଥିବା ଡିଜିଟାଲ୍ ଯୁଗ ସହ ନିଜକୁ ନିରନ୍ତର ଅପଡେଟ୍ କରିବାକୁ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ସିବିଏସଇର ସିଓଇର ମୁଖ୍ୟ ଏବଂ ଯୁଗ୍ମ ସଚିବ ଶ୍ରୀ ଟି ମାଟେ କମ୍ପ୍ୟୁଟେସନାଲ୍ ଥିଙ୍କିଂ ଓ କୃତ୍ରିମ ବୁଦ୍ଧିମତ୍ତାକୁ ଶ୍ରେଣୀଗୃହ ଶିକ୍ଷାଦାନରେ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସିବିଏସ୍‌ଇ ଆଞ୍ଚଳିକ ନିର୍ଦ୍ଦେଶକ ଲଳିତ କୁମାର କପିଲ ଶିକ୍ଷାର୍ଥୀମାନଙ୍କୁ ଭବିଷ୍ୟତର



ପ୍ରଯୁକ୍ତିବିଦ୍ୟାଭିତ୍ତିକ ବିଶ୍ୱ ପାଇଁ ପ୍ରସ୍ତୁତ କରିବାକୁ ହେଲେ ଶିକ୍ଷକମାନଙ୍କୁ ଭବିଷ୍ୟତ ଉପଯୋଗୀ ଦକ୍ଷତାରେ ସମୃଦ୍ଧ କରିବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ । କର୍ମଶାଳାରେ ଆଇ.ଆଇ.ଆଇ.ଟି. ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ଆଶିଷ ଘୋଷ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । ନୂଆଦିଲ୍ଲୀସ୍ଥିତ ମହାରାଜା ଅଗ୍ରସେନ୍ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ପ୍ରତିଭା କୋହଲି ଏବଂ ଡେଲୋଏଟ୍‌ର ପାର୍ଟନର ଡ. କମଲେଶ ବ୍ୟାସ ଶିକ୍ଷାଦାନରେ କମ୍ପ୍ୟୁଟେସନାଲ୍ ଭାବନା ଏବଂ କୃତ୍ରିମ ବୁଦ୍ଧିମତ୍ତାର ବ୍ୟାବହାରିକ ପ୍ରସଙ୍ଗ ଓ ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ପ୍ୟାନେଲ୍ ଆଲୋଚନାରେ ପଶ୍ଚିମବଙ୍ଗରୁ ଶ୍ରୀମତୀ ସୁତାପା ରାହା ଦାସ ଓ ଦେବରାଜ ରାୟ ଏବଂ ଓଡ଼ିଶାରୁ ଶ୍ରୀମତୀ ପଲ୍ଲବୀ ମହାପାତ୍ର ଓ ସର୍ବେଶ୍ୱର ସାମଲ ଯୋଗ ଦେଇ ଆଧୁନିକ ଶିକ୍ଷାରେ କମ୍ପ୍ୟୁଟେସନାଲ୍ ଭାବନା ଏବଂ କୃତ୍ରିମ ବୁଦ୍ଧିମତ୍ତାର ସୁଯୋଗ, ଆହ୍ୱାନ ଏବଂ ପ୍ରଭାବ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଶିକ୍ଷକମାନଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଓଡ଼ିଶାର ଟି.ଇ ଏବଂ ଏସ୍.ଇ.ଆର.ଟିର ନିର୍ଦ୍ଦେଶିକା ଶ୍ରୀମତୀ ମଧୁସ୍ମିତା ସାହୁ ଏବଂ ତାଙ୍କ ଟିମ୍‌ର ନିରନ୍ତର ସହଯୋଗ ପାଇଁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ୨୦୨୬-୨୭ ଶିକ୍ଷାବର୍ଷରୁ ତୃତୀୟରୁ ଅଷ୍ଟମ ଶ୍ରେଣୀ ସି.ବି.ଏସ୍.ଇ ପାଠ୍ୟକ୍ରମରେ କମ୍ପ୍ୟୁଟେସନାଲ୍ ଭାବନା ଏବଂ କୃତ୍ରିମ ବୁଦ୍ଧିମତ୍ତାକୁ ସାମିଲ କରାଯାଇଛି । ଏହି କର୍ମଶାଳା ଶିକ୍ଷାବିତ୍‌ମାନଙ୍କୁ ଏହି ନୂତନ ବିଷୟବସ୍ତୁ ସହିତ ପରିଚିତ କରାଇବା ସହ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଆଗାମୀ ଭବିଷ୍ୟତ ପାଇଁ ଛାତ୍ରଛାତ୍ରୀଙ୍କୁ କିପରି ଗଢ଼ି ତୋଳାଯାଇପାରିବ, ସେ ନେଇ ଚିନ୍ତାଧାରାର ବିନିମୟ ପାଇଁ ଏକ ସୁନ୍ଦର ମଞ୍ଚ ପ୍ରଦାନ କରିଥିଲା । ଏହି କର୍ମଶାଳାଟିକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଇଶା ଇପ୍‌ସିତା ଶତପଥି ସଂଚାଳନା କରିଥିବାବେଳେ ପ୍ୟାନେଲ ଆଲୋଚନାକୁ ଶିକ୍ଷକ ଶ୍ରୀ ସତ୍ୟବ୍ରତ ଷଡ଼ଙ୍ଗୀ ସଂଯୋଜନା କରିଥିଲେ ।

## ଆରତୀ ଷ୍ଟିଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ଆଠଗଡ ,(ସବ୍ୟୁ): ଘଣ୍ଟିଖାଲ ସ୍ଥିତ ଆରତୀ ଷ୍ଟିଲ ପକ୍ଷରୁ କଖଡ଼ି ଗ୍ରାମର କଲ୍ୟାଣ ମଣ୍ଡପରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ୧୧୦ରୁ ଅଧିକ ଗ୍ରାମବାସୀ ଏବଂ ସ୍ଥାନୀୟ ବାସିନ୍ଦାମାନେ ମୌଳିକ ସ୍ୱାସ୍ଥ୍ୟସେବା ପାଇବା ସହିତ ଆବଶ୍ୟକୀୟ ଚିକିତ୍ସା ପରାମର୍ଶ ଗ୍ରହଣ କରିବାର ସୁଯୋଗ ପାଇଥିଲେ ।ଏହି କାର୍ଯ୍ୟକ୍ରମକୁ କଖଡି ସରପଞ୍ଚ କଳ୍ପନା ଛତାର ଉଦଘାଟନ କରିବା ସହିତ ଗ୍ରାମ ସଭାପତି, ୱାର୍ଡ ସଦସ୍ୟ ଙ୍କ ସହିତ ଆରତୀ ଷ୍ଟିଲ ପକ୍ଷରୁ ଟିମ୍ର ଏଜିଏମ ସନ୍ତୋଷ କୁମାର ରାଉତ ,ରାଧେଶ୍ୟାମ ସ୍ୱାଇଁ, ନବୀନ ମାଳାକାର ଏବଂ ଜଗନ୍ନାଥ ରାଉତ ପ୍ରମୁଖ ଉପସ୍ଥିତ ରହି ଥିଲେ ।

# ପୂର୍ବ ଭାରତର 'ଗ୍ରୀନ ଇଣ୍ଡଷ୍ଟ୍ରିଆଲ ହବ' ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ପାର୍କ

ଗୋପାଳପୁର, (ସବ୍ୟୂ): ଟାଟା ଷ୍ଟିଲ ସ୍ପେଶାଲ ଇକୋନୋମିକ ଜୋନ ଲିମିଟେଡ (ଟିଏସଏସଇଜେଡଏଲ) ଓଡ଼ିଶାର ଗଞ୍ଜାମ ଜିଲ୍ଲାସ୍ଥିତ ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ପାର୍କ (ଜିଆଇପି)ରେ ସମ୍ପ୍ରତି ପ୍ରସ୍ତାବିତ "ଗ୍ରୀନ ଆମୋନିଆ ପ୍ରକଳ୍ପ" ସହିତ ଭାରତର ଅଗ୍ରଣୀ ସବୁଜ ଶିଳ୍ପ ବିକାଶ କ୍ଷେତ୍ରରେ ନିଜର ସ୍ଥିତିକୁ ଅଧିକ ମଜବୁତ କରିଛି । ଏହା ପୂର୍ବ ଭାରତରେ ସବୁଜ ଶକ୍ତି ଉପକରଣ ଏବଂ ଉନ୍ନତ ମାନର ଉତ୍ପାଦନ କ୍ଷେତ୍ରରେ ଏକ ପ୍ରମୁଖ ହବ ଭାବରେ ଉଭା ହୋଇଛି ।

ରାଜ୍ୟରେ ସବୁଜ ଶକ୍ତିର ବିକାଶ ପାଇଁ ଓଡ଼ିଶା ସରକାର, ଜାପାନର ଆଇଏଚଆଇ କର୍ପୋରେସନ, ଏସିଏମଇ ଗ୍ରୁପ ଏବଂ ଟିଏସଏସଇଜେଡଏଲ ମଧ୍ୟରେ ଏକ ମେମୋରାଣ୍ଡମ ଅଫ କର୍ପୋରେସନ (ଏମଓସି) ସ୍ୱାକ୍ଷରିତ ହୋଇଛି । ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ପାର୍କରେ ବାର୍ଷିକ ୦.୪ ମିଲିଅନ ଟନ ଗ୍ରୀନ ଆମୋନିଆ ପ୍ଲାଣ୍ଟ ଏବଂ ଜେଟି-ମୁକ୍ତ ଭାସମାନ ଟର୍ମିନାଲ ପ୍ରତିଷ୍ଠା ପାଇଁ ଏହି ଚୁକ୍ତି ହୋଇଛି ।

ଟିଏସଏସଇଜେଡଏଲର ପ୍ରବନ୍ଧ ନିର୍ଦ୍ଦେଶକ ମଣିକାନ୍ତ ନାୟକ କହିଛନ୍ତି, ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ପାର୍କକୁ ଏକ



ବିଶ୍ୱସ୍ତରୀୟ ପ୍ରତିଯୋଗୀ ଶିଳ୍ପ କେନ୍ଦ୍ର ଭାବେ ଗଢ଼ିତୋଳିବାର ଆମର ଯେଉଁ ଲକ୍ଷ୍ୟ ଥିଲା, ତାହା ଆଜି ପୂରଣ ହେବାକୁ ଯାଉଛି । ଓଡ଼ିଶା ସରକାରଙ୍କ ଦ୍ୱାରା ଏହି ଶିଳ୍ପ ପାର୍କକୁ ବିଦ୍ୟୁତ ଏବଂ ଜଳ ଯୋଗାଣ ପାଇଁ ହାତକୁ ନିଆଯାଇଥିବା ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଏହି ଲକ୍ଷ୍ୟ ହାସଲରେ ବିଶେଷ ସହାୟକ ହୋଇଛି । ପାର୍କର ନବୀକରଣ ଯୋଗ୍ୟ ଶକ୍ତି ଉପକରଣ ନିର୍ମାଣ କ୍ଷେତ୍ରକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଟାଟା ଷ୍ଟିଲ ସ୍ପେଶାଲ ଇକୋନୋମିକ ଜୋନ ଲିମିଟେଡ ଏବଂ ଟାଟା ପାୱାର ରିନ୍ୟୁଏବଲ ଏନର୍ଜି ଲିମିଟେଡ (ଟିପିଆରଇଏଲ) ମଧ୍ୟରେ ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ପାର୍କରେ ୧୦,୦୦୦ କୋଟିର ପ୍ରସ୍ତାବିତ ନିବେଶ ପାଇଁ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି ।

ନିକଟରେ ଭିତ୍ତିଭୂମି ଏବଂ ନବସୃଜନ କ୍ଷେତ୍ରରେ ଶ୍ରେଷ୍ଠତା ପାଇଁ ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ପାର୍କକୁ "ମାରିଟାଇମ ଗେଟୱେ" ପକ୍ଷରୁ "ସ୍ମାର୍ଟ ଇଣ୍ଡଷ୍ଟ୍ରିଆଲ ପାର୍କ" ସମ୍ମାନରେ ସମ୍ମାନିତ କରାଯାଇଛି । ଭୁବନେଶ୍ୱରରେ ଆୟୋଜିତ ସ୍ମାର୍ଟ ଲଜିଷ୍ଟିକ୍ସ ସମିଟ ଆଣ୍ଡ ଆୱାର୍ଡସ-୨୦୨୬ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

ଗ୍ରୀନ ହାଇଡ୍ରୋଜେନ, ନବୀକରଣ ଯୋଗ୍ୟ ଶକ୍ତି ଉପକରଣ ଉତ୍ପାଦନ, ସ୍ପେଶାଲିଟି କେମିକାଲ୍ସ, ଟାୟାର, ଖଣିଜ ପ୍ରକ୍ରିୟାକରଣ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଭଳି ବିଭିନ୍ନ କ୍ଷେତ୍ରରେ ପାର୍କ ପ୍ରମୁଖ ଜାତୀୟ ଏବଂ ବିଶ୍ୱସ୍ତରୀୟ ନିବେଶକଙ୍କୁ ଆକର୍ଷିତ କରିଛି । ଟାଟା ଷ୍ଟିଲର ୧୦୦% ସହାୟକ କମ୍ପାନୀ ଟିଏସଏସଇଜେଡଏଲ ଦ୍ୱାରା ବିକଶିତ ଏହି ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରାୟ ୨,୯୭୦ ଏକର ପରିମିତ ଅଞ୍ଚଳରେ ପରିବ୍ୟାପ୍ତ । ଏହି ପାର୍କକୁ ଏକ ସଂଯୋଜିତ ଏବଂ ଆଧୁନିକ "ପ୍ଲଗ-ଏଣ୍ଡ-ପ୍ଲେ" ଉତ୍ପାଦନ ଭିତ୍ତିଭୂମି ଭାବେ ନିର୍ମାଣ କରାଯାଇଛି । ଏଥିମଧ୍ୟରେ ସୁଦୃଢ଼ ଆଭ୍ୟନ୍ତରୀଣ ସଡ଼କ ପରିବହନ, ନିରବଚ୍ଛିନ୍ନ ବିଦ୍ୟୁତ ଓ ଜଳ ଯୋଗାଣ, ବିଜ୍ଞାନସମ୍ମତ ନିଷ୍କାସନ ପ୍ରଣାଳୀ, ଏକକ ପରିବେଶ ମଞ୍ଜୁରୀ, ବହୁମୁଖୀ ସଂଯୋଗୀକରଣ ଏବଂ ଏକ ସ୍ୱତନ୍ତ୍ର ୟୁଟିଲିଟି କରିଡୋର ମାଧ୍ୟମରେ ଗୋପାଳପୁର ବନ୍ଦର ସହିତ ସାଧାସଳଖ ଯୋଗାଯୋଗ ସୁବିଧା କରାଯାଇଛି ।

# ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା




ଫୁଲବାଣୀ, (ସବ୍ୟୂ) : କନ୍ଧମାଳ ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସ୍ଥାନୀୟ ଟି ଟିମ ପଡ଼ିଆ ଠାରେ ବ୍ରହ୍ମଲୀନ ବେଦାନ୍ତ କେଶରୀ ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୮ତମ ଶ୍ରାଦ୍ଧ ବାର୍ଷିକୀ , ଶ୍ରଦ୍ଧାଞ୍ଜଳି ସଭା ଓ ବଳିଦାନ ଦିବସ ମହା ସମାରୋହ ପାଳିତ ହୋଇଯାଇଛି । ସର୍ବ ପ୍ରଥମେ ସ୍ଥାନୀୟ ସର୍କିଟ ହାଉସ ଆଗରୁ ଏକ ବିଶାଳ ରାଲିରେ ହଜାର ହଜାର ସଂଖ୍ୟାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଅନୁଗାମୀ ତଥା ଭକ୍ତ ଶ୍ରଦ୍ଧାଳୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ସାଧୁ ସନ୍ଥ, ତାଙ୍କର ପ୍ରିୟ କାର୍ତ୍ତିକ ମଣ୍ଡଳୀ ପ୍ରମୁଖ ଚାଲି ଚାଲି ଫୁଲବାଣୀ ବଜାର ମୁଖ୍ୟ ରାସ୍ତା ଦେଇ ମାଷ୍ଟରପଡ଼ା ଛକ ଦେଇ ଶ୍ରଦ୍ଧାଞ୍ଜଳି ସଭା ପଡ଼ିଆରେ ପ୍ରବେଶ କରିଥିଲେ ।

ଏହି ଅବସରରେ ଫୁଲବାଣୀ ସହର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଅମର ରହେ, ଭାରତ ମାତା କି ଜୟ ଧ୍ୱନିରେ ପ୍ରକମ୍ପିତ ହେଉଥିବା ଶୁଣିବାକୁ ମିଳୁଥିଲା ।

ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟରେ ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ସଭାପତି ମହେଶ ସାହୁ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, କନ୍ଧମାଳ ସତର୍କ ଉନ୍ନୟନ ପରିଷଦର ଅଧ୍ୟକ୍ଷ ମାନ ଗୋବିନ୍ଦ ପ୍ରଧାନ, ଜିଲ୍ଲା ବିଜେପି ସଭାପତି ପଣ୍ଡିତ ବିଶିମାଝି, ଜଲେଶପଟା ଆଶ୍ରମର ମୁଖ୍ୟ ସ୍ୱାମୀ ଜିବନ ମୁକ୍ତାନନ୍ଦ ପୁରୀ, ଚକାପାଦ ଆଶ୍ରମର ମୁଖ୍ୟ ମୁକ୍ତାନନ୍ଦ ପୁରୀ, ପୁଜ୍ୟସ୍ୱାମୀ ସତ୍ୟନନ୍ଦ ଗିରି, ସୁଶ୍ରୀ ଅଞ୍ଜଳି ପ୍ରଧାନ, ମହେନ୍ଦ୍ର ଗିରି ବାବା, ପବିତ୍ର କହଁର, ପ୍ରମୁଖ ମଞ୍ଚାସିନ ହୋଇ ସ୍ୱାମୀଜୀଙ୍କ କନ୍ଧମାଳ ଜିଲ୍ଲା ପାଇଁ ତାଙ୍କର ଅବଦାନ କଣ ତାହା ସ୍ମୃତି ଉଚ୍ଚାରଣ କରି ଉଦବୋଧନ ଦେଇ ଥିଲେ । ଏହି ଅବସରରେ ସ୍ୱାମୀଜୀଙ୍କ ନୀତି ଆଦର୍ଶ ଓ ତ୍ୟାଗର ମହିମାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ଆମର ଦାୟିତ୍ୱ ବୋଲି ମଞ୍ଚାସିନ ଅତିଥିମାନେ ମତପ୍ରକାଶ କରିଥିଲେ । ଶେଷରେ ପ୍ରମୋଦ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଲିଙ୍ଗରାଜ ଦଳବେହେରା, ବରିଷ୍ଠ ଆଇନଜୀବୀ ଭଗବାନ ମହାନ୍ତି, ଅଜିତ ପଟନାୟକ,ରମେଶ ମହାନ୍ତି, ରମେଶ ଚନ୍ଦ୍ର ସାହୁ, ନରେଶ ମହାନ୍ତି, ଟି ଶିବ ପାତ୍ର, ପ୍ରଶାନ୍ତ ନାୟକଙ୍କ ସମେତ ବହୁ ଗୁଣିଜ୍ଞାନୀ, ସାଧୁ,ସନ୍ଥ, ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରିୟ ରଞ୍ଜନ ଚୌଧୁରୀ ପରିଚାଳନା କରିଥିଲେ । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି କନ୍ଧମାଳ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା ।

## ରାଜ୍ୟ ସ୍ତରୀୟ ଟ୍ରେଡ୍ ୟୁନିଅନ କର୍ମଶାଳା

ବ୍ରହ୍ମପୁର, (ସବ୍ୟୂ): ଓଡ଼ିଶା ସେଣ୍ଟ୍ରାଲ ଗଭର୍ଣ୍ଣମେଣ୍ଟ ପେନସନର୍ସ ୟୁନିଅନ ଗଞ୍ଜାମ ଜିଲ୍ଲା କମିଟି ଦ୍ୱାରା ରାଜ୍ୟ ସ୍ତରୀୟ ଟ୍ରେଡ୍ୟୁନିଅନ କର୍ମଶାଳା ସ୍ଥାନୀୟ ସହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ କମ୍ରେଡ ଅଳି କିଶୋର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ବକ୍ତାଭାବେ ଏଫଏମ ଆର ଏଆଇ ର ସମ୍ପାଦକ କମ୍ରେଡ ସାଗର ଚକ୍ରବର୍ତ୍ତୀ ଶ୍ରମ ଆଇନର ସଂଶୋଧନ ଓ ତାହର ଫଳାଫଳ ଯାହା ଶ୍ରମ ବିରୋଧୀ ଏବଂ ପୁଞ୍ଜିପତି ସପକ୍ଷବାଦୀ ଉପରେ ଆଲୋଚନା କରିଥିଲେ । ରାଜ୍ୟ ସାଧାରଣ ସମ୍ପାଦକ କମ୍ରେଡ ସତ୍ୟବ୍ରତ ମହାପାତ୍ର ଦିତୀୟ ବକ୍ତା ଭାବେ ସଂଗଠନ, ତାର ଗଠନ ପ୍ରକ୍ରିୟା ଏବଂ ନୂତନ ନେତୃତ୍ୱ ବିକାଶ ଉପରେ ତୀଆରି କରାଯିବ ସେ ପରିପ୍ରେକ୍ଷୀରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୃସିଂହ ବ୍ରହ୍ମା, ଇଶର ରାଓ, ଏ ରାଜନ୍ ପାତ୍ର, ଅଜିତ ପାତ୍ର, ମଧୁ ବେହେରାଙ୍କ ସହ ବ୍ରହ୍ମପୁରର ପ୍ରାୟ ୨୦୦ ସାଥୀଙ୍କ ସହ କଟକ ଭୁବନେଶ୍ୱର, ଜୟପୁର, ରାୟଗଡ଼ର ପ୍ରାୟ ୩୦ରୁ ଉର୍ଦ୍ଧ ସାଥୀ କର୍ମଶାଳା ରେ ଅଂଶଗ୍ରହଣ କରିଥିଲେ । ଶେଷରେ ଜିଲ୍ଲା ସମ୍ପାଦକ କମ୍ରେଡ ସୁବୋଧ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ଜନ୍ମେଜୟଙ୍କ ସଫଳତା

ଅସିକା, (ସବ୍ୟୂ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ୨୦୨୩-୨୪ ଶିକ୍ଷାବର୍ଷରେ ଅନୁଷ୍ଠିତ ନବମ ଶ୍ରେଣୀ (ଷ୍ଟେଜ-୨) ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଫଳ ଶିକ୍ଷାବିଭାଗ ପକ୍ଷରୁ ପ୍ରକାଶ ପାଇଛି । ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିରର ପ୍ରାକ୍ତନ ନବମ ଶ୍ରେଣୀ ମେଧାବୀ ଛାତ୍ର ଜନ୍ମେଜୟ ମିଶ୍ର ଏହି ପଠାଣୀ ସାମନ୍ତ ନବମ ଶ୍ରେଣୀ ଗଣିତ ମେଧାବୃତ୍ତି (ଷ୍ଟେଜ୍ ୨) ପରୀକ୍ଷାରେ ସଫଳତା ହାସଲ କରି ଅସିକା ବ୍ଲକସ୍ତରରେ ଟପ୍ପର ହୋଇଛନ୍ତି । ମେଧାବୀ ଛାତ୍ର ଜନ୍ମେଜୟ ମିଶ୍ର ଅସିକା ପିଏମଶ୍ରୀ ହରିହର ହାଇସ୍କୁଲର ସଂସ୍କୃତ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ମିଶ୍ର ଓ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ମିଶ୍ରଙ୍କ ସୁପୁତ୍ର ସାଙ୍ଗକୁ ସ୍ଥାନୀୟ ମେକ ମାଉଲେନ ସଂସ୍କୃତ ଟୋଲର ପ୍ରାକ୍ତନ ହେଡପଣ୍ଡିତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ଡଃ କୈଳାଶ ଚନ୍ଦ୍ର ମିଶ୍ରଙ୍କ ନାତି ଅଟନ୍ତି ।

ମେଧାବୃତ୍ତି ପରୀକ୍ଷାରେ ସଫଳତା ପାଇ ଅସିକା ବ୍ଲକସ୍ତରରେ ଟପ୍ପର ହୋଇଥିବା ଜନ୍ମେଜୟଙ୍କୁ ଏହି ସଫଳତା ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ତାଙ୍କରଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । ପୂର୍ବରୁ ଜନ୍ମେଜୟ ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଠାରୁ ଆରମ୍ଭ କରି ଷଷ୍ଠ ଶ୍ରେଣୀରେ ପଠାଣୀ ସାମନ୍ତ ମେଧାବୃତ୍ତି ପରୀକ୍ଷା, ଏନଆରଟିଏସ ପରୀକ୍ଷା, ଦାନବୟାଲ ସ୍ୱର୍ଣ୍ଣ ପ୍ରତିଯୋଗିତାରେ ମଧ୍ୟ ସଫଳତା ହାସଲ କରିଥିଲେ ।

# ଭାରିଯାନ ଚଳାଚଳକୁ ନେଇ ପଞ୍ଚାଗଳିରେ ଯାତାୟତ ସମସ୍ୟା

ବୁଗୁଡ଼ା, (ସବ୍ୟୂ): ବୁଗୁଡ଼ା ସହର ମୁଖ୍ୟ ସଡକ ସହ ସଂଯୁକ୍ତ ପଞ୍ଚାଗଳିର ରାସ୍ତାରେ ଭାରିଯାନ ଚଳାଚଳ ଯୋଗୁଁ ଲୋକଙ୍କ ଯାତାୟାତରେ ନାହିଁ ନଥିବା ସମସ୍ୟା ସୃଷ୍ଟି ହେଉଛି । ବୁଗୁଡ଼ା ଏନଏସିର ୱାର୍ଡ ନଂ ୨ ଓ ୩ ଅନ୍ତର୍ଗତ ଅରବିନ୍ଦ ନଗରର ପ୍ରବେଶ ପଥ ଭାବେ ବିବେଚିତ ଏହି ପଞ୍ଚାଗଳିରେ ଭାରିଯାନ ଚଳାଚଳ କାରଣରୁ ଲୋକଙ୍କ ଯାତାୟାତ ପାଇଁ ସୁରକ୍ଷିତ ନୁହେଁ । ସେହି ଗଳି ସଂକୀର୍ଣ୍ଣତମ ତଥା ବିପଦଜନକ ସ୍ଥାନରେ ଅବସ୍ଥାନ ସମୟରେ ମାଲମାଲ ପରିବା ବୋଝେଇ ଭାରିଯାନ ସର୍ବଦାଡାରେ ସହ ଚଳାଚଳ ବେଳେ ଭାରିଯାନର ଆଗ ଓ ପଛ ଉଭୟ ପାର୍ଶ୍ୱରେ ଅନେକ ଯାନବାହାନ ଦୀର୍ଘ ସମୟ ଧରି ଅଟକି ରହୁଛି ।

ବୁଗୁଡ଼ା ଏନଏସିର ବହୁ ପୁରାତନ ଜନବସତି ଅରବିନ୍ଦ ନଗରରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଏବଂ ଅନେକ କୋଚିଂ ସେଣ୍ଟର ସାଙ୍ଗକୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ରହିଥିବାରୁ ସେହି ରାସ୍ତା ଦେଇ ଦୈନିକ ବହୁ ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟ ଲୋକ ଯାତାୟାତ କରିଥାନ୍ତି । ଯେକୌଣସି ଜନବସତି ସାହି ମଧ୍ୟସ୍ଥ ସଂକୀର୍ଣ୍ଣ ରାସ୍ତାରେ ଭାରିଯାନ ଚଳାଚଳ ନିଷିଦ୍ଧ ସତ୍ତ୍ୱେ ପଞ୍ଚାଗଳିରେ ଏହାର କିପରି ବ୍ୟତିକ୍ରମ ଘଟୁଛି ଏବଂ ଏ କ୍ଷେତ୍ରରେ ଏନଏସି ପ୍ରଶାସନ କାହିଁକି ଧୃତରାଷ୍ଟ୍ର ଭୂମିକା ନିର୍ବାହ କରୁଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଣୁ,ଲୋକଙ୍କ ହିତ ସବାଶେ ଏନଏସି କର୍ତ୍ତୃପକ୍ଷ ଉକ୍ତ ପଞ୍ଚାଗଳି ରାସ୍ତାରେ ଯେପରି କୌଣସି ଭାରିଯାନ ଯେପରି ଚଳାଚଳ ନହୋଇପାରିବ ସେ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି ।

# ଫଟୋ ଭାଇରାଲ ଧମକ : ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୂ) : ବ୍ୟକ୍ତିଗତ ଫଟୋ ଭାଇରାଲ କରିଦେବାର ଧମକ ଦେବା ସହ ଶାରୀରିକ ସମ୍ପର୍କ ପାଇଁ ଚାପ ପକାଇବା ଅଭିଯୋଗରେ ବ୍ରହ୍ମପୁର ସଦର ଥାନା ପୋଲିସ ଅଙ୍କୁଶପୁର ରାଉଖୋଳା ରୋଡ଼ ଲକ୍ଷ୍ମୀକାନ୍ତ ସାହୁ ଓରଫ ପିଣ୍ଟୁ (୩୭)ଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ମୋବାଇଲ ଜବତ ହୋଇଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ପୋଲିସ କେସ ନଂ ୫୪୩/୨୬ ରେ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରିଛି ।



ପୋଲିସ ସୂଚନା ଅନୁଯାୟୀ, ୨୯ ବର୍ଷୀୟ ଜଣେ ବିଧବା ନିଜ ନାବାଳିକା ଝିଅର ଦେଖାଶୁଣା ପାଇଁ ଅଭିଯୁକ୍ତଙ୍କ ନିକଟରେ ରଖିଥିଲେ । ପରେ ଅଭିଯୁକ୍ତ ଫୋଟରେ ମହିଳାଙ୍କୁ ଶାରୀରିକ ସମ୍ପର୍କ ପାଇଁ ଚାପ ଦେବା ସହ ରାଜି ନହେଲେ ବ୍ୟକ୍ତିଗତ ଫଟୋ ସୋସିଆଲ ମିଡିଆରେ ପ୍ରସାର କରିବାକୁ ଧମକ ଦେଉଥିବା ଅଭିଯୋଗ ହୋଇଛି । ପୋଲିସ ଘଟଣାର ତଦନ୍ତ କରି ଉକ୍ତ ଯୁବକଙ୍କୁ କାବୁ କରିଥିଲା ବୋଲି କହିଛି ।

# ଶାନ୍ତି ସ୍ରୋତ ଭବନରେ ସ୍ୱେଚ୍ଛାକୃତ ରକ୍ତଦାନ

ଭଞ୍ଜନଗର,(ସବ୍ୟୂ) : ଗଞ୍ଜାମ ଜିଲ୍ଲା ଭଞ୍ଜନଗରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ (ଓମ ଶାନ୍ତି)ର ଶାନ୍ତି ସ୍ରୋତ ଭବନ ପରିସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭଞ୍ଜନଗର ପୌରପାଳିକା ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ । ୩୭ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ । ଭଞ୍ଜନଗର ଶାଖା ସଂଯୋଜିକା ସନ୍ତୋଷିନୀ ଭଉଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ପୂର୍ବ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ସୁବୁଦ୍ଧି, ବୈକୁଣ୍ଠ ଭାଇ, ବ୍ଲଡ ବ୍ୟାଙ୍କ ଅଧିକାରୀ ଡ. ସବାଶ ମୋହନ ପାଢ଼ୀ ଓ ସାମାଜିକ କର୍ମୀ ଶ୍ରଦ୍ଧାରାଣି ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ବ୍ରହ୍ମାକୁମାରୀ ଅଲିଭା, ଅନିତା, ପିଙ୍କି, ପ୍ରାଚୀ ପ୍ରମୁଖ ସହଯୋଗ କରିଥିଲେ ।

# ୬ରେ କଳା ଦିବସ ପାଳନ କରିବ କୁଡୁମୀ ସେନା

ବାରିପଦା, (ସବ୍ୟୂ) : କୁଡୁମୀ ଜାତିକୁ ଆଦିବାସୀ (ଏସ୍‌ଟି) ବର୍ଗରେ ସାମିଲ କରିବା ଦାବିରେ କୁଡୁମୀ ସେନା ପକ୍ଷରୁ ଦୀର୍ଘ ଏକ ଦଶନ୍ଧି ଧରି ଆନ୍ଦୋଳନ ଜାରି ରହିଛି । କୁଡୁମୀ ସେନାର ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲିଆସୁଛି । ଚଳିତବର୍ଷ ମଧ୍ୟ ଆସନ୍ତା ସେପ୍ଟେମ୍ବର ୬ତାରିଖକୁ କଳା ଦିବସ ଭାବେ ପାଳନ କରିବାକୁ ସଂଗଠନ ପକ୍ଷରୁ ନିଷ୍ପତ୍ତି ହୋଇଛି । କୁଡୁମୀ ସେନାର ଦାବି ଅନୁଯାୟୀ, ୧୯୫୦ ମସିହା ସେପ୍ଟେମ୍ବର ୬ତାରିଖରେ କୁଡୁମୀ ଜାତିକୁ ଆଦିବାସୀ ବର୍ଗରୁ ବାଦ୍ ଦିଆଯାଇଥିଲା ।



ଏହି ଐତିହାସିକ ଘଟଣାର ପ୍ରତିବାଦରେ ପ୍ରତିବର୍ଷ ସେପ୍ଟେମ୍ବର ୬କୁ କଳା ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷ ମଧ୍ୟ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଏହାକୁ ପାଳନ କରାଯିବା ସହ ନୂଆଦିଲ୍ଲୀର ଜନ୍ତରମନ୍ତରରେ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଜୈମୁନି କୁମାର ମହାନ୍ତ ଆହ୍ୱାନ ଦେଇଛନ୍ତି । ଏହାର ପୂର୍ବଦିନ ଅର୍ଥାତ୍ ସେପ୍ଟେମ୍ବର ୫ରେ ବାରିପଦାରେ ମଶାଲ ଶୋଭାଯାତ୍ରା ଆୟୋଜନ କରାଯିବ । ଏନେଇ ବାରିପଦାରେ କୁଡୁମୀ ସେନା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜୈମୁନି କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ବେଙ୍ଗଲ କୁଡୁମୀ ସମାଜର କୌଶିକ ବଂଶୀୟାରଙ୍କ ସମେତ କୁଡୁମୀ ସେନାର ତମ୍ବୁର ମହାନ୍ତ, ବିବେକ ମହାନ୍ତ, ସାଇରାମ, ବିଶ୍ୱନାଥ, ମାନଗୋବିନ୍ଦ, ବିରେନ୍ଦ୍ର, ଲୋକନାଥ, କ୍ଷେତ୍ରମୋହନ ଓ ଚନ୍ଦ୍ରକାନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି କୁଡୁମୀ ଛାତ୍ର ସେନାର ମନୋଜ, ଲିପୁନ, ଦେବବ୍ରତ, ଯଶବନ୍ତ, ତପନ, ସମୀର ଓ ଶିବଶଙ୍କର ମହାନ୍ତ, କୁଡୁମୀ ମହିଳା ସେନାର ସୁଜାତା ମହାନ୍ତ, ସୌଭାଗ୍ୟ ମହାନ୍ତ, ଗୀତାଞ୍ଜଳି ମହାନ୍ତ, ଶାନ୍ତି ମହାନ୍ତ ଓ ଅହଲ୍ୟା ମହାନ୍ତଙ୍କ ସମେତ କୁଡୁମୀ ସେନାର ପରାମର୍ଶଦାତା ସୁବାସ ସାର, ପ୍ରେମଚାନ୍ଦ ସାର, ଲକ୍ଷ୍ମୀଧର ମହାନ୍ତ, ତୁଳସୀ ମହାନ୍ତ ଓ ରାଜାରାମ ମହାନ୍ତ ପ୍ରମୁଖ ଯୋଗଦେଇ ଆଗାମୀ କାର୍ଯ୍ୟକ୍ରମର ରୂପରେଖ ନେଇ ଆଲୋଚନା କରିଥିଲେ ।

# 'ଡିଜିଟାଲ ଆରେଷ୍ଟ' ଠକେଇ ସମ୍ପର୍କରେ ସଚେତନତା

ଛତ୍ରପୁର, (ସବ୍ୟୂ): ବଢ଼ୁଥିବା ସାଇବର ଅପରାଧ ଓ ବିଶେଷକରି ଡିଜିଟାଲ ଆରେଷ୍ଟ ନାମରେ ହେଉଥିବା ଠକେଇରୁ ବରିଷ୍ଠ ନାଗରିକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ଛତ୍ରପୁର ଥାନା ପକ୍ଷରୁ ରବିବାର ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ରିଡିଂ ରୁମ ପରିସରରେ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ହରିଶ ବିଶି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ସାଇବର ଠକମାନଙ୍କର ନୂତନ ନୂତନ କୌଶଳ ସମ୍ପର୍କରେ ଅବଗତ କରାଇଥିଲେ । ସେ କହିଥିଲେ ଯେ, ଡିଜିଟାଲ ଆରେଷ୍ଟ ନାମରେ ଠକମାନେ ନିଜକୁ ପୋଲିସ, ସିବିଆଇ, ଇଡି କିମ୍ବା ଅନ୍ୟ କୌଣସି ସରକାରୀ ସଂସ୍ଥାର ଅଧିକାରୀ ଭଳି ପରିଚୟ ଦେଇ ଲୋକଙ୍କୁ ଭୟଭୀତ କରି




ଅର୍ଥ ଠକୁଛନ୍ତି । ଏଭଳି ଫୋନ କଲ, ଭିଡିଓ କଲ କିମ୍ବା ମେସେଜରେ ଦିଆଯାଉଥିବା ନିର୍ଦ୍ଦେଶରେ ବିଶ୍ୱାସ ନ କରିବାକୁ ସେ ପରାମର୍ଶ ଦେଇଥିଲେ ।

ସନ୍ଦେହଜନକ କଲ କିମ୍ବା ଠକେଇର ଶିକାର ହେଲେ ତୁରନ୍ତ ନିକଟସ୍ଥ ପୋଲିସ ଥାନା ସହ ଯୋଗାଯୋଗ କରିବା ସହିତ ସାଇବର ହେଲ୍ପଲାଇନ ନମ୍ବର ୧୯୩୦ରେ ଅଭିଯୋଗ କରିବାକୁ ସେ ଆରକ୍ଷୀ ଅଧୀକ୍ଷକ କହିଥିଲେ । କାର୍ଯ୍ୟକ୍ରମରେ ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡ଼ାଇ, ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ଗଞ୍ଜାମ ସାଇବର ଥାନା ଅଧିକାରୀଗଣ ଜ୍ୟୋତି ରଞ୍ଜନ ବେହେରା ଓ ଏଏସଆଇ କିରଣ ପାତ୍ର ପ୍ରମୁଖ ଯୋଗଦେଇ ସାଇବର ସୁରକ୍ଷା ସମ୍ପର୍କିତ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ । ଆଇନଜୀବୀ ଡଃ ପ୍ରଶାନ୍ତ କୁମାର ଶତପଥୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଅବସରରେ ଛତ୍ରପୁର ଓ ଆଖପାଖ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ । ଶେଷରେ ଥାନା ଅଧିକାରୀ ଶ୍ରୀ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି ,(ସବ୍ୟୂ): ଗଜପତିଜିଲ୍ଲା ରାମଗିରି ଥାନା ଅନ୍ତର୍ଗତ ତବାରସିଂ ଗ୍ରାମ ପଞ୍ଚାୟତର ଚମ୍ପାନାଳ ଗାଁରେ ବିଦ୍ୟୁତ ଆଘାତରେଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଲେ ଚମ୍ପାନାଳ ଗାଁର ସୁବାସ ରଇତ । ଚମ୍ପାନାଳ ଗାଁ ନିକଟସ୍ଥ ପଦର ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ତାର କଟି ଯାଇଥିବା ଜଣାପଡ଼ିଥିଲା । କଟି ଯାଇଥିବା ତାରକୁ ଯୋଡ଼ିବା ପାଇଁ ଖୁଣ୍ଟ ଉପରକୁ ଚଢ଼ିଥିବା କୁହାଯାଉଛି । ତାର ଯୋଡ଼ିବା ସମୟରେ ବିଦ୍ୟୁତ ଆଘାତ ଲାଗିବାରୁ ଘଟଣାସ୍ଥଳରେ ହିଁ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ବିଦ୍ୟୁତ ଆଘାତ ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ତାଙ୍କ ମୃତଦେହ ବିଦ୍ୟୁତ୍ ଖୁଣ୍ଟରେ ଓହଳି ରହିଥିବା ଦେଖିବାକୁ ମିଳିଥିଲା ।ଘଟଣାକୁ ନେଇ ଗାଁରେ ଶୋକର ଛାୟା ଖେଳିଯାଇଛି ।

# ଇନଟାକ୍ ଜାତୀୟ ଐତିହ୍ୟ କୁଇଜ୍ ପ୍ରତିଯୋଗିତା

ବାରିପଦା, (ସବ୍ୟୂ) : ଇଣ୍ଡିଆନ ନ୍ୟାସନାଲ ଟ୍ରଷ୍ଟ ଫର୍ ଆର୍ଟ ଏଣ୍ଡ କଲଚୁରାଲ ହେରିଟେଜ (ଇନଟାକ୍) ଆନୁକୂଲ୍ୟରେ ଜାତୀୟ ଐତିହ୍ୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର କନଭେନର ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ପୌରହିତ୍ୟରେ ସ୍ଥାନୀୟ ମହାରାଣୀ ପ୍ରେମ କୁମାରୀ ବାଳିକା ବିଦ୍ୟାଳୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ମୋଟ୍ ୧୨ଗୋଟି ସ୍କୁଲର ୧୩୮ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗୀମାନେ ଦୁଇ ଜଣିଆ ଦଳରେ ବିଭକ୍ତ ହୋଇ ଲିଖିତ ରାଉଣ୍ଡରେ ଭାଗ ନେଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କ ମଧ୍ୟରୁ ମନୋନୀତ ୪ଗୋଟି ଦଳ ଅଡିଓ-ଭିଜୁଆଲ ରାଉଣ୍ଡରେ ଅଂଶଗ୍ରହଣ କରିବେ ଏବଂ ଶ୍ରେଷ୍ଠ ବିବେଚିତ ଦଳ ରାଜସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଅନୁଷ୍ଠାନର କୋ-କନଭେନର୍ ଶ୍ୟାମସୁନ୍ଦର ଦାସ ସୂଚନା ଦେଇଛନ୍ତି ।

ଭାରତର ଐତିହ୍ୟର ସଂରକ୍ଷଣ ପାଇଁ ଉତ୍ସର୍ଗୀକୃତ ଇନଟାକ୍ ପ୍ରତିବର୍ଷ ସମଗ୍ର ଦେଶରେ ଏହି ପ୍ରତିଯୋଗିତାର ଆୟୋଜନ କରିଥାଏ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଜର ଐତିହ୍ୟ ଏବଂ ପରମ୍ପରାକୁ ପରିଚିତ କରି ଏହାର ସଂରକ୍ଷଣ ସକାଶେ ସମ୍ବେଦନଶୀଳତାକୁ ଉଦ୍ରେକ କରିବା ପାଇଁ ଏହାର ମୂଳ ଲକ୍ଷ୍ୟ ବୋଲି ଇନଟାକ୍ ପକ୍ଷରୁ କୁହାଯାଇଛି । ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ପାଣି, ବସନ୍ତ ପାତ୍ର, ସନ୍ତୋଷ କୁମାର କାଣ୍ଡା, ନଳିନ କୁମାର ଚୌଧୁରୀ, ସରୋଜ ମିଶ୍ର, ପ୍ରଦୀପ ନାୟକ ଓ ବିଭୁଦତ୍ତ ଦାସ ପ୍ରମୁଖ ପ୍ରତିଯୋଗିତାର ପରିଚାଳନା କରିଥିଲେ ।

# ଏମ୍ଏମ୍‌ଡିଆର୍ ଆଇନ ରଦ୍ଦ ଦାବି: ୨୫ରେ ଇଣ୍ଡି ବ୍ଲକର ପ୍ରତିରୋଧ ଦିବସ



ବାରିପଦା, (ସବ୍ୟୂ): ଓଡ଼ିଶାର ସାର୍ବଭୌମ ଖଣି ଓ ଖଣିଜ ଜାତ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ଏମ୍ଏମ୍‌ଡିଆର)-୨୦୨୬ ରଦ୍ଦ ଦାବିରେ ଆସନ୍ତା ୨୫ତାରିଖ ମଙ୍ଗଳବାର ସମଗ୍ର ଓଡ଼ିଶାରେ ପ୍ରତିରୋଧ ଦିବସ ପାଳନ କରାଯିବ । ରାଜ୍ୟ ଇଣ୍ଡି ବ୍ଲକ୍‌ର ନିଷ୍ପତ୍ତି କ୍ରମେ ମୟୂରଭଞ୍ଜରେ ମଧ୍ୟ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଇଣ୍ଡି ବ୍ଲକର ସହଯୋଗୀ ଦଳ କଂଗ୍ରେସ, ସିପିଆଇ ଓ ସିପିଏମ୍ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି ।

ଏନେଇ ରବିବାର ବାରିପଦାସ୍ଥିତ ଜିଲ୍ଲା କଂଗ୍ରେସ (ପୂର୍ବ) କାର୍ଯ୍ୟାଳୟରେ ଏକ ମିଳିତ ବୈଠକ କଂଗ୍ରେସ ସଭାପତି ପୁଲିନ୍ଦର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଏମ୍ଏମ୍‌ଡିଆର୍ ଆଇନରେ ଆଣାଯାଇଥିବା ସଂଶୋଧନକୁ ନେଇ ନେତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ବୈଠକରେ ଅଭିଯୋଗ କରାଯାଇଥିଲା ଯେ, ପୁଞ୍ଜିପତିମାନଙ୍କ ଲାଭକୁ ବହୁଗୁଣିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ରର ବିଜେପି ସରକାର ଏହି ଆଇନରେ ସଂଶୋଧନ ଆଣିଛନ୍ତି । ଏହା କାର୍ଯ୍ୟକାରୀ ହେଲେ ରାଜ୍ୟର ଖଣିଜ ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ବ୍ୟବସ୍ଥାର ଅଧିକାର ଉପରେ ଗୁରୁତର ପ୍ରଭାବ ପଡ଼ିବ । ଏଥିସହ ଓଡ଼ିଶାର ଆର୍ଥିକ ସ୍ଥିତି ଦୁର୍ବଳ ହେବା ସହ କର୍ପୋରେଟ୍ ଲୁଣ୍ଠନ ଓ ଆଦିବାସୀ ଶୋଷଣ ବୃଦ୍ଧି ପାଇବ ବୋଲି ନେତାମାନେ ମତପ୍ରକାଶ କରିଥିଲେ । ଆଲୋଚନାରେ ସିପିଆଇ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ସିପିଏମ୍ ଜିଲ୍ଲା ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା, ରବି ଗୋସ୍ୱାମୀ, ଅମଲ ଦେ, କଂଗ୍ରେସର ଜ୍ୟୋତି ପ୍ରକାଶ ରଥ, ଶାନ୍ତନୁ କୁମାର ପାଲ୍ ଓ ବନମାଳୀ ବାରିକ ପ୍ରମୁଖ ଯୋଗଦେଇଥିଲେ ।

ବୈଠକରେ କଂଗ୍ରେସର ସୁସ୍ମିତା ଘୋଷାଲ, ଗାରତୀ ପାତ୍ର, ଉତ୍ତମ ବେହେରା, ଭୁବନେଶ୍ୱରୀ ବେହେରା, ଏସ୍.କେ. ଜାବଦ, ଚୈତନ୍ୟ ହାଁସଦାଃ, ସୁନାରାମ ସୋରେନ୍‌ଙ୍କ ସମେତ ସିପିଆଇର ଶ୍ରୀକାନ୍ତ ସାମଲ, କାହ୍ନୁ ଚରଣ ବେହେରା, ମୁକେଶ ମହାନ୍ତ, ମହେଶ୍ୱର ବେହେରା, ତରୁଣ କୁମାର ମହାନ୍ତ ଏବଂ ସିପିଏମ୍‌ର ହରିଶ୍ଚନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ଜର୍ଜିଆଡି ୭-ଏ ସାଇଡ୍ ରଗବୀ : ଫ୍ୟୁଚର ଷ୍ଟାର୍ ସ୍ପୋର୍ଟ୍ସ ଏକାଡେମୀର ମହିଳା ଦଳ ଚାମ୍ପିଅନ

ବାରିପଦା, (ସବ୍ୟୂ) : କୋଲକାତା କ୍ରିକେଟ୍ ଆଣ୍ଡ ଫୁଟବଲ୍ କ୍ଲବ୍, କୋଲକାତା ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସ୍ତରୀୟ ପ୍ରତିଷ୍ଠିତ ଜର୍ଜିଆଡି ୭-ଏ-ସାଇଡ ରଗବୀ ଟୁର୍ଣ୍ଣାମେଣ୍ଟରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟ୍ସ ଏକାଡେମୀର ମହିଳା ରଗବୀ ଦଳ ଚମତ୍କାର ପ୍ରଦର୍ଶନ କରି କ୍ରମାଗତ ଦ୍ୱିତୀୟ ଥର ଚମ୍ପିଅନ ହୋଇ ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ପୁରା ଟୁର୍ଣ୍ଣାମେଣ୍ଟରେ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରି ଫାଇନାଲ ମ୍ୟାଚରେ ପଶ୍ଚିମବଙ୍ଗର ସରସ୍ୱତୀପୁର ଦଳକୁ ୩୩-୦୦ ସ୍କୋରରେ ପରାସ୍ତ କରି ଚମ୍ପିଅନ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ।

ଦଳରେ ରଜନୀ ଶବର, ସୋନୀ



ମାଡାଙ୍ଗୀ, ପାର୍ବତୀ କିସ୍କୁ, ପୁନମ ସିଂହ, ମାଲିନ ସୋଏ, ସୁନିତା ହାଁସଦାଃ, ହିସୀ ଟୁଡୁ, ନମିତା ହେମ୍ବ୍ରମ, ଅମିଶାରାଣୀ ମାଝୀ, ମାହି ସୋରେନ, କନିକା ଟୁଡୁ ଓ ମାମୁନି ହେମ୍ବ୍ରମଙ୍କ ସମେତ କୋଚ ଅଜିତ ହାଁସଦାଃ, ଅଶୋକ ହାଁସଦାଃ ଓ ଚନ୍ଦନ ସିଂ ଏବଂ ମ୍ୟାନେଜରଭ ଫୁଲମଣି ପାଲେୟା ସାମିଲ ଥିଲେ । ଏହି ଗୌରବମୟ ବିଜୟ ପାଇଁ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦାଃ, ସହ-ପ୍ରତିଷ୍ଠାତା ରୂପାଲୀ ସୋରେନ, ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ଏବଂ କୋଚ୍ ଚନ୍ଦନ ସିଂ ଓ ଅଜିତ କୁମାର ହାଁସଦାଃ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ବନ୍ୟାରେ ଧୋଇଗଲା ଡୋକରିଚଞ୍ଚରାକୁ ସଂଯୋଗ କରୁଥିବା ରାସ୍ତା



କୋକସରା,(ସବ୍ୟୁ): ଲଘୁଚାପ ଜନିତ ଲଗାଣ ବର୍ଷାରେ କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଡୋକରିଚଞ୍ଚରାକୁ ସଂଯୋଗ କରୁଥିବା ପୋଲ ଖଲିଗଡ଼ ନିକଟରେ ବନ୍ୟାଜଳରେ ଧୋଇ ଯାଇଛି । ଫଳରେ ଏହି ରାସ୍ତା ଦେଇ ଯାତାୟାତ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇପଡିଛି ।

ଶନିବାର ଠାରୁ ଦକ୍ଷିଣ ଓଡ଼ିଶା ସମେତ କଳାହାଣ୍ଡି ଜିଲ୍ଲାରେ ଅତି ପ୍ରବଳ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ଉପୁଜିଥିବା ବେଳେ ସାହାଜଖୋଲ ଜଙ୍ଗଲ ଉପର ମୁଣ୍ଡରେ ଅତି ପ୍ରବଳ ବର୍ଷା ଯୋଗୁଁ ଡୋକରି ନାଲା ରେ ଅତ୍ୟଧିକ ବନ୍ୟାଜଳ ପଶିବା ଫଳରେ ପୋଲ ତଳ ମାଟି ଖାଇ ଧୋଇ ନେଇଥିବା ଜଣାପଡିଛି । ତେବେ କୌଣସି କ୍ଷୟକ୍ଷତି ହୋଇନଥିବା ସୂଚନା ମିଳିଛି । ସୋମବାର ଶ୍ରାବଣ ମାସର ଶେଷ ସୋମବାର ହୋଇଥିବାରୁ ଡୋକରିଚଞ୍ଚରାରେ ଥିବା ଶୈବପୀଠକୁ ଶହ ଶହ କାଉଡ଼ିଆ ବୋଲବମ ଯାତ୍ରା କରିଥାନ୍ତି, ପୋଲ ଭୁଶୁଡିବାରୁ ବ୍ଲକ ପ୍ରଶାସନ ପକ୍ଷରୁ କାଉଡ଼ିଆଙ୍କୁ ଶୈବପୀଠ ନ ଆସିବାକୁ ବାରଣ କରାଯାଇଛି । ଗତକିଛି ମାସ ତଳେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ନିମ୍ନମାନ କାର୍ଯ୍ୟ ଯୋଗୁଁ ପୋଲଟି ବନ୍ୟାଜଳରେ ଧୋଇ ହୋଇ ଯାଇଥିବା ସ୍ଥାନୀୟ ଖଲିଗଡ଼ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି।ଘଟଣା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ହରିପ୍ରିୟା ନାଗ କୋକସରା ବ୍ଲକ ପ୍ରଶାସନକୁ ସୂଚନା ଦେବାପରେ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, ତହସିଲଦାର ଚୋଡ଼ଗଙ୍ଗ ପ୍ରଧାନ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ନବଘନ ବେହେରା, ବିଜେପି ନେତା ମଧୁବନ ପାତ୍ର, ତ୍ରିଲୋକ୍ୟ ବେଶ୍ରା ପହଞ୍ଚି ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହାସହ ରାସ୍ତା ମରାମତି ନହେବା ପର୍ଯ୍ୟନ୍ତ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ପର୍ଯ୍ୟଟନ ସ୍ଥଳୀକୁ କୌଣସି ପର୍ଯ୍ୟଟକ କିମ୍ବା ଆସନ୍ତା କାଲି କାଉଡ଼ିଆ ଭକ୍ତଙ୍କୁ ନ ଯିବାପାଇଁ ପରାମର୍ଶ ଦିଆଯାଇଛି ।

# ଯୁବାପଦରରେ ଜ୍ୱର ଆତଙ୍କ : ୨୪ ଘଣ୍ଟାରେ ୨ ଶିଶୁ ମୃତ

ରାୟଗଡ଼ା,(ସବ୍ୟୁ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକରେ ଜ୍ୱରର ପ୍ରକୋପ ଚିନ୍ତା ବଢ଼ାଇଛି । ଗୋରଖପୁର ପରେ ଏବେ କୁଚେଇପଦର ପଞ୍ଚାୟତ ଅନ୍ତର୍ଗତ ଯୁବାପଦର ଗ୍ରାମରେ ଜ୍ୱର ଆତଙ୍କ ଦେଖାଦେଇଛି । ଗ୍ରାମରେ ୨୦ରୁ ଊର୍ଦ୍ଧ୍ୱ ଲୋକ ଜ୍ୱରରେ ପୀଡ଼ିତ ଥିବାବେଳେ ଗତ ୨୪ ଘଣ୍ଟାରେ ୨ ଶିଶୁଙ୍କ ମୃତ୍ୟୁ ଘଟିଛି । ଉଭୟ ଶିଶୁଙ୍କ ମୃତ୍ୟୁର ପ୍ରକୃତ କାରଣ ଏଯାଏ ସ୍ପଷ୍ଟ ହୋଇନାହିଁ । ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆଶଙ୍କା ବଢ଼ିଛି । ସୂଚନା ଅନୁଯାୟୀ, ଯୁବାପଦର ଗ୍ରାମର ଦୁର୍ଯ୍ୟ ପୂଜାରୀଙ୍କ ୫ ବର୍ଷର ପୁଅ ପିଙ୍କୁ ପୂଜାରୀ ଏବଂ ଖଗେଶ୍ୱର ମାଝୀଙ୍କ ୭ ବର୍ଷର ପୁଅ ଶିବ ମାଝୀ କିଛିଦିନ ହେଲା ଜ୍ୱରରେ ପୀଡ଼ିତ ଥିଲେ । ପରିବାର ଲୋକେ ଉଭୟଙ୍କୁ ଚିକିତ୍ସା ପାଇଁ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡୁମ୍ବାଗୁଡ଼ା ଗ୍ରାମର ଜଣେ କ୍ୱାକଙ୍କ ନିକଟକୁ ନେଇଥିଲେ । ସେଠାରେ ଇଞ୍ଜେକ୍ସନ ସହ ଚିକିତ୍ସା କରାଯିବା ପରେ ଉଭୟ ଶିଶୁଙ୍କୁ ଘରକୁ ଅଣାଯାଇଥିଲା । ତେବେ ଘରକୁ ଫେରିବାର କିଛି ଘଣ୍ଟା ପରେ ଉଭୟଙ୍କ ମୃତ୍ୟୁ ଘଟିଥିବା ପରିବାର ଓ ଗ୍ରାମବାସୀ କହିଛନ୍ତି । ଶନିବାର ଅପରାହ୍ନରେ ଶିବ ମାଝୀଙ୍କ ମୃତ୍ୟୁ ଘଟିଥିଲା। ଏହାର କିଛି ଘଣ୍ଟା ପରେ ରାତିରେ ପିଙ୍କୁ ପୂଜାରୀଙ୍କ ମୃତ୍ୟୁ ହୋଇଥିଲା । ତେବେ ଜ୍ୱରଜନିତ କୌଣସି ନିର୍ଦ୍ଦିଷ୍ଟ ରୋଗ କିମ୍ବା ଅନ୍ୟ କାରଣରୁ ଶିଶୁଦ୍ୱୟଙ୍କ ମୃତ୍ୟୁ ହୋଇଛି, ତାହା ଏଯାଏ ନିର୍ଣ୍ଣୟ ହୋଇନାହିଁ ।

ଖବର ପାଇ କାଶୀପୁର ସିଏଚସି ପକ୍ଷରୁ ଏକ ମୋବାଇଲ ହେଲ୍ଥ ଟିମ ଯୁବାପଦରରେ ପହଞ୍ଚିଛି । ଟିମ ପକ୍ଷରୁ ଗ୍ରାମର ଜ୍ୱର ପୀଡ଼ିତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଚିକିତ୍ସା ଆରମ୍ଭ ହୋଇଛି । ମୃତ ଶିଶୁଙ୍କ ପରିବାର ଓ ଗ୍ରାମବାସୀଙ୍କୁ ପଚରାଉଚରା ବେଳେ ଉଭୟଙ୍କୁ ଡୁମ୍ବାଗୁଡ଼ାର ଜଣେ କ୍ୱାକଙ୍କ ନିକଟରେ ଚିକିତ୍ସା କରାଯାଇଥିବା ଏବଂ ଘରକୁ ଫେରିବା ପରେ ମୃତ୍ୟୁ ଘଟିଥିବା ସୂଚନା ମିଳିଥିବା ସ୍ୱାସ୍ଥ୍ୟ ଟିମ ସୂତ୍ରରୁ ଜଣାପଡ଼ିଛି । ଶତାଧିକ ପରିବାର ବସବାସ କରୁଥିବା ଯୁବାପଦର ଗ୍ରାମରେ ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ଧରି ଜ୍ୱର ଲାଗିରହିଛି । ପୀଡ଼ିତଙ୍କ ମଧ୍ୟରୁ କେତେଜଣ ଡଙ୍ଗାସିଲ ପିଏଚସିରେ ଚିକିତ୍ସିତ ହୋଇଥିଲେ । ଅନ୍ୟ ପକ୍ଷରେ କୁଚେଇପଦର ଓ ଡଙ୍ଗାସିଲ ପଞ୍ଚାୟତ ସଦର ମହକୁମାରେ ଗୋଟିଏ ଲେଖାଏଁ ପିଏଚ୍ସି ରହିଛି । ତେବେ ଉଭୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ଲୋକେ ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି । ଫଳରେ ଗ୍ରାମବାସୀ ବାଧ ହୋଇ ବେଆଇନ ଭାବେ ଚାଲୁଥିବା ଘରୋଇ କ୍ଲିନିକ ଓ କ୍ୱାକଙ୍କ ଉପରେ ନିର୍ଭର କରୁଥିବା କହିଛନ୍ତି । କାଶୀପୁର ସିଏଚସି ଇନଚାର୍ଜ ଡାକ୍ତର ନେତ୍ରାନନ୍ଦ ନାୟକ କହିଛନ୍ତି ଦୁଇ ଶିଶୁଙ୍କ ମୃତ୍ୟୁର ପ୍ରକୃତ କାରଣ ଏଯାଏ ଜଣାପଡ଼ିନାହିଁ । ଘଟଣା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି । ଗ୍ରାମର ଅନ୍ୟ ଜ୍ୱର ପୀଡ଼ିତଙ୍କ ଚିକିତ୍ସା ପାଇଁ ହେଲ୍ଥ ଟିମ ପଠାଯାଇ ଚିକିତ୍ସା କରାଯାଇଛି । ଗାଁରେ ଆଶା ଦିଦି ଅଛନ୍ତି ଏନେକ ଲୋକଙ୍କ ରକ୍ତ ନମୂନା ପରୀକ୍ଷା କରାଯାଇଛି କାହାରିକୁ ମେଲେରିଆ ଚିହ୍ନଟ ହୋଇନାହିଁ । କେବଳ ଭାଇରାଲ ଜ୍ୱର ହୋଇଛି । ସମସ୍ତ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଛି। ଯୁବାପଦରରେ ଜ୍ୱରର ଅଳ୍ପ ସମୟ ମଧ୍ୟରେ ଦୁଇ ଶିଶୁଙ୍କ ମୃତ୍ୟୁକୁ ନେଇ ଗ୍ରାମବାସୀ ଚିନ୍ତିତ ଅଛନ୍ତି । ଜ୍ୱରର ପ୍ରକୃତ କାରଣ ଚିହ୍ନଟ ପାଇଁ ତୁରନ୍ତ ତଦନ୍ତ, ଆବଶ୍ୟକ ପରୀକ୍ଷା, ପୀଡ଼ିତଙ୍କୁ ଉପଯୁକ୍ତ ଚିକିତ୍ସା ଏବଂ ଗ୍ରାମରେ ଆବଶ୍ୟକ ସ୍ୱାସ୍ଥ୍ୟ ଓ ପ୍ରତିଷେଧକ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି ।

# କାଠ ଚାଲାଣ : ତିନି ଘରେ ଚଢ଼ାଉ, ୧୮୯ ଖଣ୍ଡ କାଠ ଜବତ



ରାୟଗଡ଼ା,(ସବ୍ୟୁ): ରାୟଗଡ଼ା ବନାଞ୍ଚଳ ଅଧୀନ କୁମୁଟିପେଣ୍ଟ ସେକ୍ସନର ଡୋକୁଲୁଗୁଡ଼ା ଗ୍ରାମରେ ବେଆଇନ ଭାବେ କାଠ ଗଚ୍ଛିତ ରଖାଯାଇଥିବା ନେଇ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି । ରାୟଗଡ଼ା ବନାଞ୍ଚଳ ଅଧିକାରୀ ଅନିଲ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶ ଓ ନେତୃତ୍ୱରେ ବନ କର୍ମଚାରୀମାନେ ଏହି ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଡୋକୁଲୁଗୁଡ଼ା ଗ୍ରାମର କେ. ଶ୍ରୀନିବାସ, ଗୌରୀ ଶଙ୍କର ଚିକାଟୀ ଓ ବିବେକ ରାଓ କାଲାଗାରାଙ୍କ ଘରୁ ବିପୁଳ ପରିମାଣର କାଠ ଜବତ କରାଯାଇଥିଲା । କେ. ଶ୍ରୀନିବାସଙ୍କ ଘରୁ ୬୭ ଖଣ୍ଡ ଶାଳ କାଠ, ଗୌରୀ ଶଙ୍କର ଚିକାଟୀଙ୍କ ଘରୁ ୬୬ ଖଣ୍ଡ ଶାଳ କାଠ ଓ ପଟା ଏବଂ ବିବେକ ରାଓ କାଲାଗାରାଙ୍କ ଘରୁ ୫୬ ଖଣ୍ଡ ଶାଳ, ପିଆଶାଳ ଓ ଶାଗୁଆନ କାଠ ଜବତ ହୋଇଛି । ଜବତ କାଠ ସମ୍ପର୍କରେ ସମ୍ପୃକ୍ତ ବ୍ୟକ୍ତିମାନେ କୌଣସି ବିଭାଗୀୟ କାଗଜପତ୍ର କିମ୍ବା ବୈଧ ପ୍ରମାଣପତ୍ର ଦେଖାଇପାରିନଥିଲେ। ବନ ବିଭାଗର ସୂଚନା ଅନୁଯାୟୀ, ସେମାନେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ଗଛ କାଟି କାଠ ଆଣିଥିବା ସ୍ୱୀକାର କରିଥିଲେ । ଏହି ଘଟଣାରେ କୁମୁଟିପେଣ୍ଟ ବନପାଳ ଅନନ୍ତ ହେମଚରଣ ବେହେରା ସମ୍ପୃକ୍ତ ତିନି ଜଣଙ୍କୁ ଗିରଫ କରିବା ସହ ଜବତ କାଠକୁ ବନ ବିଭାଗ ହେପାଜତକୁ ନେଇଛନ୍ତି। ଜବତ କାଠର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ଚଢ଼ାଉରେ ରାୟଗଡ଼ା ସେକ୍ସନର ବନପାଳ ଗୌରୀ ଶଙ୍କର ସାହୁ, ବନପାଳ ପଦ୍ମାବତୀ ପାଢ଼ୀଙ୍କ ସମେତ ରାୟଗଡ଼ା ବନାଞ୍ଚଳର ଅନ୍ୟ ବନ କର୍ମଚାରୀମାନେ ସାମିଲ ହୋଇଥିଲେ ।

# ତହଁକ କୁଟୁମର ବଖାନୀ ଆସର



ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ଚନ୍ଦନଭାଟୀ ଠାରେ କୋଶଳି ଭାଷା ର ସୁରକ୍ଷା ପାଇଁ ତହଁକ କୁଟୁମ ର ନିଆରା କାର୍ଯ୍ୟକ୍ରମ ହଜଲା ରସ ନୁରାମା ଆସ ଲୁକି ଯାଉଥିବା ବଖାନି ଓ ଲୋକ କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଲୋକ ସଂସ୍କୃତି ଉପରେ ଡ଼. ଲକ୍ଷ୍ମଣ ମେହେରଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ କବି ଦିଲିପ କୁମାର ପୁରୋହିତ, ତହଁକ ସମ୍ପାଦକ ରାଜେଶ ଦଣ୍ଡସେନା, ମୁଖ୍ୟ ସମ୍ପାଦକ ଅର୍ଜୁନ କୁମାର ସାହୁ ନିଜ ନିଜ ବକ୍ତବ୍ୟ ରଖିଥିଲେ । ନୁଆଁଖାଇ ଉପଲକ୍ଷେ ତହଁକ କୁଟୁମ ତରଫରୁ ଗାଁ ଗାଁକୁ ଯାଇ ଲୋକ କଳା, ଲୋକ ସଂସ୍କୃତି, ଲୋକ ଗିତ ପ୍ରତିଯୋଗିତା ତଥା ସୁରକ୍ଷା ପାଇଁ କାର୍ଯ୍ୟକ୍ରମ କରିବ ବୋଲି ସମ୍ପାଦକ ରାଜେଶ ଦଣ୍ଡସେନା କହିଥିଲେ । ପରେ ପରେ ବଖାନି ରଜା ସମ୍ମାନରେ କବି କିଶୋର ପଟେଲ ଏବଂ ଅକ୍ରୁର ବାଗକୁ ସମ୍ମାନିତ କରା ଯାଇଥିଲା ଓ ଭାଷା ପ୍ରତି ସମର୍ପିତ କବି ନିତ୍ୟାନନ୍ଦ ଜୁଏଡ଼ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦିଲିପ କୁମାର ଥନାପତି ପ୍ରାରମ୍ଭିକ ସଂଗୀତ ଗାନ କରିଥିବା ବେଳେ ଦେବେନ୍ଦ୍ର ମିସ୍ତ୍ରୀ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ । ବଖାନି ଆସରରେ ବହୁ ସଂଖ୍ୟାରେ ଲୋକ ଯୋଗଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ପୁରୁଣା ସ୍ମୃତିକୁ ବଖାଣି ଉତ୍ସୁକତାର ସହ ଭାଗ ନେଇଥିଲେ ।

କାର୍ଯ୍ୟକ୍ରମରେ ଗୋପୀନାଥ ଦଣ୍ଡସେନା, ଘନ ମେହେର, ନିକିତା ସା,ସାର୍ଲିନିସା, ପ୍ରସନ୍ନ ଗଡତିଆ, ଭବାନୀ ମିଶ୍ର, ବିବେକା ପ୍ରଧାନ, ଗରିବ ମଲ୍ଲିକ, ସଂକୀର୍ତ୍ତନ ମହାଲିଙ୍ଗ, ମନୋରଞ୍ଜନ ସା ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମିଳନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜ୍ୟୋତିରାଣୀ ମିଶ୍ର କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଓ ଶେଷରେ ନିତ୍ୟାନନ୍ଦ ଜୁଏଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୁଷ୍ଟିମେୟଙ୍କ ଅଧୀନରେ ପୋଖରୀ ହୁଡ଼ାରେ ଘର

# ଡ୍ରେନ ଉପରେ ଦୋକାନ



ରାଇଘର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଦିନକୁ ଦିନ ଜବରଦଖଲକାରୀଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି । ଯେଉଁ ଜମି ଜନସାଧାରଣଙ୍କ ସ୍ୱାର୍ଥ ପାଇଁ, ଯେଉଁ ପୋଖରୀ ଆଗାମୀ ପିଢ଼ିର ଜଳସମ୍ପଦ ପାଇଁ , ଯେଉଁ ମଶାଣୀ ଶେଷ ବିଦାୟର ପବିତ୍ର ସ୍ଥାନ ସେହି ସରକାରୀ ଓ ସାଧାରଣ ଜମି ଉପରେ ଜବରଦଖଲ ହୋଇଛି । ପ୍ରଶାସନ ନୀରବ ରହେ ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ । ରାଇଘର ବ୍ଲକରେ କେଉଁଠି ପୋଖରୀ ହୁଡ଼ାରେ ଘର ନିର୍ମାଣ ହେଉଥିବା ଅଭିଯୋଗ ତ କେଉଁଠି ମଶାଣୀ ଜମିକୁ ଦଖଲ କରାଯାଉଥିବା ନେଇ ଅଭିଯୋଗ । ଏପରିକି ଡେଲି ମାର୍କେଟ ଅଞ୍ଚଳରେ ମଧ୍ୟ ଘର ଓ ଦୋକାନ ନିର୍ମାଣକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଅନ୍ୟ ଏକ ଅଭିଯୋଗ ସବୁଠାରୁ ଅଧିକ ଚର୍ଚ୍ଚାରେ । ରାସ୍ତା ପ୍ରଶସ୍ତିକରଣ କାମ ଚାଲିଥିବା ବେଳେ ନିର୍ମାଣାଧୀନ ଡ୍ରେନ ଉପରେ ଦୋକାନ ଗୃହ ନିର୍ମାଣ ଚାଲିଥିବା ଦେଖିବାକୁ ମିଳିଛି । ଯଦି ଏଭଳି ନିର୍ମାଣକୁ ଏବେ ରୋକା ନଯାଏ, ତେବେ ଆଗାମୀ ଦିନରେ ଡ୍ରେନ ସମସ୍ୟା, ଜଳ ନିଷ୍କାସନ ଓ ରାସ୍ତା ବ୍ୟବସ୍ଥା ପୁଣି ଲୋକଙ୍କ ପାଇଁ ଅସୁବିଧାରେ ପରିଣତ ହେବାର ଆଶଙ୍କା ରହିଛି ।

ଜବରଦଖଲ ପଛରେ କେଉଁ ପ୍ରଭାବଶାଳୀ ଲୋକ ମାନଙ୍କ ସମ୍ପୃକ୍ତି ରହିଛି । କାହାର ଛତ୍ରଛାୟାରେ ଏଭଳି ନିର୍ମାଣ ଚାଲିଛି। ଏହା ତଦନ୍ତ ସାପେକ୍ଷ ବୋଲି ସାଧାରଣ ରେ ମତ ପ୍ରକାଶ ପାଉଛି । ରାଇଘରବାସୀଙ୍କ ଦାବି କେବଳ ନୋଟିସ ନୁହେଁ, ଯାଞ୍ଚ ହେଉ ଓ ଦୋଷୀ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।

# ଅବୈଧ କଫ ସିରପ୍ ଜବତ, ଦୁଇ ଗିରଫ

## ଆକ୍ଟିଭା, ମୋବାଇଲ ଓ ଟଙ୍କା ନଗଦ ଜବତ

ଅମ୍ବାଭୋନା,(ସବ୍ୟୁ) : ଅବୈଧ କଫ ସିରପ କାରବାର ବିରୋଧରେ ଅମ୍ବାଭୋନା ପୁଲିସର ଅଭିଯାନକୁ ସଫଳତା ମିଳିଛି । ଅମ୍ବାଭୋନା ଥାନା ପୁଲିସ ଚଢ଼ଉ କରି ୧୫୦ ବୋତଲ ଏସକଫ କଫ ସିରପ ଜବତ କରିବା ସହ ଏହି ମାମଲାରେ ଚିଚୋଲି ଗ୍ରାମର ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଘନଶ୍ୟାମ ନାଏକ (୩୯) ଓ ପୁଗଳ କୁସମ (୫୮) । ପୁଲିସ ସୂଚନା ଅନୁଯାୟୀ, ବରଗଡ଼ ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ଅମ୍ବାଭୋନା ଥାନା ପକ୍ଷରୁ ଅବୈଧ କଫ ସିରପ ଚାଲାଣ ଓ ବିକ୍ରି ରୋକିବା ପାଇଁ ନିୟମିତ ଚଢ଼ଉ ଜାରି ରହିଛି। ଏହି କ୍ରମରେ ୨୨ ତାରିଖ ସନ୍ଧ୍ୟାରେ ପ୍ରକାଶପୁର ବସଷ୍ଟାଣ୍ଡ ଅଞ୍ଚଳରେ ଦୁଇ ଜଣ ବ୍ୟକ୍ତି ଏକ ହୋଣ୍ଡା ଆକ୍ଟିଭା ସ୍କୁଟରରେ ଏସକଫ କଫ ସିରପ ନେଇ ଘୁରିଘୁରି ବିକ୍ରି କରୁଥିବା ନେଇ ପୁଲିସକୁ ବିଶ୍ୱସନୀୟ ସୂଚନା ମିଳିଥିଲା।ସୂଚନା ପାଇବା ପରେ ଅମ୍ବାଭୋନା ଥାନା ଆଇଆଇସି ସୌରଭ ଭୋଇଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ ତୁରନ୍ତ ଚଢ଼ଉ କରି ଘନଶ୍ୟାମ ନାଏକ ଓ ପୁଗଳ କୁସମଙ୍କୁ କାବୁ କରିଥିଲା । ଆଇନ ଅନୁଯାୟୀ ତଲାସୀ ଓ ଜବତ ପ୍ରକ୍ରିୟା ସମ୍ପନ୍ନ କରାଯାଇ ସେମାନଙ୍କ ନିକଟରୁ ସିଲ ଅବସ୍ଥାରେ ୧୫୦ ବୋତଲ ଏସକଫ କଫ ସିରପ ସହ ଖୋଲା ଅବସ୍ଥାରେ ଆଉ ୧୨ଟି ବୋତଲ ଜବତ କରାଯାଇଥିଲା। ଏଥିସହ କଫ ସିରପ କାରବାରରେ ବ୍ୟବହୃତ ହୋଣ୍ଡା ଆକ୍ଟିଭା ସ୍କୁଟର (ନଂ. ଓଡି–୧୩–ଇଉ–୨୯୨୭), ଏକ ରିଅଲମି ନାର୍ଜୋ ୮୦ଏକ୍ସ ଆଣ୍ଡ୍ରଏଡ ମୋବାଇଲ ଫୋନ ଏବଂ ବିଭିନ୍ନ ମୂଲ୍ୟର ନୋଟ୍ରେ ୩,୫୦୦ ଟଙ୍କା ନଗଦ ମଧ୍ୟ ପୁଲିସ ଜବତ କରିଛି । ଏନେଇ ଅମ୍ବାଭୋନା ଥାନାରେ ମାମଲା ନଂ. ୧୫୪, ତା. ୨୨/୮/୨୦୨୬ରେ ବିଏନଏସ୍ର ଧାରା ୨୭୬/୨୭୭/୧୧୧(୨)(ବି) ଅନୁଯାୟୀ ମାମଲା ରୁଜୁ ହୋଇଛି । ଉଭୟ ଅଭିଯୁକ୍ତଙ୍କୁ ୨୨ ତାରିଖ ରାତି ୧୦ଟା ୩୦ରେ ଗିରଫ କରାଯାଇଥିବା ବେଳେ ୨୩ ତାରିଖରେ ମାନ୍ୟବର ଅଦାଲତକୁ ଚାଲାଣ କରାଯାଇଛି । ଅବୈଧ କଫ ସିରପ କାରବାରର ମୂଳ ଉତ୍ସ ଓ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନେଇ ପୁଲିସ ତଦନ୍ତ ଜାରି ରଖିଛି ।

# ସୁନା ବ୍ୟବସାୟୀଙ୍କ ଘରେ ସଶସ୍ତ୍ର ଡକାୟତି : କୋଟିଏ ଟଙ୍କାର ସୁନା ରୁପା ଓ ଟଙ୍କା ଲୁଟ୍

ବଙ୍ଗୋମୁଣ୍ଡା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ସିନ୍ଧେକେଲା ଅଞ୍ଚଳ ରେ ବଡ ଧରଣର ଡକାୟତି ହୋଇଛି । ଥାନାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ମୁଖ୍ୟ ଛକ ସୁନା ବ୍ୟବସାୟୀ ଫୁଲଚନ୍ଦ ଜୈନଙ୍କ ଘରେ ଶନିବାର ବିଳମ୍ବିତ ରାତ୍ରିରେ ଡ଼କାୟତି ହୋଇଛି । ସିନ୍ଧେକେଲା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଦେଇଛି । ରାତି ୩ ସମୟ ରେ ଏକ ନୂଆ ବୋଲେରୋ ଗାଡ଼ି ରେ ୬ ଜଣ ଡକାୟତ ହାତରେ ମାରଣାସ୍ତ୍ର ଧରି ଫୁଲଚନ୍ଦଙ୍କ ଘରେ ପଶିଥିଲେ । ୪ ଜଣ ଘରେ ପଶିଥିବା ବେଳେ ୨ ଜଣ ଡକାୟତ ବାହାରେ ଥିଲେ । ତେବେ ଘରେ ଫୁଲଚନ୍ଦ ଏବଂ ତାଙ୍କ ବୃଦ୍ଧା ସ୍ତ୍ରୀ ଓ ନାତୁଣୀ ଥିଲେ । ପୁଅ ବୋହୂ ମେଡିକାଲ କାମରେ ରାୟପୁର ଯାଇଥିଲେ । ତେବେ ଡକାୟତ ମାନେ ଫୁଲଚନ୍ଦ ଏବଂ ତାଙ୍କ ସ୍ତ୍ରୀ କୁ ମାଡ଼ କରିବା ସହ ଅସ୍ତ୍ରଶସ୍ତ୍ର ଦେଖାଇ ଲୁଟ କରିଛନ୍ତି । ଡକାୟତ ମାନେ ଘରେ ଲାଗିଥିବା ସିସିଟିଭି ହାର୍ଡଡିସ୍କ ନେଇ ଯାଇଛନ୍ତି । ଡକାୟତର ଶିକାର ହୋଇଥିବା ପରିବାର ଲୋକ ଥାନାରେ ଏତଲା ଦେଇଛନ୍ତି । ଥାନାରେ ଏତଲା ଦେଇଥିବା ଅନୁସାରେ କୋଟିଏ ଟଙ୍କାର ସୁନା ଗହଣା ଏବଂ ନଗଦ ଟଙ୍କା ଲୁଟ ହୋଇଛି । ଘଟଣାସ୍ଥଳରେ ସିନ୍ଧେକେଲା ପୋଲିସ, କଣ୍ଟାବାଞ୍ଜି ଏସଡିପିଓ, ଟିଟିଲାଗଡ଼ ଏସଡ଼ିପିଓ, ବଲାଙ୍ଗିରରୁ ସାଇଣ୍ଟିଫିକ ଟିମ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରୁଛି । ତେବେ ଦିନ କୁ ଦିନ ଏହି ଅଞ୍ଚଳ ରେ ଚୋରି ଡକାୟତି ବଢ଼ି ଚାଲିଥିବା ବେଳେ ଲୋକ ମାନେ ସୁରକ୍ଷିତ ମଣୁ ନାହାନ୍ତି । ସହର ର ମୁଖ୍ୟ ଜନ ଗହଳି ସ୍ଥାନ କିମ୍ବା ଥାନା ସମ୍ମୁଖରେ ଚୋରି ଲୁଟ ହେଉଛି ତେବେ ଗ୍ରାମାଞ୍ଚଳ ର କଥା କିଏ ପଚାରେ ବୋଲି ସାଧାରଣରେ ପ୍ରଶ୍ନ ହେଉଛି । ତୁରନ୍ତ ଏହି ଘଟଣା ରେ ସମ୍ପୂର୍ଣ୍ଣ ଭାବେ ତଦନ୍ତ କରି ଅଭିଯୁକ୍ତ ମାନକୁ ଗିରଫ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ଲଗାଣ ବର୍ଷାରେ ବ୍ୟାପକ କ୍ଷୟକ୍ଷତି

# ଘର ଭାଙ୍ଗିଲା, ଚାଷ ଜମି ଜଳମଗ୍ନ

ରାୟଗଡ଼ା,(ସବ୍ୟୁ): ରାୟଗଡ଼ା ଜିଲାରେ ଗତ ୩୬ ଘଣ୍ଟା ଧରି ଲାଗି ରହିଥିବା ଲଗାଣ ବର୍ଷା ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି । କାଶିପୁର, ରାମନାଗୁଡ଼ା, ଗୁଣପୁର, ପଦ୍ମପୁର ଓ ଗୁଡ଼ାରୀ ବ୍ଲକର ବିଭିନ୍ନ ଅଞ୍ଚଳରେ ଘର ଭାଙ୍ଗିବା ସହ ବହୁ ଚାଷଜମି ଜଳମଗ୍ନ ହୋଇଛି । ଅନେକ ସ୍ଥାନରେ ରାସ୍ତାଘାଟ ମଧ୍ୟ ପ୍ରଭାବିତ ହୋଇଛି । ସୂଚନାନୁସାରେ, ରବିବାର ସକାଳ ୮ଟା ୩୦ ସୁଦ୍ଧା ଗତ ୨୪ ଘଣ୍ଟାରେ ଜିଲାରେ ମୋଟ ୧୦୬୩.୬ ମିମି ବର୍ଷା ରେକର୍ଡ ହୋଇଛି। ଗୁଣପୁର ବ୍ଲକରେ ସର୍ବାଧିକ ୨୬୦ ମିମି ବର୍ଷା ହୋଇଥିବା ବେଳେ କାଶିପୁରରେ ୨୧୨ ମିମି ଓ ରାମନାଗୁଡ଼ାରେ ୮୮.୪ ମିମି ବର୍ଷା ରେକର୍ଡ ହୋଇଛି । ଲଗାଣ ବର୍ଷା ଯୋଗୁ ନାଗାବଳୀ ନଦୀର ଜଳସ୍ତର ମଧ୍ୟ ବୃଦ୍ଧି ପାଇଛି । ନଦୀର ବିପଦ ସଙ୍କେତ ୮୪ ଘନମିଟର ଓ ସତର୍କସଙ୍କେତ ୮୩ ଘନମିଟର ରହିଥିବା ବେଳେ ରବିବାର ଦିନ ୧୨ଟା ସୁଦ୍ଧା ନାଗାବଳୀରେ ୮୧.୨୪ ଘନମିଟର ଜଳ ପ୍ରବାହିତ ହେଉଥିବା ଜଳସେଚନ ବିଭାଗ ପକ୍ଷରୁ କୁହାଯାଇଛି । ତେବେ ଜଳସ୍ତର ଏପର୍ଯ୍ୟନ୍ତ ବିପଦ ସଙ୍କେତ ତଳେ ରହିଛି । କାଶିପୁର ବ୍ଲକର ୧୩ଟି ଗ୍ରାମର ୨୨ଟି ଘର ବର୍ଷା ଯୋଗୁ ଭାଙ୍ଗିଥିବା ରାଜସ୍ୱ ବିଭାଗରୁ ଜଣାପଡ଼ିଛି । ସେହିପରି ରାମନାଗୁଡ଼ା ବ୍ଲକର ୩ଟି ଗ୍ରାମପଞ୍ଚାୟତ ଅଧୀନ ୬ଟି ଗ୍ରାମ ପ୍ରଭାବିତ ହୋଇଛି । ଏଥିରେ ୧୩ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ଜଣେ ଏକାକୀ ରହୁଥିବା ବୟସ୍କ ମହିଳାଙ୍କ ଘର ଭାଙ୍ଗିଯିବାରୁ ତାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏଥିସହ ଆଉ ୬ଟି ଘର ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି । ଗୋଗୁପାଡୁ ଗ୍ରାମର ବୟସ୍କ ମହିଳା ସୁକି ପାଡିଲାଙ୍କ ଘର ବର୍ଷାରେ ଭାଙ୍ଗିଯିବା ପରେ ରାମନାଗୁଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ରରେ ଥଇଥାନ କରାଯାଇଛି । ଅନ୍ୟପକ୍ଷରେ, ଲଗାଣ ବର୍ଷା ଯୋଗୁ ଭାମିନୀ ଓ ସେରେମା ଅଞ୍ଚଳର ବହୁ ଧାନଜମି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଛି। ଜିଲାର ଅନେକ ସ୍ଥାନରେ ଚାଷଜମିରେ



ବର୍ଷାପାଣି ପଶିଛି । ତେବେ ଫସଲ କ୍ଷୟକ୍ଷତିର ସମ୍ପୂର୍ଣ୍ଣ ଆକଳନ ଏପର୍ଯ୍ୟନ୍ତ ହୋଇନାହିଁ । କିନ୍ତୁ ଗୁଣପୁର ବ୍ଲକର ପ୍ରାୟ ୧୫୦ ହେକ୍ଟର ଜଳମଗ୍ନ ହୋଇଥିବା ବେଳେ ରାମନାଗୁଡା ବ୍ଲକ ନଈ ଉପକୂଳବର୍ତ୍ତୀ ଗାରେ ୨ଶହ ହେକ୍ଟର ଜଳମଗ୍ନ ହୋଇଥିବା ନେଇ ଅଞ୍ଚଳର ଚାଷୀମାନେ ସୂଚନା ଦେଇଛନ୍ତି । ଗୁଣପୁର ବ୍ଲକ ଭୀମପୁର ପଞ୍ଚାୟତ ଅନ୍ତର୍ଗତ ମାଲାପଦର ଗ୍ରାମରେ ମଧ୍ୟ ବର୍ଷାର ପ୍ରକୋପ ଦେଖିବାକୁ ମିଳିଛି । ଶନିବାର ୪ ଘଣ୍ଟାରୁ ଅଧିକ ସମୟ ଧରି ବର୍ଷା ହେବାରୁ ମାଟି ଘରର କାନ୍ଥ ଭୁଶୁଡ଼ି ପଡ଼ିବା ସହ ଘର ଭିତରକୁ ବର୍ଷାପାଣି ପଶିଥିଲା। ଫଳରେ ଘରେ ଥିବା ଚାଉଳ, ଲୁଗାପଟା, ଘରୋଇ ଉପକରଣ ସମେତ ବିଭିନ୍ନ ଦୈନନ୍ଦିନ ବ୍ୟବହାରର ସାମଗ୍ରୀ ନଷ୍ଟ ହୋଇଛି । ଗ୍ରାମର ଉର୍ଦ୍ଦମ ଶବର ଓ ଲର୍ଗିଙ୍ଗ ଶବରଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିବାରୁ ଦୁଇ ପରିବାର ଅସୁବିଧାରେ ପଡ଼ିଛନ୍ତି। ସେହିପରି ଚିନାସାରି ଗ୍ରାମପଞ୍ଚାୟତର ତଳମୁଣ୍ଡାରୁ କୁଟୁଣି ଯାଉଥିବା ରାସ୍ତାରେ ପାହାଡ଼ ଧସିବାରୁ ରାସ୍ତା ଅବରୋଧ ହୋଇଥିଲା । ଫଳରେ ଉକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ।

ଏ ସମ୍ପର୍କରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ କଳିଙ୍ଗ କେଶରୀ କହିଛନ୍ତି, ଜିଲାର ୧୧ ଜଣ ତହସିଲଦାରଙ୍କୁ ବର୍ଷାଜନିତ କ୍ଷୟକ୍ଷତିର ରିପୋର୍ଟ ଦେବାକୁ କୁହାଯାଇଛି । ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ରିପୋର୍ଟ ମିଳିବା ପରେ ହିଁ ସମ୍ପୂର୍ଣ୍ଣ କ୍ଷୟକ୍ଷତିର ଚିତ୍ର ସ୍ପଷ୍ଟ ହେବ। କାଶିପୁର, ଗୁଣପୁର, ଗୁଡ଼ାରୀ, ରାମନାଗୁଡ଼ା ଓ ପଦ୍ମପୁର ବ୍ଲକରେ ବର୍ଷା ଯୋଗୁ କ୍ଷୟକ୍ଷତି ହେବା ସହ କିଛି ଲୋକ ପ୍ରଭାବିତ ହୋଇଛନ୍ତି । ପ୍ରଶାସନ ବ୍ଲକ ଓ ତହସିଲସ୍ତରୀୟ ଅଧିକାରୀଙ୍କ ସହ ସମନ୍ୱୟ ରଖି ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେଉଛି । ଏପଟେ ଲଗାଣ ବର୍ଷା ଯୋଗୁ ବଂଶଧାରା ଓ ନାଗାବଳୀ ନଦୀର ଜଳସ୍ତର ବଢ଼ିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହା ବିପଦସଙ୍କେତ ତଳେ ରହିଛି । ତେଣୁ ନଦୀକୂଳିଆ ଅଞ୍ଚଳବାସୀଙ୍କୁ ଭୟଭୀତ ନ ହେବାକୁ ଜିଲା ଜରୁରୀକାଳୀନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

# କାଦୁଅ ରାସ୍ତାରେ ଧାନ ରୋଇ ପ୍ରତିବାଦ



ଜମନକିରା,(ସବ୍ୟୁ): ଦେଶ ସ୍ୱାଧୀନତାର ୮ଦଶନ୍ଧୀ ପରେ ବି ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାର ଚିତ୍ର ଦୟନୀୟ ହୋଇ ରହିଛି । ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଖର୍ସନମାଲ ପଞ୍ଚାୟତ ଅନ୍ତର୍ଗତ କାଣୀବନ୍ଧଲୀରୁ ବାଘଲ୍ ପର୍ଯ୍ୟନ୍ତ ପ୍ରାୟ ୩ କିଲୋମିଟର ରାସ୍ତାର ଅବସ୍ଥା ଏବେ ପ୍ରଶାସନିକ ଅବହେଳାର ଜ୍ୱଳନ୍ତ ଉଦାହରଣ । ସାମାନ୍ୟ ବର୍ଷାରେ ରାସ୍ତାଟି ଆଣ୍ଠୁଏ କାଦୁଅ ଓ ଖାଲଖମାରେ ପରିଣତ ହୋଇ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇପଡ଼ିଛି । ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ଶେଷରେ ତଳିପଡ଼ା ଓ ବାଘଲ୍ ଗାଁର ମହିଳାମାନେ କାଦୁଅ ଭର୍ତ୍ତି ରାସ୍ତାରେ ଧାନ ତଳି ରୋଇ ଅଭିନବ ଢଙ୍ଗରେ ତୀବ୍ର ପ୍ରତିବାଦ ଜଣାଇଛନ୍ତି ।

କୁଚିଣ୍ଡା ବିଧାୟକ ତଥା ରାଜ୍ୟର ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ନିର୍ବାଚନମଣ୍ଡଳୀ ଅଧୀନରେ ଏଭଳି ସମସ୍ୟା ଲାଗି ରହିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ନିର୍ବାଚନ ସମୟରେ ପକ୍କା ରାସ୍ତାର ପ୍ରତିଶ୍ରୁତି ମିଳୁଥିଲେ ହେଁ ନିର୍ବାଚନ ପରେ କୌଣସି ପଦକ୍ଷେପ ନିଆଯାଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବାଘଲ୍ ଗାଁର ଗୌନ୍ତିଆପଡ଼ା, ପୁଞ୍ଜିପତରପଡ଼ା, ମଝିପଡ଼ା ଓ ତଳିପଡ଼ାରେ ପ୍ରାୟ ୫୦ରୁ ୬୦ଟି ଆଦିବାସୀ ପରିବାର ବସବାସ କରୁଛନ୍ତି । ଗାଁରେ ଏକମାତ୍ର ଅଙ୍ଗନୱାଡ଼ି କେନ୍ଦ୍ର ଥିବା ବେଳେ ଉତ୍ତମ ରାସ୍ତାଘାଟ ଅଭାବରୁ ପିଲାମାନେ ବଡ଼ରମା, ଷଣ୍ଢପଥର ଓ ମୁଣ୍ଢେନପାଲି ଭଳି ଦୂର ସ୍ଥାନର ହଷ୍ଟେଲରେ ରହି ପାଠ ପଢ଼ିବାକୁ ବାଧ ହେଉଛନ୍ତି । ଏହାସହ ବାର୍ଦ୍ଧକ୍ୟ ଭତ୍ତା, ରାସନ ସାମଗ୍ରୀ କିମ୍ବା ଜରୁରୀକାଳୀନ ଚିକିତ୍ସା ସେବା ପାଇଁ ପଞ୍ଚାୟତକୁ ଯିବାକୁ ହେଲେ ଏହି କାଦୁଅ ରାସ୍ତା ହିଁ ଏକମାତ୍ର ଭରସା ପାଲଟିଛି, ଯେଉଁଠାରେ ବର୍ଷା ଦିନେ ଚାଲିବା ମଧ୍ୟ ଅସମ୍ଭବ। କେବଳ ବାଘଲ୍ ନୁହେଁ, ଖର୍ସନମାଲ ପଞ୍ଚାୟତର ସାହାଜବାହାଲୁ ଟାଙ୍ଗରପାଲି, କୁମୁକାପାଲିରୁ ଖଇରମାଲ, ଭୁବୁରାପାଲରୁ କାଣୀବନ୍ଧଲୀ, କାଣୀବନ୍ଧଲୀରୁ ଖଡ଼ିଆପଡ଼ା ଏବଂ ପଞ୍ଚାୟତ ଅଫିସରୁ ଖର୍ସନମାଲ ଗାଁକୁ ଯାଇଥିବା ରାସ୍ତା ମଧ୍ୟ ଦୀର୍ଘ ଦିନରୁ ମରାମତି ଅପେକ୍ଷାରେ ପଡ଼ିରହିଛି । ଏଥିସହ ତଳିପଡ଼ା ଗାଁରେ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସଙ୍କଟ ଏବଂ କ୍ଲବ ଘର ଅଭାବ ଭଳି ଅନେକ ମୌଳିକ ସମସ୍ୟା ରହିଛି। ଏହି ସମସ୍ୟାର ସମାଧାନ ପାଇଁ ବ୍ଲକ କଂଗ୍ରେସ ସଭାପତି ମନୋଜ ନାଏକ ପ୍ରଶାସନକୁ ଚେତାବନୀ ଦେଇଛନ୍ତି ଯେ ଆଗାମୀ ଦୁଇ ମାସ ମଧ୍ୟରେ କାଣୀବନ୍ଧଲୀ–ବାଘଲ୍ ରାସ୍ତାର ମରାମତି ବା ପକ୍କା ନିର୍ମାଣ କାର୍ଯ୍ୟ ନହେଲେ ବ୍ଲକ କଂଗ୍ରେସ ପକ୍ଷରୁ ରାଜରାସ୍ତାରେ ଆନ୍ଦୋଳନ କରାଯିବ । ଗ୍ରାମବାସୀ ମଧ୍ୟ ତୁରନ୍ତ ସବୁଦିନିଆ ପିଚୁ ରାସ୍ତା ନିର୍ମାଣ କରିବାକୁ ଦୃଢ଼ ଦାବି କରିଛନ୍ତି ।

# ବଗି ଛାଡ଼ି ଆଗକୁ ଚାଲିଗଲା ଇଞ୍ଜିନ




ବଲାଙ୍ଗିର,(ସବ୍ୟୁ): ବଗିକୁ ଛାଡ଼ି ଆଗକୁ ଚାଲିଗଲା ଟ୍ରେନ ଇଞ୍ଜିନ । ଟ୍ରେନ ଚାଲୁଥିବା ସମୟରେ ଇଞ୍ଜିନ ଓ ବଗି ମଧ୍ୟରେ ବିଚ୍ଛିନ୍ନତା ଘଟିବାରୁ ଯାତ୍ରୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ଦେଖାଦେଇଥିଲା । ବଲାଙ୍ଗିର ସୁଦପଡ଼ା ରେଲୱେ ଫାଟକ ନିକଟରେ ଏଭଳି ଅଘଟଣ ଘଟିଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ପୁରୁଣାକଟକ-ଭୁବନେଶ୍ୱର ଇଣ୍ଟରସିଟି ଟ୍ରେନ ଚଳାଚଳ କରୁଥିବା ବେଳେ ହଠାତ୍ ଇଞ୍ଜିନ ଓ ବଗି ମଧ୍ୟରେ ସଂଯୋଗ ବିଚ୍ଛିନ୍ନ ହୋଇଥିଲା । ଇଞ୍ଜିନଟି ବଗି ଗୁଡ଼ିକୁ ଛାଡ଼ି କିଛି ଦୂର ଆଗକୁ ଚାଲିଯାଇଥିବା ବେଳେ ବଗିଗୁଡ଼ିକ ପଛରେ ଅଲଗା ହୋଇ ରହିଯାଇଥିଲା । ଏହା ଦେଖି ଟ୍ରେନରେ ଥିବା ଯାତ୍ରୀମାନେ ହତବାକ ହୋଇପଡ଼ିଥିଲେ । ଘଟଣା ପରେ ଟ୍ରେନ ଚଳାଚଳ ବନ୍ଦ ରହିଥିଲା। ରେଲୱେ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହ ଇଞ୍ଜିନ ଓ ବଗିକୁ ପୁଣି ଯୋଡ଼ିବା ପାଇଁ ପଦକ୍ଷେପ ନେଇଥିଲେ । ପ୍ରାୟ ଅଧଘଣ୍ଟା ପରେ ଇଞ୍ଜିନକୁ ବଗି ସହ ସଂଯୋଗ କରାଯିବା ପରେ ଟ୍ରେନ ପୁଣି ଗନ୍ତବ୍ୟ ଅଭିମୁଖେ ଚଳାଚଳ ଆରମ୍ଭ କରିଥିଲା ।

ତେବେ ଟ୍ରେନ ଚାଲୁଥିବା ସମୟରେ ଇଞ୍ଜିନ ଓ ବଗି ମଧ୍ୟରେ ଏଭଳି ବିଚ୍ଛିନ୍ନତା କିପରି ଘଟିଲା, ତାହାକୁ ନେଇ ପ୍ରଶ୍ନ ଉଠିଛି । ଇଞ୍ଜିନ ଓ ବଗି ମଧ୍ୟରେ ଥିବା କପଲିଂରେ କୌଣସି ଯାନ୍ତ୍ରିକ ତ୍ରୁଟି ଥିଲା କିମ୍ବା ରକ୍ଷଣାବେକ୍ଷଣରେ ଅବହେଳା ହୋଇଥିଲା, ତାହା ତଦନ୍ତ ପରେ ସ୍ପଷ୍ଟ ହେବ । ଘଟଣାରେ କୌଣସି ବଡ଼ ଦୁର୍ଘଟଣା ଘଟିନଥିବାରୁ ଯାତ୍ରୀମାନେ ଆଶ୍ୱସ୍ତ ହୋଇଥିଲେ । ତେବେ ଚଳନ୍ତା ଟ୍ରେନ୍‌ରୁ ଇଞ୍ଜିନ ଓ ବଗି ଅଲଗା ହୋଇଯିବା ଘଟଣା ଯାତ୍ରୀ ସୁରକ୍ଷାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି । ଟ୍ରେନ ଚଳାଚଳ ପୂର୍ବରୁ ଇଞ୍ଜିନ ଓ ବଗିର ସଂଯୋଗ ଠିକ ଭାବେ ଯାଞ୍ଚ ହୋଇଥିଲା କି ନାହିଁ, ଏବେ ତାହା ଉପରେ ନଜର ରହିଛି।

## ସୁରକ୍ଷା ନେଇ ଉଠିଲା ପ୍ରଶ୍ନ

ବଗିକୁ ଛାଡ଼ି ଆଗକୁ ଚାଲିଗଲା ଇଞ୍ଜିନ। ଅଧଘଣ୍ଟା ପରେ ପୁଣି ଯୋଡ଼ାଗଲା ଟ୍ରେନ ବଜି । ବଡ଼ଧରଣର ଅଘଟଣ ଟଳିଯାଇଥିଲେ ମଧ୍ୟ ଏହି ଘଟଣା ରେଲୱେର ଯାନ୍ତ୍ରିକ ବ୍ୟବସ୍ଥା ଓ ରକ୍ଷଣାବେକ୍ଷଣ ଉପରେ ପ୍ରଶ୍ନଚିହ୍ନ ଲଗାଇଛି । ଘଟଣାର କାରଣ କ'ଣ ଏବଂ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବାକୁ ରେଲୱେ ପକ୍ଷରୁ କି ପଦକ୍ଷେପ ନିଆଯାଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ।

# ହାତୀନଦୀରେ ବନ୍ୟା : ହାତୀ ବ୍ୟାରେଜରୁ ୪୧୨ କ୍ୟୁସେକ ଜଳ ନିଷ୍କାସନ



କଲମପୁର,(ସବ୍ୟୁ): ଲଗାଣ ବର୍ଷା ତଥା ମଙ୍ଗଳପୁର ବ୍ୟାରେଜରୁ ଜଳ ଛଡାଯିବା ଯୋଗୁଁ ହାତୀନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି । ଅଞ୍ଚଳରେ ଅବିରତ ବର୍ଷା ହେଉଥିବାରୁ ମଙ୍ଗଳପୁର ସ୍ଥିତ ହାତୀ ବ୍ୟାରେଜରୁ ପ୍ରତି ସେକେଣ୍ଡରେ ପ୍ରାୟ ୪୧୨ କ୍ୟୁସେକ୍ସ ଜଳ ନିଷ୍କାସନ କରାଯାଉଛି । ଏହାକୁ ନେଇ ଜୟପାଟଣା ଓ କଲମପୁର ବ୍ଲକର ହାତୀ ନଦୀ ଉପକୂଳବର୍ତ୍ତୀ ଅଞ୍ଚଳରେ ବନ୍ୟା ଦେଖାଦେଇଛି । କଲମପୁରରେ ସର୍ବାଧିକ ୧୪୬.୪ମି.ମି ବର୍ଷା ରେକର୍ଡ ହୋଇଥିବା ବିଭାଗ ପକ୍ଷରୁ ସୂଚନା ପ୍ରକାଶ ପାଇଛି ।

ବିରିପୁର, କରମେଲ, ପରୁଆଗୁଡ଼ା, ବୋଦେଲବନ୍ଧ, ଟେମରା ଓ ବାଲିଛଡ଼ା ସମେତ ବିଭିନ୍ନ ଅଞ୍ଚଳ ଉପରେ ପ୍ରଶାସନ ନଜର ରଖିଛି । ପରୁଆଗୁଡ଼ା ଓ ବୋଦେଲବନ୍ଧ ଅଞ୍ଚଳ ପାଣି ଘରରେ ଆସିବା ପରେ ସେଠାକାର ଲୋକଙ୍କୁ ଅଗ୍ନିଶମ ବିଭାଗୀୟ କର୍ମଚାରୀ ମାନେ ସୁରକ୍ଷା ଦୃଷ୍ଟିରୁ ସ୍ଥାନାନ୍ତର କରାଯିବା ସହ ରନ୍ଧା ଖାଦ୍ୟ ଦିଆଯାଇଛି । ପରିସ୍ଥିତିର ତଦାରଖ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ବିଜୟ କୁମାର ମାଣ୍ଡାଙ୍ଗୀ, ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ଷଡ଼ଙ୍ଗୀ, ବ୍ଲକ ଓ ତହସିଲ କର୍ମଚାରୀ ଏବଂ ହାରାମାଲ ସରପଞ୍ଚ ସୁଶିଳା ଦୁର୍ଗାଙ୍କ ସମେତ ସମ୍ପୃକ୍ତ ଅଧିକାରୀ ଓ ଜନପ୍ରତିନିଧିମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ସେହିପରି ବାଲିଛଡ଼ା ଗାଁ ପାଣି ଘେରରେ ରହିଥିବାରୁ ସଂଯୋଗ ହୋଇଥିବା ଏକମାତ୍ର ରାସ୍ତା ଉପରେ ପ୍ରାୟ ୩ ଫୁଟ ପାଣି ଚାଲିବାରୁ ଯାତାୟାତ ବନ୍ଦ ରହିଥିଲା । ବିଜେପି ଯୁବ ସଭାପତି ହିତେଶ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ ବନ୍ୟାଞ୍ଚଳ ବୁଲି ଅନୁଧ୍ୟାନ କରିଛନ୍ତି । ଅନ୍ୟପକ୍ଷରେ ଲଗାଣ ବର୍ଷା ଯୋଗୁଁ କଲମପୁର -ଜୁନାଗଡ଼ ମୁଖ୍ୟ ରାସ୍ତାର ବରଗାଁ ନିକଟରେ ଆପ୍ରୋଚ ରୋଡ ଧୋଇଯାଇଛି । ଫଳରେ ଏହି ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଏହାକୁ ନେଇ ଉଭୟ ପାର୍ଶ୍ୱର ଲୋକେ ଯାତାୟାତକୁ ନେଇ ଅସୁବିଧାରେ ପଡ଼ିଛନ୍ତି । ନଦୀର ଜଳସ୍ତର ବଢ଼ି ଚାଷଜମି, ରାସ୍ତାଘାଟ ଓ ବନ୍ୟା ଅଞ୍ଚଳରେ ବ୍ୟାପକ ଫସଲ କ୍ଷତି ପ୍ରଭାବିତ ହେବାର ଆଶଙ୍କା ରହିଛି । ନଦୀକୂଳବାସୀଙ୍କୁ ସତର୍କ ରହିବା ସହ ନଦୀ ମଧ୍ୟକୁ ନଯିବା ପାଇଁ ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି । ପରିସ୍ଥିତି ଅନୁଧ୍ୟାନ ପାଇଁ ଧର୍ମଗଡ ବିଧାୟକ ବିଭିନ୍ନ ଗ୍ରାମ ପରିଦର୍ଶନ କରି ଫେରିଛନ୍ତି ।

# ଗ୍ୟାସ ସିଲିଣ୍ଡର ଫାଟି ଯୁବକ ଗୁରୁତର

ସମ୍ବଲପୁର,(ସବ୍ୟୁ): ଘରେ ରୋଷେଇ କରୁଥିବା ସମୟରେ ଗ୍ୟାସ ସିଲିଣ୍ଡର ଫାଟି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ପ୍ରଥମେ କୁଚିଣ୍ଡା ଡାକ୍ତରଖାନା ଓ ପରେ ଅଧିକ ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ ବାବୁ ନିକ୍ଟିମାଲ ଗ୍ରାମର ସୁଶାନ୍ତ କିସାନ ରବିବାର ସନ୍ଧ୍ୟାରେ ନିଜ ଘରେ ରୋଷେଇ କରୁଥିବା ବେଳେ ହଠାତ୍ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗି ଫାଟି ଯିବାରୁ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗି ସେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ସୁଶାନ୍ତଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

# ବରିଷ୍ଠ ସମ୍ବାଦିକଙ୍କ ପାଇଁ ପେନସନ ଲାଗୁ ଦାବି




ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଓଡିଶା ବରିଷ୍ଠ ସାମ୍ବାଦିକ ସଂଘର ଆହ୍ୱାନ କ୍ରମେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ ସହଯୋଗରେ ବରିଷ୍ଠ ସାମ୍ବାଦିକମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ସୁବାଷ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ବର୍ଷିଆନ ସମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା ମୁଖ୍ୟ ଅତିଥି, ଓଡିଶା ବରିଷ୍ଠ ସାମ୍ବାଦିକ ସଂଘ ସଭାପତି କାହ୍ନୁଚରଣ ନନ୍ଦ, ଉପସଭାପତି ପ୍ରଦୀପ୍ତ ଚୌଧୁରୀ, ସାଧାରଣ ସମ୍ପାଦକ ଆଶୁତୋଷ ବେହେରା, ବରିଷ୍ଠ ଉପଦେଷ୍ଟା ଦେବେନ୍ଦ୍ର ସିଂହ, ସାଙ୍ଗଠନିକ ସମ୍ପାଦକ ବିପ୍ଲବ ମହାନ୍ତି, କାର୍ଯ୍ୟକାରିଣୀ ସଦସ୍ୟ ଦିପ୍ତିମୟୀ କର, ଅମରେଶ୍ୱର ଦାସ, କୁନ୍ତଳା ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ମାନଙ୍କ ପାଇଁ ପେନସନ ବଯବସ୍ଥା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ସାମ୍ବାଦିକ ସଂଘର ଉପସଭାପତି କିଶୋର ସାହୁ ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର ଝାରସୁଗୁଡ଼ା, ବଲାଙ୍ଗିର, ବୌଦ୍ଧ, ଦେବଗଡ଼ ଜିଲ୍ଲାର ସାମ୍ବାଦିକ ମାନେ ଯୋଗ ଦେଇଥିଲେ।

## ସାଇବର ଠକେଇ ମାମଲା

# ୪ପୀଡିତ ଫେରି ପାଇଲେ ୪୫ଲକ୍ଷ ଟଙ୍କା




ସମ୍ବଲପୁର,(ସବ୍ୟୁ): ସାଇବର ଠକେଇର ଶିକାର ହୋଇଥିବା ୪ଜଣଙ୍କୁ ବଡ ଆଶ୍ୱସ୍ତି ମିଳିଛି । ପୀଡିତଙ୍କ ଠାରୁ ଠକି ନିଆଯାଇଥିବା ୪୫ଲକ୍ଷ ଟଙ୍କା ଉଦ୍ଧାର କରି ଜିଲ୍ଲା ସାଇବର ଥାନା ପୋଲିସ ତାଙ୍କ ଫେରାଇଛି । ରବିବାର ସମ୍ବଲପୁର ପୋଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ ଏନେଇ ସୂଚନା ଦେଇଛନ୍ତି । ଓଡ଼ିଶା ପୋଲିସ ବର୍ତ୍ତମାନ ସାଇବର ସଚେତନତା ଓ ସାଇବର ଅପରାଧର ତଦନ୍ତକୁ ଗୁରୁତ୍ୱର ସହ ନେଉଛି। ଆଧୁନିକ ତଦନ୍ତ ପ୍ରଣାଳୀରେ ପୋଲିସ ଅଧିକାରୀମାନଙ୍କୁ ତାଲିମ ଦିଆଯାଉଛି। ଫଳରେ ସାଇବର ଠକେଇ ମାମଲାରେ ତ୍ୱରିତ ପଦକ୍ଷେପ ନିଆଯାଇପାରୁଛି। ଅଭିଯୋଗ ପରେ ପୋଲିସ ପକ୍ଷରୁ ସନ୍ଦିଗ୍ଧ ଆକାଉଣ୍ଟ ଗୁଡ଼ିକୁ ଚିହ୍ନଟ କରି ବ୍ଲକ୍ କରାଯାଇଥିଲା। ପରେ ଆଇନଗତ ଓ କୋର୍ଟ ପ୍ରକ୍ରିୟା ମାଧ୍ୟମରେ ଠକେଇ ଟଙ୍କା ଉଦ୍ଧାର କରାଯାଇ ଫେରାଇ ଦିଆଯାଇଛି । ଏହି କ୍ରମରେ ସାଇବର ଠକେଇର ଶିକାର ହୋଇଥିବା ଶ୍ୟାମ ଦୋରାଙ୍କୁ ସମ୍ପୂର୍ଣ୍ଣ ୧୨ ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି । ସେହିପରି ୨୬ ଲକ୍ଷ ଟଙ୍କା ହରାଇଥିବା ମାନସ କୁମାର ମୁଖୋପାଧ୍ୟାୟଙ୍କୁ ୧୨.୫ ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି । ରମେଶ ଚନ୍ଦ୍ର ବିଶ୍ୱାଳ ୮୫ ଲକ୍ଷ ଟଙ୍କାର ଠକେଇ ହୋଇଥିବା ବେଳେ ତାଙ୍କୁ ୧୬ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ଅନ୍ୟପକ୍ଷରେ ୨୬ ଲକ୍ଷ ଟଙ୍କା ହରାଇଥିବା ଅଜୟ ମିଞ୍ଜଙ୍କୁ ୪.୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ତାଙ୍କର ଆଉ ୧୨ ଲକ୍ଷ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ହୋଲ୍ଡ ହୋଇ ରହିଛି । ଆଇନଗତ ପ୍ରକ୍ରିୟା ପରେ ତାଙ୍କୁ ଏହି ଟଙ୍କା ମିଳିଯିବ ବୋଲି କୁହାଯାଇଛି । ମୋଟ ୧୪୯ ଲକ୍ଷ ଟଙ୍କା ଠକେଇ ହୋଇଥିବା ବେଳେ ପୀଡିତଙ୍କୁ ଆଂଶିକ ନ୍ୟାୟ ମିଳିଛି । ଏଥିସହ ୧୧୫ଟି ହଜି ଯାଇଥିବା ମୋବାଇଲ ଫୋନ୍‌କୁ ଉଦ୍ଧାର କରି ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର ଓ ଶ୍ରୀମନ୍ତ ବାରିକ, ସାଇବର ଥାନା ଡିଏସ୍‌ପି ଈଶ୍ୱର ତାଣ୍ଡି ଏବଂ ସଦର ଏସ୍‌ଡିପିଓ ତୋଫାନ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରବଳ ବର୍ଷା : ନବରଙ୍ଗପୁର ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା

ନବରଙ୍ଗପୁର,(ସବ୍ୟୁ) : ଦକ୍ଷିଣ ଓ ଅଧିକାଂଶ ଜିଲ୍ଲାରେ ଶନିବାର ଠାରୁ ପ୍ରବଳ ବର୍ଷା ଜାରି ରହିଛି । ପ୍ରବଳ ବର୍ଷା ଯୋଗୁଁ ନବରଂଗପୁରଜିଲ୍ଲା ଅଧିକ ପ୍ରଭାବିତ ହୋଇଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ନବରଂଗପୁର ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି । ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ବଜ୍ରପାତକୁ ଦୃଷ୍ଟିରେ ରଖି ସ୍କୁଲ ଛୁଟି ନେଇ ଜିଲ୍ଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମା ଅନୁସାରେ ୨୦୨୬ ଅଗଷ୍ଟ ୨୪ରେ ନବରଂଗପୁର ଜିଲ୍ଲାର ସମସ୍ତ ଅଙ୍ଗନବା ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ । ତେବେ ସ୍କୁଲ ଏବଂ ଅଙ୍ଗନବା ଯଦିଓ ପାଠ ପଢ଼ା ଯିବ ନାହିଁ, କିନ୍ତୁ ପ୍ରଧାନଶିକ୍ଷକ/ଶିକ୍ଷକ ଏବଂ ଅଙ୍ଗନବା କର୍ମଚାରୀମାନେ ନିଜ ନିଜ କର୍ମସ୍ଥଳରେ ଉପସ୍ଥିତ ରହିବେ ।

# ଅଜଣା ଶବର ସତ୍କାର କଲା 'ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ'

ବଲାଙ୍ଗିର,(ସବ୍ୟୁ) : ବଲାଙ୍ଗିର ଜିଲ୍ଲା ଚୁଡାପାଲି ନିକଟରେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଅଜଣା ଯୁବକଙ୍କର ମୃତ୍ୟୁ ହୋଇଥିବାବେଳେ, ପରିଚୟ ମିଳିନଥିବା ଏହି ମୃତଦେହକୁ ସମ୍ମାନ ଓ ମର୍ଯ୍ୟାଦାର ସହ ସତ୍କାର କରିଛି ସ୍ଥାନୀୟ 'ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ'।

ସୂଚନା ମୁତାବକ, ଗତ କିଛିଦିନ ତଳେ ଚୁଡାପାଲି ଛକରେ ଏକ ଟ୍ରକ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇପଡ଼ିଥିଲେ । ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା । ପୁଲିସ ପ୍ରଶାସନ ପକ୍ଷରୁ ମୃତକଙ୍କ ପରିଚୟ ସନ୍ଧାନ ପାଇଁ ବିଭିନ୍ନ ପ୍ରକାର ଉଦ୍ୟମ କରାଯାଇଥିଲେ ହେଁ କୌଣସି ସୁରାକ ମିଳିପାରି ନଥିଲା । ଶେଷରେ ବଲାଙ୍ଗିର ସଦର ପୋଲିସ ଅନୁଷ୍ଠାନକୁ ଜଣେଇବା ପରେ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର କର୍ମକର୍ତ୍ତାମାନେ ଆଗେଇ ଆସିଥିଲେ । ଅନୁଷ୍ଠାନର ସଦସ୍ୟମାନେ ପୁଲିସ ପ୍ରଶାସନର ସହଯୋଗ କ୍ରମେ ସମସ୍ତ ହିନ୍ଦୁ ରୀତିନୀତି ଏବଂ ସାମାଜିକ ନୀତିକାନ୍ତି ଅନୁସାରେ ଉକ୍ତ ଅଜଣା ଯୁବକଙ୍କ ଶେଷକୃତ୍ୟ ଓ ଶବ ସତ୍କାର ସମ୍ପନ୍ନ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ବଲାଙ୍ଗିର ସହର ତଥା ଆଖପାଖ ଅଞ୍ଚଳରେ ଦୀର୍ଘ ୧୦ ବର୍ଷ ଧରି ଏହିଭଳି କୌଣସି ପରିଚୟ ମିଳିନଥିବା ଅଜଣା, ଅଚିହ୍ନା ଏବଂ ଅସହାୟ ଶବଗୁଡ଼ିକୁ ନିଜର ଆପଣେଇ ସେମାନଙ୍କର ଅନ୍ତିମ ସଂସ୍କାର କରିଆସୁଛି ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ । ଏହି ମହତ କାର୍ଯ୍ୟରେ ଅନୁଷ୍ଠାନର ସୋମନାଥ ମିଶ୍ର, ବ୍ରଜ ଗୋପାଳ ସିଂ, କନ୍ଦର୍ପ ରଣା, ନିଶିକାନ୍ତ ସିଂ ଧାରୁଆ , ଘନଶ୍ୟାମ ପଶାୟତ, ଖଗେଶ୍ୱର ପଧାନ, ସଦର ଥାନାର ବ୍ରଜକିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏପରି ଏକ ମହାନ ଓ ନିଃସ୍ୱାର୍ଥପର ସେବା କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତାଙ୍କ ପକ୍ଷରୁ ବେଶ ପ୍ରଶଂସା କରାଯାଇଛି ।

# ଦେବଝରଣ ଜଳପ୍ରପାତରେ ବୁଡ଼ି ପର୍ଯ୍ୟଟକ ମୃତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅନ୍ତର୍ଗତ ଦେବଝରଣ ଜଳପ୍ରପାତରେ ବୁଡି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ଜଣକ ଉତ୍ତରପ୍ରଦେଶ ଇତହ୍ୱା ଗ୍ରାମର ଅଂଶୁଳ(୨୩) ବୋଲି ଜଣାପଡିଛି। ସେ ଲପଙ୍ଗାର ଏକ କାରଖାନାରେ କାମ କରୁଥିବା ରବିବାର ସନ୍ଧ୍ୟାରେ ସାଙ୍ଗ ମାନଙ୍କ ସହ ଗୋଧୋଉ ଥିବାବେଳେ ବୁଡି ନିଖୋଜ ହୋଇ ଯାଇଥିଲେ। ଖବର ପାଇ ଯୁଯୋମୁରା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି ପରେ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ । ଏନେଇ ଯୁଯୋମୁରା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଜବତ କରିଛି । ସୋମବାର ଜବତ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ । ସୂଚନାଯୋଗ୍ୟ, ଏହି ଜଳପ୍ରପାତରେ ବାରମ୍ବାର ଏଭଳି ଘଟଣା ଘଟୁଥିବା ବେଳେ ସୁରକ୍ଷା ନେଇ କୌଣସି ବ୍ୟବସ୍ଥା କରାଯାଇନାହିଁ। ଗତ ୨୩ ମେ, ୨୦୨୬ରେ କଲିକତା ଖଡଗପୁର ନିବାସୀ ନିହ୍ନୟ ଖାନ୍‌ଙ୍କ ବୁଡି ମୃତ୍ୟୁ ହୋଇଥିଲା । ସେହିପରି ୨୬ଜୁଲାଇ, ୨୦୨୫ରେ ୨ଜଣ ଡାକ୍ତରୀ ଛାତ୍ର ମୃତ୍ୟୁବରଣ କରିଥିଲେ ।

## ହରିଶଙ୍କରରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ

# ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା



ଖପ୍ରାଖୋଲ,(ସବ୍ୟୁ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ର ପ୍ରମୁଖ ପୁଣ୍ୟ କ୍ଷେତ୍ର ତଥା ପର୍ଯ୍ୟଟନସ୍ଥଳୀ ହରିଶଙ୍କର ଗସ୍ତ ରେ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଶନିବାର ଗସ୍ତ କରିଥିଲେ । ଏହି ଅବସରରେ ପ୍ରଥମେ ସୁଭଦ୍ରା ଶକ୍ତି ପାନ୍ଥ ନିବାସ ଠାରେ ବିଭାଗୀୟ ଅଧିକାରୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ପରେ ହରିଶଙ୍କର ମନ୍ଦିର ବୁଲି ଦେଖିବା ସହିତ ଠାକୁର ଦର୍ଶନ କରିଥିଲେ । ପରେ ଝରଣା ଓ ପ୍ରାକୃତି ସୌନ୍ଦର୍ଯ୍ୟ ବୁଲି ଦେଖିଥିଲେ । ଏହି ଅବସରରେ ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡାକ୍ତର ସାରଦା ପ୍ରସନ୍ନ ସିଂ ବରିହା, ଜିଲ୍ଲା ମତ୍ସ୍ୟ ଅଧିକାରୀ ରେଶ୍ମା ରାଣୀ ସିଂ, ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ଖପ୍ରାଖୋଲ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ପାଟଣାଗଡ଼ ଅତିରିକ୍ତ ତହସିଲଦାର ଅର୍ଜୁନ ମାଝୀ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ହରିଶଙ୍କର ଫାଣ୍ଡି ଅଧିକାରୀ ନାରାୟଣ ସାହୁ, ବି ଭି ଓ ଡାକ୍ତର ସ୍ୱପ୍ନେଶ୍ୱର ନାଏକ, ବିଭିନ୍ନ ବିଭାଗୀୟ ଅଧିକାରୀ, ଭାଜପା ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ, ପଦ୍ମ କୁମାର ସିଂ ବରିହା, ଅଭୟ ତ୍ରିପାଠୀ, କାଳିଆ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଭଡ଼ା ଘରେ ଜୀବନ ହାରିଲେ ନର୍ସ, କାରଣ ଅସ୍ପଷ୍ଟ

ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗଡ଼ ସହରର ଶ୍ରୀରାମ ନଗର ଅଞ୍ଚଳରେ ଜଣେ ୨୩ ବର୍ଷୀୟା ଯୁବତୀଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ମୃତ ଯୁବତୀ ଜଣକ ସୁସ୍ମିତା ତିର୍କୀ ବୋଲି ଜଣାପଡ଼ିଛି । ସେ ଶ୍ରୀରାମ ନଗରରେ ଏକ ଭଡ଼ା ଘରେ ରହୁଥିଲେ ।

ସୂଚନା ଅନୁସାରେ, ସୁସ୍ମିତା ନିଜ ଓଢ଼ଣିରେ ବେକରେ ଫାଶ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ଘଟଣା ସମ୍ପର୍କରେ ଖବର ପାଇ ସୁନ୍ଦରଗଡ଼ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ମୃତ ସୁସ୍ମିତା ସୁନ୍ଦରଗଡ଼ ଜିଲ୍ଲା ସବଡେଗା ବ୍ଲକ ଅନ୍ତର୍ଗତ ରଙ୍ଗିଆଢିପା ଗାଁର ବୋଲି ଜଣାପଡ଼ିଛି । ଟାଉନ ଥାନା ପୁଲିସ ତଦନ୍ତ ଜାରି ରଖିଛି । ସୁସ୍ମିତା ଭଡ଼ା ଘରେ ରହି ଶାନ୍ତିଲତା ହସ୍ପିଟାଲରେ ନର୍ସଭାବେ କାର୍ଯ୍ୟ କରୁଥିବା ସୂଚନା ମିଳିଛି । ତେବେ ସେ କେଉଁ କାରଣରୁ ଏଭଳି ଚରମ ପଦକ୍ଷେପ ନେଲେ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ । ଆତ୍ମହତ୍ୟାର ପ୍ରକୃତ କାରଣ ଜାଣିବା ପାଇଁ ଟାଉନ ଥାନା ପୁଲିସ ତଦନ୍ତ ଜାରି ରଖିଛି।

# ବାଲି ବଦଳରେ ପାଉଁଶ : ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା



ସମ୍ବଲପୁର,(ସବ୍ୟୁ): ବାମରା ବ୍ଲକ ଅନ୍ତର୍ଗତ ଜରାବଗା ଗ୍ରାମପଞ୍ଚାୟତରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କାମ ଚାଲୁ ରହିଛି । ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହା ନିର୍ମିତ ହେଉଛି । ତେବେ ନବନିର୍ମିତ କୋଠାର ପ୍ଲିନ୍ଥ ଫ୍ଲୋର ଭରଣ ପାଇଁ ବାଲି ବଦଳରେ ଫ୍ୟାକ୍ଟ୍ରିରୁ ଆସିଥିବା ବେଆଇନ ପାଉଁଶ (ଆଶ୍) ବ୍ୟବହାର କରାଯାଉଛି । ଏନେଇ ବାରମ୍ବାର ଅଭିଯୋଗ ପରେ ବାମରା ବିଡିଓ ପୁଷ୍ପକ ପ୍ରଧାନ ଘଟଣାସ୍ଥଳକୁ ଯାଇ ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ । ତେବେ ବିଡିଓଙ୍କ ଗସ୍ତ ପରେ ମଧ୍ୟ ପାଉଁଶକୁ ସମ୍ପୂର୍ଣ୍ଣ ଭାବେ ବାହାର କରାନଯାଇ ତା' ଉପରେ ବାଲି ପକାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏଭଳି ଭାବେ ଅନିୟମିତତା ଓ ଦୁର୍ନୀତିକୁ ଲୁଚାଇବାକୁ ଉଦ୍ୟମ କରାଯାଉଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟର ଗୁଣବତ୍ତା ଓ ନିର୍ମାଣ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ଏସମ୍ପର୍କରେ ତତ୍କାଳୀନ ନିର୍ବାହୀ ଯନ୍ତ୍ରୀ ମୁକ୍ତେଶ୍ୱର ମାଝୀଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ ପାଉଁଶ ବଯବହାର ନେଇ ଅଭିଯୋଗ ପାଇଥିବା ସ୍ୱୀକାର କରିଥିଲେ । ଏଥିସହ ସମ୍ପୃକ୍ତ ଠିକାଦାରଙ୍କୁ ପାଉଁଶ ବାହାର କରି ତା' ସ୍ଥାନରେ ବାଲି ଭରଣ କରିବାକୁ ନିର୍ଦ୍ଦେଶ ଦେଇଥିବା କହିଥିଲେ ।

## କଦଳୀମୁଣ୍ଡା-ମାଲିପଡ଼ା ମୁଖ୍ୟ ରାସ୍ତା ବିପର୍ଯ୍ୟସ୍ତ

# ୧୫୦ରୁ ଊର୍ଦ୍ଧ୍ୱ ପରିବାର ହନ୍ତସନ୍ତ

ଜମନକିରା,(ସବ୍ୟୁ): ଜମନକିରା ବ୍ଲକ ସଦର ମହକୁମା ଅନ୍ତର୍ଗତ କଦଳୀମୁଣ୍ଡା-ମାଲିପଡ଼ା ରାସ୍ତା ଦୀର୍ଘ ଦିନ ଧରି ମରାମତି ଅଭାବରୁ ଚରମ ବିପର୍ଯ୍ୟୟ ମଧ୍ୟକୁ ଠେଲି ହୋଇଯାଇଛି । ବ୍ଲକ କାର୍ଯ୍ୟାଳୟ ଠାରୁ ଅନତି ଦୂରରେ ଥିବା ଏହି ପଡ଼ା ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି, କାଦୁଅ ଓ ଖାଲଖମାରେ ପାଣି ଜମି ରହି ଯାତାୟାତ ସମ୍ପୂର୍ଣ୍ଣ ଠପ ହେବାକୁ ବସିଛି । ଏହି ପଡ଼ାରେ ପ୍ରାୟ ୧୫୦ରୁ ଅଧିକ ପରିବାର ବସବାସ କରୁଥିବା ବେଳେ ପ୍ରତିଦିନ ସେମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏହି ରାସ୍ତାଟି ସ୍ଥାନୀୟ ଅଞ୍ଚଳର ଏକ ପ୍ରମୁଖ ପ୍ରଶାସନିକ ସଂଯୋଗସ୍ଥଳୀ ହୋଇଥିବା ବେଳେ ଏହାର ଉଭୟ ପାର୍ଶ୍ୱରେ ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ରହିଛି । ବ୍ଲକ କାର୍ଯ୍ୟାଳୟ, ଶିକ୍ଷା କାର୍ଯ୍ୟାଳୟ, କୃଷି କାର୍ଯ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣୀ ଚିକିତ୍ସା କେନ୍ଦ୍ର, ଓମ୍ଫେଡ କାର୍ଯ୍ୟାଳୟ, ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଏହି ରାସ୍ତା ଉପରେ ନିର୍ଭରଶୀଳ । ଏତେସବୁ ଅଫିସ ଥାଇ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କ ଆଖି ସାମ୍ନାରେ ରାସ୍ତାର ଏଭଳି ମରଣଯନ୍ତା ଅବସ୍ଥା ସ୍ଥାନୀୟ ପ୍ରଶାସନର ଉଦାସୀନତାକୁ ପଦାରେ ପକାଇଛି । ମାଲିପଡ଼ା ଓ କଦଳୀମୁଣ୍ଡାରେ ରହୁଥିବା ଶତାଧିକ ପରିବାର ପାଇଁ ଏହା ଏକମାତ୍ର ସଂଯୋଗକାରୀ ମୁଖ୍ୟ ରାସ୍ତା ହୋଇଥିବାରୁ ରୋଗୀ, ବୃଦ୍ଧ ଓ ସାଧାରଣ ଲୋକେ ଗୁରୁତର ସମସ୍ୟା ଭୋଗୁଛନ୍ତି । ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ଗାଡ଼ି ପହଞ୍ଚିବା ଅସମ୍ଭବ ହୋଇପଡ଼ିଛି। ଅନ୍ୟ ପକ୍ଷରେ, ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଉଥିବା କୁନିକୁନି ଶିଶୁମାନେ ଏହି ବିପଦସଙ୍କୁଳ ରାସ୍ତାରେ ପ୍ରତିଦିନ ପଡ଼ି ଖଣ୍ଡିଆଖାବରା ହେଉଥିବାରୁ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ରାସ୍ତାର ସ୍ଥାୟୀ ପକ୍କା ନିର୍ମାଣ ଓ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ନକଲେ, ଆଗାମୀ ଦିନରେ କଦଳୀମୁଣ୍ଡା ଓ ମାଲିପଡ଼ାବାସୀ ଏକତ୍ରିତ ହୋଇ ବ୍ଲକ କାର୍ଯ୍ୟାଳୟ ଘେରାଉ ସହ ଆନ୍ଦୋଳନ ଓ ଧାରଣାରେ ବସିବେ ବୋଲି ଚରମ ଚେତାବନୀ ଦେଇଛନ୍ତି ।

# ଜୁନାଗଡ଼ ଏନଏସିରେ ଖତ ଖାଉଛି ପାର୍କ ସରଞ୍ଜାମ ଓ ବ୍ୟାୟାମ ସାମଗ୍ରୀ



ଜୁନାଗଡ଼,(ସବ୍ୟୁ): ଲୋକଙ୍କ ସୁବିଧା ପାଇଁ ସରକାରୀ ଅର୍ଥରେ ଯୋଜନା ହେଲା, ପାର୍କ ନିର୍ମାଣ ହେଲା ଏବଂ ଶିଶୁଙ୍କ ଖେଳ ଓ ବ୍ୟାୟାମ ପାଇଁ ସରଞ୍ଜାମ ଲଗାଗଲା । ହେଲେ ଏବେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଏନଏସି ପରିସରରେ ମୁକ୍ତା ଯୋଜନାରେ ବ୍ୟବହାର ହେବାକୁ ଥିବା ବ୍ୟାୟାମ ସାମଗ୍ରୀ ପଡ଼ିରହିଛି। ଦୀର୍ଘଦିନ ଧରି ବ୍ୟବହାର ନ ହୋଇ ପଡ଼ିରହିଥିବାରୁ ଏହା ନଷ୍ଟ ହେବାକୁ ବସିଛି । ଅନ୍ୟପକ୍ଷରେ ଜୁନାଗଡ଼ର ବିଭିନ୍ନ ସ୍ଥାନରେ ନିର୍ମିତ ଅନେକ ପାର୍କର ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି । କେଉଁଠି ଅନାବନା ଗଛଲତା ମାଡ଼ିଯାଇଛି ତ କେଉଁଠି ଶିଶୁଙ୍କ ଖେଳ ଓ ବ୍ୟାୟାମ ପାଇଁ ଲଗାଯାଇଥିବା ସରଞ୍ଜାମ ଭାଙ୍ଗି ନଷ୍ଟ ହେବାକୁ ବସିଛି । ଫଳରେ ଯେଉଁ ସରଞ୍ଜାମ ଲୋକଙ୍କ କାମରେ ଆସିବା କଥା, ତାହା ଏବେ ବ୍ୟବହାରଯୋଗ୍ୟ ହୋଇପାରୁନାହିଁ । ପାର୍କ ଗୁଡ଼ିକର ସଫେଇ, ରକ୍ଷଣାବେକ୍ଷଣ ଓ ଭଙ୍ଗା ସରଞ୍ଜାମର ମରାମତି ସହ ଏନଏସି ପରିସରରେ ପଡ଼ିଥିବା ସାମଗ୍ରୀକୁ ସୁରକ୍ଷିତ ରଖି ଆବଶ୍ୟକ ସ୍ଥାନରେ ବ୍ୟବହାର କରିବା ଦିଗରେ ଏନଏସି ପକ୍ଷରୁ ପଦକ୍ଷେପ ନିଆଯିବା ଆବଶ୍ୟକ ମାତ୍ର ଏଭଳି ସ୍ଥିତି ସତ୍ତ୍ୱେ ଆଖିଦୃଶିଆ ପଦକ୍ଷେପ ନ ନିଆଯିବାକୁ ନେଇ ସହରବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି । ଏନେଇ ଜୁନାଗଡ଼ ଏନଏସିର ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଖିଲ୍ଲୋଙ୍କୁ ପଚାରିବାରୁ, ଏନଏସି ପରିସରରେ ପଡ଼ିରହିଥିବା ମୁକ୍ତା ଯୋଜନାର ସାମଗ୍ରୀ ଗୁଡ଼ିକୁ ଖୁବ୍‌ଶୀଘ୍ର ଆବଶ୍ୟକ ସ୍ଥାନରେ ଲଗାଇ ଲୋକଙ୍କ ବ୍ୟବହାରରେ ଆଣିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

## ସମ୍ପାଦକୀୟ

# ପଦ୍ମ ପୁରସ୍କାରର ମର୍ଯ୍ୟାଦା

ଆଧୁନିକ ଯୁଗର ଅନ୍ୟତମ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କର ଦେହାନ୍ତ ହୋଇଗଲା, ଅଗଷ୍ଟ ୨୧ (୨୦୨୬)ରେ । ଶ୍ରୋତାମାନେ ତାଙ୍କ କଣ୍ଠରୁ ପ୍ରତ୍ୟକ୍ଷ ଭାବେ ଗୀତ ଶୁଣି ଯେପରି ମୁଗ୍ଧ ହେଉଥିଲେ, ସେ ଅସୁସ୍ଥ ହୋଇ ଶଯ୍ୟାଶାୟୀ ହେବାରୁ ଅନେକ ଶ୍ରୋତା ସେଥିରୁ ବଞ୍ଚିତ ହୋଇଥିଲେ । ମାତ୍ର ମୃତ୍ୟୁ ତାଙ୍କୁ ଡାକି ନେବା ପର୍ଯ୍ୟନ୍ତ ସେ ଗୀତ ବୋଲୁଥିଲେ । କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ରଚିତ 'ଜୀବନ ସଙ୍ଗୀତ'ରୁ ସେହି ଗୀତଟିରୁ ପଦଟିଏ ମନକୁ ଆଚ୍ଛନ୍ନ କରିଥିଲା ତାଙ୍କ ବିୟୋଗ ସମ୍ବାଦ ଶୁଣି । ତାହା ହେଲା 'ସଙ୍ଗୀତମୟ ତମେ ସଙ୍ଗୀତମୟ ହେ /ନବଘନ ଗରଜନ ସାଗର ନର୍ତ୍ତନ / ପ୍ରଖର ପ୍ରଭଞ୍ଜନ ଗାଏ ତବ ଜୟ ହେ ॥ ' ପ୍ରକୃତରେ ତାଙ୍କ ଜୀବନ ଥିଲା ସଙ୍ଗୀତମୟ । ଏ ଯୁଗର ଲୋକପ୍ରିୟ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତି, ସିକନ୍ଦର ଆଲମ, ପ୍ରଫୁଲ୍ଲ କରଙ୍କ ଦେହାନ୍ତ ହେବା ପରେ ଓଡ଼ିଆମାନଙ୍କୁ ଗୀତ ବୋଲି ଯିଏ ମୁଗ୍ଧ କରି ରଖିଥିଲେ, ସେ ଥିଲେ ପ୍ରଣବ ପଟ୍ଟନାୟକ । ମାତ୍ର ଆମର ଦୁର୍ଭାଗ୍ୟ ଯେ ସେ 'ପଦ୍ମଶ୍ରୀ' ପୁରସ୍କାର ପାଇ ପାରି ନଥିଲେ । ଏ ଯୁଗର କଣ୍ଠଶିଳ୍ପୀଙ୍କ ମଧ୍ୟରୁ କେବଳ ପ୍ରଫୁଲ୍ଲ କର 'ପଦ୍ମଶ୍ରୀ' ଉପାଧି ଭାରତ ସରକାରଙ୍କଠାରୁ ପାଇ ପାରିଥିଲେ । ଏପରିକି ଅନେକ ଦିନ ହେଲା ଆମ ଗହଣରୁ ଚାଲି ଯାଇଥିଲେ ମଧ୍ୟ ଅକ୍ଷୟ ମହାନ୍ତି ବା ସିକନ୍ଦର ଆଲମଙ୍କୁ ଏହି ପଦ୍ମ ପୁରସ୍କାର ମିଳି ନଥିଲା । ଓଡ଼ିଶାର ଜଣେ ନାମକରା ପୂର୍ବତନ ଆଇ.ଏ.ଏସ୍ ଅଧିକାରୀ ଓ ସୁଲେଖକ ଶ୍ରୀ ପ୍ରସନ୍ନ କୁମାର ହୋତା, ଅକ୍ଷୟ ମହାନ୍ତିଙ୍କୁ ପଦ୍ମଶ୍ରୀ ଉପାଧି ମିଳି ନଥିଲା ବୋଲି ମନଦୁଃଖରେ ତାଙ୍କ ଫେସ୍‌ବୁକ୍‌ରେ ଉଲ୍ଲେଖ କରିଥିଲେ ।

**ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ରାଜ୍ୟର ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନଙ୍କୁ ମାସିକ ୩୦ ହଜାର ଟଙ୍କା ଭତ୍ତା ପ୍ରଦାନ କରି ଖୁବ୍ ଭଲ କାମ କରିଛନ୍ତି । ମାତ୍ର ଯେଉଁ ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତି ମରିଯିବେ, ତାଙ୍କ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲେ, ରାଜ୍ୟ ବା କେନ୍ଦ୍ର ସରକାର ସେମାନଙ୍କୁ ପେନ୍‌ସନ ବା ଭତ୍ତା ପ୍ରଦାନ କଲେ ସେମାନେ ଅନ୍ତତଃ ଦୁର୍ଦ୍ଦଶାମୁକ୍ତ ହୋଇ ପାରନ୍ତେ ।**

ସାହିତ୍ୟିକ, ଲେଖକ, କଳାକାରମାନେ ଲୋକପ୍ରିୟ ହୋଇଯିବା ପରେ ସେମାନଙ୍କୁ ପଦ୍ମ ଉପାଧି ମିଳୁ ବୋଲି ଲୋକେ ଚାହାନ୍ତି । ମାତ୍ର ସେମାନେ ପ୍ରାୟ ପାଇ ପାରନ୍ତି ନାହିଁ । ଏ ସରକାରଙ୍କ ଅମଳରେ କେବଳ ମନୋଜ ଦାସଙ୍କ ପରି ଜଣେ ଅର୍ନ୍ତଜାତୀୟ ଖ୍ୟାତି ସମ୍ପନ୍ନ ଲେଖକଙ୍କୁ ତାଙ୍କ ମୃତ୍ୟୁ ପୂର୍ବରୁ 'ପଦ୍ମଶ୍ରୀ'କୁ ଅବଶ୍ୟ 'ପଦ୍ମଭୂଷଣ' ପର୍ଯ୍ୟନ୍ତ ଉନ୍ନୀତ କରାଯାଇଥିଲା । ଅତୀତରେ କବି ସଚ୍ଚି ରାଉତରାୟଙ୍କୁ ତାଙ୍କ ରଚିତ '୧୯୬୨' କବିତା ସଂକଳନ ସକାଶେ 'ପଦ୍ମଶ୍ରୀ' ମିଳିଥିଲା । କବି ରାଧାମୋହନ ଗଡ଼ନାୟକ ମଧ୍ୟ 'ପଦ୍ମଶ୍ରୀ' ଲାଭ କରିଥିଲେ । ସେମାନେ ଆଉ ଉପରକୁ ଉଠି ପାରି ନଥିଲେ । ତତ୍କାଳୀନ 'ସମାଜ' ସମ୍ପାଦକ ସ୍ୱର୍ଗୀୟ ରାଧାନାଥ ରଥ, କାଳୀନ୍ଦିଚରଣ ପାଣିଗ୍ରାହୀ, ନୃତ୍ୟଶିଳ୍ପୀ କେଳୁଚରଣ ମହାପାତ୍ର ପ୍ରଭୃତି 'ପଦ୍ମବିଭୂଷଣ' ଉପାଧି ପାଇ ପାରିଥିଲେ । ମାତ୍ର କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କୁ ଯେଉଁ 'ପଦ୍ମଶ୍ରୀ' ଉପାଧି ମିଳିଥିଲା, ତାହାକୁ ସେ ପ୍ରତ୍ୟାଖାନ କରି ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ । ଏବେ ବି ଆମ ଗହଣରେ ବିଶିଷ୍ଟ ଭାଷାବିତ୍ ଓ ଲେଖକ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ଅଛନ୍ତି । ତାଙ୍କୁ ନବେ ବର୍ଷରୁ ଅଧିକ ବୟସ ହୋଇଥିଲେ ମଧ୍ୟ 'ପଦ୍ମ ଭୂଷଣ' ବା 'ପଦ୍ମ ବିଭୂଷଣ ' ଉପାଧି ତାଙ୍କୁ ନ ମିଳିବା ଦୁର୍ଭାଗ୍ୟଜନକ । କିନ୍ତୁ ତାଙ୍କଠାରୁ ଲେଖାରେ, ଅଭିଜ୍ଞତାରେ ଓ ବୟସରେ ସାନ ହୋଇ ମଧ୍ୟ ଜଣେ କେହି 'ପଦ୍ମ ଭୂଷଣ' ଉପାଧି ପାଇ ପାରିଲେ । ସତ୍ୟ ନାରାୟଣ ରାଜଗୁରୁ 'ପଦ୍ମଶ୍ରୀ' ଉପାଧିରେ ସୀମିତ ରହିଥିଲେ । ପଥରଶିଳ୍ପୀ ରଘୁନାଥ ମହାପାତ୍ର 'ପଦ୍ମଶ୍ରୀ'ରୁ ଉନ୍ନୀତ ହୋଇ 'ପଦ୍ମ ବିଭୂଷଣ' ଉପାଧି ଅବଶ୍ୟ ପାଇଥିଲେ । ସେ 'ଭାରତରତ୍ନ' ପାଇବାକୁ ଆଶା ରଖିଥିଲେ । କିନ୍ତୁ ତା' ପୂର୍ବରୁ ସେ ଚାଲିଥିଲେ ।

ଓଡ଼ିଶାର ପୁରପଲ୍ଲୀରେ ଥିବା ଅନେକ ପ୍ରତିଭାଶାଳୀ ବ୍ୟକ୍ତି 'ପଦ୍ମଶ୍ରୀ' ପାଇବା ପରେ ସେମାନଙ୍କ ପ୍ରତିଭା ଅବଶ୍ୟ ଲୋକଲୋଚନକୁ ଆସି ପାରିଛି । କେନ୍ଦ୍ର ସରକାରଙ୍କୁ ଏଥିପାଇଁ ଧନ୍ୟବାଦ ଦେବା କଥା । ମାତ୍ର ଦୁଃଖ ବି କରିବା କଥା ଯେ ଓଡ଼ିଶାରୁ 'ପଦ୍ମ ଭୂଷଣ' ବା 'ପଦ୍ମ ବିଭୂଷଣ' ଉପାଧି ପ୍ରାୟ କେହି ପାଇ ପାରୁ ନାହାନ୍ତି, ଯଦିଓ ଯୋଗ୍ୟ ବ୍ୟକ୍ତିଙ୍କର ଅଭାବ ନାହିଁ । ଡାକ୍ତର ଅଶୋକ ମହାପାତ୍ରଙ୍କୁ ବିଳମ୍ବରେ 'ପଦ୍ମଶ୍ରୀ'ମିଳିଲା । ମାତ୍ର ତା' ପରେ 'ପଦ୍ମଭୂଷଣ' ତାଙ୍କୁ ଦିଆଗଲା ନାହିଁ– ଯଦିଓ ସେ ଚିକିତ୍ସା କ୍ଷେତ୍ରକୁ ବ୍ୟବସାୟରେ ପରିଣତ ନ କରି ସେବା ଭାବରେ ଗ୍ରହଣ କରିଛନ୍ତି ।

ଓଡ଼ିଶା ଉପରେ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଦୃଷ୍ଟି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅତୀତରେ ଭଲ କାମ ପାଇଁ 'ପଦ୍ମ' ଉପାଧି ମିଳି ପାରିଥା'ନ୍ତା । ମାତ୍ର ମିଳି ନାହିଁ ଏବଂ ପ୍ରଧାନମନ୍ତ୍ରୀ ହୋଇଥିବାରୁ ସେ ଏହା ଆଉ ପାଇ ପାରିବେ ନାହିଁ । ପ୍ରକୃତରେ ମର୍ଯ୍ୟାଦାଜନକ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ମିଳି ପାରିଲେ ଲୋକେ ଖୁସି ହୁଅନ୍ତେ । ରାଷ୍ଟ୍ରପତି ହେବା ପୂର୍ବରୁ ଏ.ପି.ଜେ ଅବଦୁଲ କଲାମ 'ଭାରତରତ୍ନ' ପାଇ ପାରିଥିଲେ । ସେପରି ବ୍ୟକ୍ତିତ୍ୱ ଆଜି ବିରଳ । ଅବଶ୍ୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ରାଜ୍ୟର ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନଙ୍କୁ ମାସିକ ୩୦ ହଜାର ଟଙ୍କା ଭତ୍ତା ପ୍ରଦାନ କରି ଖୁବ୍ ଭଲ କାମ କରିଛନ୍ତି । ମାତ୍ର ଯେଉଁ ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତି ମରିଯିବେ, ତାଙ୍କ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲେ, ରାଜ୍ୟ ବା କେନ୍ଦ୍ର ସରକାର ସେମାନଙ୍କୁ ପେନ୍‌ସନ ବା ଭତ୍ତା ପ୍ରଦାନ କଲେ ସେମାନେ ଅନ୍ତତଃ ଦୁର୍ଦ୍ଦଶାମୁକ୍ତ ହୋଇ ପାରନ୍ତେ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭାରତର ଉଜ୍ଜ୍ୱଳ ଭବିଷ୍ୟତ ଝିଅଙ୍କ ଶିକ୍ଷାରେ



ମଧୁସୂଦନ ମିଶ୍ର

**ଭାରତ ଯଦି ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନକୁ ସାକାର କରିବାକୁ ଚାହେଁ, ତେବେ ତାହାର ପ୍ରଥମ ସର୍ତ୍ତ ହେଉଛି ଦେଶର କୌଣସି ଝିଅ ଶିକ୍ଷାରୁ ବଞ୍ଚିତ ନ ରୁହନ୍ତୁ । ପ୍ରତ୍ୟେକ ଝିଅର ହାତରେ ପୁସ୍ତକ, ପ୍ରତ୍ୟେକ ଗାଁରେ ଗୁଣାତ୍ମକ ବିଦ୍ୟାଳୟ, ପ୍ରତ୍ୟେକ ପରିବାରରେ ଶିକ୍ଷା ପ୍ରତି ସମ୍ମାନ ଏବଂ ପ୍ରତ୍ୟେକ ସମାଜରେ ଲିଙ୍ଗ ସମାନତାର ଚେତନା ସୃଷ୍ଟି ହେବା ଆବଶ୍ୟକ ।**

କୌଣସି ରାଷ୍ଟ୍ରର ସଭ୍ୟତା, ସଂସ୍କୃତି, ଅର୍ଥନୈତିକ ପ୍ରଗତି ଏବଂ ମାନବ ବିକାଶର ସବୁଠାରୁ ବଡ଼ ମାପକାଠି ହେଉଛି ସେହି ଦେଶର ଶିକ୍ଷା ବ୍ୟବସ୍ଥା । କିନ୍ତୁ ଏହି ଶିକ୍ଷା ବ୍ୟବସ୍ଥାର ପ୍ରକୃତ ସଫଳତା ସେତେବେଳେ ସାର୍ଥକ ହୁଏ, ଯେତେବେଳେ ସମାଜର ପ୍ରତ୍ୟେକ ଝିଅ ସମାନ ସୁଯୋଗ ପାଇ ସ୍କୁଲରେ ପ୍ରବେଶ କରିପାରେ, ଶିକ୍ଷା ସମାପ୍ତ କରିପାରେ ଏବଂ ନିଜର ସ୍ୱପ୍ନକୁ ସାକାର କରିପାରେ । ଶିକ୍ଷିତ ନାରୀ କେବଳ ନିଜ ଜୀବନକୁ ପରିବର୍ତ୍ତନ କରନ୍ତି ନାହିଁ ସେ ଗୋଟିଏ ପରିବାର, ଗୋଟିଏ ସମାଜ ଏବଂ ଗୋଟିଏ ରାଷ୍ଟ୍ରର ଭବିଷ୍ୟତକୁ ଆଲୋକିତ କରନ୍ତି । ସେଥିପାଇଁ ଝିଅଙ୍କ ଶିକ୍ଷା କେବଳ ସାମାଜିକ ନ୍ୟାୟର ପ୍ରଶ୍ନ ନୁହେଁ, ବରଂ ସ୍ଥାୟୀ ବିକାଶ, ଅର୍ଥନୈତିକ ସମୃଦ୍ଧି ଏବଂ ଜାତୀୟ ଅଗ୍ରଗତିର ମୂଳ ଆଧାର ।

ସମ୍ପ୍ରତି ପ୍ରକାଶିତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (NFHS-୬)ର ପ୍ରାଥମିକ ତଥ୍ୟ ଭାରତର ଶିକ୍ଷା କ୍ଷେତ୍ରରେ ଏକ ଚିନ୍ତାଜନକ ଚିତ୍ର ଉପସ୍ଥାପନ କରିଛି । ଏହି ସର୍ଭେ ଅନୁଯାୟୀ, ଦେଶର ପ୍ରାୟ ୨୬.୩ ପ୍ରତିଶତ ମହିଳା, ଯେଉଁମାନଙ୍କ ବୟସ ଛଅ ବର୍ଷରୁ ଅଧିକ, ସେମାନେ କେବେ ବିଦ୍ୟାଳୟର ଦ୍ୱାର ମାଡ଼ିନାହାନ୍ତି । ଏହି ପରିସଂଖ୍ୟାନ କେବଳ ଏକ ସଂଖ୍ୟା ନୁହେଁ, ଏହା ଲକ୍ଷ ଲକ୍ଷ ଅପୂର୍ଣ୍ଣ ସ୍ୱପ୍ନ, ହଜାର ହଜାର ପରିବାରର ସାମାଜିକ ବଞ୍ଚନା ଏବଂ ଭାରତର ଅସମାନ ବିକାଶର ଏକ ନିରବ ପ୍ରତିବିମ୍ବ ।

ଭାରତ ଆଜି ବିଶ୍ୱର ଦ୍ରୁତତମ ବିକାଶଶୀଳ ଅର୍ଥନୀତକ ରାଷ୍ଟ୍ର ମଧ୍ୟରୁ ଗୋଟିଏ । ମହାକାଶ ବିଜ୍ଞାନ, ସୂଚନା ପ୍ରଯୁକ୍ତି, ଡିଜିଟାଲ୍ ଅର୍ଥନୀତି, ଉଦ୍ୟୋଗ ଏବଂ ନବସୃଜନରେ ଭାରତ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରମାନଙ୍କ ସହ ସମକକ୍ଷ ହେବାକୁ ଚେଷ୍ଟା କରୁଛି । କିନ୍ତୁ ଯେତେବେଳେ ଦେଶର ବାଳିକାମାନେ ପ୍ରାଥମିକ ଶିକ୍ଷାରୁ ମଧ୍ୟ ବଞ୍ଚିତ ରହୁଛନ୍ତି, ସେତେବେଳେ ଏହି ବିକାଶର ସମତୁଳନ ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ । ଶିକ୍ଷା ବିନା କୌଣସି ଦେଶ ଜ୍ଞାନ ବା ଅର୍ଥନୀତିରେ ଦୀର୍ଘକାଳୀନ ନେତୃତ୍ୱ ହାସଲ କରିପାରିବ ନାହିଁ ।

ଏହି ତଥ୍ୟର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପକ୍ଷ ହେଉଛି ରାଜ୍ୟଗୁଡ଼ିକ ମଧ୍ୟରେ ଥିବା ବିଶାଳ ବୈଷମ୍ୟ । ତେଲେଙ୍ଗାନା, ବିହାର, ରାଜସ୍ଥାନ, ଝାଡ଼ଖଣ୍ଡ, ଅରୁଣାଚଳ ପ୍ରଦେଶ, ଆନ୍ଧ୍ର ପ୍ରଦେଶ, ଲଦାଖ, ମଧ୍ୟ ପ୍ରଦେଶ ଏବଂ ଉତ୍ତର ପ୍ରଦେଶରେ ଅଶିକ୍ଷିତ ମହିଳାଙ୍କ ସଂଖ୍ୟା ତୁଳନାମୂଳକ ଭାବେ ଅଧିକ ଥିବାବେଳେ କେରଳ, ଲକ୍ଷଦ୍ୱୀପ, ମଣିପୁର ଏବଂ ଗୋଆରେ ଏହି ହାର ବହୁତ କମ୍ । ଏହି ପାର୍ଥକ୍ୟ ପ୍ରମାଣ କରେ ଯେ କେବଳ ବିଦ୍ୟାଳୟ ନିର୍ମାଣ କରିଦେଲେ ଶିକ୍ଷା ସମସ୍ୟାର ସମାଧାନ ହୋଇଯାଏ ନାହିଁ । ସାମାଜିକ ସଚେତନତା, ନାରୀ ସଶକ୍ତିକରଣ, ଜନସ୍ୱାସ୍ଥ୍ୟ, ସ୍ଥାନୀୟ ପ୍ରଶାସନର କାର୍ଯ୍ୟଦକ୍ଷତା ଏବଂ ସମୁଦାୟର ସହଭାଗିତା ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ।

ଝିଅମାନଙ୍କ ଶିକ୍ଷାର ସବୁଠାରୁ ବଡ଼ ବାଧା ହେଉଛି ଦାରିଦ୍ର୍ୟ । ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରମାନେ ପ୍ରଥମେ ଜୀବିକାକୁ ପ୍ରାଥମିକତା ଦିଅନ୍ତି । ପୁସ୍ତକ, ପୋଷାକ, ଯାତାୟାତ, ଡିଜିଟାଲ୍ ଉପକରଣ ଏବଂ ଅନ୍ୟାନ୍ୟ ଶିକ୍ଷା ଖର୍ଚ୍ଚ ସେମାନଙ୍କ ପାଇଁ ଅତିରିକ୍ତ ବୋଝ ହୋଇଯାଏ । ଫଳରେ ଝିଅମାନଙ୍କୁ ଘରୋଇ କାମ, ଛୋଟ ଭାଇଭଉଣୀଙ୍କ ଦେଖାଶୁଣା କିମ୍ବା କୃଷି କାର୍ଯ୍ୟରେ ନିୟୋଜିତ କରାଯାଏ । ଏହି ଆର୍ଥିକ ବାସ୍ତବତା ଅନେକ ଝିଅଙ୍କ ଜୀବନରୁ ବିଦ୍ୟାଳୟକୁ ଦୂରେଇ ଦିଏ ।

ସାମାଜିକ କୁସଂସ୍କାର ଓ ଲିଙ୍ଗଗତ ଅସମାନତା ମଧ୍ୟ ଏହି ସମସ୍ୟାକୁ ଜଟିଳ କରିଥାଏ । ଆଜି ମଧ୍ୟ ଅନେକ ସ୍ଥାନରେ ଝିଅମାନଙ୍କ ଉଚ୍ଚଶିକ୍ଷାକୁ ଅନାବଶ୍ୟକ ବୋଲି ଧରାଯାଏ । ବାଲ୍ୟବିବାହ, ସୁରକ୍ଷା ସମସ୍ୟା, ଦୂରବର୍ତ୍ତୀ ବିଦ୍ୟାଳୟ, ମହିଳା ଶୌଚାଳୟର ଅଭାବ ଏବଂ ଯାତାୟାତର ଅସୁବିଧା ଝିଅମାନଙ୍କ ଶିକ୍ଷାକୁ ଅଧାରେ ବନ୍ଦ କରିଦିଏ । ଏହି ସମସ୍ୟାଗୁଡ଼ିକ କେବଳ ଶିକ୍ଷା ବିଭାଗର ନୁହେଁ, ଏହା ସମଗ୍ର ସମାଜ ପାଇଁ ଏକ ଆହ୍ୱାନ ।

ଆଦିବାସୀ ଏବଂ ଦୁର୍ଗମ ଅଞ୍ଚଳରେ ପରିସ୍ଥିତି ଆହୁରି ଜଟିଳ । ପାହାଡ଼ିଆ ଅଞ୍ଚଳ, ଜଙ୍ଗଲ, ଦୁର୍ବଳ ଯୋଗାଯୋଗ ବ୍ୟବସ୍ଥା ଏବଂ ବିଦ୍ୟାଳୟର ଦୂରତା ଝିଅମାନଙ୍କ ନିୟମିତ ଉପସ୍ଥିତିକୁ ବାଧା ଦିଏ । ଅନେକ ସ୍ଥାନରେ ଶିକ୍ଷକଙ୍କ ଅଭାବ ଏବଂ ଗୁଣାତ୍ମକ ଶିକ୍ଷାର ଅନୁପସ୍ଥିତି ଶିକ୍ଷାକୁ କେବଳ ନାମମାତ୍ର କରିଦେଇଛି ।

କୋଭିଡ୍-୧୯ ମହାମାରୀ ଏହି ସମସ୍ୟାକୁ ଆହୁରି ଗମ୍ଭୀର କରିଥିଲା । ଅନଲାଇନ୍ ଶିକ୍ଷା ସମୟରେ ଲକ୍ଷ ଲକ୍ଷ ଝିଅଙ୍କ ପାଖରେ ସ୍ମାର୍ଟଫୋନ୍, ଇଣ୍ଟରନେଟ୍ କିମ୍ବା ଡିଜିଟାଲ୍ ସୁବିଧା ନଥିଲା । ଅନେକ ପରିବାରରେ ଗୋଟିଏ ମୋବାଇଲ୍ ଥିଲେ ମଧ୍ୟ ପୁଅମାନଙ୍କୁ ପ୍ରାଥମିକତା ଦିଆଯାଇଥିଲା । ଏହି ଡିଜିଟାଲ୍ ବୈଷମ୍ୟ ଆଜି ମଧ୍ୟ ଗ୍ରାମୀଣ ଭାରତର ଏକ ବଡ଼ ସମସ୍ୟା ।

ତଥାପି ଭାରତର ସଫଳତାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । 'ବେଟି ବଚାଓ, ବେଟି ପଢ଼ାଓ', ସମଗ୍ର ଶିକ୍ଷା ଅଭିଯାନ, ମଧ୍ୟାହ୍ନ ଭୋଜନ ଯୋଜନା, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଛାତ୍ରବୃତ୍ତି, ସାଇକେଲ୍ ବଣ୍ଟନ, ନିଃଶୁଳ୍କ ପାଠ୍ୟପୁସ୍ତକ ଓ ୟୁନିଫର୍ମ ଭଳି ଯୋଜନା ଝିଅମାନଙ୍କ ନାମଲେଖା ଓ ବିଦ୍ୟାଳୟରେ ଉପସ୍ଥିତି ବଢ଼ାଇବାରେ ଉଲ୍ଲେଖନୀୟ ଭୂମିକା ନେଇଛି । ଆଜି ଦେଶର ବିଭିନ୍ନ ବୋର୍ଡ ପରୀକ୍ଷା, ପ୍ରତିଯୋଗିତାମୂଳକ ପରୀକ୍ଷା ଓ ଉଚ୍ଚଶିକ୍ଷାରେ ଝିଅମାନେ ପୁଅମାନଙ୍କଠାରୁ ଭଲ ପ୍ରଦର୍ଶନ କରୁଛନ୍ତି । ଏହା ସ୍ପଷ୍ଟ କରେ ଯେ ସୁଯୋଗ ମିଳିଲେ ଝିଅମାନେ କୌଣସି କ୍ଷେତ୍ରରେ ପଛରେ ରୁହନ୍ତି ନାହିଁ ।

ଓଡ଼ିଶାର ପରିପ୍ରେକ୍ଷୀରେ ଦେଖିଲେ ରାଜ୍ୟ ସରକାର ଗତ ଦୁଇ ଦଶନ୍ଧି ଧରି ଝିଅମାନଙ୍କ ଶିକ୍ଷା ବିସ୍ତାର ପାଇଁ ଅନେକ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି । ଆଦିବାସୀ ଅଞ୍ଚଳରେ ଆବାସିକ ବିଦ୍ୟାଳୟ, ଛାତ୍ରବୃତ୍ତି, ସାଇକେଲ୍ ବଣ୍ଟନ, ମିଶନ ଶକ୍ତି ମାଧ୍ୟମରେ ମହିଳା ସଶକ୍ତିକରଣ, ମୋ ସ୍କୁଲ୍ ଅଭିଯାନ, ଡିଜିଟାଲ୍ ଶିକ୍ଷା ଏବଂ ଉଚ୍ଚଶିକ୍ଷାର ସୁଯୋଗ ବୃଦ୍ଧି ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନୂତନ ଦିଗ ଦେଇଛି । ତଥାପି କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ, ରାୟଗଡ଼ା ଓ ମୟୂରଭଞ୍ଜ ଭଳି କେତେକ ଆଦିବାସୀ ଜିଲ୍ଲାରେ ଦାରିଦ୍ର୍ୟ, ଋତୁକାଳୀନ ସ୍ଥାନାନ୍ତରଣ, ଭୌଗୋଳିକ ଦୁର୍ଗମତା ଏବଂ ଡିଜିଟାଲ୍ ସୁବିଧାର ଅଭାବ ଏବେ ମଧ୍ୟ ଝିଅମାନଙ୍କ ଶିକ୍ଷାରେ ବାଧକ ହୋଇ ରହିଛି । ରାଜ୍ୟ ଯଦି ଗୁଣାତ୍ମକ ଶିକ୍ଷା, ଡିଜିଟାଲ୍ ସଂଯୋଗ, ଛାତ୍ରୀ ନିବାସ, ସୁରକ୍ଷିତ ପରିବହନ, STEM ଶିକ୍ଷା ଏବଂ ଉଚ୍ଚଶିକ୍ଷାରେ ଅଧିକ ବିନିଯୋଗ କରେ, ତେବେ ଓଡ଼ିଶା ସମଗ୍ର ଦେଶ ପାଇଁ ଏକ ଆଦର୍ଶ ମଡେଲ୍ ହୋଇପାରିବ ।

ଆଜିର ଆବଶ୍ୟକତା କେବଳ ବିଦ୍ୟାଳୟ ନିର୍ମାଣ ନୁହେଁ ବରଂ ଗୁଣାତ୍ମକ, ସମାବେଶୀ ଏବଂ ସୁରକ୍ଷିତ ଶିକ୍ଷା ପରିବେଶ ସୃଷ୍ଟି କରିବା । ଶିକ୍ଷକଙ୍କ ଗୁଣାତ୍ମକ ପ୍ରଶିକ୍ଷଣ, ଡିଜିଟାଲ୍ ଶିକ୍ଷା, କ୍ୟାରିୟର ପରାମର୍ଶ, ବୃତ୍ତିମୂଳକ ଶିକ୍ଷା, ଜୀବନ କୌଶଳ, ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ ସେବା ଏବଂ ମାନସିକ ସ୍ୱାସ୍ଥ୍ୟ ସହାୟତାକୁ ଶିକ୍ଷା ବ୍ୟବସ୍ଥାର ଅବିଚ୍ଛିନ୍ନ ଅଂଶ କରିବାକୁ ପଡ଼ିବ । ସେହିପରି କର୍ପୋରେଟ୍ ସାମାଜିକ ଦାୟିତ୍ୱ (CSR), ବିଶ୍ୱବିଦ୍ୟାଳୟ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସ୍ଥାନୀୟ ସମୁଦାୟମାନେ ମଧ୍ୟ ଏହି ଅଭିଯାନର ସହଭାଗୀ ହେବା ଆବଶ୍ୟକ । ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ ଓ ଗବେଷକମାନଙ୍କ ମତରେ ଯେଉଁ ଦେଶ ଝିଅମାନଙ୍କ ଶିକ୍ଷାରେ ବିନିଯୋଗ କରେ, ସେହି ଦେଶର ଅର୍ଥନୀତି ଦ୍ରୁତ ବିକାଶ କରେ, ମାତୃ ଓ ଶିଶୁ ମୃତ୍ୟୁହାର କମିଥାଏ, ଦାରିଦ୍ର୍ୟ ହ୍ରାସ ପାଏ ଏବଂ ସାମାଜିକ ସମାନତା ବୃଦ୍ଧି ପାଏ । ତେଣୁ ଝିଅମାନଙ୍କ ଶିକ୍ଷା ଉପରେ ହେଉଥିବା ପ୍ରତ୍ୟେକ ବିନିଯୋଗ ଭବିଷ୍ୟତର ସବୁଠାରୁ ଲାଭଜନକ ଜାତୀୟ ବିନିଯୋଗ । ଭାରତ ଯଦି ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନକୁ ସାକାର କରିବାକୁ ଚାହେଁ, ତେବେ ତାହାର ପ୍ରଥମ ସର୍ତ୍ତ ହେଉଛି ଦେଶର କୌଣସି ଝିଅ ଶିକ୍ଷାରୁ ବଞ୍ଚିତ ନ ରୁହନ୍ତୁ । ପ୍ରତ୍ୟେକ ଝିଅର ହାତରେ ପୁସ୍ତକ, ପ୍ରତ୍ୟେକ ଗାଁରେ ଗୁଣାତ୍ମକ ବିଦ୍ୟାଳୟ, ପ୍ରତ୍ୟେକ ପରିବାରରେ ଶିକ୍ଷା ପ୍ରତି ସମ୍ମାନ ଏବଂ ପ୍ରତ୍ୟେକ ସମାଜରେ ଲିଙ୍ଗ ସମାନତାର ଚେତନା ସୃଷ୍ଟି ହେବା ଆବଶ୍ୟକ । ଶେଷରେ କୁହାଯାଇପାରେ, ଗୋଟିଏ ଝିଅକୁ ଶିକ୍ଷିତ କରିବାର ଅର୍ଥ କେବଳ ଜଣେ ବ୍ୟକ୍ତିଙ୍କୁ ଶିକ୍ଷା ଦେବା ନୁହେଁ ଏହା ଗୋଟିଏ ପରିବାରକୁ ସଶକ୍ତ କରିବା, ଗୋଟିଏ ପିଢ଼ିକୁ ଆଲୋକିତ କରିବା ଏବଂ ଗୋଟିଏ ରାଷ୍ଟ୍ରର ଭବିଷ୍ୟତକୁ ସୁରକ୍ଷିତ କରିବା । ଯେଉଁଦିନ ଭାରତର ପ୍ରତ୍ୟେକ ଝିଅ ନିର୍ଭୟରେ ବିଦ୍ୟାଳୟକୁ ଯିବ, ଉଚ୍ଚଶିକ୍ଷା ଲାଭ କରିବ ଏବଂ ନିଜ ସ୍ୱପ୍ନକୁ ସାକାର କରିବ, ସେହିଦିନ ଭାରତ ପ୍ରକୃତ ଅର୍ଥରେ ଏକ ସମତାଭିତ୍ତିକ, ଜ୍ଞାନସମୃଦ୍ଧ ଏବଂ ବିକଶିତ ରାଷ୍ଟ୍ର ଭାବେ ବିଶ୍ୱ ସମ୍ମୁଖରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ । ଏହା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ ଏହା ପ୍ରତ୍ୟେକ ପରିବାର, ପ୍ରତ୍ୟେକ ଶିକ୍ଷକ, ପ୍ରତ୍ୟେକ ସାମାଜିକ ସଂଗଠନ ଏବଂ ପ୍ରତ୍ୟେକ ସଚେତନ ନାଗରିକଙ୍କ ସାମୂହିକ ସଙ୍କଳ୍ପ । ଶିକ୍ଷିତ ଝିଅ ହେଉଛନ୍ତି ଶକ୍ତିଶାଳୀ ଭାରତର ସବୁଠାରୁ ଉଜ୍ଜ୍ୱଳ ଆଶା ।

ଶେଷ ପର୍ଯ୍ୟନ୍ତ ଝିଅର ଶିକ୍ଷା କେବଳ ଏକ ସାମାଜିକ ଅଧିକାର ନୁହେଁ, ଏହା ଭାରତର ଭବିଷ୍ୟତ ଗଠନର ସବୁଠାରୁ ଦୂରଦର୍ଶୀ ବିନିଯୋଗ । NFHS-୬ର ୨୦୨୩-୨୪ ତଥ୍ୟ ଆମକୁ ଏକ ପଟେ ଆଶାର ଆଲୋକ ଦେଖାଉଛି, ଅନ୍ୟ ପଟେ ଅବଶିଷ୍ଟ ଶିକ୍ଷାଗତ ବୈଷମ୍ୟ ପ୍ରତି ସତର୍କ କରୁଛି । ଦେଶର ୬ ବର୍ଷ ଧରି ମହିଳାଙ୍କ ମଧ୍ୟରୁ ୭୩.୭ ପ୍ରତିଶତ କେବେ ନା କେବେ ବିଦ୍ୟାଳୟକୁ ଯାଇଥିବାବେଳେ ୨୬.୩ ପ୍ରତିଶତ ଏପର୍ଯ୍ୟନ୍ତ ବିଦ୍ୟାଳୟର ଅନୁଭୂତିରୁ ବଞ୍ଚିତ ରହିଛନ୍ତି । ଏହି ସଂଖ୍ୟା ଆମକୁ ସ୍ମରଣ କରାଏ ଯେ ବିକାଶର ଯାତ୍ରା ଏପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ।

୨୦୪୭ର ବିକଶିତ ଭାରତର ସ୍ୱପ୍ନ ସେତେବେଳେ ସାର୍ଥକ ହେବ, ଯେତେବେଳେ ଦେଶର ପ୍ରତ୍ୟେକ ଝିଅର ହାତରେ ପୁସ୍ତକ, ମନରେ ସ୍ୱପ୍ନ ଏବଂ ଜୀବନରେ ସୁଯୋଗ ରହିବ । ଶିକ୍ଷା ତାଙ୍କୁ କେବଳ ଜ୍ଞାନ ଦେବ ନାହିଁ ଦେବ ଆତ୍ମବିଶ୍ୱାସ, ସ୍ୱାବଲମ୍ବନ, ନିଷ୍ପତ୍ତି ନେବାର କ୍ଷମତା ଏବଂ ସମାଜକୁ ବଦଳାଇବାର ସାହସ । ତେଣୁ ଦାରିଦ୍ର୍ୟ, ବାଲ୍ୟବିବାହ, ଡିଜିଟାଲ୍ ବୈଷମ୍ୟ, ସୁରକ୍ଷା ଓ ଭୌଗୋଳିକ ପ୍ରତିବନ୍ଧକକୁ ଦୂର କରିବା ସହିତ ଗୁଣାତ୍ମକ ଓ ସମାବେଶୀ ଶିକ୍ଷାକୁ ସର୍ବୋଚ୍ଚ ଜାତୀୟ ପ୍ରାଥମିକତା କରିବାକୁ ହେବ । କାରଣ ଆଜିର ଶିକ୍ଷିତ ଝିଅ ହିଁ ଆସନ୍ତାକାଲିର ସଶକ୍ତ ମା', ସଚେତନ ନାଗରିକ, କୁଶଳ ପେଶାଜୀବୀ ଏବଂ ନେତୃତ୍ୱଦାୟୀ ଭାରତର ନିର୍ମାତ୍ରୀ । ଝିଅର ଶିକ୍ଷାରେ ଆମର ପ୍ରତ୍ୟେକ ପଦକ୍ଷେପ ଅର୍ଥାତ୍ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ଏକ ଦୃଢ଼ ପଦକ୍ଷେପ ।

**(ଶ୍ରୀ ମିଶ୍ର ଭାରତୀୟ ପ୍ରଶାସନିକ ସେବାର ଜଣେ ଅଭିଜ୍ଞ ଅବସରପ୍ରାପ୍ତ ଅଧିକାରୀ ଓ ଲେଖକ)**
ମୋ-୯୯୩୭୮୯୬୧୮

# ସୁଦୃଢ଼ ଗଣତନ୍ତ୍ର ପାଇଁ ଆମ ସ୍ୱପ୍ନ



କିଶୋର ଚନ୍ଦ୍ର ବେହେରା

ସଂଗ୍ରାମ ବିନା ମୁକ୍ତି ତଥା ସ୍ୱାଧୀନତା ସମ୍ଭବ ନଥିଲା । ଆଜି ଯେଉଁ ସ୍ୱାଧୀନତାର ସ୍ୱାଦକୁ ପ୍ରତ୍ୟେକ ଭାରତୀୟ ଅନୁଭବ କରୁଛନ୍ତି, ତାହା ବର୍ଷ ବର୍ଷର ସଂଗ୍ରାମ । କାରଣ ସ୍ୱାଧୀନତା ହେଉଛି ଦେଶ ଓ ଜାତିର ଅମୂଲ୍ୟ ସମ୍ପଦ । ଏହାକୁ ପାଇବା ପାଇଁ କେତେକ ଯେ କଷ୍ଟ କରାଯାଇଛି, ତାହା ପ୍ରତ୍ୟେକ ଭାରତୀୟଙ୍କୁ ଜଣା । ମହାତ୍ମା ଗାନ୍ଧିଙ୍କ ଡାକରାରେ ସମସ୍ତ ଦେଶବାସୀ ଯେତେବେଳେ ସ୍ୱାଧୀନତାର ଆନ୍ଦୋଳନରେ ଝାସ ଦେଇଥିଲେ, ତାହାର ବହୁ ବର୍ଷ ପୂର୍ବରୁ ଓଡ଼ିଶାରେ ଆରମ୍ଭ ହୋଇ ଯାଇଥିଲା ଇଂରେଜଙ୍କ ବିରୋଧରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଏବଂ ଏହି ମୁକ୍ତିର ଆନ୍ଦୋଳନ କ୍ଷେତ୍ରରେ ଓଡ଼ିଶାର ଅବଦାନ ଅତି ଗୁରୁତ୍ୱପୂର୍ଣ୍ଣ । ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନରେ ଓଡ଼ିଶା ଏକ ପ୍ରମୁଖ ଓ ଗୌରବମୟ ଭୂମିକା ଗ୍ରହଣ କରିଥିଲା ।

ଏହି ଆନ୍ଦୋଳନରେ ବହୁ ବଡ଼ ବଡ଼ ସଂଗ୍ରାମୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ବ୍ରିଟିଶ ବିରୋଧୀ ସଂଗ୍ରାମକୁ ଜୋରଦାର କରିଥିଲେ । ବର୍ଷ ବର୍ଷ ଧରି ଦାସତ୍ୱର ଶିକୁଳିରେ ବନ୍ଧା ହୋଇଥିବା ଭାରତ ୧୯୪୭ ମସିହାରେ ସ୍ୱାଧୀନ ହୋଇଥିଲା । ଏହି ସ୍ୱାଧୀନତା ଲକ୍ଷ ଲକ୍ଷ ଲୋକଙ୍କ ବଳିଦାନ କାରଣରୁ ସମ୍ଭବ ହୋଇ ପାରିଥିଲା ।

ଏହି ମହାନ ଲୋକମାନେ ନିଜର ତନୁ-ଧନ-ମନ ତ୍ୟାଗ କରି ଦେଶର ସ୍ୱାଧୀନତା ପାଇଁ ସବୁ କିଛି ଭେଟି ଦେଇ ଦେଇଥିଲେ । ସେମାନେ ତାଙ୍କ ପରିବାର, ଘର-ଦ୍ୱାର, ଦୁଃଖ-ସୁଖକୁ ଭୁଲି ନିଜର ପ୍ରାଣକୁ ଦେଶର ସ୍ୱାଧୀନତା ପାଇଁ ବଳିଦେଇ ଥିଲେ ।

ସ୍ୱତନ୍ତ୍ରତାର ଏହି ଆନ୍ଦୋଳନରେ ଆମ ସମାଜର ସବୁ ବର୍ଗର ଲୋକ ସାମିଲ ହୋଇଥିଲେ । କେବଳ ପୁରୁଷ ସ୍ୱାଧୀନତା ସଂଗ୍ରାମୀ ଆମ ଦେଶ ସ୍ୱାଧୀନରେ ସାମିଲ ହୋଇନଥିଲେ, ବରଂ ଏମିତି ଅନେକ ମହିଳା ସ୍ୱାଧୀନତା ସଂଗ୍ରାମୀ ଥିଲେ ଯେଉଁମାନେ ଦେଶର ସ୍ୱାଧୀନତାରେ ଯୋଗ ଦେଇଥିଲେ । ଓଡ଼ିଶାର ସେହି ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କୁ ପ୍ରଣାମ କରୁଛୁଁ, ଯେଉଁମାନେ ଏଥିରେ ସାମିଲ ହୋଇଥିଲେ ।

କ୍ରାନ୍ତିକାରୀମାନଙ୍କ ମୁଖ୍ୟ ସ୍ୱପ୍ନ ଥିଲା ଏକ ସ୍ୱାଧୀନ, ସମତାଭିତ୍ତିକ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନ କରିବା, ଯେଉଁଠାରେ ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର, ସ୍ୱାଧୀନତା ଏବଂ ଶୋଷଣରୁ ମୁକ୍ତି ମିଳିପାରିବ । ଜାତି, ଧର୍ମ କିମ୍ବା ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସମାନ ଅଧିକାର । ଦରିଦ୍ର ଓ ଅବହେଳିତ ବର୍ଗଙ୍କ ଉପରେ ଚାଲିଥିବା ଅନ୍ୟାୟ ଓ ଶୋଷଣର ଅନ୍ତ । ରାଜା କିମ୍ବା ବିଦେଶୀ ଶାସକଙ୍କ ବଦଳରେ ଲୋକଙ୍କ ଦ୍ୱାରା ନିର୍ବାଚିତ ଶାସନ ବ୍ୟବସ୍ଥା । ମୌଳିକ ଅଧିକାରର ସୁରକ୍ଷା ଏବଂ ପ୍ରତ୍ୟେକ ନାଗରିକଙ୍କୁ ବାକ୍ ସ୍ୱାଧୀନତା ଏବଂ ନିରାପତ୍ତା ପ୍ରଦାନ । ନିରଙ୍କୁଶ ରାଜତନ୍ତ୍ର ବିରୋଧରେ ସଂଗଠିତ ଜନମତରୁ ଗଣତନ୍ତ୍ରର ସୃଷ୍ଟି ।

ଜନଚେତନା ଓ ବୌଦ୍ଧିକ ଚେତନାର ମିଶ୍ରଣରୁ ଜନ୍ମନିଏ ଆଜିର ଗଣତାନ୍ତ୍ରିକ ଚିନ୍ତାଧାରା । ସମ୍ରାଟଙ୍କ ଅଖଣ୍ଡ ଆଧିପତ୍ୟକୁ ଜନସାଧାରଣ ଗ୍ରହଣ କରିବାକୁ ଅନିଚ୍ଛୁକ ହେବାରୁ ପୃଥିବୀରେ ତିନିଗୋଟି ଜନ ବିପ୍ଳବ ଜନ୍ମ ନେଇଥିଲା , ଯାହା ଥିଲା ସମାନତା, ସ୍ୱତନ୍ତ୍ରତା ଓ ନ୍ୟାୟ । ଇଂଲଣ୍ଡର ୧୬୮୮ ମସିହାର 'ଗ୍ଲୋରିୟସ ବିପ୍ଳବ', ୧୭୭୬ ମସିହାର 'ଆମେରିକାର ସ୍ୱାଧୀନତା ସଂଗ୍ରାମ' ଓ ୧୭୮୯ ମସିହାର 'ଫରାସୀ ବିପ୍ଳବ' ବିଶ୍ୱ -ଇତିହାସକୁ ଓଲଟ ପାଲଟ କରିଦେଲା ।

ରାଜତନ୍ତ୍ରର ଅବସାନ ପରେ ଜନ୍ମ ନେଲା ଗଣତନ୍ତ୍ର । ଏହା ମାତ୍ର ୪୦୦ ବର୍ଷ ତଳର କଥା । ଜନସାଧାରଣଙ୍କ ଦାବି ପୂରଣ ହେଲା ଓ ସେମାନେ ପାଇଲେ ସାର୍ବଭୌମ ଶାସନ କ୍ଷମତା । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜନସାଧାରଣ ଏକଥା ସ୍ପଷ୍ଟ ବୁଝିପାରିଥିଲେ ଯେ କ୍ଷମତାର ଦୁଇଟି ଉତ୍ସ-ଯଥା ଜନମତ ଓ ଜନସମ୍ମତି ହେଉଛି ଗଣତନ୍ତ୍ରର ଭିତ୍ତିଭୂମି । ବିଳମ୍ବରେ ହେଲେ ବି ଗଣତନ୍ତ୍ରରେ ସମସ୍ତ ନିଷ୍ପତ୍ତି ଆଲୋଚନା ଓ ବିତର୍କ ମାଧ୍ୟମରେ ନିଆଯାଏ । ଏହା ଏକ ଶିକ୍ଷଣୀୟ ଶାସନ ବ୍ୟବସ୍ଥା, ଯାହାକି ଜନସାଧାରଣଙ୍କୁ ରାଜନୈତିକ ନେତୃତ୍ୱ ଓ ଦାୟିତ୍ୱ ସମ୍ପର୍କରେ ଶିକ୍ଷିତ କରିଥାଏ । ଗଣତନ୍ତ୍ରରେ ସୃଷ୍ଟି ହେଉଥିବା ଭେଦଭାବ ଓ କନ୍ଦଳର ସମାଧାନ କେବଳ ଏକ ଶାନ୍ତ ପରିବେଶରେ ଆଲୋଚନା ମାଧ୍ୟମରେ ସମ୍ଭବ ହୁଏ । ଗଣତନ୍ତ୍ରରେ କେହି ସର୍ବଦା ଲାଭ ବା କ୍ଷତି ସହନ୍ତି ନାହିଁ । ଗଣତନ୍ତ୍ରରେ ବ୍ୟକ୍ତିର ଅଧିକାର, ସମାନତା ଓ ବ୍ୟକ୍ତି ପଦମର୍ଯ୍ୟାଦା ସୁରକ୍ଷିତ ରହେ । ଅଗଷ୍ଟ କ୍ରାନ୍ତି ଦିବସ । ଭାରତର ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଦିନ । ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ଭାରତକୁ ବ୍ରିଟିଶ ମୁକ୍ତ କରିବା ପାଇଁ 'ଭାରତ ଛାଡ଼ ଆନ୍ଦୋଳନ'ର ଡାକରା ଦେଇଥିଲେ ଜାତିର ପିତା ମହାତ୍ମା ଗାନ୍ଧି । ଏହାପରେ ଭାରତବାସୀ ଏକଜୁଟ୍ ହୋଇ ଗୋରା ସାହେବଙ୍କ ବିରୋଧରେ ଲଢ଼େଇ କରିଥିଲେ । ମୁମ୍ବାଇର ଅରୁଣା ଆସଫ ଅଲ୍ଲୀ କ୍ରାନ୍ତି ମଇଦାନରେ ପତାକା ଉଡ଼ାଇ ଆନ୍ଦୋଳନ ପାଇଁ ଶଙ୍ଖଧ୍ୱନି ଦେଇଥିଲେ । ଏହି ଆନ୍ଦୋଳନ ବ୍ରିଟିଶ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିଲା । ଆଜି ସେହି ମହାନ ସଂକଳ୍ପର ସ୍ମୃତି ଚାରଣ କରୁଛି ଭାରତବର୍ଷ । ଦେଶ ପାଇଁ ଜୀବନ ଦେଇଥିବା ବୀର ସଂଗ୍ରାମୀମାନଙ୍କ ବଳିଦାନକୁ ମନେ ପକାଉଛନ୍ତି କୋଟି କୋଟି ଭାରତୀୟ । ଇତିହାସକୁ ମନେ ପକାଇ ଦେଶକୁ ବିକାଶ ପଥରେ ଆଗେଇ ନେବାକୁ ଦେଶ ପାଳୁଛି 'କ୍ରାନ୍ତି ଦିବସ' । ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଚିନ୍ତାଧାରା ଦେଶପ୍ରେମ, ଜାତୀୟତାବୋଧ, ଅହିଂସା, ସାମଜିକ ସମତା ଏବଂ ସ୍ୱରାଜ ଉପରେ ପର୍ଯ୍ୟବେସିତ ଥିଲା ।

ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଦେଶକୁ ବ୍ରିଟିଶ ଶାସନରୁ ମୁକ୍ତ କରି ଏକ ସ୍ୱାଧୀନ, ଆତ୍ମନିର୍ଭରଶୀଳ ଏବଂ ଏକତାବଦ୍ଧ ଭାରତ ଗଠନ କରିବା । ସୁଦୃଢ଼ ଗଣତନ୍ତ୍ରର ସ୍ଥାପନ ନିମନ୍ତେ ଦେଖିଥିଲେ ଅସୁମାରୀ ସ୍ୱପ୍ନ । ସମସ୍ତ ପରିକଳ୍ପନାର ବାସ୍ତବତାକୁ ଧୂଳିସାତ କରିଦେଲାଣି ଆଜିର ଚତୁର ସଭ୍ୟତାର ନାଗରିକ ବୃନ୍ଦ । ଗଣତନ୍ତ୍ର କେବଳ ନାମକୁ ମାତ୍ର କାରଣ ଏ ଦେଶର ଜନତାଙ୍କ ଭିତରେ ଗରିବ ହେବାଲାଗି ଯେପରି ଏକରକମର ଗଣଦୌଡ଼ ଚାଲିଛି । ନାଁ କେମିତି ପଡିକାର୍ଡରେ ରହିବ, କେମିତି ମିଳିବ ଇନ୍ଦିରା ଆବାସ, କେମିତି ମିଳିବ ବିଭିନ୍ନ ସବ୍‌ସିଡି ଏଇଥିରେ ବିତିଯାଏ ଅନେକଙ୍କ ଜୀବନ । ତା' ଭିତରେ ସେ ଭୁଲିଯାଏ ସେ, ଦେଶର ମାଲିକ ବୋଲି । ବ୍ୟକ୍ତି ଆଜି ସାମୂହିକ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥ ଉପରେ ଅଧିକ ଗୁରୁତ୍ୱ ଦେଉଛି ମଣିଷ । ଆଜିର ସମାଜରେ ଗଣତନ୍ତ୍ର ପ୍ରତି ଲୋକଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷ ଏବଂ ନୈରାଶ୍ୟର ଏହା ଏକ ପ୍ରତିଫଳନ । ନିର୍ବାଚନ, ସ୍ୱାଧୀନତା ଏବଂ ଜନକଲ୍ୟାଣ ନାମରେ ଚାଲିଥିବା ବ୍ୟବସ୍ଥା ପ୍ରତି ଯେତେବେଳେ ସାଧାରଣ ଜନତାଙ୍କ ଆସ୍ଥା ତୁଟେ, ସେତେବେଳେ ଏଭଳି ଚିନ୍ତାଧାରା ପ୍ରକାଶ ପାଇଥାଏ ।

୨୦୪୭ ସୁଦ୍ଧା ବିକଶିତ ଭାରତର ପରିକଳ୍ପନାକୁ ଆଗେଇ ନେବାରେ ପ୍ରତ୍ୟେକ ନାଗରିକଙ୍କୁ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିବାକୁ ପଡ଼ିବ । ନାଗରିକମାନଙ୍କୁ ସେମାନଙ୍କ ଆଇନଗତ ଅଧିକାର ଏବଂ ଦାୟିତ୍ୱ ବିଷୟରେ ଜ୍ଞାନ ସହିତ ସଶକ୍ତ କରିବା, ଆଇନଗତ ଅନୁପାଳନର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏବଂ ଆମ ଦେଶରେ ଆଇନର ଶାସନକୁ ସୁଦୃଢ଼ କରିବା ପାଇଁ କ୍ରାନ୍ତିକାରୀଙ୍କ ଗଣତାନ୍ତ୍ରିକ ସ୍ୱପ୍ନକୁ ସାକାର କରିବା ପାଇଁ ଚେଷ୍ଟା କରିବା । ଆମର ବ୍ୟକ୍ତିଗତ କାର୍ଯ୍ୟରୁ ଉର୍ଦ୍ଧ୍ୱକୁ ଉଠି ପ୍ରଗତି, ଅନ୍ତର୍ଭୁକ୍ତୀକରଣ ଏବଂ ଧାରଣୀୟ ବିକାଶର ସ୍ତମ୍ଭ ଉପରେ ନିର୍ମିତ ହୋଇଥିବା ଏକ ରାଷ୍ଟ୍ର ଗଠନ ପାଇଁ ହାତ ମିଳାଇବାର ଏକ ଆନ୍ତରିକ ସଂକଳ୍ପ ଆମର ଲୋଡ଼ା । ଭାରତର ଜନକଲ୍ୟାଣକାରୀ ଏବଂ ସମାବେଶୀ ନୀତି ସାଧାରଣ ମଣିଷର ଜୀବନଶୈଳୀକୁ ସୁରକ୍ଷିତ ଓ ଦୃଢ କରିଛି । ମହିଳା, ଯୁବପିଢି ତଥା ବଞ୍ଚିତ ବର୍ଗର ଲୋକମାନେ ଆଜି ଆଶା ଓ ଉତ୍ସାହର ସହ ନିଜ ପରିବାର ଏବଂ ସମାଜ ପାଇଁ ମୂଲ୍ୟବାନ ଯୋଗଦାନ ରଖୁଛନ୍ତି ।

କିନ୍ତୁ, ଭାରତବର୍ଷର ପ୍ରଗତିରେ ଭ୍ରଷ୍ଟାଚାର, ବଂଶବାଦ ଓ ତୁଷ୍ଟୀକରଣ ମନୋବୃତ୍ତି ଆଧାରିତ ରାଜନୀତି ବାଧକ ସାଜିଛି । ଏହିସବୁ ବିଷୟ, ଦେଶକୁ ଏକ ପ୍ରଗତିଶୀଳ, ବିକଶିତ ଏବଂ ସ୍ଥିର ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଗଢି ତୋଳିବା କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରି ଚାଲିଛି ।

ସାଧାରଣ ଭାରତୀୟମାନଙ୍କର ଭ୍ରଷ୍ଟାଚାର ତଥା ଅରାଜକତା ମୁକ୍ତ ଶାସନ ପାଇବାରେ ପ୍ରତିବନ୍ଧକ ସାଜୁଛି । ତେଣୁ ଗାନ୍ଧିଜୀଙ୍କ ୧୯୪୨ର ଭାରତ ଛାଡ ଆନ୍ଦୋଳନର ପ୍ରାସଙ୍ଗିକତା ଆଜି ଆହୁରି ବଢିଯାଇଛି ବୋଲି ସଚେତନ ନାଗରିକମାନେ ଚିନ୍ତା ପ୍ରକଟ କରିଛନ୍ତି ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ,**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ,**
**ନନ୍ଦପୁର, କୋରାପୁଟ**
**ମୋ-୯୪୩୭୯୫୫୫୬୮**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି ଉତ୍ତରରେ...

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ପଶ୍ଚିମ ଦିଗକୁ ଗତି କରି ଉତ୍ତର ଓଡ଼ିଶା ପାର୍ଶ୍ୱବର୍ତ୍ତୀ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ରହିବ । ଫଳରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ । ସୋମବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ ଆଦି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାସହ ବାଲେଶ୍ୱର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାରେ ସ୍ଥାନେ ଦୁଇ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ । ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବାର ସମ୍ଭାବନା ଅଛି ।

ସେପଟେ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ଅଗଷ୍ଟ ଶେଷ ଆଡକୁ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଯାଉଛି । ଏହା ପ୍ରଭାବରେ ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ଅଧିକ ବର୍ଷା ହେବ । କିନ୍ତୁ ଦକ୍ଷିଣ ଓଡ଼ିଶାରେ ବର୍ଷାର ନିୟଣ୍ଟିଆ ସ୍ଥିତି ବଜାୟ ରହିବ । ବର୍ତ୍ତମାନ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆଗାମୀ ୨/୩ ଦିନ ମଧ୍ୟରେ ଉତ୍ତର ଓଡ଼ିଶା ଦେଇ ଛତିଶଗଡ଼ ଆଡକୁ ଗତି କରିବ । ଅଗଷ୍ଟ ୨୪ରୁ ୨୬ ତାରିଖ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଝାରସୁଗୁଡ଼ା ସମେତ ନଦୀର ଉପରମୁଣ୍ଡରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ । ୨୭ରୁ ୨୮ ତାରିଖ ବେଳକୁ ବର୍ଷା କମି ଯାଇ କେବଳ ପଶ୍ଚିମ ସୀମାନ୍ତ ଜିଲ୍ଲା ବରଗଡ଼, ଝାରସୁଗୁଡ଼ା, ନୂଆପଡ଼ା, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାରେ ସୀମିତ ରହିବ । ଗଞ୍ଜାମ, ଗଜପତି, ରାୟଗଡ଼ ଓ କୋରାପୁଟରେ ହାଲୁକା ବର୍ଷା ହୋଇଥିବାରୁ ଗଞ୍ଜାମ ଓ ଗଜପତିରେ ଘୋର ବର୍ଷା ଅଭାବ ଦୂର ହେବ ନାହିଁ ।

ଅଗଷ୍ଟ ୨୯ ରୁ ୩୦ ବେଳକୁ ବଙ୍ଗୋପସାଗରରେ ଆଉ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧ ମଧ୍ୟରେ ନୂଆ ଲଘୁଚାପରେ ପରିଣତ ହେବ । ଏହା ମଧ୍ୟ ଉତ୍ତର ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ ଆଡକୁ ଗତି କରିବ । ଏହା ପ୍ରଭାବରେ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୨ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର, ସୁନ୍ଦରଗଡ଼, ସୋନପୁର, ବରଗଡ଼, ସମ୍ବଲପୁର, ବଲାଙ୍ଗୀର ଓ କଳାହାଣ୍ଡିରେ ପୁଣି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ସେପ୍ଟେମ୍ବର ୪ରୁ ୧୦ ତାରିଖ ମଧ୍ୟରେ ଲଘୁଚାପ ଦୁର୍ବଳ ହେବା ପରେ ରାଜ୍ୟରେ ବର୍ଷାର ପରିମାଣ କମିଯିବ । ଉପକୂଳ, ଉତ୍ତର, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ସାଧାରଣ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ତେବେ ଗଞ୍ଜାମ, ଗଜପତି ଓ ରାୟଗଡ଼ାରେ ନିଅଣ୍ଟିଆ ବର୍ଷା ତିଥିରେ କୌଣସି ସୁଧାର ଆସିବ ନାହିଁ ବୋଲି ଶ୍ରୀ ପଶୁପାଳକ କହିଛନ୍ତି ।

## ବାଂଲାଦେଶରେ...

ପୂଜା କହିଛନ୍ତି ଯେ ପରିବାର ଏହି ଚାରି ଜଣଙ୍କୁ କିଏ ଟାର୍ଗେଟ କରିବ କିମ୍ବା ଏହି ଅପରାଧ ପଛରେ କ'ଣ ଉଦ୍ଦେଶ୍ୟ ହୋଇପାରେ ତାହା ବୁଝିପାରୁନାହିଁ । ମୋ ଭଉଣୀର ସ୍ୱାମୀ ଜଣେ ବହୁତ ଭଲ ଲୋକ ଥିଲେ । ତାଙ୍କର କୌଣସି ଶତ୍ରୁ ନଥିଲେ । ସେମାନେ ଦାସପାରାରେ ଏକ ନୂଆ ଘର ତିଆରି କରିଥିଲେ ଏବଂ ସେଠାରେ ରହୁଥିଲେ ।ଗଣପତିଙ୍କ ଝିଆରୀ ସୋମା ଚକ୍ରବର୍ତ୍ତୀ, କହିଛନ୍ତି ଯେ ସେ ତାଙ୍କ ଚାଚାଙ୍କର କୌଣସି ଶତ୍ରୁ ନଥିଲେ । ସ୍କୁଲରୁ ଅବସର ନେବା ପରେ, ସେ ଜଣେ ହୋମିଓପାଥିକ୍ ଡାକ୍ତର ଭାବରେ କାମ କରିବା ଆରମ୍ଭ କରିଥିଲେ । ଇତିମଧ୍ୟରେ, ପୁଲିସ ଏବଂ ଫୋରେନସିକ୍ ଦଳ ତଦନ୍ତ ଆରମ୍ଭ କରିଛନ୍ତି । ରଙ୍ଗପୁର ମେଟ୍ରୋପଲିଟାନ୍ ସିଆଇଡି ଇନଚାର୍ଜ ସୁବୀର ଚୌଧୁରୀ କହିଛନ୍ତି ଯେ ମା' ଏବଂ ଝିଅଙ୍କ ମୃତଦେହ ସିଡ଼ିରୁ ଉଦ୍ଧାର କରାଯାଇଛି, ଯେତେବେଳେ ଗଣପତିଙ୍କ ମୃତଦେହ ଛାତରୁ ମିଳିଛି । ପୁଅର ମୃତଦେହ ଖଟ ତଳୁ ମିଳିଛି । ଚୌଧୁରୀ କହିଛନ୍ତି ଯେ, ମାମଲାର ତଦନ୍ତ କରାଯାଉଛି ଏବଂ ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ କରାଯାଉଛି ।

## ୪ ଦିନ ବିତିଲା,...

ସମୁଦ୍ରରେ ଜୋରଦାର ସର୍ଚ୍ଚ ଅପରେସନ ଚାଲୁ ରହିଛି ଭାରତୀୟ କୋଷ୍ଟଗାର୍ଡ , ଭାରତୀୟ ନ୍ୟାଭି ଓ ସେହି ରୁଟ ଦେଇ ଯାଉଥିବା ଏବଂ ଆସୁଥିବା ସମସ୍ତ ପଣ୍ୟବାହୀ ଜାହାଜ ଏହି ଅପରେସନରେ ସାମିଲ ଅଛନ୍ତି ପ୍ରତିକୂଳ ପାଗ ସତ୍ତ୍ୱେ କୋଷ୍ଟଗାର୍ଡର ଭରୋଦ,ଅନମୋଲ ଓ ଭିଜିତ ତିନୋଟି ଯୁଦ୍ଧ ଜାହାଜ ଏହି ଅପରେସନରେ ସାମିଲ ଥିବା ବେଳେ ଆକାଶ ମାର୍ଗରେ ଭାରତୀୟ ନୌସେନାର ଏୟାରକ୍ରାଫ୍ଟ ସମେତ ଅତ୍ୟାଧୁନିକ ପି-୮୧ ବୋଇଙ୍ଗ ବିମାନ ମଧ୍ୟ ସାମିଲ ହୋଇଛି । ଗତକାଲି ରାତ୍ରିରେ ନୌସେନାର ଏୟାରକ୍ରାଫ୍ଟ ଆକାଶ ମାର୍ଗରୁ ଲାଇଫ ରାଫଟ ଠାବ କରିବା ସହ ନିକଟରେ ଆସୁଥିବା ଏକ ବାଣିଜ୍ୟିକ ଜାହାଜ ଆଇସୋପୋଷକୁ ଖବର ଦେବା ପରେ ଦୁଇ କ୍ରିୟୁ ସଦସ୍ୟଙ୍କୁ ଜୀବିତ ଉଦ୍ଧାର କରାଯାଇଛି । ଦୁଇ କ୍ରିୟୁ ସଦସ୍ୟ ଚାଇନିଜ ହୋଇଥିବା ବେଳେ ଅନ୍ୟ ୨୨ କ୍ରିୟୁ ସଦସ୍ୟଙ୍କ ଏଯ୍ୟନ୍ତ ପତ୍ତା ମିଳିନି । ଗତ ୨୦ ତାରିଖରେ ଓସେନ ୱିନର ନାମକ ପାନାମା ପତାକା ଧାରୀ ଜାହାଜ ପାରାଦୀପକୁ ସଲଫର ଆଣି ଆସିଥିବା ବେଳେ ଏଠାରେ ଖଲାସି କରି ସି କ୍ୱିୟୁ-୨ ବର୍ଥରେ ବର୍ଥ କରିବା ପରେ ସେଥିରେ ପ୍ରାୟ ୭୧ ହଜାର ୨୦୦ ମେଟ୍ରିକ ଟନ ଆଇରନଓର ବୋଝେଇ କରି ଉକ୍ତ ଦିନ ରାତି ୧୦ଟା ୪୩ମିନିଟ ସମୟରେ ପାରାଦୀପ ପୋତାଶ୍ରୟ ଛାଡି ଚାଇନା ଅଭିମୁଖେ ନିଜର ଯାତ୍ରା ଆରମ୍ଭ କରିଥିଲା ଜାହାଜଟି ପାରାଦୀପ ସମୁଦ୍ର ଉପକୂଳରୁ ପ୍ରାୟ ୨୨୦ ନାଟିକାଲ ମାଇଲ ଦୂର ପୋର୍ଟ ବ୍ଲେୟାର ଦୀପପୁଞ୍ଜ ପାଖରେ ଥିବା ବେଳେ ତା ସହିତ ଆଉ ଯୋଗାଯୋଗ ହୋଇ ପାରି ନଥିଲା ଏହି ଜାହାଜ ମଧ୍ୟରେ ଚାଇନିଜ ୨୦ ଜଣ , ମିଆଁମାରର ୩ ଜଣ ଓ ବାଂଲାଦେଶର ଜଣେ ସମୁଦାୟ ୨୪ ଜଣ କ୍ରିୟୁ ସଦସ୍ୟ ଥିଲେ ଏହା ଏକ ବିଦେଶୀ ଜାହାଜ ଓ ଏଥିରେ ସମସ୍ତ କ୍ରିୟୁ ସଦସ୍ୟ ବିଦେଶୀ ହୋଇଥିବା ବେଳେ ଏହି ଘଟଣା ଏବେ ଏକ ପ୍ରମୁଖ ସମ୍ବେଦନଶୀଳ ଖବର ପାଲଟିଛି ଗଭୀର ସମୁଦ୍ରରେ ସର୍ଚ୍ଚ ଅପରେସନରେ ସାମିଲ ଥିବା ସମସ୍ତ ଏଜେନସି ପାଗର ପ୍ରତିକୂଳ ହେତୁ ଅକ୍ଲାନ୍ତ ପରିଶ୍ରମ କରୁଥିବା ଓ ଅନ୍ୟ ୨୨ ମୂଲ୍ୟବାନ ଜୀବନ ବଞ୍ଚାଇବାକୁ ଚେଷ୍ଟା କରୁଥିବା ଜଣାପଡିଛି ଜାହାଜଟିର ଲମ୍ବ ୨୨୫ ମିଟର ଥିବା ବେଳେ ଉଚ୍ଚତା ୩୨.୨୬ ମିଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କେଉଁ କାରଣରୁ ଜାହାଜଟି ବୁଡିଗଲା ଜାହାଜରେ କିଛି ବୈଷୟିକ ତ୍ରୁଟି ଥିଲା କି ? ଯାତ୍ରା ପୂର୍ବରୁ ଜାହାଜର ସମସ୍ତ ସୁରକ୍ଷା ବ୍ୟବସ୍ଥା ଠିକ ଭାବେ ତନଖି କରାଯାଇଥିଲା ତ ? ସମୁଦ୍ରରେ ପ୍ରତିକୂଳ ପାଣିପାଗ ଜାହାଜ ବୁଡ଼ିବାର କାରଣ ନୁହେଁ ତ ? ଅଧିକ ଓଜନର ମାଲ ପରିବହନ ବୁଡିଯିବାର ଅନ୍ୟ ଏକ କାରଣ ନୁହେ ତ ? ଠିକ ଭାବେ ପଣ୍ୟ ଲୋଡିଂ ହୋଇ ନଥିବାରୁ ଜାହାଜଟି ଗୋଟିଏ ପଟକୁ ଢଳି ବୁଡିଗଲା କି ? ଏହିଭଳି ଅନେକ ପ୍ରଶ୍ନ ଏବେ ସାମ୍ନାକୁ ଆସିଥିବା ବେଳେ ଆଗକୁ ଏହାକୁ ନେଇ ତଦନ୍ତ ହେବ ବୋଲି ଜଣାପଡିଛି ।

## ତାମିଲନାଡୁରେ...

ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲା । ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ପୁଲିସ ଅଧୀକ୍ଷକ ପି ରାଜନଙ୍କ ନେତୃତ୍ୱରେ ପୁଲିସ ଟିମ୍ ଏହି ଦୁଇ ଜଣଙ୍କୁ ଚିହ୍ନଟ କରି ସେମାନେ ଗୁଡୁଭାନଚେରୀର ରହୁଥିବା ଜାଣିବାକୁ ପାଇଥିଲା । ଶୁକ୍ରବାର ପୁଲିସ ଟିମ୍ ଏହି ଦୁଇ ସନ୍ଦିପ ରହୁଥିବା ଗୁଡୁଭାନଚେରୀର ମସଜିଦ୍ ଷ୍ଟ୍ରିଟ୍ ସ୍ଥିତ ଘରକୁ ଠାବ କରି ସ୍ଥାନୀୟ ପୁଲିସକୁ ସୂଚନା ଦେଇଥିଲା । ଘରେ ଯାଞ୍ଚ ବେଳେ ପୁଲିସ ମହିଳାଙ୍କ ମୃତଦେହର ଅବଶିଷ୍ଟାଂଶ ଠାବ କରିଛି । ପୁଲିସ ଜାଣିବାକୁ ପାଇଛି ଯେ ଏହି ଘରେ ଆସାମର ମାଣିକ ଉଦ୍ଦିନ ଲସ୍କର ଓ ଓଡ଼ିଶାର ଭଗବତୀ ମାଝୀ ଏଠାରେ ରହୁଥିଲେ ।କିନ୍ତୁ ଘଟଣା ପରଠାରୁ ସେମାନେ ଫେରାର ହୋଇ ଯାଇଛନ୍ତି । ସେହିପରି ସେମାନଙ୍କ ହାତରେ ହିଁ ଟ୍ରେନରୁ ଠାବ ହୋଇଥିବା ନାଲି ସୁଟକେସ୍ ଦେଖିବାକୁ ମିଳିଥିଲା । ତେଣୁ ହତ୍ୟାର ମୁଖ୍ୟ ଅଭିଯୁକ୍ତ ଭାବେ ପୁଲିସ୍ ସେମାନଙ୍କୁ ଚିହ୍ନଟ କରିଛି । ସେମାନଙ୍କ ମୋବାଇଲ୍ ଫୋନ୍ ଟ୍ରାକିଂ କରିବା ପରେ ଏହି ଘଟଣାର ଲିଙ୍କ୍ ଓଡ଼ିଶା ସହ ଥିବା ପୁଲିସ୍ ସୂଚନା ପାଇଛି । ହତ୍ୟାକାଣ୍ଡ ପରେ ସନ୍ଦିପ ଦମ୍ପତି ଓଡ଼ିଶା ଚାଲି ଆସିଥିବା କୁହାଯାଉଛ । ତେଣୁ ତାମିଲନାଡୁ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଓଡ଼ିଶାରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିବା ଜଣାପଡ଼ିଛି । ଏବେ ସନ୍ଦିପ ଦମ୍ପତିଙ୍କ ଠିକଣା, ଯାତାୟାତ ଓ ଫୋନ୍ ଲୋକେସନ୍ ଆଦି ସମ୍ପର୍କରେ ତଦନ୍ତକାରୀ ଟିମ୍ ତଥ୍ୟ ସଂଗ୍ରହ କରୁଛି ।

## ସିମ୍...

କରିବାକୁ ହେବ । ସେହିପରି କୌଣସି ଟେଲିକମ୍ ସଂଯୋଗକୁ କେବଳ ତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ପରିବର୍ତ୍ତନ କରାଯାଇପାରିବ । ତେବେ ସେଥିପାଇଁ ନୂଆ ଗ୍ରାହକଙ୍କୁ ପୁରୁଣା ଗ୍ରାହକଙ୍କ ମୃତ୍ୟୁ ପ୍ରମାଣପତ୍ର ଓ ବାୟୋମେଟ୍ରିକ୍ ଆଇଡି ଦେବାକୁ ପଡ଼ିବ । ବ୍ୟବସାୟିକ ସଂସ୍ଥା ନେଇଥିବା ମୋବାଇଲ୍ ସଂଯୋଗର ବ୍ୟବହାରକାରୀ ବଦଳିଲେ, ନୂଆ ବ୍ୟବହାରକାରୀଙ୍କ ଯାଞ୍ଚ ପ୍ରକ୍ରିୟା ପୂରଣ କରିବାକୁ ପଡ଼ିବ ।ସରକାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଗ୍ରାହକଙ୍କ ସଂଗ୍ରହ କରାଯାଉଥିବା ବ୍ୟକ୍ତିଗତ ଓ ସମ୍ବେଦନଶୀଳ ତଥ୍ୟର ସୁରକ୍ଷା ସହ କୌଣସି ପ୍ରକାର ସାଲିସ କରାଯିବ ନାହିଁ । ପରିଚୟ ଲୁଚାଇବାର କୌଣସି ମାମଲା ଧରାପଡ଼ିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜଣେ ବ୍ୟକ୍ତି ନିଜ ଟେଲିକମ୍ ସଂଯୋଗକୁ କାଟିବାକୁ ଚାହୁଁଥିଲେ, ତାଙ୍କୁ ମଧ୍ୟ ବାୟୋମେଟ୍ରିକ୍ ପ୍ରମାଣୀକରଣ କରିବାକୁ ପଡ଼ିବ । ତେବେ ଏହି ମାମଲାରେ ସଂଯୋଗ କାଟିବା ପୂର୍ବରୁ ଟେଲିକମ୍ କମ୍ପାନି ଗ୍ରାହକଙ୍କୁ ସେ ବିଷୟରେ ପ୍ରଥମେ ସତର୍କ ସୂଚନା ପଠାଇବେ । ସେ ସ୍ପଷ୍ଟ କଲେ ହିଁ ସଂଯୋଗ କାଟିବା ପ୍ରକ୍ରିୟା ଆରମ୍ଭ କରାଯାଇପାରିବ ।

## ଆଇଭିଏଫ୍ ପଦ୍ଧତିରେ...

ଶେୟାର କରିଛନ୍ତି । ଏହି ସଫଳତାକୁ ସେ "ସଭ୍ୟତା, ସଂସ୍କୃତି ଏବଂ ସୃଜନର ଏକ ସୁନ୍ଦର ସଙ୍ଗମ" ଭାବରେ ବର୍ଣ୍ଣନା କରିଛନ୍ତି । ସମ୍ପୃକ୍ତ ବୈଜ୍ଞାନିକ ଏବଂ ପ୍ରାଣୀଚିକିତ୍ସକ ଟିମକୁ ସେ ସାଧୁବାଦ ଜଣାଇଛନ୍ତି । ଲକ୍ଷ୍ମୀ ହେଉଛି ଆସାମର ଏକ ପ୍ରମୁଖ ଦେଶୀ ଗୋ-ପ୍ରଜାତି । ଆଇଭିଏଫ୍ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଦ୍ୱାରା ଦେଶୀ ପ୍ରଜାତିର ସଂରକ୍ଷଣ ଓ ବଂଶବୃଦ୍ଧି ସହଜ ହୋଇପାରିବ ବୋଲି ଆଶା ରହିଛି । କ୍ଷୀର ଉତ୍ପାଦନ କ୍ଷମତା ବୃଦ୍ଧି ପାଇବ ଏବଂ ରୋଗ ପ୍ରତିରୋଧକ ଶକ୍ତି ସୁଦୃଢ଼ ହେବ । ଶେଷରେ ଏହା ଚାଷୀଙ୍କ ଆର୍ଥିକ ଆୟ ବୃଦ୍ଧି କରିବାରେ ବଡ଼ ଭୂମିକା ଗ୍ରହଣ କରିବ । ବୈଜ୍ଞାନିକମାନଙ୍କ ଏହି ପ୍ରଚେଷ୍ଟା ରାଜ୍ୟର ଜୈବପ୍ରଯୁକ୍ତି ଏବଂ ଗୋପାଳନ କ୍ଷେତ୍ରରେ ଏକ ନୂଆ ଯୁଗର ଆରମ୍ଭ କରିଛି ।



## ତୁଳସୀ କ୍ଷେତ୍ରକୁ ରାଖୀ ପଠାଇଲେ ମାଆ ସୁଭଦ୍ରା

ପୁରୀ/ଭୁବନେଶ୍ୱର, (ସବ୍ୟୁ): ଶ୍ରୀକ୍ଷେତ୍ରରୁ ପୁରୀ ଗୋବର୍ଦ୍ଧନ ପୀଠ ସଂକରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କଠାରୁ ବଡଭାଇ ବଳଦେବ ଜୀଉଙ୍କ ପାଇଁ ମାଆ ସୁଭଦ୍ରାଙ୍କ ପ୍ରେରିତ ପାଟରାଖୀ ଯାତ୍ରାର ଆଜି ଶୁଭାରମ୍ଭ ହୋଉଛି । ଶଙ୍କରାଚାର୍ଯ୍ୟଙ୍କ ଠାରୁ ହାଇଟେକ ଗ୍ରୁପର ଟ୍ରଷ୍ଟି ଅଧୀରାଜ ପାଣିଗ୍ରାହୀ, ପାଟରାଖୀ ସେବା ପରିଷଦର ସଭାପତି ହିମାଂଶୁ ଶେଖର ସାହୁ, ସୌଭାଗ୍ୟ ମଞ୍ଜରୀ ସାହୁ, ଶୁଭ୍ରାଂଶୁ ସାହୁ, ଭୁବନାନନ୍ଦ ଦାସ ଗ୍ରହଣ କରି ଆଜି ହାଇଟେକ ହସ୍ପିଟାଲ ଭୁବନେଶ୍ୱରର ଶ୍ରୀ ଗଣେଶ ମନ୍ଦିରରେ ରଖି ଆସନ୍ତା କାଲି ଶ୍ରୀମନ୍ଦିରର ବରିଷ୍ଠ ଦଇତାପତି ବାଡ଼ଗ୍ରାହୀ ରାମକୃଷ୍ଣ ଦାସ ମହାପାତ୍ରଙ୍କ ନେତୃତ୍ୱରେ ହାଇଟେକ ଗ୍ରୁପର ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ, ରୁପେଶ ପାଣିଗ୍ରାହୀ, ଡ଼କ୍ଟର ରାକେଶ ପାଣିଗ୍ରାହୀ ଓ ଅଧୀରାଜ ପାଣିଗ୍ରାହୀଙ୍କ ସହ ଏକ ବିଶାଳ ଶୋଭାଯାତ୍ରା ରେ କେନ୍ଦ୍ରାପଡ଼ା ବଳଦେବଜୀଉ ମନ୍ଦିରକୁ ଯିବା ବାଟରେ ଅନେକ ସ୍ଥାନରେ ସ୍ୱାଗତ ସେବା ହେବାର କାର୍ଯ୍ୟକ୍ରମ ଅଛି ।

## ଫଟୋଗ୍ରାଫି ଲାଗି ଡ. ନବୀନ କୁମାର ପରିଡା ସମ୍ମାନିତ

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ନବୀନ କୁମାର ପରିଡା ଉତ୍କୃଷ୍ଟ ଫଟୋଗ୍ରାଫି ପାଇଁ ରାଜ୍ୟସ୍ତରୀୟ ସମ୍ମାନ ହାସଲ କରିଛନ୍ତି । ଭୁବନେଶ୍ୱର ଜୟଦେବ ଭବନରେ ଶୁକ୍ରବାର ଆୟୋଜିତ ଉତ୍ସବରେ ଡା. ପରିଡାଙ୍କୁ "ଉଦୀୟମାନ ଫଟୋଗ୍ରାଫର ସମ୍ମାନ' ପ୍ରଦାନ କରାଯାଇଛି । ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ ଅବସରରେ "ନବୀନ ସୂତ୍ରଧର ଟ୍ରଷ୍ଟ' ପକ୍ଷରୁ ଆୟୋଜିତ ୫ମ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀରେ ଡା ପରିଡା ଅଂଶଗ୍ରହଣ କରି ଓଡିଶାର ଲୁମାଇତ ଐତିହ୍ୟ ଆଧାରିତ ମା' ଚାମୁଣ୍ଡାଙ୍କ ଫଟୋ ପ୍ରଦର୍ଶନ କରି ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଯାଜପୁର ଜିଲ୍ଲା ଧର୍ମଶାଳାରୁ ଆବିଷ୍କୃତ ଏହି ବିରଳ ପ୍ରତିମୂର୍ତ୍ତି ଏବେ ରାଜ୍ୟ ସଂଗ୍ରହାଳୟରେ ସ୍ଥାନିତ ହୋଇଛି । ଉତ୍ସବରେ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ଅଦ୍ୱୈତ ଗଡନାୟକ ମୁଖ୍ୟଅତିଥି, ବିଜୁ ପଟ୍ଟନାୟକ ଫିଲ୍ମ ଓ ଟେଲିଭିଜନ ଇନିଷ୍ଟିଚ୍ୟୁଟ ଅଧ୍ୟକ୍ଷ ହିମାଂଶୁ ଖଟୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡା. ପରିଡାଙ୍କୁ ସମ୍ମାନିତ କରିଥିଲେ । ଗତ ୩ ବର୍ଷ ଧରି ଡା. ପରିଡାଙ୍କ ଫଟୋଚିତ୍ର ପ୍ରଦର୍ଶନୀରେ ଅଂଶଗ୍ରହଣ କରି ପ୍ରଶଂସିତ ହୋଇଆସୁଛି । ଡାକ୍ତରୀ ପେଷା ସହ ସାହିତ୍ୟ, କଳାରେ ରୁଚି ରହିଛି । ତାଙ୍କ ରଚିତ ପ୍ରବନ୍ଧ ଓ କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଆସୁଛି । କର୍ତ୍ତବ୍ୟପରାୟଣତା ପାଇଁ ଡା ପରିଡା ଭଦ୍ରକ ଜିଲ୍ଲାପାଳଙ୍କ ଠାରୁ ୨୦୨୬ ବର୍ଷ ପାଇଁ "ଆମ ମାତୃଭୂମି ସେବା ସମ୍ମାନ' ପୁରସ୍କାର ହାସଲ କରିଛନ୍ତି ।

## ଗ୍ରାମରେ ପଶିଲା କେନାଲ ପାଣି

ସୋର,(ସବ୍ୟୁ): ସୋର ବ୍ଲକ କେଶରୀପୁର ପଞ୍ଚାୟତ କୁଶଗଡିଆ ଗ୍ରାମରେ କେନାଲ ପାଣି ଗ୍ରାମକୁ ପଶିବା ସହିତ ଘରେ ପାଣି ପଶିଥିବା ଦେଖିବାକୁ ମିଳିଛି ।ଦୀର୍ଘଦିନ ଧରି ଚାଲିଥିବା ସାଳନ୍ଦୀ କେନାଲର କାମ ଏବେବି ଶେଷ ହୋଇପାରିନାହିଁ । ଫଳରେ ପାଣି ନିଷ୍କାସନର ରାସ୍ତା ଖୋଲିନଥିବାରୁ ଅନେକ ସମୟରେ ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧାକୁ ସମ୍ମୁଖିନ ହେଉଛନ୍ତି । ଆଜି ବର୍ଷା ହେବା ସହିତ ଉପର ମୁଣ୍ଡରୁ ଅତ୍ୟଧିକ ପାଣି କେନାଲରେ ଆସିବା ଫଳରେ ସୋର ବ୍ଲକ କେଶରୀପୁର ପଞ୍ଚାୟତ କୁଶଗଡିଆ ଗ୍ରାମରେ କେନାଲ ପାଣି ପଶିଥିଲା । ଅନେକ ଲୋକଙ୍କ ଘରେ ପାଣି ପଶିବା କାରଣରୁ ଘରେ ଥିବା ଆସବା ପତ୍ର ନଷ୍ଟ ହେବା ସହିତ ଲୋକେ ବିଭିନ୍ନ ଅସୁବିଧାକୁ ସମ୍ମୁଖିନ ହୋଇଥିଲେ । ଖବର ପାଇ ସୋର ବିଧାୟକ ମାଧବ ଧଡା ଓ ସ୍ଥାନୀୟ ସମିତିସଭ୍ୟ ମୁକେଶ କୁମାର ମଲିକ, ସମାଜସେବୀ ରବୀନ୍ଦ୍ର ନାୟକଙ୍କ ସମେତ ଅନ୍ୟମାନେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ପରଖିବା ସହିତ ପାଣି ନିଷ୍କାସନର ବ୍ୟବସ୍ଥା କରିଥିଲେ । ସୋର ବିଡିଓ ସୁବ୍ରତ ବେହେରାଙ୍କୁ ଗ୍ରାମବାସୀମାନେ ସେଠାକୁ ଡାକିଥିଲେ ମଧ୍ୟ କାମ ବାହାନା କରି ସେଠାକୁ ଯିବାକୁ ମନା କରିଥିଲେ । ବିଡିଓଙ୍କ ଏତାଦୃଶ ଆଚରଣକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସୋର ବିଡିଓ ପୂର୍ବରୁ ମଧ୍ୟ ଅନେକ ବନ୍ୟା ପ୍ରଭାବିତ ଅଞ୍ଚଳକୁ ନଯିବା ଓ ଲୋକଙ୍କୁ ସହଯୋଗ କରିନଥିବା ନେଇ ଅଭିଯୋଗ ଆସିଥିବାରୁ ତାଙ୍କୁ ତୁରନ୍ତ ବଦଳି କରିବାକୁ ସାଧାରଣରେ ଦାବି ହୋଇଛି ।

## ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମହମ୍ମଦ ଶେରଫୁଦ୍ଦିନଙ୍କ ଅକାଳ ବିୟୋଗ

ଧାମନଗର,(ସବ୍ୟୁ): ଧାମନଗର ଏନଏସି ଅନ୍ତର୍ଗତ କାଟଣାପାହି ହବିବନଗର ଗ୍ରାମର ଜଣାଶୁଣା ଶିକ୍ଷକ ଶାହା ମହମ୍ମଦ ଶେରଫୁଦ୍ଦିନ(ମୁନମ ସାର) ଙ୍କ ୪୮ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି । ହୃଦଘାତରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି । ଧାମନଗର ବ୍ଲକ ଅନ୍ତର୍ଗତ କଣ୍ଟିଦୋଳ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ନିଯୁକ୍ତ ହୋଇଥିବାବେଳେ ୨୦୨୫ମସିହା ମେ ମାସ ଠାରୁ ସେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ । ସେ ଜଣେ ମେଳାପୀ,ମିଷ୍ଟଭାଷି ଓ ଭଲ ଶିକ୍ଷକ ଭାବେ ବେସ ପରିଚିତ । ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ଧାମନଗର ଅଂଚଳର ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି । ଖବରପାଇ ଏନଏସି ଉପାଧ୍ୟକ୍ଷ ଓସିମ ଏଜଦାନି କାଦିରୀ,ଏବିଇଓ ସତ୍ୟସୁନ୍ଦର ପରିଡା,ଶିକ୍ଷକ ସୁରେନ୍ଦ୍ର ସେଠୀ,ସିଆରସିସି ବ୍ରହ୍ମାନନ୍ଦ ଜେନା,ସେକ ମୋଜାଫର ହୋସେନ,ଶିକ୍ଷକ ମୁକ୍ତିକାନ୍ତ ଦାସ,ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଲେଙ୍କା,ଶିକ୍ଷକ ସେକ ସଲିମ ଖାଁ,ସେକ ହବିବୁଲ କରିମ,ଏମିଡି ସାଜୁଦ୍ଦିନ,ଭଦ୍ରକ ମଦ୍ରାସା ଶିକ୍ଷକ ସଂଘର ସଭାପତି ସେକ ନାସିରୁଦ୍ଦିନ,ସାମ୍ବାଦିକ ଗୋଲାମ ଜିଲାନି ହବିବି,ସେକ ଜାଫର ଅଲ୍ଲୀ,ବିଜେଡି ନେତା ସୁଶାନ୍ତ କୁମାର ରାଉତ,ସମାଜସେବୀ ଏମଡି ସକିଲ ଅହେମ୍ମଦଙ୍କ ସମେତ ବହୁ ବୁଦ୍ଧିଜୀବୀ,ଶିକ୍ଷକ,ଗ୍ରାମବାସୀ ବାସଭବନରେ ପହଂଚି ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ମୁସଲମାନ ରୀତିନୀତି ଅନୁସାରେ ଖାନକା ସରିଫ ଠାରେ ନମାଜ ପାଠ(ଜନାଜା) ପଢିବା ପରେ ଗ୍ରାମର ଏକ କବରସ୍ଥାନ ପରିସରରେ କବର ଦିଆଯାଇଛି ।

## ତୃତୀୟ ରେଳ ଲାଇନର କାମ ଲାଗି ଆଉ ୪ ମେମୁ ଟ୍ରେନ୍ ବାତିଲ୍

ବାଲେଶ୍ୱର, (ସବ୍ୟୁ): ପୂର୍ବ ରେଳପଥର ଦକ୍ଷିଣ ନାରାୟଣପାଟଣାଠାରୁ ଭଦ୍ରକ ଯାଏ ତୃତୀୟ ରେଳ ଲାଇନର ନବୀକରଣ କାମ ଜଳେଶ୍ୱର ଷ୍ଟେସନ ମାର୍ଗରେ ହେବାକୁଥିବାରୁ ଗତ ୨୦ ତାରିଖରେ ରେଳବାଇ ପକ୍ଷର କେତେକ ମେମୁ ଟ୍ରେନର ଚଳାଚଳକୁ ବାତିଲ କରାଯାଇଥିଲା । ପୁଣି ଗତ ୨୧ ତାରିଖରେ ଆଉ ୪ଟି ମେମୁ ଟ୍ରେନ୍‌ର ଚଳାଚଳକୁ ମଧ୍ୟ ଅତିରିକ୍ତ ଭାବେ ବାତିଲ କରାଯାଇଛି । ୬୮୪୪୨ ନମ୍ବରର ପୁରୀ-ଜଳେଶ୍ୱର ମେମୁ ଟ୍ରେନ୍ ଆସନ୍ତା ୨୫ ତାରିଖରୁ ୨୯ ତାରିଖ ଯାଏ, ୬୮୪୪୧ ନମ୍ବରର ଜଳେଶ୍ୱର-ପୁରୀ ମେମୁ ଆସନ୍ତା ୨୬ ତାରିଖରୁ ୩୦ ତାରିଖ ଯାଏ, ୬୮୦୦୭ ନମ୍ବରର ହାଓଡ଼ା- ଜଳେଶ୍ୱର ମେମୁ ଆସନ୍ତା ୨୬ତାରିଖରୁ ୧ ତାରିଖ ଯାଏ ଓ ୬୮୦୦୨ ଜଳେଶ୍ୱର -ହାଓଡ଼ା ମେମୁ୨୬ ତାରିଖରୁ ୨ ତାରିଖ ଯାଏ ବାତିଲ କରିଦିଆଯାଇଛି । ଏନେଇ କୋଲକାତାର ଗାର୍ଡେନ ରିଚ୍ ସ୍ଥିତ ଚିଫ୍ ଅପେରେସନାଲ ମ୍ୟାନେଜର ବିଜ୍ଞପ୍ତି ପ୍ରକାଶ କରିଛନ୍ତି ।

## ସମାଜସେବୀଙ୍କ ସହାୟତାରେ ଖାଲଖମା ରାସ୍ତା ମରାମତି

ବାଲେଶ୍ୱର,(ସବ୍ୟୁ): ରେମୁଣା ଏନ୍ଏସି ଅନ୍ତର୍ଗତ ୧୦ ନମ୍ବର ଓ୍ୱାର୍ଡ ଶଯାମରାଇପୁର ଗ୍ରାମ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହେବା ସହ ବହୁ ସ୍ଥାନରେ ଡ୍ରେନ୍ ଉପରେ ସ୍ଲାବ୍ ପଡ଼ି ନଥିଲା । ଯାହାକୁ ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏହାର ସମାଧାନ ହେଇ ନଥିଲା । ଫଳରେ ସେଠାରେ ବସବାସ କରୁଥିବା ଭାରତୀୟ ବାୟୁ ସେନାର ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଭୋଇ ନିଜସ୍ୱ ପା=ିରୁ ଖର୍ଚ୍ଚକରି ରାସ୍ତା ମରାମତି କରିଛନ୍ତି । ଓ୍ୱାର୍ଡ ବାସିନ୍ଦା ଶ୍ରୀ ଭୋଇଙ୍କୁ ପ୍ରଶଂଶା କରିଛନ୍ତି ।

## ପିଡବ୍ଲ୍ୟୁଏନଏସଏଟି ୨୦୨୬ ର ଶୁଭାରମ୍ଭ

ବାଲେଶ୍ୱର, (ସବ୍ୟୁ): ଫିଜିକ୍ସୱାଲା (ପିଡବ୍ଲ୍ୟୁ) ପକ୍ଷରୁ ଫିଜିକ୍ସୱାଲା ନ୍ୟାଶନାଲ ସ୍କୋଲାରସିପ କମ୍ ଆଡ୍ମିଶନ ଟେଷ୍ଟ (ପିଡବ୍ଲ୍ୟୁଏନଏସଏଟି) ୨୦୨୬ର ଘୋଷଣା କରାଯାଇଛିଛ ଏହା ହେଉଛି ପିଡବ୍ଲ୍ୟୁର ବାର୍ଷିକ ବୃତି ଅଭିଯାନ ଯାହା ଜେଇଇ ଓ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀଙ୍କୁ ସହଯୋଗ କରିବା ପାଇଁ ଲକ୍ଷ୍ୟ ରଖିଛି । ଏହାର ପଞ୍ଜୀକରଣ ମାଗଣା ରହିଛି ଏବଂ ୫ମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଏବଂ ଉଭୟ ପିସିଏମ ଓ ପିସିବି ଷ୍ଟ୍ରିମରେ ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ଖୋଲା ରହିଛି । ଚଳିତ ବର୍ଷର ସଂସ୍କରଣ ମାଧ୍ୟମରେ ଯୋଗ୍ୟ ଛାତ୍ରଛାତ୍ରୀମାନେ ୧୦୦% ପର୍ଯ୍ୟନ୍ତ ଟ୍ୟୁସନ ଫି' ଛାଡ ଭଳି ବୃତ୍ତି ଏବଂ ୨.୫ କୋଟି ଟଙ୍କା ପର୍ଯ୍ୟନ୍ତ ନଗଦ ପୁରସ୍କାର ଜିତିପାରିବେ । ଏହାବ୍ୟତୀତ ଏହି ବୃତି କାର୍ଯ୍ୟକ୍ରମ ଶୀର୍ଷ ୫୦୦ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ଓ ହଷ୍ଟେଲ ରହଣୀ ସୁବିଧା ପ୍ରଦାନ କରିବ । ବ୍ୟାପକ ଅଂଶଗ୍ରହଣକୁ ସକ୍ଷମ କରିବା ପାଇଁ ପିଡବ୍ଲ୍ୟୁଏନଏସଏଟି ୨୦୨୬ ଉଭୟ ଅନଲାଇନ ଓ ଅଫଲାଇନ ମୋଡରେ ପରିଚାଳିତ ହେବ ।


### ନୋଟିସ

ଶ୍ରୀ ବୈଷ୍ଣବ ଚରଣ ରାଉତ ଓ ଶ୍ରୀ କୃଷ୍ଣଚନ୍ଦ୍ର ରାଉତ, ଉଭୟଙ୍କ ପିତା– ସ୍ୱର୍ଗତ ଭିକାରୀ ରାଉତ ତାଙ୍କର ପୈତୃକ ସମ୍ପତ୍ତିର ନିଜ ଭାଗରୁ ଏରିଆ ଏ୦.୧୮୫ ଡି, ଯାହାକି ପୁରା ଏରିଆ ଏ୫.୪୧୦ ଡି ମଧ୍ୟରୁ, କୁ ନିଳମାଧବ ଜେନା, ପିତା– ସ୍ୱର୍ଗତ ମାନଗୋବିନ୍ଦ ଜେନାଙ୍କୁ ରେଜିଷ୍ଟ୍ରିକୃତ ବିକ୍ରୟ କବଲା ଯାହାର ନଂ– ୧୧୦୮୨୩୦୫୭୪୯, ତା– ୦୧.୦୫.୨୦୨୩ ମାଧ୍ୟମରେ ଜିଲ୍ଲା– ଖୋର୍ଦ୍ଧା, ତହସିଲ– ଭୁବନେଶ୍ୱର, ଥାନା– ନିୟୁ କ୍ୟାପିଟାଲ (୨୨), ମୌଜା– ପଟିଆ, ଖାତା ନଂ– ୪୦୨, ପ୍ଲଟ ନଂ– ୪୧୦ରେ ଥିବା ଉପର ବର୍ଣ୍ଣିତ ଅଂଶକୁ ବିକ୍ରି କରିଅଛନ୍ତି । ଏହି ରେଜିଷ୍ଟ୍ରିକୃତ ବିକ୍ରୟ କବଲା ବିଷୟରେ ଯଦି କାହାର ଆପତ୍ତି ଥାଏ, ତେବେ ନିମ୍ନଲିଖିତ ବିବରଣୀରେ ଏହି ବିଜ୍ଞପ୍ତି ପ୍ରକାଶନର ୭ ଦିନ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ । ପ୍ରଦିପ୍ କୁମାର ତାଣ୍ଡି (ଅଧିବକ୍ତା), ଭୁବନେଶ୍ୱର ବାର ଆସୋସିଏସନ୍, ସାଃ ପ୍ଲଟ୍ ନଂ– ୧୨୧୫/୧୩୭୫, ଖଣ୍ଡଗିରି ବାରି, ପୋଃ ଥାଃ ଖଣ୍ଡଗିରି, ଭୁବନେଶ୍ୱର– ୭୫୧୦୩୦, ମୋଃ ୯୪୩୭୧୩୩୩୦୭/ ୮୨୪୯୧୯୧୩୮୧, mail: tandi.pradip@gmail.com.

### AFFIDAVIT

By virtue of an affidavit sworn before Executive Magistrate, Nayagarh Odisha on dated 21.08.2026 Ajay Kumar Pradhan S/o- Balabhadra Pradhan Resident of At- Mrutyunjaypur P.O- Harekrushnapur P.S- Itamati Dist- Nayagarh, PIN-752068 declare that I have changed my minor son's name from Sneyanshu Kumar Pradhan to Snehanshu Pradhan. Henceforth, he shall be known as Snehanshu Pradhan for all purposes.

Sd/- Ajay Kumar Pradhan

GOVERNMENT OF ODISHA 13001/1604/2627
OFFICE OF THE GENERAL MANAGER,
WATCO DIVISION, BARIPADA- 757001
E-Mail: - eephbaripada2016@gmail.com.

NATIONAL COMPETITIVE BIDDING THROUGH e- Procurement

Invitation For Bids (IFB) No. 14/GM/WATCO/BPD /2026-27 dt. 19.08.2026

| | | | |
|---|---|---|---|
| 1. (a) | No. of the Work | : | 1 Nos (One Nos) |
| 1. (b) | Estimated Cost | : | Rs. 78.661 Lakh |
| 2. | Period of completion | : | 90 Days |
| 3. | Date & Time of Availability of Bid Document in the Portal | : | 11 hours of dt.26.08.2026 to 17 hours of dt.10.09.2026. |
| 4. | Last date/ time of receipt of bids In the portal | : | dt.10.09.2026 at 17 hours |
| 5. | Date and time of opening of bids | : | dt.11.09.2026 at 11.00 hours Onwards |
| 6. | Name and address of the Officer Inviting Bid | : | The General Manager, WATCO Division, Baripada 757001, Odisha. Ph. 9437380412 |

Further details can be seen from the website www.tendersorissa.gov.in

Sd/- General Manager,
WATCO Division, Baripada

OIPR : 13001/13209/1/26-27/0003

RFP for Selection of Manpowor Supplying Agencies for Providing Manpower In Different Posts For Functioning of RCTRC

25001/973/2627

Government of Odisha
Office of the Superintending Engineer
Rural Works Division, Bhubaneswar
Notice Inviting Tender
National Competative Bidding Through E.Procurement
No. 9077 / Dt. 18.08.2026, Email ID: eerw_bbsr@yahoo.co.in

Notice No. Tender-Online-Divn. BBSR- 14/2026-27 Dt: 18.08.2026

REQUEST FOR PROPOSAL
FOR
SELECTION OF MANPOWER SUPPLYING AGENCIES FOR PROVIDING MANPOWER IN DIFFERENT POSTS FOR FUNCTIONING OF RURAL CONNECTIVITY TRAINING & RESEARCH CENTRE (RCTRC), BHUBANESWAR

The Superintending Engineer, Rural Works Division, Bhubaneswar on behalf of Governer of Odisha invites proposals from reputed Agencies for supply of Manpower in various capacities for functioning of RCTRC, Bhubaneswar on **Quality & Cost Based Selection (QCBS)**. The Interested agencies may participate for this tender and submit their proposal. The detailed Request for Proposal (RFP) document can be downloaded from eTender website: **www.tendersodisha.gov.in** from **11.00 AM** of **25.08.2026** to **05.00 PM** of 10.09.2026. The last date of receipt of bids is 10.09.2026 till 5.00 PM and the same shall be opened on **11.09.2026** at **11.00 AM**. The Pre-bid meeting is scheduled on 03.09.2026 at 11.30 AM. in the Office chamber of the Superintending Engineer, R.W. Division Office. The queries thereof are to be submitted by the Agencies through email not less than one day before the pre-bid meeting to the undersigned at his e-mail. The Authority shall make reasonable efforts to respond to the queries through email for clarification within 3-days after pre-bid meeting date i.e. **06.09.2026**. Further details can be seen from the e-Tender Website. Any addendum/corrigendum/cancellation of tender can also be seen in the said website.

The Superintending Engineer, Rural Works Division, Bhubaneswar reserves the right to cancel this invitation and / or invite fresh Bid/RFP with or without amendments to this invitation, without liability or any obligation for such invitation and without assigning any reason. He also reserves the right to accept or reject any or all proposals without assigning any reason whatsoever.

Sd/- Superintending Engineer
Rural Works Division, Bhubaneswar

OIPR : 25001/25066/1/26-27/0015



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।

### କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଚିଠି ଲେଖିଲେ ସାଂସଦ ଧର୍ମେନ୍ଦ୍ର

# ଏନ୍‌ଏଚ୍‌-୫୫ ରାସ୍ତାର ତୁରନ୍ତ ମରାମତି ପାଇଁ କଲେ ଅନୁରୋଧ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ପ୍ରମୁଖ ପରିବହନ ଓ ଲଜିଷ୍ଟିକ୍ସ କରିଡର ଭାବେ ପରିଚିତ ୫୫ ନମ୍ବର ଜାତୀୟ ରାଜପଥର ଶୋଚନୀୟ ଅବସ୍ଥା ନେଇ ଚିନ୍ତାପ୍ରକଟ କରିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଏହି ଗୁରୁତ୍ୱପୂର୍ଣ୍ଣ ରାଜପଥର ତୁରନ୍ତ ରକ୍ଷଣାବେକ୍ଷଣ ବା ମରାମତି ସହ ଖାଲଢିପ ସମସ୍ୟାର ସମାଧାନ ପାଇଁ ସେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଏକ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି । ସାଂସଦ ଶ୍ରୀ ପ୍ରଧାନ ଚିଠିରେ ଦର୍ଶାଇଛନ୍ତି ଯେ, ସମ୍ବଲପୁର, ଅନୁଗୋଳ ଓ କଟକକୁ ଯୋଡୁଥିବା ଏନଏଚ୍‌-୫୫ ହେଉଛି ରାଜ୍ୟର ଅନ୍ୟତମ ମୁଖ୍ୟ ଜୀବନରେଖା । ମାତ୍ର ଲଗାଣ ବର୍ଷା ଓ ଅତ୍ୟାଧିକ ଗାଡ଼ିର ଯାତାୟତ ଯୋଗୁଁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହେବା ସହ କିଛି



ଜାଗାରେ ରାସ୍ତା ନଷ୍ଟ ହୋଇଯାଇଛି । ଏହାଫଳରେ ଯାତ୍ରୀ ଓ ପଣ୍ୟବାହୀ ଯାନବାହନ ଚଳାଚଳରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି । ଏହାଦ୍ୱାରା ସ୍ଥାନୀୟ ଜନସାଧାରଣ ଓ ନିୟମିତ ଯାତାୟାତ କରୁଥିବା ଲୋକେ ପ୍ରବଳ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବର୍ତ୍ତମାନ ମୌସୁମୀ ଫଳରେ ବର୍ଷା ଓ ଜଳବନ୍ଦୀ ଯୋଗୁଁ ରାସ୍ତାର ଅବସ୍ଥା ଆହୁରି ସଙ୍ଗୀନ ହୋଇପଡ଼ିଛି। ପାଣି ଜମି ରହିବା ଦ୍ୱାରା ଗଭୀର ଖାଲଗୁଡ଼ିକ ଚିହ୍ନଟ କରିବା କଷ୍ଟକର ହୋଇପଡୁଛି। ରାସ୍ତାର ଦୂରାବସ୍ଥା ଯୋଗୁଁ ସଡ଼କ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଇବା ସହ ଗମନାଗମନ ଓ ଯୋଗାଯୋଗ ବାଧାପ୍ରାପ୍ତ ହେଉଛି। ଓଡ଼ିଶାର ପଶ୍ଚିମ ଓ ଉପକୂଳ ଭାଗକୁ ଯୋଡ଼ିବା ସହ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ପରିବହନ ପାଇଁ ଏହି ମୁଖ୍ୟ ସଡ଼କପଥର ଅତ୍ୟାବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ କାର୍ଯ୍ୟ କରାଯିବା ଆବଶ୍ୟକ। ବ୍ୟକ୍ତିଗତ ସ୍ତରରେ ଏହି ସମ୍ବେଦନଶୀଳ ବିଷୟକୁ ଗୁରୁତ୍ୱର ସହ ନେଇ ସମ୍ବଲପୁରରୁ କଟକ ମଧ୍ୟରେ ଥିବା ରାସ୍ତାର ତୁରନ୍ତ ମରାମତି ଏବଂ ଖାଲ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀଙ୍କୁ ଅନୁରୋଧ କରିଛନ୍ତି । ଏହି ପଦକ୍ଷେପ ସାଧାରଣ ଜନତାଙ୍କ ପାଇଁ ସୁରକ୍ଷିତ ଓ ନିରାପଦ ଯାତାୟାତ ସୁନିଶ୍ଚିତ ହୋଇପାରିବ ବୋଲି ସେ କହିଛନ୍ତି।

## ବନ୍ୟା ସ୍ରୋତରେ ପଡିଲା କାନ୍ଥ ,ଅଳ୍ପକେ ବର୍ତ୍ତିଲେ କର୍ମଚାରୀ

ବରୀ, (ସବ୍ୟୁ ): ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ଥର ପାଇଁ ବନ୍ୟା ଆସିବାରୁ ବରୀ କିମ୍ବିରିଆପାଳ ବାଙ୍କ ସାହି ନିକଟରେ ଘାଇ ସୃଷ୍ଟି ହୋଇଥିଲା । ଯାହା ଫଳରେ ସମଗ୍ର ବରୀ ଜଳମଗ୍ନ ହୋଇଛି । ଘାଇ ଭାଙ୍ଗି ବନ୍ୟା ଆସିବାରୁ ପ୍ରଖର ସ୍ରୋତରେ ଘାଇ ନିକଟରୁ କିଛି ଦୂରରେ ଥିବା ମାଇଁ କମଫର୍ଟ ବାର ଏଣ୍ଡ ରେଷ୍ଟୁରାଣ୍ଟର କାନ୍ଥ ଗଳି ପଡ଼ିଥିଲା । ଭିତରେ ଥିବା କର୍ମଚାରୀ ମାନେ ଅଳ୍ପକେ ବର୍ତ୍ତିଥିବା ବେଳେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ତେବେ ବରୀ ଅଞ୍ଚଳରେ ବନ୍ୟା ପ୍ରଭାବରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଅନେକ ଲୋକଙ୍କ ଘର ଭାଙ୍ଗିବା ସହିତ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ।

## ବିଧାୟିକା ସୋଫିଆଙ୍କ ଜନ୍ମଦିନ ଅବସରରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ




କଟକ (ସ୍ୱ.ପ୍ର) : ବାରବାଟୀ-କଟକର ବିଧାୟିକା ସୋଫିଆ ଫିରଦୋସଙ୍କ ଜନ୍ମଦିନ ରବିବାରରେ ସହରସାରା ବେଶ୍ ଉତ୍ସାହ ଓ ଉଦ୍ଦୀପନା ସହ ପାଳିତ ହୋଇଯାଇଛି। ଏହି ବିଶେଷ ଅବସରରେ ଦଳୀୟ କର୍ମୀ, ସମର୍ଥକ ଓ ବହୁ ଶୁଭେଚ୍ଛୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଶୁଭେଚ୍ଛା ବାର୍ତ୍ତା ଦେଇ ଦୀର୍ଘାୟୁ କାମନା କରିଛନ୍ତି। ସାଧାରଣ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗୀକୃତ କରିଥିବା ଏହି ଯୁବ ନେତ୍ରୀଙ୍କ ଜନ୍ମଦିନକୁ କୌଣସି ଆଡମ୍ବରପୂର୍ଣ୍ଣ ସମାରୋହ ବଦଳରେ ସାମାଜିକ ସେବା ମାଧ୍ୟମରେ ପାଳନ କରାଯାଇଛି। ସହରର ବିଭିନ୍ନ ଭାଗରେ ରକ୍ତଦାନ ଶିବିର, ଫଳ ବଣ୍ଟନ ଓ ବୃକ୍ଷରୋପଣ ଭଳି ଅନେକ ମହତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଧାୟିକା ସୋଫିଆ ନିଜେ ଏହି ସବୁ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକଙ୍କ ଆଶୀର୍ବାଦ ଗ୍ରହଣ କରିବା ସହ କଟକ ସହରର ବିକାଶ ଓ ଜନସେବା ପାଇଁ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଛନ୍ତି। ସହରର ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ ମଧ୍ୟ ତାଙ୍କୁ ଏହି ଶୁଭ ଦିନରେ ଅଭିନନ୍ଦନ ଜଣାଇଛନ୍ତି ।

## କ୍ରିମିନାଲ କୋର୍ଟସ ବାର୍ ଆସୋସିଏସନ ପକ୍ଷରୁ ବୃକ୍ଷ ରୋପଣ

କଟକ : (ସବ୍ୟୁ): କଟକ କ୍ରିମିନାଲ କୋର୍ଟସ ବାର ଆସୋସିଏସନ ର ସମ୍ପାଦକ ଆଇନଜୀବୀ ଗଦାଧର ସାହୁ ଙ୍କ ତତ୍ୱାବଧାନରେ ଆୟୋଜିତ ବୃକ୍ଷ ରୋପଣ କାଯ୍ୟକ୍ରମ ରେ କ୍ରିମିନାଲ କୋର୍ଟସ ବାର ଆସୋସିଏସନ ର ସଭାପତି ଆଇନଜୀବୀ ବାଦଲ ଚନ୍ଦ୍ର ରାୟ ଙ୍କ ଅଧକ୍ଷତାରେ ଆୟୋଜିତ କାଯ୍ୟକ୍ରମ ରେ ସିଭିଲ କୋର୍ଟ ର ରେଜିଷ୍ଟର କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବୃକ୍ଷ ରୋପଣ ର ଶୁଭ ଉଦଘାଟନ କରିଥିଲେ । ଏହି କାଯ୍ୟକ୍ରମ ରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଓ ବାରବାଟୀ କଟକ ର ବିଧାୟିକା ସୋଫିଆ ଫିର୍ଦୋଷ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ । ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ଆରତୀ ସାହୁ ଓ କର୍ପୋରେଟର ଗଗନ ଓଝା ଙ୍କ ସହ ବରିଷ୍ଠ ଆଇନଜୀବୀ ସୌର ଚନ୍ଦ୍ର ମହାପାତ୍ର, ରାଜ୍ୟ ଆଇନଜୀବୀ ପରିଷଦ ର ସଦଶ୍ୟ ଶ୍ରୀ ଅକ୍ଷୟ କୁମାର ପତି, ବରିଷ୍ଟ ଆଇନଜୀବୀ ପରୀକ୍ଷିତ ପଣ୍ଡା, ଜଗବନ୍ଧୁ ରାଉତ, ଧ୍ରୁବ ଚରଣ ରାଉତ, ଅକ୍ଷୟ କୁମାର ନାୟକ, ସୁବାସ ମହାନ୍ତି, ଶୁଭେନ୍ଦୁ ମହାନ୍ତି, ଶୁଭ୍ରାଂଶୁ ଶେଖର ମହାନ୍ତି, କ୍ରିମିନାଲ କୋର୍ଟସ ବାର ଆସୋସିଏସନ ର ଉପସଭାପତି ତାପସ କୁମାର ନାୟକ, ଯୁଗ୍ମ ସମ୍ପାଦିକା ଲକ୍ଷ୍ମୀପ୍ରିୟା ସାହୁ, ପାଠାଗାର ସମ୍ପାଦିକା ସନ୍ଧ୍ୟା ରାଣୀ ଦାଶ, କୋଷାଧକ୍ଷ ସମରେନ୍ଦ୍ର ମହାନ୍ତି, ବିଜୟ କୁମାର ସାହୁ, ପ୍ରଦୀପ୍ତ କୁମାର ମହାନ୍ତି, ପ୍ରତୀକ୍ଷା ରଥ, ବିଛନ୍ଦା ନାୟକ, ଦେବୀ ରଞ୍ଜନ ଦଳେଇ ଙ୍କ ସହ ପ୍ରଣବ କୁମାର ପୃଷ୍ଟି, ସଂଗ୍ରାମ ଦାଶ, ଗଗନ ବାରିକ, ମହେନ୍ଦ୍ର କୁମାର ସୁବୁଦ୍ଧି, ନିରଞ୍ଜନ ବେହେରା, ସଂଗ୍ରାମ, ଦାସ,ବାସୁଦେବ ସେଠୀ, ନୀଳାଦ୍ରି ବିହାରୀ ମହାରଣା, ସ୍ମୃତି ରଞ୍ଜନ ରାଉତ, ସତ୍ୟ ପ୍ରିୟ ଦାଶ, ସନ୍ଦୀପ ରାଜ ପଣ୍ଡା, ଦେବେନ୍ଦ୍ର କୁମାର ବାରିକ, କୃଷ୍ଣ ଚନ୍ଦ୍ର ମଳିକ,ଜଗନ୍ନାଥ ମହାନ୍ତି, ଶିଶିର କୁମାର ନାୟକ, ସଂଜିତ କୁମାର ମହାନ୍ତି, ସମରେନ୍ଦ୍ର ସେଠୀ ଙ୍କ ସହ ବହୁ ଆଇନଜୀବୀ ଅଂଶଗ୍ରହଣ କରିଥିଲେ । ଏହି ବୃକ୍ଷ ରୋପଣ କାର୍ଯ୍ଯ ରେ ୨୦ ଟି ଔଷଧୀୟ ବୃକ୍ଷ ରୋପଣ କରାଯାଇଛି ।

## ଗୁରୁଜୀଙ୍କ ଆମେରିକା ଗସ୍ତ : ୱାଶିଂଟନ୍ ବିଶ୍ୱବିଦ୍ୟାଳୟରେ ବକ୍ତୃତା

ଭୁବନେଶ୍ୱର (ସବ୍ୟୁ): ସାହିତ୍ୟ, ସଂଗୀତ, ସମାଜସେବା, ସମ୍ପ୍ରୀତି ଓ ଆଧ୍ୟାତ୍ମିକତାର ପ୍ରଚାର ଓ ପ୍ରସାର ମାଧ୍ୟମରେ ସମ୍ପୂର୍ଣ୍ଣ ବିଶ୍ୱ ମାନବିକତାର କଲ୍ୟାଣ ନିମନ୍ତେ ଉଲ୍ଲେଖନୀୟ ଅବଦାନ ସକାଶେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଚିନ୍ତକ ତଥା ଗବେଷକ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଓ ତାଙ୍କ ରଚିତ ପବିତ୍ର କାବ୍ୟ ଗ୍ରନ୍ଥ 'ଶ୍ରୀଗୁରୁ ଭାଗବତ' ନାମରେ ଆମେରିକାରେ ଦୁଇଟି ଦିବସ ଘୋଷଣା କରାଯାଇଛି। ଅଗଷ୍ଟ ୯ ତାରିଖକୁ ପ୍ଲାନୋ ସହର ମେୟର ଜନ ବି. ମୁନ୍ସ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଦିବସ ନାମରେ ଘୋଷଣା କରିଥିବା ବେଳେ ଗୁରୁଜୀଙ୍କର ଆଜୀବନ ତ୍ୟାଗପୂତ ସାଧନା ନିମନ୍ତେ ବେଲଭିଉ ସହର ପକ୍ଷରୁ ଅଗଷ୍ଟ ୧୪ ତାରିଖକୁ ଡ. ଚନ୍ଦ୍ରଭାନୁ ଶତପଥୀ ଦିବସ ନାମରେ ନାମିତ କରି ସରକାରୀ ଘୋଷଣାପତ୍ର ପ୍ରକାଶ ପାଇଛି। ସେହିପରି ସିଆଟେଲ ସହର ପକ୍ଷରୁ ମଧ୍ୟ ଅଗଷ୍ଟ ୧୪ ତାରିଖକୁ 'ଶ୍ରୀଗୁରୁ ଭାଗବତ ଦିବସ' ରୂପେ ଘୋଷଣା କରାଯାଇଛି। ସିଆଟେଲ ମେୟର କାଟିଏ ବି. ୱିଲସନ୍ ଏ ସଂକ୍ରାନ୍ତ ଘୋଷଣାପତ୍ର ଗୁରୁଜୀଙ୍କୁ ପ୍ରଦାନ କରି



ସମ୍ମାନିତ କରିଥିଲେ।

ଦୁଇ ସପ୍ତାହ ବ୍ୟାପୀ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କର ଆମେରିକା ଗସ୍ତ ଅବସରରେ ସିଟି ଅଫ କଟଲେଭିଲେ, ମିସୋରିର ମେୟର ଷ୍ଟିଫେନ ଥମ୍ପସନ୍ ମଧ୍ୟ ଗୁରୁଜୀଙ୍କର ଅସାଧାରଣ ସେବା ଓ ସଦ୍‌ଭାବନାମୂଳକ କାର୍ଯ୍ୟ ନିମନ୍ତେ ସେଣ୍ଟ ଲୁଇସ୍ ସହର ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରି ମାନପତ୍ର ପ୍ରଦାନ କରିଥିଲେ। ଏହି ଗସ୍ତ ସମୟରେ ଗୁରୁଜୀ ୱାଶିଂଟନ୍ ବିଶ୍ୱବିଦ୍ୟାଳୟରେ ଭାରତର ପ୍ରାଚୀନ ବୈଦିକ ଜ୍ଞାନ ଏବଂ ଆଧୁନିକ ବିଶ୍ୱରେ ଗୁରୁ ପରମ୍ପରାର ପ୍ରାସଙ୍ଗିକତା ଉପରେ ବକ୍ତୃତା ପ୍ରଦାନ କରିଥିଲେ। ୱାଶିଂଟନ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାହିତ୍ୟ, ଗବେଷଣା ଓ ଏବଂ ଆନ୍ତଃ ସାଂସ୍କୃତିକ ସଂହତି ସ୍ଥାପନରେ ଗୁରୁଜୀଙ୍କର ଅବଦାନ ନିମନ୍ତେ ତାଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଗସ୍ତ ଅବସରରେ ଗୁରୁଜୀ ଡ. ଶତପଥୀ ସିଆଟେଲସ୍ଥିତ ଭାରତୀୟ କନସୁଲେଟ ଜେନେରଲ କାର୍ଯ୍ୟାଳୟରେ ଭାରତର ସ୍ୱାଧୀନତା ଦିବସ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ସିଆଟେଲସ୍ଥିତ ସ୍ୱାମୀ ବିବେକାନନ୍ଦଙ୍କର ପ୍ରତିମୂର୍ତ୍ତିରେ ଗୁରୁଜୀ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଗସ୍ତ କାଳରେ ଡଲାସ ଠାରେ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ନିର୍ମାଣ ନିମନ୍ତେ ଗୁରୁଜୀ ଭୂମିପୂଜା କରିଥିଲେ। ନୂତନ ପିଢ଼ିର ଯୁବକ ଯୁବତୀମାନଙ୍କ ପାଇଁ ଗୁରୁଜୀଙ୍କ ରଚିତ ଓ ସ୍ୱର ସଂଯୋଜିତ ନୂତନ ଆଲବମ 'ହେଲୋ ସାଇ ମିଲୋ ସାଇ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ସିବିଏସ କମ୍ୟୁନିଟି ଡେଭଲପମେଣ୍ଟ ଫାଉଣ୍ଡେସନ୍ ପକ୍ଷରୁ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ନାମରେ ବାର୍ଷିକ ୫୦ ହଜାର ଡଲାରର ଏକ ଛାତ୍ରବୃତ୍ତି ଘୋଷଣା କରାଯାଇଥିଲା। ଟେକ୍ସାସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଛାତ୍ର ବୃତ୍ତି ପ୍ରଦାନ କରାଯିବ। ପ୍ରାଣୀ ଚିକିତ୍ସା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏକ ସଂଗଠନକୁ ମଧ୍ୟ ଗୁରୁଜୀ ସହାୟତା ପ୍ରଦାନ କରିଥିଲେ। ଆମେରିକା, କାନଡ଼ା, ଇଂଲଣ୍ଡ ଓ ଭାରତରୁ ବହୁ ବ୍ୟକ୍ତି ବିଭିନ୍ନ ସ୍ଥାନରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ଯୋଗଦେଇଥିଲେ।

- ସିଆଟେଲ କନସୁଲେଟ ଜେନେରାଲରେ ସ୍ୱାଧୀନତା ଦିବସରେ ଯୋଗଦାନ
- ଟେକ୍ସାସ ବିଶ୍ୱବିଦ୍ୟାଳୟରେ ଗୁରୁଜୀଙ୍କ ନାମରେ ୫୦ ହଜାର ଡଲାର ଛାତ୍ରବୃତ୍ତି ଘୋଷଣା
- ଆମେରିକାରେ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ନିର୍ମାଣ ନିମନ୍ତେ ଭୂମିପୂଜା

## ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର ୨୦ ବର୍ଷ ପୂର୍ତ୍ତି ମହା ସମାରୋହ

ଭୁବନେଶ୍ୱର (ସବ୍ୟୁ): ବୀର ସୁରେନ୍ଦ୍ର ସାଏ ନଗର ଭୁବନେଶ୍ୱରୀ ମନ୍ଦିରରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର ୨୦ ବର୍ଷ ପୂର୍ତ୍ତି ମହା ସମାରୋହ ପାଳିତ ହେବା ସହିତ ଉତ୍କଳ ସମ୍ମିଳନୀ ସମାଚାର




ପତ୍ରିକା ଅତିଥିମାନେ ଉନ୍‌ମୋଚନ କରିଛନ୍ତି। ଏହି ଅବସରରେ ଡ. ଦ୍ୱାରିକାନାଥ ମହାନ୍ତି, ନିରଞ୍ଜନ ଦାଶ, ପ୍ରତାପ କୁମାର ସ୍ୱାଇଁ ଓ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧିଙ୍କୁ ଉତ୍କଳ ଗୌରବ ମଧୁସୂଦନ ସମ୍ମାନ ପ୍ରଦାନ କରା ଯାଇଥିବା ବେଳେ ଶୀତଳ ଚନ୍ଦ୍ର ମହାନ୍ତି, ଅନନ୍ତ ପ୍ରସାଦ ଜେନା, ନିମାଇଁ ଚରଣ ଦାସ, ସିଦ୍ଧାର୍ଥ ଶଙ୍କର ଗଡନାୟକ ଓ ପ୍ରତାପ କୁମାର ନନ୍ଦଙ୍କୁ ସମ୍ମିଳନୀ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଥିଲା। ମୁଖ୍ୟ ଅତିଥି ଭାବେ ସମ୍ମିଳନୀର ଉପଦେଷ୍ଟା ଶତାୟୁ ପୁରୁଷ ପଦ୍ମଚରଣ ନାୟକ ଯୋଗଦେଇ ବିଧାନ ସଭାର ନାମ ମଧୁ ମଣ୍ଡପ ଓ ଉତ୍କଳ ମଣ୍ଡପର ନାମ ଉତ୍କଳ ଗୌରବ ମଣ୍ଡପ ରଖିବା ପାଇଁ ଦାବି କରିଥିଲେ। ୧୯୦୩ ରେ ଇଦ୍‌ଗା ପଡିଆ ଠାରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ଦିବସ ଅବସରରେ ଉତ୍କଳ ଗୋରବ ମଧୁସୂଦନ ଦାସ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ ଦେଇଥିବା ଫୁଲମାଳ ଆଜି ପର୍ଯ୍ୟନ୍ତ ସାଇତି ରଖିଛନ୍ତି ବୋଲି ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧକ୍ଷ ତଥା ସ୍ୱଭାବ କବିଙ୍କ ଦାୟଦ ମିହିର ମେହେର ମୁଖ୍ୟ ବକ୍ତା ଭାବରେ ଯୋଗଦେଇ କହିଥିଲେ। ଉତ୍କଳ ଗୌରବ ମଧୁସୂଦନଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା ଦାବି କରିଥିଲା ବେଳେ ଉପ-ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର କହିଥିଲେ ଯେ, ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଓ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ପାଇଁ ଉତ୍କଳ ସମ୍ମିଳନୀ ଚଳଚଞ୍ଚଳ ଅଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଧନ୍ୟବାଦ ପ୍ରଦାନ କରିଥିଲେ।

## ଦେଶୀ ମହୁଲି ମଦ ଜବତ , ୫ ଗିରଫ

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲି ଓ କୋରେଇ ଥାନା ଅଂଚଳରେ ବ୍ୟାପକ ଚୋରା ଦେଶୀ ମଦ କାରବାର ଖବର ପାଇ କଟକ ଅବକାରୀ ବିଭାଗ ଓ ବଳବତ କରଣ ସଂସ୍ଥା ଦ୍ୱାରା ଚଢାଉ କରାଯାଇ ୧୧୯ ଲିଟର ଦେଶୀ ମହୁଲି ମଦ ସହ ଗୋଟିଏ ହୋଣ୍ଡା ଆକଟିଭ ସ୍କୁଟି ( ଓଡି୩୪ଟି ୧୦୪୨)କୁ ଜବତ କରାଯାଇଛି। ଏହି ମାମଲାରେ ୫ଜଣଙ୍କୁ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଛି। ଅଭିଯୁକ୍ତ କୋରେଇ ଖାରଜ ବଟିରା ଗ୍ରାମର ପ୍ରଦୀପ ମଲିକ(୩୭) ବ୍ରହ୍ମଣାଦା ଗ୍ରାମର ସୁରେନ୍ଦ୍ର ମଲିକ (୫୩), ଖଜୁରନାଲୁଆ ଗ୍ରାମର କାଳନ୍ଦୀ ଜେନା(୨୮) ପାଣିକୋଇଲି ଥାନା ମୂଳାପାଳ ପଂଚାୟତ ବରପଦା ଗ୍ରାମର ଅରକ୍ଷିତ ସାମଲ (୪୫) ଜହ୍ନା ଗ୍ରାମର ପ୍ରଫୁଲ୍ଲ ମଲିକ (୫୨) ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହି ସମସ୍ତ ଚୋରା ମଦ ଚାଲଣର ମାଷ୍ଟର ମାଇଣ୍ଡ ବିଶୁଆ, ବାପି, ଦିପୁନା ବୋଲି ଜଣାପଡିଛି। ଚୋରା ମଦ ବିକ୍ରି ଉପରେ ଚଢାଉ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ବାରବାଟୀ ମଣ୍ଡଳ ଓ ଚହଟା ନଗର ପକ୍ଷରୁ ବୃକ୍ଷରୋପଣ

କଟକ, (ସବ୍ୟୁ): ବାରବାଟୀ ମଣ୍ଡଳ ପକ୍ଷରୁ ଏକ ମହାନ ବୃକ୍ଷରୋପଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ପ୍ରାୟ ଶହେଟି ଗଛ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି କଟକ ଜିଲ୍ଲା ଉପସଭାପତି ବିଶ୍ୱରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ବାରବାଟୀ ମଣ୍ଡଳ ସଭାପତି ଜୟକୃଷ୍ଣ ସ୍ୱାଇଁ, ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ଦାସମହାପାତ୍ର, ଉପସଭାପତି ଶ୍ରୀନିବାସ ରେଡ୍ଡୀ, ସୁବ୍ରତ ସେନାପତି, ପବିତ୍ର ମୋହନ ଦାସ, ବିଜୟ କୁମାର ବେହେରା ଓ ସୁଧୀରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।ଏହା ସହ ଚହଟା ନଗର ଉନ୍ନୟନ ପରିଷଦର ସଭାପତି ପ୍ରଦୀପ୍ତ ଶତପଥୀ, ସମ୍ପାଦକ ଗଙ୍ଗାଧର ସାମଲ,



ବରିଷ୍ଠ ମୁରବୀ ରାଜେନ୍ଦ୍ର କୁମାର ଦାସ, ପଞ୍ଚାନନ ମିଶ୍ର, ନିରଞ୍ଜନ ମହାନ୍ତି ଓ ବିଜୟକାନ୍ତ ଶତପଥୀ ଯୋଗଦାନ କରିଥିଲେ। ଯୁବକ ସଂଘ ପକ୍ଷରୁ ସୁଶାନ୍ତ ଗିରି, ବିଶାଳ କୁମାର ସ୍ୱାଇଁ, ସିଦ୍ଧାର୍ଥ ସାହୁ, ଶୁଭମ ସେନାପତି, ସୌମ୍ୟକାନ୍ତ ମହାନ୍ତି, ସୌଭାଗ୍ୟ ମହାନ୍ତି ଓ ଅଭିମନ୍ୟୁ ନାୟକ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଭାବେ ବୃକ୍ଷରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ।

## କଳିଙ୍ଗ ଟେରିଅର୍ସର ୭୭ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, (ସବ୍ୟୁ): ୧୨୦ ଇନଫାଣ୍ଟ୍ରି ବାଟାଲିୟନ (ଟେରିଟୋରିଆଲ ଆର୍ମି) ବିହାର – ଭାରତର ସିଟିଜେନ୍ସ' ଆର୍ମିର ଅଂଶ କଳିଙ୍ଗ ଟେରିଅର୍ସ, ଭୁବନେଶ୍ୱର ଏବଂ ଜମ୍ମୁ ଓ କଶ୍ମୀରର ଏହାର ଫିଲ୍ଡ ଲୋକେସନରେ ଗର୍ବ ଓ ସାମରିକ ଉତ୍ସାହର ସହିତ ଏହାର ୭୭ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ୧୯୪୯ରେ ପ୍ରତିଷ୍ଠିତ ଏହି ବାଟାଲିୟନର ଓଡ଼ିଶା ସହିତ ଦୀର୍ଘଦିନର ସମ୍ପର୍କ ରହିଛି ଏବଂ ଏହାର ସାମରିକ ଭୂମିକା ବ୍ୟତୀତ, ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ, ରିଲିଫ୍ ଅପରେସନ୍ ଏବଂ ଅନ୍ୟାନ୍ୟ ଆପତ୍କାଳୀନ ପରିସ୍ଥିତି ସମୟରେ ନାଗରିକ ପ୍ରଶାସନକୁ ମୂଲ୍ୟବାନ ସହାୟତା ପ୍ରଦାନ କରିଆସିଛି। ଉଭୟ ସ୍ଥାନରେ ପୁଷ୍ପଚକ୍ର ଅର୍ପଣ ସମାରୋହ ଆୟୋଜିତ ହୋଇଥିଲା, ଯେଉଁଠାରେ କମାଣ୍ଡିଂ ଅଫିସର କର୍ଣ୍ଣେଲ ଉପଜିତ ସିଂହ ରନ୍ଧାୱାଙ୍କ ସହିତ ଭେଟେରାନ୍ ଏବଂ



କାର୍ଯ୍ୟରତ ସେନା କର୍ମଚାରୀମାନେ ବାଟାଲିୟନର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ସମ୍ମାନ ଓ ନିଷ୍ଠାର ସହ ଦେଶ ସେବା କରିବା ପାଇଁ ନିଜର ଗମ୍ଭୀର ପ୍ରତିଜ୍ଞାକୁ ପୁନଃ ଦୋହରାଇଥିଲେ। ଏହି ଉତ୍ସବରେ ମନ୍ଦିର ପରେଡ୍ ଏବଂ ବୃକ୍ଷରୋପଣ ଅଭିଯାନ ମଧ୍ୟ ସାମିଲ ଥିଲା। ଏହି ଅବସରରେ, ବାଟାଲିୟନ ପକ୍ଷରୁ ସମସ୍ତ କାର୍ଯ୍ୟରତ ସେନା କର୍ମଚାରୀ, ଭେଟେରାନ୍, ବୀର ନାରୀ ଏବଂ ପରିବାରବର୍ଗଙ୍କୁ ଉଷ୍ମ ଶୁଭେଚ୍ଛା ଜଣାଇବା ସହିତ କଳିଙ୍ଗ ଟେରିଅର୍ସର ଗୌରବମୟ ପରମ୍ପରା ଓ ଐତିହ୍ୟକୁ ବଜାୟ ରଖିବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃ ନିଶ୍ଚିତ କରାଯାଇଥିଲା।

## ଗ୍ରାମରେ ପଶିଲା କେନାଲ ପାଣି

ସୋର,(ସବ୍ୟୁ): ସୋର ବ୍ଲକ କେଶରୀପୁର ପଞ୍ଚାୟତ କୁଶଗଡିଆ ଗ୍ରାମରେ କେନାଲ ପାଣି ଗ୍ରାମକୁ ପଶିବା ସହିତ ଘରେ ପାଣି ପଶିଥିବା ଦେଖିବାକୁ ମିଳିଛି ।ଦୀର୍ଘଦିନ ଧରି ଚାଲିଥିବା ସାଳନ୍ଦୀ କେନାଲର କାମ ଏବେବି ଶେଷ ହୋଇପାରିନାହିଁ । ଫଳରେ ପାଣି ନିଷ୍କାସନର ରାସ୍ତା ଖୋଲିନଥିବାରୁ ଅନେକ ସମୟରେ ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧାକୁ ସମ୍ମୁଖିନ ହେଉଛନ୍ତି । ଆଜି ବର୍ଷା ହେବା ସହିତ ଉପର ମୁଣ୍ଡରୁ ଅତ୍ୟଧିକ ପାଣି କେନାଲରେ ଆସିବା ଫଳରେ ସୋର ବ୍ଲକ କେଶରୀପୁର ପଞ୍ଚାୟତ କୁଶଗଡିଆ ଗ୍ରାମରେ କେନାଲ ପାଣି ପଶିଥିଲା । ଅନେକ ଲୋକଙ୍କ ଘରେ ପାଣି ପଶିବା କାରଣରୁ ଘରେ ଥିବା ଆସବା ପତ୍ର ନଷ୍ଟ ହେବା ସହିତ ଲୋକେ ବିଭିନ୍ନ ଅସୁବିଧାକୁ ସମ୍ମୁଖିନ ହୋଇଥିଲେ । ଖବର ପାଇ ସୋର ବିଧାୟକ ମାଧବ ଧଡା ଓ ସ୍ଥାନୀୟ ସମିତିସଭ୍ୟ ମୁକେଶ କୁମାର ମଲିକ, ସମାଜସେବୀ ରବୀନ୍ଦ୍ର ନାୟକଙ୍କ ସମେତ ଅନ୍ୟମାନେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ପରଖିବା ସହିତ ପାଣି ନିଷ୍କାସନର ବ୍ୟବସ୍ଥା କରିଥିଲେ । ସୋର ବିଡିଓ ସୁବ୍ରତ ବେହେରାଙ୍କୁ ଗ୍ରାମବାସୀମାନେ ସେଠାକୁ ଡାକିଥିଲେ ମଧ୍ୟ କାମ ବାହାନା କରି ସେଠାକୁ ଯିବାକୁ ମନା କରିଥିଲେ । ବିଡିଓଙ୍କ ଏତାଦୃଶ ଆଚରଣକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସୋର ବିଡିଓ ପୂର୍ବରୁ ମଧ୍ୟ ଅନେକ ବନ୍ୟା ପ୍ରଭାବିତ ଅଞ୍ଚଳକୁ ନଯିବା ଓ ଲୋକଙ୍କୁ ସହଯୋଗ କରିନଥିବା ନେଇ ଅଭିଯୋଗ ଆସିଥିବାରୁ ତାଙ୍କୁ ତୁରନ୍ତ ବଦଳି କରିବାକୁ ସାଧାରଣରେ ଦାବି ହୋଇଛି ।

### ନିଶା କବଳରୁ ଯୁବସମାଜକୁ ରକ୍ଷା କରିବାକୁ

## ଗ୍ରାମାଞ୍ଚଳରେ ସଚେତନତା ଶୋଭାଯାତ୍ରା ଓ ମହଲ୍ଲା ସଭା

ଭୁବନେଶ୍ୱର, (ସବ୍ୟୁ): ଆଜିକାଲି କିଶୋରଠାରୁ ଆରମ୍ଭ କରି ବୟସ୍କ ଏବଂ ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠି ନିଶାର କରାକରାଜ ଯୁବସମାଜକୁ ପଥଭ୍ରଷ୍ଟ କରୁଛି। ନିଶା ସେବନ କେବଳ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଓ ଶିକ୍ଷା ନୁହେଁ, ବରଂ ପରିବାର ଏବଂ ସାମାଜିକ ସ୍ଥିତିକୁ ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ କରିଦେଉଛି। ଏହି ଗମ୍ଭୀର ସମସ୍ୟା ବିରୁଦ୍ଧରେ ଜନଜାଗରଣ ସୃଷ୍ଟି କରିବା ପାଇଁ 'ସ୍ମାର୍ଟ ଫ୍ରାଟରନିଟି ଲାବ୍' ପକ୍ଷରୁ ଏକ ବିଶାଳ ସଚେତନତା ଶୋଭାଯାତ୍ରା ଓ ମହଲ୍ଲା ସଭା ଅନୁଷ୍ଠିତ ହୋଇଯାଇଛି। 'କମ୍ୟୁନିଟି – ଦି ୟୁଥ୍ କଲେକ୍ଟିଭ୍' ଏବଂ 'ସହଯୋଗ' ଅନୁଷ୍ଠାନର ମିଳିତ ସହଯୋଗ ତଥା 'ସମଝୋ ତୋହ ସମ୍ବିଧାନ' କାର୍ଯ୍ୟକ୍ରମ ଅଧୀନରେ ଏହି ସଚେତନତା ଅଭିଯାନ ହାତକୁ ନିଆଯାଇଥିଲା। ରାଜକିଶୋର ବିଦ୍ୟାପୀଠରୁ ବାହାରିଥିବା ଏହି ଶୋଭାଯାତ୍ରା ଦୁର୍ଗାପୁର, ଅରିଶଲ ଏବଂ ହରେକୃଷ୍ଣପୁର ଗ୍ରାମର ପ୍ରତ୍ୟେକ ସାହି ପରିକ୍ରମା କରିଥିଲା। ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି ଏବଂ ସଚେତନତା ନାରା ଦେଇ ଲୋକଙ୍କୁ ସଜାଗ କରିଥିଲେ। ପରେ ଗ୍ରାମବାସୀଙ୍କୁ ନେଇ ଅନୁଷ୍ଠିତ ମହଲ୍ଲା ସଭାରେ ନିଶାସେବନର ମୂଳ କାରଣ, ଏହାର ଭୟବହ ପରିଣାମ ଏବଂ ନିଶାଦ୍ରବ୍ୟର ସହଜ ଉପଲବ୍ଧତା ଉପରେ ଖୋଲାଖୋଲି ଆଲୋଚନା କରାଯାଇଥିଲା।

ଯୁବ ପରିଚାଳକ ସାଗର ସାହୁ ଓ ଜନ୍ମେଜୟ ସ୍ୱାଇଁ ଏହି ସମଗ୍ର କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ। 'ସହଯୋଗ'ର ସମ୍ପାଦିକା ବିଜୟଲକ୍ଷ୍ମୀ ରାଉତରାୟ ଏବଂ ସ୍ମାର୍ଟ ଲାବ୍ ସଦସ୍ୟ ରାଜଲକ୍ଷ୍ମୀ ନାୟକ, ସାଇସ୍ନେହ ସାହୁ, ତନୁଶ୍ରୀ ମୁଦୁଲି ଓ ଚନ୍ଦ୍ରମାଧବ ପ୍ରଧାନ ଏଥିରେ ସକ୍ରିୟ ଅଂଶଗ୍ରହଣ କରି ନେତୃତ୍ୱ ନେଇଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯଥା ରାଜକିଶୋର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଅଶୋକ କୁମାର ସାହୁ, ଶିକ୍ଷକ ତପନ କୁମାର ନନ୍ଦ ଓ ବାଙ୍କବିହାରୀ ସାହୁ, 'ମୋ ସ୍କୁଲ ଅଭିଯାନ'ର ସଭାପତି ପ୍ରମୋଦ କୁମାର ଜେନା, ଅବସରପ୍ରାପ୍ତ ସେନା କର୍ମଚାରୀ ଯୁଧିଷ୍ଠିର ପ୍ରଧାନ ଏବଂ ସମାଜସେବୀ ଆଡଭୋକେଟ ନାରାୟଣ ଜେନା ପ୍ରମୁଖ



ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ। ନିଶାଦ୍ରବ୍ୟ ବର୍ଜନ ଏବଂ ନିଶା ଛାଡ଼ିବାର ବ୍ୟକ୍ତିଗତ ସଂକଳ୍ପ ହିଁ ସମାଜରେ ପ୍ରକୃତ ପରିବର୍ତ୍ତନ ଆଣିପାରିବ।" ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସୁରକ୍ଷିତ ଓ ନିରାପଦ ପରିବେଶ ଗଢିବାପାଇଁ ଛାତ୍ରଛାତ୍ରୀ ମାନଙ୍କର ଏପରି ପ୍ରୟାସ ଅତ୍ୟନ୍ତ ଜରୁରୀ ବୋଲି ଗ୍ରାମବାସୀମାନେ ମତବ୍ୟକ୍ତ କରିଛନ୍ତି।

# ଲାଗୁ ହେବ ଟ୍ରାନ୍ସଫର ଅଫ ପ୍ରିଜିନର୍ସ ଆକ୍ଟ

ନୂଆଦିଲ୍ଲୀ: ରାଜଧାନୀ ଦିଲ୍ଲୀର ବିଭିନ୍ନ ଜେଲରେ ବନ୍ଦୀ ବିଚାରାଧୀନ ଗ୍ୟାଙ୍ଗଷ୍ଟର, ସଙ୍ଗଠିତ ଅପରାଧୀ ଓ ଅଧିକ ବିପଦପୂର୍ଣ୍ଣ କଏଦୀଙ୍କୁ ଆବଶ୍ୟକତା ପଡିଲେ ଅନ୍ୟ ରାଜ୍ୟର ଜେଲମାନଙ୍କୁ ସ୍ଥାନାନ୍ତରିତ କରାଯାଇ ପାରିବ। ଏହାକୁ ନେଇ ଦିଲ୍ଲୀ ସରକାର 'ଟ୍ରାନ୍ସଫର ଅଫ ପ୍ରିଜିନର୍ସ (ପଞ୍ଜାବ ଆମେଡମେଣ୍ଟ) ଆକ୍ଟ-୨୦୨୫'କୁ ଲାଗୁ କରିବା ପାଇଁ ବିଚାର କରୁଛନ୍ତି। ଏହା ଉଦ୍ଦେଶ୍ୟ ହେଉଛି ଜେଲ ସୁରକ୍ଷା ଓ ଆଇନଶୃଙ୍ଖଳାକୁ ନିୟନ୍ତ୍ରିତ କରିବା ବୋଲି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି। ସାର୍ବଜନିକ ହୀତକୁ ଧ୍ୟାନରେ ରଖି ଏପରି ବନ୍ଦୀଙ୍କୁ ଅନ୍ତରରାଜ୍ୟ ସ୍ଥାନାନ୍ତର କରି ସଙ୍ଗଠିତ ଅପରାଧ ମୁକାବିଲାରେ ସହାୟତା ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରେଖା ଗୁପ୍ତା କହିଛନ୍ତି ଯେ ଦିଲ୍ଲୀ ଜେଲରେ ଦୋଷୀ ଅପରାଧୀଙ୍କ ସହିତ ବହୁ ସଂଖ୍ୟାରେ କୁଖ୍ୟାତ ଅପରାଧୀ ମଧ୍ୟ ବିଚାରାଧୀନ ବନ୍ଦୀ ଭାବେ ଅଛନ୍ତି। ଗତ ମେ



ମାସରେ ଦିଲ୍ଲୀରେ ୨୬ଟି ଗ୍ୟାଙ୍ଗର ୧୮୮ ଜଣ ସଦସ୍ୟଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରୁ ୧୦୭ ଜଣ ଗ୍ୟାଙ୍ଗଷ୍ଟର ଗିରଫ ହୋଇଛନ୍ତି। ଏପରି ବିଚାରାଧୀନ ବନ୍ଦୀ ଜେଲ ଭିତରେ ମଧ୍ୟ ଅପାରଧିକ ଗତିବିଦ୍ଧିରେ ସାମିଲ ରହୁଛନ୍ତି। ବର୍ତ୍ତମାନର ବ୍ୟବସ୍ଥାରେ ଏପରି ବନ୍ଦୀଙ୍କୁ ଦିଲ୍ଲୀ ଜେଲରୁ ଅନ୍ୟ ରାଜ୍ୟ ଜେଲକୁ ସ୍ଥାନାନ୍ତର କରିବା ସମ୍ଭବ ନୁହେଁ। ତେବେ ଟ୍ରାନ୍ସଫର ଅଫ ପ୍ରିଜିନର୍ସ ଆକ୍ଟ ୧୯୫୦ ଅନୁସାରେ କେବଳ ଦୋଷୀ ସାବ୍ୟସ୍ତ କୈଦୀଙ୍କୁ ସ୍ଥାନାନ୍ତରଣର ପ୍ରାବଧାନ ରହିଛି। ଏଣୁ ଆଇନଗତ ଅସୁବିଧା ଦୂର କରିବାକୁ ପଞ୍ଜାବ ସରକାର ଟ୍ରାନ୍ସଫର ଅଫ ପ୍ରିଜିନର୍ସ (ପଞ୍ଜାବ ଆମେଡମେଣ୍ଟ) ଆକ୍ଟ ୨୦୨୫ ଉପସ୍ଥାପନ କରିଥିଲେ। ଏହି ସଂଶୋଧନ ଅଧିନିୟମକୁ ୨୧ ଏପ୍ରିଲ ୨୦୨୫ରେ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ମିଳିଥିଲା। ସଂଶୋଧନରେ ସୁରକ୍ଷା, ଆଇନଶୃଙ୍ଖଳା ଅଥବା ଜନହୀତରେ ବିଚାରାଧୀନ ବନ୍ଦୀଙ୍କୁ ଗୋଟିଏ ରାଜ୍ୟରୁ ଆଉ ଗୋଟିଏ ରାଜ୍ୟକୁ ପଠା ଯାଇ ପାରିବ। ଏହି ସଂଶୋଧନକୁ ଏବେ ଦିଲ୍ଲୀରେ ଲାଗୁ କରିବା ପାଇଁ ରାଜ୍ୟ ସରକାର ବିଚାର କରୁଛନ୍ତି। ଏଥିରେ ଗୁରୁତର ଓ ଅଧିକ ବିପଦପୂର୍ଣ୍ଣ ବନ୍ଦୀଙ୍କୁ ପରିସ୍ଥିତି ଅନୁସାରେ ଅନ୍ୟ ରାଜ୍ୟଙ୍କ ଜେଲକୁ ପଠା ଯାଇ ପାରିବ। ସରକାରଙ୍କ ଅନୁସାରେ କିଛି ବିଚାରାଧୀନ ବନ୍ଦୀ ଜେଲରେ ଥାଇ ମଧ୍ୟ ସ୍ଥାନୀୟ ନେଟୱାର୍କ ଓ ଅନ୍ୟ ଗୋଷ୍ଠୀର ସମ୍ପର୍କ ବ୍ୟବହାର କରି ନିଜ ଅପରାଧୀ ମେଣ୍ଟକୁ ସମ୍ପ୍ରସାରଣ କରୁଛନ୍ତି। ଏପରି କୈଦୀଙ୍କ ମଧ୍ୟରେ ଗ୍ୟାଙ୍ଗୱାର ଓ ପ୍ରତିଶୋଧାତ୍ମକ ବାଦବିବାଦ ଲାଗି ରହୁଛି। ଏହି ପ୍ରସ୍ତାବରେ ଏପରି କଠୋର ଓ କୁଖ୍ୟାତ ବିଚାରାଧାନ ବନ୍ଦୀମାନଙ୍କୁ ଦିଲ୍ଲୀ ବାହାରର ଜେଲମାନଙ୍କୁ ସ୍ଥାନାନ୍ତରିତ କରାଗଲେ ସାକ୍ଷୀଙ୍କୁ ପ୍ରଭାବିତ କରିବା ଓ କୋର୍ଟ କାର୍ଯ୍ୟାନୁଷ୍ଠାନରେ ବାଧା ସୃଷ୍ଟି କରିବାକୁ ସେମାନଙ୍କ କ୍ଷମତା ହ୍ରାସ କରିବ। ଏହା ସହିତ ସେମାନଙ୍କ ଅପରାଧିକ ଗତିବିଦ୍ଧି ଉପରେ ମଧ୍ୟ ଅଙ୍କୁଶ ଲାଗି ପାରିବ।

# ପିଏନ୍‌ଜି ସଂଯୋଗ ତ୍ୱରାନ୍ୱିତ କରିବାକୁ କେନ୍ଦ୍ରର ନିର୍ଦ୍ଦେଶ

ନୂଆଦିଲ୍ଲୀ: ଦେଶରେ ଲୋକଙ୍କୁ ଏଲପିଜି ପରିବର୍ତ୍ତେ ପାଇପ୍ ଜରିଆରେ ଯେଭଳି ରନ୍ଧନ ଗ୍ୟାସ ଯୋଗାଇ ଦିଆଯିବ ସେଥିପାଇଁ ପିଏନ୍ଜି ସଂଯୋଗକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ କହିଛି। ଗ୍ୟାସ ବିତରକ ଓ ତୈଳ ବିପଣନ କମ୍ପାନିଗୁଡ଼ିକ ମଧ୍ୟରେ ସମନ୍ୱୟ ସ୍ଥାପନ ପାଇଁ ଜିଲ୍ଲାସ୍ତରରେ ନୋଡାଲ ଅଧିକାରୀ ନିଯୁକ୍ତ କରିବାକୁ କୁହାଯାଇଛି। ପିଏନଜି ସଂଯୋଗ ନେବାରେ ବିଫଳ ହେଉଥିବା ପରିବାରଗୁଡ଼ିକୁ ଏଲ୍ପିଜି ନଯୋଗାଇବା ଦିଗରେ ସେମାନେ ସହାୟକ ହେବେ। ଚଳିତମାସ ୨୧ ତାରିଖରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ସଚିବ ନୀରଜ ମିତ୍ତଲ ମୁଖ୍ୟ ସଚିବମାନଙ୍କୁ ଏ ନେଇ ଏକ ଚିଠି ଲେଖିଛନ୍ତି। ପିଏନଜି ଅଧିକ ନିରାପଦ, ସ୍ୱଚ୍ଛ ଏବଂ ଦକ୍ଷ ରନ୍ଧନ ଇନ୍ଧନ। ଏହା ଲୋକଙ୍କ ପାଖରେ ପହଞ୍ଚିଲେ ଏଲପିଜି ବିତରଣ ନେଇ ପରିବହନଜନିତ ସମସ୍ୟା ଦୂର ହେବ। ଏଥିସହିତ ବିପୁଳ ନିବେଶରେ ଦେଶରେ ପ୍ରତିଷ୍ଠା ହୋଇଥିବା ସିଟି ଗ୍ୟାସ ବଣ୍ଟନ ଭିତ୍ତିଭୂମିର ଅଧିକ ଉପଯୋଗ କରାଯାଇ ପାରିବ। ଯେଉଁ ଅଞ୍ଚଳରେ ପାଇପ୍ ଗ୍ୟାସ ସୁବିଧା ଉପଲବ୍ଧ ରହିଛି ସେଠାରେ ପରିବାରଗୁଡ଼ିକୁ ଉଭୟ ଏଲ୍ପିଜି ଓ ପିଏନଜି ନ ରଖାଇ ଦେବା ନିମନ୍ତେ ଜିଲ୍ଲାସ୍ତରରେ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ପ୍ରତ୍ୟେକ ଭୌଗୋଳିକ ଅଞ୍ଚଳରେ ସିଜିଡି (ସିଟି ଗ୍ୟାସ ବଣ୍ଟନ) ସଂସ୍ଥା ଏବଂ ରାଷ୍ଟ୍ରାୟତ୍ତ ତେଲ ବିପଣନ କମ୍ପାନିଙ୍କ ମଧ୍ୟରେ ଏକ ପିଏନଜି ସମନ୍ୱୟ କମିଟି (ପିସିସି) ପ୍ରତିଷ୍ଠା କରିବା ପାଇଁ ମନ୍ତ୍ରାଳୟ କହିଛି। ପିଏନଜି ସଂଯୋଗ ବଢ଼ାଇବା ପାଇଁ ଯୋଗ୍ୟ ହାଉସିଂ ସୋସାଇଟି ଓ ପରିବାରଗୁଡ଼ିକୁ ଏହି କମିଟି ନୋଟିସ ପଠାଇବା ସହ ସଚେତନତା କାର୍ଯ୍ୟକ୍ରମ କରିବ। ପିଏନ୍ଜି ସମନ୍ୱୟ କମିଟି ବ୍ୟବସ୍ଥା କାର୍ଯ୍ୟକ୍ଷମ ଥିଲେ ମଧ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ଲକ୍ଷ୍ୟ ହାସଲ ପାଇଁ ଜିଲ୍ଲାସ୍ତରୀୟ ପ୍ରଶାସନିକ ସହାୟତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏ କ୍ଷେତ୍ରରେ ଖାଦ୍ୟ ଓ ଯୋଗାଣ ବିଭାଗର ଅଧିକାରୀମାନେ ଉତ୍ତମ ସାବ୍ୟସ୍ତ ହେବେ। ତେଣୁ ଏହି ବିଭାଗର ଜଣେ ଜିଲ୍ଲାସ୍ତରୀୟ ଅଧିକାରୀ ଯାହାଙ୍କର ପାହ୍ୟା




ଜିଲ୍ଲା ଯୋଗାଣ ଅଧିକାରୀରୁ କମ୍ ହୋଇ ନଥିବ ତାଙ୍କୁ କମିଟିକୁ ମନୋନୀତ କରିବା ପାଇଁ କେନ୍ଦ୍ର ପେଟ୍ରୋଲିୟମ ସଚିବ ଉଲ୍ଲେଖ କରିଛନ୍ତି। ଉକ୍ତ ଅଧିକାରୀମାନଙ୍କ ନାମ, ପଦବି ଏବଂ ଠିକଣା ଶୀଘ୍ର ପ୍ରଦାନ କରାଗଲେ ପିସିସି ସଦସ୍ୟମାନେ ସେମାନଙ୍କ ସହିତ ଯୋଗାଯୋଗ ରଖି ପିଏନଜି ସଂପ୍ରସାରଣ କାର୍ଯ୍ୟକୁ ଆଗକୁ ନେବେ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ଭାରତରେ ଏଲ୍ପିଜି ସଙ୍କଟ ଦେଖାଦେଇଥିଲା। ଏହା ପରେ ସରକାର ଏଲ୍ପିଜି ପରିବର୍ତ୍ତେ ପିଏନଜି ବ୍ୟବହାର ବଢ଼ାଇବା ଉପରେ ଗୁରୁତ୍ୱ ଦେଉଛନ୍ତି।

# ଆମେରିକା ଉପରେ ୫୦% ଶୁଳ୍କ ଲଗାଇଲା କାନାଡା



ୱାସିଂଟନ/ଅଟାୱା: କାନାଡା ଓ ଆମେରିକା ମଧ୍ୟରେ ବାଣିଜ୍ୟଯୁଦ୍ଧ ତୀବ୍ର ହେବାରେ ଲାଗିଛି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଆଲୋଚନା ବାତିଲ ହେବା ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫୦ ପ୍ରତିଶତ ଶୁଳ୍କ ଲଗାଇବା ପରେ କାନାଡା ସମାନ ମାତ୍ରାର ପାଲଟା ଶୁଳ୍କ ୱାସିଂଟନ ଉପରେ ଲଗାଇଛି। ଆମେରିକା ଉପରେ ଆସନ୍ତା ସେପ୍ଟେମ୍ବର ୮ ତାରିଖରୁ କାନାଡା ୫୦ ପ୍ରତିଶତ ଶୁଳ୍କ ଲଗାଇବ ବୋଲି ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଘୋଷଣା କରିଛନ୍ତି। ମୁଖ୍ୟତଃ ଆମେରିକାର ଇସ୍ପାତ, ଦୁଗ୍ଧଜାତୀୟ ସାମଗ୍ରୀ ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉପରେ ଏହି ଶୁଳ୍କ ଲଗାଯିବ। କାନାଡାବାସୀଙ୍କ ସ୍ୱାର୍ଥ ରକ୍ଷା ଲାଗି ଏହା କରାଯିବ ବୋଲି କାର୍ନି କହିଛନ୍ତି। କାର୍ନିଙ୍କ ଏହି ଘୋଷଣା ପରେ ଟ୍ରମ୍ପ ପ୍ରତିକ୍ରିୟା ରଖିଛନ୍ତି। ଆମେରିକା ରାଜ୍ୟ ନହୋଇ ନମଧ ରାଜ୍ୟ ସୁବିଧାକାନାଡା ଖୋଜୁଛି। ଆମେରିକାର କୃଷକମାନଙ୍କ ଉପରେ କାନାଡା ବିପୁଳ ମାତ୍ରାର ଶୁଳ୍କ ଆଦାୟ କରିଛି ବୋଲି ଟ୍ରମ୍ପ ଅଭିଯୋଗ ମଧ୍ୟ କରିଛନ୍ତି। ଉଲ୍ଲେଖଯୋଗ୍ୟ, କାନାଡାର ୨୦ ବିଲିଅନ ଡଲାର ମୂଲ୍ୟର ରପ୍ତାନି (ପ୍ରାୟ ୫.୫ ପ୍ରତିଶତ) ଉପରେ ଆମେରିକା ୫୦ ପ୍ରତିଶତ ଶୁଳ୍କ ଶନିବାରଠାରୁ ଲାଗୁ କରିଛି।

# ଆଇଏନଏସ ସୁଦର୍ଶିନୀ ବିଶ୍ୱକୁ ଦେଲା ବନ୍ଧୁତ୍ୱର ବାର୍ତ୍ତା

ଲିସବନ: ଭାରତୀୟ ନୌସେନାର ପାଲ ଟଣା ପ୍ରଶିକ୍ଷଣ ପୋତ 'ଆଇଏନଏସ୍ ସୁଦର୍ଶିନୀ' ପର୍ତ୍ତୁଗାଲ ରାଜଧାନୀ ଲିସବନ ପହଞ୍ଚିଛି। 'ଲୋକାୟନ-୨୦୨୬' ଅଭିଯାନରେ ୩ଟି ମାସ୍ତୁଲ ଥିବା ଏହି ଜାହାଜ ଦୀର୍ଘ ଯାତ୍ରାରେ ଟ୍ୟାଗସ୍ ନଦୀ ଦେଇ ଲିସବନକୁ ପହଞ୍ଚିଛି। ଏହି ଅବସରରେ ପାରମ୍ପରିକ ନୌକାଯାନ ସାମୁଦ୍ରିକ କୌଶଳର ପ୍ରଭାବୀ ପ୍ରଦର୍ଶନ କରିଛି। ନୌସେନା ଅନୁସାରେ ଆଇଏନଏସ ସୁଦର୍ଶିନୀର ୭ ମାସ ଦୀର୍ଘ ସାମୁଦ୍ରିକ ଯାତ୍ରାରେ ଲିସବନ ୧୫ତମ ବନ୍ଦର। ଦୀର୍ଘ ସାମୁଦ୍ରିକ ଅଭିଯାନ କାଳରେ ବିଭିନ୍ନ ଦେଶର ବନ୍ଦରକୁ ପହଞ୍ଚି ଭାରତର ସାମୁଦ୍ରିକ ପରମ୍ପରା, ନୌକାଯାନ କୌଶଳ ଓ ବନ୍ଧୁତ୍ୱର ବାର୍ତ୍ତା ଦେଇଛି। ୩ଟି ମାସ୍ତୁଲ ଓ ପାରମ୍ପରିକ ପାଲରେ ସୁସଜ୍ଜିତ ଆଇଏନଏସ ସୁଦର୍ଶିନୀକୁ ଦେଖିଲେ ସମୁଦ୍ର ଯାତ୍ରାର ପ୍ରାଚୀନ ପରମ୍ପରା କଥା ମନେ ପକାଇଦିଏ। ଆଧୁନିକ ନୌସନିକ ଟେକ୍ନୋଲଜିର ସମୟରେ ଏହି ପୋତ ଟ୍ରେନି ନୌସୈନିକଙ୍କୁ ସମୁଦ୍ରର ପରିସ୍ଥିତି ବୁଝେଇବାକୁ ପାରମ୍ପରିକ



ନୌକାଯାନ କୌଶଳ ଶିଖିବା ଓ ଆହ୍ୱାନପୂର୍ଣ୍ଣ ସାମୁଦ୍ରିକ ବାତାବରଣରେ କାମ କରିବାର ବ୍ୟବହାରିକ ଅନୁଭବ ପ୍ରଦାନ କରେ। ଆଇଏନଏସ ସୁଦର୍ଶିନୀର ଲିସବନ ଯାତ୍ରା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହା ଭାରତ ଓ ପର୍ତ୍ତୁଗାଲ ମଧ୍ୟରେ ଦୀର୍ଘ ସମୟରୁ ଚଳି ଆସୁଥିବା ସାମୁଦ୍ରିକ ସମ୍ପର୍କକୁ ଆହୁରି ମଜଭୁତ କରିବା ଦିଗରେ ଏକ ଗୁରତ୍ୱପୂର୍ଣ୍ଣ ପଦକ୍ଷେପ ମନେ କରାଯାଉଛି। ଏହି ଯାତ୍ରା କାଳରେ ପୋତରେ ମୁତୟନ ନୌସୈନିକ ଅଧିକାରୀ, ଚାଳକ ଦଳ ଓ ପ୍ରଶିକ୍ଷଣ ନେଉଥିବା କ୍ୟାଡେଟ୍ ଏଠାରେ ପର୍ତ୍ତୁଗାଲ ନୌସେନାର ବରିଷ୍ଠ ଅଧିକାରୀ, ସ୍ଥାନୀୟ ପ୍ରଶାସନ ତଥା ଏଠାରେ ବସବାସ କରୁଥିବା ଭାରତୀୟ ସମୁଦାୟ ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହି ପର୍ତ୍ତୁଗାଲ ଯାତ୍ରାକାଳର ଅଭିଜ୍ଞତା ଆଦାନ-ପ୍ରଦାନ ମଧ୍ୟ କରାଯିବ। ଉଭୟ ନୌସେନା ମଧ୍ୟରେ ପାରସ୍ପରିକ ଜାହାଜ ନିରୀକ୍ଷଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ସବୁ ଗତିବିଦ୍ଧିର ଉଦ୍ଦେଶ୍ୟ ଉଭୟ ଦେଶର ନୌସେନା ମଧ୍ୟରେ ପାରସ୍ପରିକ ବୋଧ ଓ ସହଯୋଗ ବଢାଇବା। ଉଲ୍ଲେଖଯୋଗ୍ୟ ଯେ 'ଲୋକୟାନ ୨୦୨୬' କେବଳ ଏକ ପ୍ରଶିକ୍ଷଣ ଅଭିଯାନ ନୁହେଁ ବରଂ ଏହା ମାଧ୍ୟମରେ ବିଭିନ୍ନ ଦେଶଙ୍କ ସହ ଭାରତ ବନ୍ଧୁତ୍ୱ, ସହଯୋଗ ଓ ସୌହାର୍ଦ୍ଦ୍ୟ ସମ୍ପର୍କକୁ ମଜଭୁତ କରିବାର ବାର୍ତ୍ତା ମଧ୍ୟ ଦେଉଛି। ଲିସବନରେ ଆଇଏନଏସ ସୁଦର୍ଶିନୀର ଉପସ୍ଥିତି ଭାରତ ଓ ପର୍ତ୍ତୁଗାଲ ମଧ୍ୟରେ ସମୁଦ୍ର ସମ୍ପର୍କର ଐତିହ୍ୟକୁ ମଧ୍ୟ ରେଖାଙ୍କିତ କରୁଛି।

# ରାହୁଲ ଗାନ୍ଧୀଙ୍କୁ ସ୍ମୃତି ଇରାନୀଙ୍କ ଚାଲେଞ୍ଜ

## ମହିଳା ସଂରକ୍ଷଣ ତୁରନ୍ତ ଲାଗୁ କରିବାକୁ ସମର୍ଥନ

ନୂଆଦିଲ୍ଲୀ: ବିଜେପି ରାଷ୍ଟ୍ରୀୟ ମହାସଚିବ ସ୍ମୃତି ଇରାନୀ ରବିବାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଚାଲେଞ୍ଜ କରି ସଂସଦରେ ମହିଳାଙ୍କ



ପାଇଁ ୩୩ ପ୍ରତିଶତ ସଂରକ୍ଷଣର ଶୀଘ୍ର କାର୍ଯ୍ୟକାରିତାକୁ ସମର୍ଥନ କରିବାକୁ ଓ କଂଗ୍ରେସ କାର୍ଯ୍ୟାଳୟରେ ଦେବୀ ଦୁର୍ଗାଙ୍କ ଆବାହନ ସହିତ 'ବନ୍ଦେ ମାତରମ୍'ର ପୂର୍ଣ୍ଣ ପରିବେଷଣ ଆୟୋଜନ କରିବାକୁ ଚ୍ୟାଲେଞ୍ଜ କରିଛନ୍ତି। ଶନିବାର ପୁଣେରେ 'ଛତ୍ରୋଁ କି ଗୁଞ୍ଜ' କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ସମାଜରେ ପୁରୁଷଙ୍କ ପ୍ରାଧାନ୍ୟକୁ ଭାଙ୍ଗିବାକୁ ରାହୁଲ ଆହ୍ୱାନ ଦେଇଥିଲେ। ରାହୁଲ ଏହି କାର୍ଯ୍ୟକ୍ରମରେ ମହିଳାମାନଙ୍କୁ 'ଭାରତର ଶକ୍ତି' ଭାବରେ ବର୍ଣ୍ଣନା କରିଥିଲେ ଓ ମହିଳାମାନଙ୍କ ବିରୋଧରେ ହିଂସାକୁ ନିନ୍ଦା କରିଥିଲେ। ସ୍ମୃତି ଇରାନୀ କହିଛନ୍ତି, କଂଗ୍ରେସ ନେତା ତାଙ୍କ କଥାକୁ କାର୍ଯ୍ୟରେ ପରିଣତ କରି ମହିଳା ସଂରକ୍ଷଣ ବିଲ୍ ତୁରନ୍ତ ଲାଗୁ କରିବାକୁ ସମର୍ଥନ ଦିଅନ୍ତୁ। ପୂର୍ବତନ ଆମେଠି ସାଂସଦ କଂଗ୍ରେସ ମୁଖ୍ୟାଳୟରେ ଦେବୀ ଦୁର୍ଗାଙ୍କ ଆବାହନ ସହିତ ବନ୍ଦେ ମାତରମର ପୂର୍ଣ୍ଣ ପରିବେଷଣ ଆୟୋଜନ କରିବାକୁ ମଧ୍ୟ ଚାଲେଞ୍ଜ ଦେଇଥିଲେ। କଂଗ୍ରେସ 'ବନ୍ଦେ ମାତରମ୍'ର କେବଳ ଦୁଇଟି ପଦ ଗାଇବାକୁ ନେଇ ବିଜେପି ତୀବ୍ର ସମାଲୋଚନା କରିବା ସହିତ ଜାତୀୟ ଗୀତ ପ୍ରତି ଏହା ଅସମ୍ମାନ ବୋଲି କହିଆସୁଛି। ସ୍ମୃତି ଇରାନୀ ଏହି ଅବସରରେ ମହିଳାମାନଙ୍କୁ ପୂଜା କରିବାର ହିନ୍ଦୁ ପରମ୍ପରାକୁ କଥା ମଧ୍ୟ ଉଲ୍ଲେଖ କରି କହିଛନ୍ତି, ଆମର ହିନ୍ଦୁ ଧାର୍ମିକ ନୀତି ଯେଉଁଠାରେ ମହିଳାମାନଙ୍କୁ ସମ୍ମାନ କରାଯାଏ, ସେଠାରେ ଦେବତା ବାସ କରନ୍ତି' ନୀତିକୁ ବଜାୟ ରଖେ ନାହିଁ, ବରଂ ଆମେ ଭଗବତୀ, ଲକ୍ଷ୍ମୀ ଓ ସରସ୍ୱତୀ ଭଳି ଦେବୀମାନଙ୍କୁ ମଧ୍ୟ ପୂଜା କରୁ।' ଶନିବାର ଯୁବ ପ୍ରସାର କାର୍ଯ୍ୟକ୍ରମରେ ରାହୁଲ କହିଥିଲେ ଯେ, ସମାଜରେ ମହିଳାମାନଙ୍କୁ ପ୍ରଗତିରୁ ରୋକିବା ପାଇଁ ହିଂସାକୁ ମାଧ୍ୟମ କରାଯାଉଛି। ସେ ମହିଳାଙ୍କୁ ଦେଶର ସବୁଠାରୁ ବଡ଼ ସମ୍ପତ୍ତି ବୋଲି ବର୍ଣ୍ଣନା କରିଥିଲେ।

# ବିଶାଖାପଟ୍ଟଣମ ବୈଠକରେ ବ୍ରିକ୍ସ କ୍ରୀଡ଼ାମନ୍ତ୍ରୀମାନଙ୍କ ଘୋଷଣାପତ୍ର



ବିଶାଖାପଟ୍ଟଣମ: ଏଠାରେ ଅନୁଷ୍ଠିତ ବୈଠକରେ ବ୍ରିକ୍ସ କ୍ରୀଡ଼ା ମନ୍ତ୍ରୀମାନେ କ୍ରୀଡ଼ା ଯୁକ୍ତ ଘୋଷଣାପତ୍ର ଗ୍ରହଣ କରିଥିଲେ, ଯେଉଁଥିରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ "ସଂଳାପ, ପାରସ୍ପରିକ ସମ୍ମାନ ଏବଂ ସମାବେଶିତା ମାଧ୍ୟମରେ କ୍ରୀଡ଼ା କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା" ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃନିଶ୍ଚିତ କରିଥିଲେ। "ଆମେ ଏପରି ଏକ ବ୍ରିକ୍ସ କ୍ରୀଡ଼ା ସହଭାଗିତା ଗଢ଼ିବା ଉଚିତ ଯାହା ଘୋଷଣାପତ୍ରର ସୀମା ଅତିକ୍ରମ କରି କ୍ରୀଡ଼ା ସହଯୋଗ ପାଇଁ ପ୍ରକୃତ ମଞ୍ଚ ସୃଷ୍ଟି କରିବ, ତାହା ଖେଳାଳି ଏବଂ ପ୍ରଶିକ୍ଷକଙ୍କ ଆଦାନପ୍ରଦାନ ହେଉ, ଯୁକ୍ତ ପ୍ରତିଯୋଗିତା ହେଉ କିମ୍ବା କ୍ରୀଡ଼ା ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନର ଆଦାନପ୍ରଦାନ ହେଉ," ସେ କହିଥିଲେ, ଏବଂ ଯୋଗ କରିଥିଲେ ଯେ ଭାରତ ନିଜର କ୍ରୀଡ଼ା ପରିବେଶତନ୍ତ୍ରକୁ ପରିବର୍ତ୍ତନ କରୁଛି। ବ୍ରିକ୍ସ କ୍ରୀଡ଼ା ଉତ୍ପାଦନ କନକ୍ଲେଭର ପ୍ରଥମ ସଂସ୍କରଣର ଆୟୋଜକ ସହର ଭାବେ ଉଦୟପୁରକୁ ସମର୍ଥନ ମିଳିଛି। "ଏହି କନକ୍ଲେଭରେ ସର୍ବୋତ୍ତମ ପ୍ରଚଳନ, ପ୍ରଯୁକ୍ତି ଏବଂ ନବସୃଜନ, ଗୁଣବତ୍ତା ମାନଦଣ୍ଡ, ବ୍ରିକ୍ସ ମଧ୍ୟରେ ବାଣିଜ୍ୟ ଏବଂ ସୁଦୃଢ଼ ଯୋଗାଣ ଶୃଙ୍ଖଳାର ଆଦାନପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବ, ଏବଂ ଏଥିରେ ଉତ୍ପାଦକ, ରପ୍ତାନିକାରୀ, ନିବେଶକ, ପ୍ରଯୁକ୍ତି ପ୍ରଦାନକାରୀ, ଏସଏମଇ, ଷ୍ଟାର୍ଟ-ଅପ୍ ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ଏକତ୍ର କରାଯିବ," ବୋଲି କୁହାଯାଇଛି।

# ଭାରତ ଆସି ବିବାହ କରିଛନ୍ତି ୧୫୦ ପାକିସ୍ତାନୀ ଯୁବତୀ

ନୂଆଦିଲ୍ଲୀ: ଅପରେସନ ସିନ୍ଦୂର ପରେ ପାକିସ୍ତାନ ସହ ଭାରତର ସବୁ ସୀମା ବନ୍ଦ ରହିଛି। ଏଣୁ ଭାରତୀୟ ଓ ପାକିସ୍ତାନୀଙ୍କ ପ୍ରେମ ମଧ୍ୟ ଅଟକିଯାଇଛି, ଯୁଦ୍ଧ ପରିସ୍ଥିତିରେ ବିବାହ ହେବାର ସମ୍ଭାବନା ଖୁବ୍ କ୍ୱଚିତ୍ ଥିଲା। ୱାଘା-ଅଟାରୀ ଫାଟକ ବନ୍ଦ କରିଦିଆଯାଇଥିଲା ଏଣୁ ଅପେକ୍ଷା ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା। ହେଲେ କିଛି ମାସ ପୂର୍ବରୁ ପୁଣି ଥରେ ଆଶାର କିରଣ ଉଇଁଥିଲା। ଅନୁନ୍ୟ ୧୫୦ ଜଣ ପାକିସ୍ତାନୀ ବଧୂ ମସ୍କଟ, କଲମ୍ବୋ, ଢାକା, ଦୁବାଇ ଓ କତାରରୁ କନେକ୍ଟିଂ ଫ୍ଲାଇଟ ନେଇ ଭାରତର ନାଗପୁର, ଯୋଦ୍ଧପୁର, ଅହମଦାବାଦ, ରାୟପୁର, ପୁଣେ ଓ ଭୋପାଲ ପହଞ୍ଚିଥିଲେ, ଯାହାଦ୍ୱାରା ସେମାନେ 'ସିନ୍ଦୂର'ର ଅତୁଟ ବନ୍ଧନରେ ବାନ୍ଧି ହୋଇପାରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଗୃହମନ୍ତ୍ରାଳୟ ଦ୍ୱାରା ଦିଆଯାଇଥିବା ଛାଡ ଯୋଗୁ ଏହି ସବୁ ବିବାହ ସମ୍ଭବ ହୋଇ ପାରିଛି। କନ୍ୟାମାନଙ୍କ ସହିତ ସେମାନଙ୍କ ସମ୍ପର୍କୀୟଙ୍କୁ ଭାରତ ଆସିବାର ଅନୁମତି ତ ଥିଲା, ହେଲେ ସେମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଫେରିଯିବାର ଥିଲା। ଏଣୁ ପାକିସ୍ତାନରୁ ଆସି ଭାରତରେ ବିବାହ କରିଥିବା ମହିଳାଙ୍କ ବିବାହ ଉତ୍ସବ ନିରାଡମ୍ବର ଅନୁଷ୍ଠିତ ହୋଇଥିଲା। ସାଧାରଣତଃ ଭାରତୀୟ ଭିସା ରଖୁଥିବା ପାକିସ୍ତାନୀ ୱାଘା ବର୍ଡର ଦେଇ ଯା ଆସ କରିବାରେ କିଛି ଅସୁବିଧା ନାହିଁ। କିନ୍ତୁ ଦୁଇ ଦେଶଙ୍କ ସୀମା ବନ୍ଦ ରହିବା ଯୋଗୁ ସେମାନଙ୍କୁ ଉଡାଜାହାଜରେ ବୁଲିକି ଆସିବାକୁ ପଡିଛି। ଗତ ଏପ୍ରିଲ-ଜୁନ ମାସରେ ୪୫୦ ସମ୍ପର୍କୀୟଙ୍କ ସହିତ ପାକିସ୍ତାନୀ ଝିଅମାନେ ବିବାହ କରିବାକୁ ଭାରତ ଆସିଛନ୍ତି। ଦୀର୍ଘ ସମୟରୁ ଭାରତୀୟ ଭିସାରେ ଆସିଥିବା ଇଂକେଶ ଜଶନାନୀଙ୍କ ନିର୍ବନ୍ଧ 'ପ୍ରି-ସିନ୍ଦୂର' କାଳରେ ହୋଇଥିଲା ଓ ସେମାନେ ଗତବର୍ଷ ବିବାହ ଯୋଜନା କରିଥିଲେ। ଏଥି ପାଇଁ ତାଙ୍କ ଭାବି ପତ୍ନୀ ଆରତୀ ସିନ୍ଧର ଖାନପୁର ତହସିଲରୁ ଏକ ଜଟିଳ ଯାତ୍ରାରେ ମେ ୨୦୨୫ରେ ୱାଘା ବର୍ଡରରୁ ମାତ୍ର ୧ କିଲୋମିଟର ଦୂରରେ ପହଞ୍ଚିଥିଲେ। ଠିକ ସେତିକି ବେଳେ ଭାରତ ଅଟାରୀ ଫାଟକ ବନ୍ଦ କରିଦେଇଥିଲା। ପ୍ରାୟ ବର୍ଷାଧିକ କାଳ ପରେ ଆରତି ମସ୍କଟ ରାସ୍ତାରେ ଆରତୀ ନାଗପୁର ପହଞ୍ଚି ଗତ ମାର୍ଚ୍ଚ ମାସରେ ଇଂକେଶଙ୍କୁ ବିବାହ କରିଛନ୍ତି। ଭିସା କଟକଣା ଥିବାରୁ ଆରତୀଙ୍କ ସହିତ କେବଳ ତାଙ୍କ ଭାଇ ଆସିପାରିଥିଲେ। ଏବେ ଆରତୀ ଚାହୁଁଛନ୍ତି ବର୍ଡର ଖୋଲିଯାଉ କାରଣ ତାଙ୍କ ମାତାପିତାଙ୍କୁ ସେ ତାଙ୍କ ଶ୍ୱଶୂରାଳୟ ବୁଲାଇବାକୁ ଚାହୁଁଛନ୍ତି। ତେବେ ଭାରତ ଆସିଥିବା ଉଡାଣରେ ଜଣେ ବର ମଧ୍ୟ ଭାରତ ଆସିଥିଲେ। ସିନ୍ଧର ଘୋଟକୀରୁ ରାଭେଲ ଜଶବାଣୀ ତାଙ୍କ ମାତାପିତାଙ୍କ ସହ ନାଗପୁର ଆସି ଶ୍ରୀୟାଙ୍କୁ ବିବାହ କରିଛନ୍ତି। ସେ ବିବାହ କରିବା ପରଠାରୁ ଭାରତରେ ହିଁ ରହୁଛନ୍ତି। ସେ କହିଛନ୍ତି ଯେ ମୁଁ ଭାରତରେ ବସବାସ କରିବାକୁ ଚାହୁଁଛି ଓ ବର୍ଡର ଖୋଲିଗଲେ ମାତାପିତାଙ୍କୁ ମଧ୍ୟ ଭାରତ ନେଇ ଆସିବେ।

# ମଦ ଦୁର୍ନୀତି ମାମଲା

## ପୂର୍ବତନ ମନ୍ତ୍ରୀ ନାଗେଶ୍ୱର ରାଓ ଗିରଫ

ନୂଆଦିଲ୍ଲୀ: ଆନ୍ଧ୍ରପ୍ରଦେଶର ପୂର୍ବତନ ମନ୍ତ୍ରୀ କାରୁମୁରୀ ନାଗେଶ୍ୱର ରାଓଙ୍କୁ ଗିରଫ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ED)। ଆନ୍ଧ୍ରପ୍ରଦେଶ ଷ୍ଟେଟ୍ ବେଭରେଜେସ୍ କୋର୍ପୋରେସନ୍ ଲିମିଟେଡର ମଦ ଟେଣ୍ଡରରେ ହୋଇଥିବା ଅନିୟମିତତା ଏବଂ ବେଆଇନ ଅର୍ଥ କାରବାର ମାମଲାରେ ଏହି ଗିରଫଦାରୀ ହୋଇଛି। ଇଡି (ED) ଟିମ୍ ହାଇଦ୍ରାବାଦର କୋଣ୍ଡାପୁର ଅଞ୍ଚଳରୁ ନାଗେଶ୍ୱର ରାଓଙ୍କୁ ଗିରଫ କରିଛି। ପୂର୍ବରୁ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ତାଙ୍କର ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଗିରଫ ପରେ ତାଙ୍କୁ ହାଇଦ୍ରାବାଦର ବଶୀରବାଗସ୍ଥିତ ଇଡି କାର୍ଯ୍ୟାଳୟକୁ ନିଆଯାଇଛି। ରାଜ୍ୟ ଭିଜିଲାନ୍ସ ରିପୋର୍ଟ ଆଧାରରେ ଆନ୍ଧ୍ରପ୍ରଦେଶ ସିଆଇଡି ଦ୍ୱାରା ଦାୟର FIR କୁ ଭିତ୍ତି କରି ଇଡି 'ପ୍ରିଭେନସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ' (PMLA) ଅଧୀନରେ ଏହି ମାମଲା ରୁଜୁ କରିଥିଲା। ପୂର୍ବ ସରକାର ସମୟରେ ମଦ ପରିବହନ କଣ୍ଟ୍ରାକ୍ଟରେ ଗୋଲମାଳ କରିବା ଏବଂ ସବ୍-କଣ୍ଟ୍ରାକ୍ଟିଂ ମାଧ୍ୟମରେ ଟଙ୍କା ହେରଫେର କରିଥିବା ଅଭିଯୋଗ ଉପରେ ଏବେ ଇଡି ଅଧିକ ତଦନ୍ତ କରୁଛି।

# ଭାରତ-ଚୀନ୍ ସୀମା ବିବାଦ: ବେଜିଂରେ ଆଲୋଚନା

ବେଜିଂ: ଭାରତ-ଚୀନ୍ ସୀମା ବିବାଦର ସମାଧାନ ଓ ସୀମାରେ ଶାନ୍ତି-ସ୍ଥିରତା ନେଇ ଆଲୋଚନା ପାଇଁ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ସୋମବାର ବେଜିଂ ଯିବେ। ସେଠାରେ ମଙ୍ଗଳବାର ଚୀନ୍ର ବିଦେଶମନ୍ତ୍ରୀ ତଥା ତାଙ୍କ ଚୀନୀ ପ୍ରତିପକ୍ଷ ୱାଙ୍ଗ୍ ୟିଙ୍କ ସହ ସୀମା ପ୍ରସଙ୍ଗରେ ବିଶେଷ ପ୍ରତିନିଧିସ୍ତରୀୟ ଆଲୋଚନାର ୨୫ଶ ପର୍ଯ୍ୟାୟରେ ଯୋଗଦେବେ। ଉଭୟ ଦେଶର ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି। ୨୦୦୩ରେ ଗଠିତ ବିଶେଷ ପ୍ରତିନିଧି ବ୍ୟବସ୍ଥା ଅଧୀନରେ ଏହି ଆଲୋଚନା ହେଉଛି। ପ୍ରାୟ ୩,୪୮୮ କିମି ଦୀର୍ଘ ଭାରତ-ଚୀନ୍ ସୀମା ବିବାଦର ଏକ ବ୍ୟାପକ ସମାଧାନ ଖୋଜିବା ଏହି ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଆଲୋଚନା ପୂର୍ବରୁ ବିଦେଶମନ୍ତ୍ରୀ ଏସ୍ ଜୟଶଙ୍କର ଶନିବାର ନୂଆଦିଲ୍ଲୀରେ ଆୟୋଜିତ ଇକୋନୋମିକ୍ ଟାଇମ୍ସ ୱାର୍ଲ୍ଡ ଲିଡର୍ସ ଫୋରମ୍ରେ ଭାରତ-ଚୀନ୍ ସମ୍ପର୍କ ନେଇ ମତ ରଖିଥିଲେ। ସୀମାରେ ଶାନ୍ତି ଓ ସ୍ଥିରତା ରହିବା ଦୁଇ ଦେଶ ମଧ୍ୟରେ ଭଲ ସମ୍ପର୍କ ପାଇଁ ଅତ୍ୟାବଶ୍ୟକ ବୋଲି




ସେ କହିଥିଲେ। ଏପଟେ ଅରୁଣାଚଳ ପ୍ରଦେଶର ଅପର ସୁବନସିରି ଅଞ୍ଚଳରେ ଚୀନ୍ର ସାମରିକ କାର୍ଯ୍ୟକଳାପ ବଢ଼ିଥିବା ନେଇ ରିପୋର୍ଟ ମଧ୍ୟ ଆସିଛି। ଅଗଷ୍ଟ ୧୨ରେ ଚୀନ୍ ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ଗୁଓ ଜିଆକୁନ୍ କହିଥିଲେ ଯେ ଚୀନ୍-ଭାରତ ସୀମା ପରିସ୍ଥିତି ବର୍ତ୍ତମାନ ପ୍ରାୟ ସ୍ଥିର ରହିଛି। ୨୦୨୫ ଅଗଷ୍ଟରେ ନୂଆଦିଲ୍ଲୀରେ ୨୪ଶ ପର୍ଯ୍ୟାୟର ବିଶେଷ ପ୍ରତିନିଧିସ୍ତରୀୟ ଆଲୋଚନା ହୋଇଥିଲା। ଏବେ ବେଜିଂରେ ହେବାକୁ ଥିବା ୨୫ଶ ପର୍ଯ୍ୟାୟ ଆଲୋଚନାରେ ସୀମାରେ ଶାନ୍ତି ଓ ସ୍ଥିରତା ସହ ଦୁଇ ଦେଶର ସମ୍ପର୍କକୁ ଆହୁରି ମଜଭୁତ କରିବା ନେଇ ଆଲୋଚନା ହେବ ବୋଲି ଆଶା କରାଯାଉଛି।

## ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ରିପୋର୍ଟ

# ଦେଶରେ ୨୯.୩% ପିଲାଙ୍କ ଉଚ୍ଚତା, ୩୧.୮% ପିଲାଙ୍କ ଓଜନ କମ

ନୂଆଦିଲ୍ଲୀ: ପୁଷ୍ଟିହୀନତାର ଆଶଙ୍କାରେ ଥିବା ଯେଉଁ ଭାରତୀୟ ପିଲାମାନେ ଖାଦ୍ୟ ସମ୍ବନ୍ଧୀୟ ପରାମର୍ଶ ସହିତ ପାଟିରେ ନିଆଯାଉଥିବା ପୁଷ୍ଟିକର ସପ୍ଲିମେଣ୍ଟ ଖାଆନ୍ତି, ସେମାନଙ୍କର ଶାରୀରିକ ବିକାଶରେ ଉଲ୍ଲେଖନୀୟ ଉନ୍ନତି ଦେଖିବାକୁ ମିଳେ । କେବଳ ଖାଦ୍ୟ ପରାମର୍ଶ ପାଇଥିବା ପିଲାମାନଙ୍କ ତୁଳନାରେ, ଛଅ ମାସ ମଧ୍ୟରେ ସପ୍ଲିମେଣ୍ଟ ନେଇଥିବା ପିଲାମାନଙ୍କର ଉଚ୍ଚତା ପ୍ରାୟ ୨.୪ ଗୁଣ ଅଧିକ ବୃଦ୍ଧି ପାଇଥିଲା, ଯେବେକି ଲିନ୍ ମାସରେ ପ୍ରାୟ ୧୫% ଅଧିକ ବଢିଥିଲା । ଚିଲଡ୍ରେନ' ଏବଂ ଜର୍ଣ୍ଣାଲ୍ ଅଫ୍ କ୍ଲିନିକାଲ୍ ମେଡିସିନ୍' ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନରେ ୩ ରୁ ୭




ବର୍ଷ ବୟସର ୨୨୩ ଜଣ ଭାରତୀୟ ପିଲାଙ୍କୁ ସାମିଲ କରାଯାଇଥିଲା ବୋଲି ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା କମ୍ପାନୀ ଆବଟ ପକ୍ଷରୁ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି । ସେହିପରି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ତଥ୍ୟରୁ ଜଣାପଡ଼ିଛି ଯେ ସାରା ଦେଶରେ ୫ ବର୍ଷରୁ କମ୍ ବୟସର ୨୯.୩% ପିଲାଙ୍କ ଉଚ୍ଚତା ବୟସ ତୁଳନାରେ କମ ଏବଂ ୩୧.୮% ପିଲାଙ୍କ ଓଜନ କମ ରହିଛି, ଯାହା ପ୍ରଭାବଶାଳୀ ପୁଷ୍ଟି ଯୋଜନାର ଆବଶ୍ୟକତାକୁ ଦର୍ଶାଉଛି । ଏହି ଅଧ୍ୟୟନ ସମ୍ପର୍କରେ ପୁଣେର ଜାହାଙ୍ଗୀର କ୍ଲିନିକାଲ୍ ଡେଭଲପମେଣ୍ଟ ସେଣ୍ଟର ପ୍ରାଇଭେଟ୍ ଲିମିଟେଡର ପରାମର୍ଶଦାତା ଶିଶୁରୋଗ ବିଶେଷଜ୍ଞ ତଥା ଏହି ଅଧ୍ୟୟନର ମୁଖ୍ୟ ଗବେଷକ ଡକ୍ଟର ଅନୁରାଧା ଖାଦିଲକର କହିଛନ୍ତି, ଯେ ସଠିକ୍ ପୁଷ୍ଟିକର ସପ୍ଲିମେଣ୍ଟ ସହାୟତା ମାଧ୍ୟମରେ ପୁଷ୍ଟିହୀନତା ସମସ୍ୟାର ସମାଧାନ କରିବା କେତେ ଗୁରୁତ୍ୱପୂର୍ଣ୍ଣ । ସେହିପରି ଆବଟ୍ ପୋଷଣ ବ୍ୟବସାୟର ମେଡିକାଲ୍ ଏବଂ ସାଇଣ୍ଟିଫିକ୍ ଆଫେୟାର୍ସର ନିର୍ଦ୍ଦେଶକ, ଡକ୍ଟର ପ୍ରୀତି ଠାକୋର କହିଛନ୍ତି, ଏହି ଅଧ୍ୟୟନ ପ୍ରମାଣ କରେ ଯେ ନିର୍ଦ୍ଦିଷ୍ଟ ପୁଷ୍ଟିକର ସହାୟତା ଯୋଗାଇଦେବା ଦ୍ୱାରା ପୁଷ୍ଟିହୀନତା ଆଶଙ୍କାରେ ଥିବା ପିଲାମାନଙ୍କର ଶାରୀରିକ ବିକାଶ ହୋଇପାରିବ । ଆବଟର "ପିଡିଆସିଓର' ପଛରେ ୩୦ ବର୍ଷରୁ ଅଧିକ ସମୟ ଧରି କରାଯାଇଥିବା ୨୦ରୁ ଅଧିକ କ୍ଲିନିକାଲ୍ ଅଧ୍ୟୟନର ସମର୍ଥନ ରହିଛି ଏବଂ ଏହା ପୁଷ୍ଟିହୀନତା ଆଶଙ୍କାରେ ଥିବା କିମ୍ବା ଶାରୀରିକ ବିକାଶରେ ପଛରେ ପଡ଼ିଥିବା ପିଲାମାନଙ୍କୁ ସାହାଯ୍ୟ କରିବାରେ ପ୍ରମାଣିତ ହୋଇଛି ।

# ପଡିକାଲଙ୍କ ଶତକ, ପ୍ରଥମ ଦିନ ଭାରତର ଆଧିପତ୍ୟ

କଲମ୍ବୋ, ୨୩।୮ (ଏଜେନ୍ସି) : ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ପୁଣି ଶତକୀୟ ଇନିଂସ ଖେଳିଛନ୍ତି ଦେବଦତ୍ତ ପଡିକାଲ। ସେ ୧୧୭ ରନର ଇନିଂସ ଖେଳିବାରୁ ଭାରତ ପ୍ରଥମ ଦିନ ୮୫ ଓଭରରେ ୫ ୱିକେଟ ହରାଇ ୩୦୦ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଧ୍ରୁବ ଜୁରେଲ ୭ ଓ ଟେଷ୍ଟ ଡେବ୍ୟୁ କରିଥିବା ସାରାଂଶ ଜୈନ୍ ୪ ରନ କରି ଅପରାଜିତ ଅଛନ୍ତି। ଅଧିନାୟକ ଶୁଭମନ୍ ଗିଲ ୫୦ ରନ, ଯଶସ୍ୱୀ ଜୟସ୍ୱାଲ ୪୪ ଓ ରବିନ୍ଦ୍ର ଜାଡେଜା ୪୩ ରନର ଇନିଂସ ଖେଳିଛନ୍ତି। ରିଷଭ ପନ୍ତ ବ୍ୟାଟିଂକରିବାକୁ ଆସିଥିଲେ ମଧ୍ୟ ରିଟାୟାର୍ଡ ହର୍ଟ ହୋଇ ମାତ୍ର ୩ ରନ ସ୍କୋରରେ ପାଭିଲିୟନ



ଫେରିଥିଲେ। ଯଦି ସେ ଫିଟ୍ ଘୋଷିତ ହେବେ ପୁଣି ଦ୍ୱିତୀୟ ଦିନ ପୁଣି ବ୍ୟାଟିଂ କରିବାକୁ ଆସିବେ।

ପ୍ରଥମ ଟେଷ୍ଟରେ ଭାରତ ଦମଦାର ବିଜୟ ହାସଲ କରିଥିଲା। ଦ୍ୱିତୀୟ ମ୍ୟାଚରେ ମଧ୍ୟ ଅଧିନାୟକ ଶୁଭମନ୍ ଗିଲ୍ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନର ଲୋକେଶ ରାହୁଲଙ୍କ ସହ ଯଶସ୍ୱୀ ଜୟସ୍ୱାଲ ଭଲ ଆରମ୍ଭ କରିଥିଲେ। କିନ୍ତୁ ପାର୍ଟନରସିପ୍ ବେଶିବାଟ ଆଗକୁ ବଢିପାରିନଥିଲା। ଦଳୀୟ ସ୍କୋର ୩୭ ରନ ବେଳେ ଲୋକେଶ ରାହୁଲ ୩୩ ବଲରୁ ୧୮ ରନ କରି ଲାହିରୁ କୁମାରଙ୍କ ଶିକାର ହୋଇଥିଲେ। ପରେ ପରେ ଅର୍ଦ୍ଧଶତକର ନିକଟତର ହୋଇଥିବା ଯଶସ୍ୱୀ ୪୪ ରନ କରି ଆଶିଥ ଫର୍ଣ୍ଣାଣ୍ଡୋଙ୍କ ବଲରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ୭୬ ରନରେ ଭାରତ ଦୁଇ ୱିକେଟ ହରାଇଥିଲା। ଏହା ପରେ ସ୍ଥିତି ସମ୍ଭାଳିଥିଲେ ପଡିକାଲ ଓ ଗିଲ୍। ଉଭୟ ନିଜର ଅର୍ଦ୍ଧଶତକ ହାସଲ କରି ଦଳୀୟ ସ୍କୋରକୁ ୧୮୬ରେ ପହଞ୍ଚାଇଥିଲେ। ତୃତୀୟ ୱିକେଟ ପାଇଁ ଉଭୟଙ୍କ ମଧ୍ୟରେ ୧୧୦ ରନର ପାର୍ଟନରସିପ୍ ହୋଇଥିଲା। କିନ୍ତୁ ଗିଲ୍ ନିଜ ଟେଷ୍ଟ କ୍ୟାରିୟର ନବମ ଅର୍ଦ୍ଧଶତକ କରିବା କ୍ଷଣୀ ଆଶିଥ ଫର୍ଣ୍ଣାଣ୍ଡୋଙ୍କ ବଲରେ ଆଉଟ୍ ହୋଇଥିଲେ। ୫ ନଂ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ ପନ୍ତ। ସେ ମାତ୍ର ୩ ରନ କରିଥିବା ବେଳେ ଲାହିରୁ କୁମାରଙ୍କୁ ପୁଲ୍ ସଟ୍ ମାରିବାକୁ ଯାଇ ଆହତ ହୋଇଥିଲେ। ପରେ ସେ ପଡିଆ ଛାଡିଥିଲେ। କିନ୍ତୁ ପଡିକାଲଙ୍କ ଇନିଂସ ଜାରି ରହିଥିଲା। ଏହି ଇନିଂସରେ ପଡିକାଲ ଦୁଇଥର ଶ୍ରୀଲଙ୍କା ବୋଲରଙ୍କୁ ୱିକେଟ ନେବାରେ ସୁଯୋଗ ଦେଇଥିଲେ। କିନ୍ତୁ ଏହାକୁ ହାତଛଡା କରିବା ଶ୍ରୀଲଙ୍କା ପାଇଁ ମହଙ୍ଗା ପଡିଥିଲା। ପଡିକାଲ ବ୍ୟକ୍ତିଗତ ୦ ଓ ୧ ରନ ସ୍କୋରରେ ଆଉଟ୍ କରିବାରେ ସୁଯୋଗ ଦେଇଥିଲେ। ଶେଷରେ ପଡିକାଲ ଏହି ଟେଷ୍ଟ ଶୃଙ୍ଖଳାରେ କ୍ରମାଗତ ଶତକ ହାସଲ କରିଥିଲେ। ତାଙ୍କୁ ରବିନ୍ଦ୍ର ଜାଡେଜା ଇନିଂସ ଆଗେଇ ନେବାରେ ଭରପୁର ସହଯୋଗ ଦେଇଥିଲେ। ଶତକ ହାସଲ କରିବାରେ ପଡିକାଲ ପୁଣି ବଡ ସ୍କୋର ଆଡେ ମନ ବଳାଇଥିଲେ। କିନ୍ତୁ ସେ ୧୧୭ ରନ କରିଥିବା ବେଳେ କେଶରା ନୂଆନ୍ଥାଙ୍କ ସ୍ପିନ୍ ଯାଦୁରେ ଫସି ଆଉଟ୍ ହୋଇଥିଲେ। ପଡିକାଲ ପାଭିଲିୟନ ଫେରିବା ବେଳକୁ ଭାରତ ଭଲ ସ୍ଥିତିରେ ପହଞ୍ଚିଯାଇଥିଲା। ସେତେବେଳକୁ ଦଳୀୟ ସ୍କୋର ୨୮୧ ରନ କରିଥିଲା। ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ପଡିକାଲ ୧୪୧ ରନ ଓ ଦ୍ୱିତୀୟରେ ୪୪ ରନ କରିଥିଲେ। ଭାରତର ବିଜୟରେ ତାଙ୍କ ରନ ଗୁରୁତ୍ୱ ବହନ କରିଥିଲା। ବାମ ହାତୀ ସ୍ପିନ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ଭଲ ଲୟରେ ରହିଥିଲେ। ସେ ବ୍ୟକ୍ତିଗତ ୪୩ ରନ କରିଥିଲେ। ଫର୍ଣ୍ଣାଣ୍ଡୋଙ୍କ ଏକ ଇନ୍ ସ୍ୱିଙ୍ଗ ବଲକୁ ଛାଡିବାକୁ ଚେଷ୍ଟା କରୁଥିବା ବେଳେ ଜାଡେଜା ବୋଲ୍ଡ ହୋଇଥିଲେ। ଜାଡେଜାଙ୍କ ୱିକେଟ ପତନ ପରେ ପଡିଆକୁ ଆସିଥିଲେ ସାରାଂଶ ଜୈନ୍। ସେ ୪ ରନ କରିବା ପରେ ଅମ୍ପାୟାର ଷ୍ଟମ୍ପ ଅପସାରଣ ଘୋଷଣା କରିଥିଲେ।

ସୋମବାର ଜୁରେଲ ଓ ସାରାଂଶ ଭାରତର ଇନିଂସ ଆରମ୍ଭ କରିବେ। ଭାରତ ପ୍ରଥମ ଇନିଂସରେ ବଡ ସ୍କୋରକରିବା ଲକ୍ଷ୍ୟରେ ରହିଛି, କାରଣ ଦଳ ହାତରେ ଆହୁରୀ ୫ ୱିକେଟ୍ ବାକି ଅଛି। ପନ୍ତ ମଧ୍ୟ ଆଉ ଥରେ ବ୍ୟାଟିଂ କରିବାର ସମ୍ଭାବନା ଅଛି। ଶ୍ରୀଲଙ୍କା ପକ୍ଷରୁ ଫର୍ଣ୍ଣାଣ୍ଡୋ ୩ ୱିକେଟ୍ ନେଇଥିବା ବେଳେ ନୂଆନ୍ଥା ଓ କୁମାରା ଗୋଟିଏ ଲେଖାଏଁ ସଫଳତା ପାଇଛନ୍ତି। ସୋମବାର ପ୍ରାରମ୍ଭରୁ ଘରୋଇ ଦଳ ଯଥାଶୀଘ୍ର ଭାରତକୁ ଆଉଟ୍ କରିବାକୁ ଚେଷ୍ଟା କରିବ।



## କାହିଁକି ପଡିଆ ଛାଡିବାକୁ ବାଧ୍ୟ ହେଲେ ପନ୍ତ

ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବ୍ୟାଟିଂ କରିବାକୁ ଆସିଥିବା ୱିକେଟ କିପର ବ୍ୟାଟର ରିଷଭ ପନ୍ତ ଅଧାରୁ ପଡିଆ ଛାଡିଛନ୍ତି। ସେ ୩ ରନ କରିଥିବାବେଳେ ରିଟାୟାର୍ଡ ହର୍ଟ ହୋଇଥିଲେ। ଭାରତୀୟ ଇନିଂସର ୫୮ ତମ ଓଭରରେ ଶ୍ରୀଲଙ୍କା ଦ୍ରୁତ ବୋଲର ଲାହିରୁ କୁମାରାଙ୍କ ଗୋଟିଏ ବଲ ହଠାତ୍ ପନ୍ତଙ୍କ ରିଷ୍ଟରେ ବାଜିଥିଲା। ପନ୍ତ ସଟ୍ ବଲରେ ପୁଲ ମାରୁଥିବା ବେଳେ ବଲ ତାଙ୍କ ଗ୍ଲୋବରେ ହିଁ ମାଡ ହୋଇଥିଲା। ପ୍ରଥମେ ଏହା ସାଧାରଣ ଲାଗୁଥିଲା, କିନ୍ତୁ ବଲ ବାଜିବା ପରେ ପନ୍ତ ଅସହଜ ଅନୁଭବ କରିଥିଲେ। ତୁରନ୍ତ ଫିଜିଓ ଆସି ଆଇସି ବ୍ୟାଗ୍ ଲଗାଇଥିଲେ, ଟେପ୍ ଗୁଡାଇଥିଲେ। ତଥାପି ତାଙ୍କ ଯନ୍ତ୍ରଣା କମିନଥିଲା। ସମୟ ଗଡିଯାଉଥିବାରୁ ଅମ୍ପାୟାର ହସ୍ତକ୍ଷେପ କରିଥିଲେ। ଶେଷରେ ପନ୍ତ ବାଧ୍ୟ ହୋଇ ରିଟାୟାର୍ଡ ହର୍ଟ ହୋଇ ପାଭିଲିୟନ ଫେରିଥିଲେ। ତାଙ୍କ ବଦଳରେ ରବିନ୍ଦ୍ର ଜାଡେଜା ବ୍ୟାଟିଂ କରିବାକୁ ଆସିଥିଲେ।

## ୧୦୦୦ ରନ୍ ପୂରଣ କଲେ ଗିଲ୍

ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଗିଲଙ୍କ ନାଁରେ ନୂଆ ରେକର୍ଡ ଯୋଡି ହୋଇଛି। ୨୬ ବର୍ଷୀୟ ଗିଲ୍ ଭାରତର ପ୍ରଥମ ଅଧିନାୟକ ଭାବେ ଗୋଟିଏ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ବର୍ଷରେ ୧ ହଜାର ରନ୍ ପୂରଣ କରିଛନ୍ତି। ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ ଗିଲ୍ ୯୭୬ ରନ କରିଥିଲେ। ରବିବାର ସେ ୫୦ ରନର ଇନିଂସ ଖେଳି ଅଧିନାୟକ ଭାବେ ୧ ହଜାର ରନ୍ ପୂରଣ କରିବାର କୀର୍ତ୍ତିମାନ ହାସଲ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ବିରାଟ କୋହଲିଙ୍କ ନାଁରେ ଥିଲା। ସେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ୨୦୧୯-୨୧ ସିଜନରେ ୯୩୨ ରନ କରିଥିଲେ। ତେବେ ଗିଲ୍ ପ୍ରଥମ ଅଧିନାୟକ ଭାବେ ୧ ହଜାର ରନର ମାଇଲଖୁଣ୍ଟ ଛୁଇଁଛନ୍ତି। ଏତଦ୍ ବ୍ୟତୀତ ଗିଲ୍ ଚତୁର୍ଥ ସର୍ବକନିଷ୍ଠ ଖେଳାଳି ଭାବେ ଟେଷ୍ଟ କ୍ରିକେଟରେ ୩ ହଜାର ରନ ମଧ୍ୟପୂରଣ କରିଛନ୍ତି। ସେ ମାତ୍ର ୧୩ ରନ କରିବା ପରେ ଟେଷ୍ଟ କ୍ୟାରିୟରରେ ୩ ହଜାର ରନ୍ ପୂରଣ କରିଥିଲେ। ଏଯାଏ ଗିଲ୍ ୪୩ ଟି ଟେଷ୍ଟରେ ୩ ହଜାର ୩୭ ରନ କରିଛନ୍ତି। ଏଥିରେ ୧୧ ଟି ଶତକ ଓ ୯ ଟି ଅର୍ଦ୍ଧଶତକ ରହିଛି।

## ୩୩ ବର୍ଷରେ ଡେବ୍ୟୁ

କଲମ୍ବୋରେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚରେ ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି ୩୩ ବର୍ଷୀୟ ସାରାଂଶ ଜୈନ୍। ଚୂଡାନ୍ତ ଏକାଦଶରେ ସେ ସ୍ଥାନ ପାଇଛନ୍ତି। ପୂର୍ବରୁ ସୁଯୋଗ ପାଇବେ ବୋଲି ଚର୍ଚ୍ଚା ହେଉଥିଲା। କୁଲଦୀପଙ୍କୁ ବିଶ୍ରାମ ଦିଆଯାଇ ତାଙ୍କ ସ୍ଥାନରେ ସାରାଂଶଙ୍କୁ ସୁଯୋଗ ମିଳିଛି। ସାରାଂଶଙ୍କ ଜୀବନ ଖୁବ୍ ସଂଘର୍ଷମୟ। ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିବା ପରେ ତାଙ୍କୁ ଏବେ ଭାରତୀୟ ଦଳରେ ସୁଯୋଗ ମିଳିଛି। ସାରାଂଶ ଜଣେ ଅଲରାଉଣ୍ଡର। ସେ ଅଫ୍ ସ୍ପିନ୍ ବୋଲିଂ ସହ ବ୍ୟାଟିଂ କରନ୍ତି। ୫୪ ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳି ୨୨୨୩ ରନ୍ ଓ ୧୮୮ ୱିକେଟ ନେଇଛନ୍ତି। ସେ ପୂର୍ବତନ ଖେଳାଳି ଆର୍ ଅଶ୍ୱିନଙ୍କୁ ନିଜ ଆଦର୍ଶ ମାନନ୍ତି। ସେ ଲଗାତାର ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରୁଥିଲେ। ଧୀରେ ଧୀରେ ତାଙ୍କ ସଫଳତାର ଯାତ୍ରା ଆଗକୁ ବଢୁଥିଲା। ୨୦୧୪ରେ ସେ ରଣଜୀ ଡେବ୍ୟୁ କରିଥିଲେ। ୨୦୨୨ ରେ ସେ ଅଧିକ ଚର୍ଚ୍ଚାରେ ଥିଲେ। ୨୦୨୨ରେ ସେ ରଣଜୀ ଟ୍ରଫି ନକ୍ଆଉଟରେ ୧୩ ୱିକେଟ୍ ସହ ଅର୍ଦ୍ଧଶତକ ହାସଲ କରିଥିଲେ। ୱାଶିଂଟନ ସୁନ୍ଦର ଭାରତୀୟ ଦଳରେ ନାହାଁନ୍ତି। ଶ୍ରୀଲଙ୍କାର ଅନେକ ବାମହାତୀ ବ୍ୟାଟର ଅଛନ୍ତି। ତେଣୁ ଭାରତୟ ମ୍ୟାନେଜମେଣ୍ଟ ଜଣେ ଅଫ ସ୍ପିନରଙ୍କୁ ସୁଯୋଗ ଦେବା ପାଇଁ ଖୋଜୁଥିଲା। ଏହା ବ୍ୟତୀତ ନିକଟରେ ସାରାଂଶ ରଣଜୀରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଉଭୟ ବ୍ୟାଟିଂ ଓ ବୋଲିଂରେ ଦମ୍ ଦେଖାଇଥିଲେ। ଦୁଇଟି ଅର୍ଦ୍ଧଶତକ ସହ ୧୬ ୱିକେଟ୍ ନେଇ ବିସିସିଆଇର ଚୟନକମିଟିରେ ନଜର ଆସିଥିଲେ।

## ଫାଓ ଦ୍ୱିତୀୟ ଡିଭିଜନ୍ ଲିଗ୍

### ରୋହିତ ଏଫସି, ବାରବାଟୀ ୟୁନାଇଟେଡ୍ ବିଜୟୀ



ଭୁବନେଶ୍ୱର, ୨୩।୮ (ସବ୍ୟୁ) : ଫାଓ ଦ୍ୱିତୀୟ ଡିଭିଜନ୍ ଲିଗ୍‌ର ପଞ୍ଚମ ଦିନ ଅନୁଷ୍ଠିତ ଦୁଇଟି ମ୍ୟାଚରେ ରୋହିତ ଏଫସି ଏବଂ ବାରବାଟୀ ୟୁନାଇଟେଡ୍ ବିଜୟୀ ହୋଇଛନ୍ତି। ବିଡାନାସୀ ମିନି ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ରୋହିତ ଏଫ୍‌ସି ୩-୨ ଗୋଲରେ ଏଲ୍‌ଆଇସି ସ୍ପୋର୍ଟ୍ସ କ୍ଲବକୁ ଧରାଶାୟୀ କରିଥିଲା। ରୋହିତ ଏଫ୍‌ସି ପକ୍ଷରୁ ଚନ୍ଦନ କୁମାର ସିଂ ୨୦ ମିନିଟ୍ ଓ ଚନ୍ଦ୍ର ମୋହନ ମୁର୍ମୁ ୨୫ ରନରେ ଗୋଲ କରିଥିଲେ। ଏଲ୍‌ଆଇସିର ଏସ୍ କେ ନାସିର ୨୨ ମିନିଟ୍‌ରେ ଏକ ଆତ୍ମଘାତୀ ଗୋଲ ଦେଇଥିଲେ। ଏଲ୍‌ଆଇସିର ଅନ୍ୟତମ ଖେଳାଳି ଆଦିତ୍ୟ ସଭାପତି ଚତୁର୍ଥ ମିନିଟ୍ ଓ ଏସ୍ କେ ନାଜିର ୪୮ ମିନିଟ୍‌ରେ ଗୋଲ କରିଥିଲେ। ଏହା ସତ୍ତ୍ୱେ ରୋହିତ ଏଫ୍‌ସି ୩-୨ ବ୍ୟବଧାନରେ ବିଜୟ ଲାଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ବାରବାଟୀ ୟୁନାଇଟେଡ୍ ୫-୦ ଗୋଲରେ ସିଆରଆର୍‌ଆଇ ସ୍ପୋର୍ଟ୍ସ କ୍ଲବକୁ ପରାଜିତ କରିଛି। ରାମରାୟ ମାଝୀ, ଅବଦୁଲ କାଦିମ, ରାଜ ପରଜା, ସୁମନ୍ତ କୁମାର ମାରାଣ୍ଡି ଗୋଲ ସ୍କୋର କରିଥିଲେ।

## ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ

### ଡିଏଭିକୁ ହରାଇଲା ଓଡିଏମ୍ / ୟୁନିଟ୍ ୧ ହାଇସ୍କୁଲର ବଡ ବିଜୟ

ଭୁବନେଶ୍ୱର, ୨୩।୮ (ସବ୍ୟୁ) : ସ୍ଥାନୀୟ ୟୁନିଟ୍ ୧ ଫୁଟବଲ ଷ୍ଟାଡିୟମରେ ୟୁନିଟ୍ ୬ ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୩୫ ତମ ଜୟନ୍ତ ମହାପାତ୍ର ମେମୋରିଆଲ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ରବିବାର ଅନୁଷ୍ଠିତ ଦୁଇଟି ମ୍ୟାଚରେ ଓଡିଏମ୍ ଗ୍ଲୋବାଲ ଏବଂ ୟୁନିଟ୍ ୧ ବାଳକ ବିଦ୍ୟାଳୟ ବିଜୟ ହୋଇଛନ୍ତି। ପ୍ରଥମ ମ୍ୟାଚରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ୧୫-୦ ଗୋଲରେ ଡିଏଭି ପୋଖରୀ ପୁଟକୁ ହରାଇଥିଲା। ଏହି ମ୍ୟାଚରେ ଓଡିଏମ୍‌ର ମେସି ହାଂସଦା ସର୍ବାଧିକ ୪ ଟି ଗୋଲ, କୁଶ ସିଂ ଗୋଟିଏ, କୁଳଦୀପ ହେମ୍ବ୍ରମ ୩ ଟି, ଏହସାନ ପାଙ୍ଗି ଗୋଟିଏ, ଦଶରଥ ହାଂସଦା ୩ଟି, ଆରବ ଦାସ, ଆଦିତ୍ୟ ବରାଳ ଓ ସତ୍ୟ ହାଂସଦା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ଜୟନ୍ତ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇ ମେସି ହାଂସଦାଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ୟୁନିଟ୍ ୧ ବାଳକ ବିଦ୍ୟାଳୟ ୫-୧ ଗୋଲରେ ନାରାୟଣ ସ୍କୁଲକୁ ହରାଇଛି। ଏହି ମ୍ୟାଚରେ ୟୁନିଟ୍ ୧ ହାଇସ୍କୁଲର ରତ୍ନମଣୀ ହେମ୍ବ୍ରମ ୩ ଟି, ମାନା କିସ୍କୁ ଓ ସୂର୍ଯ୍ୟ ଜାଗପାୟୀ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ନାରାୟଣ ସ୍କୁଲର ଏ ରାଉତ ଗୋଟିଏ ଗୋଲ ପରିଶୋଧ କରିଥିଲେ। ସୂର୍ଯ୍ୟ ନାରାୟଣ ଦାସ ଅତିଥି ଭାବେ ଯୋଗ ଦେଇ ରତ୍ନମଣୀ ହେମ୍ବ୍ରମଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।




## ଉତ୍କଳ ସ୍ପୋର୍ଟ୍ସ ମିଟ୍

### କରାଟେ, ସୁଟିଂ ଉଦ୍‌ଯାପିତ

ଭୁବନେଶ୍ୱର, ୨୩।୮ (ସବ୍ୟୁ) : ଉତ୍କଳ ସ୍ପୋର୍ଟ୍ସ ମିଟ୍‌ର କରାଟେ ଓ ସୁଟିଂ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୬ ବର୍ଷରୁ ଆରମ୍ଭ କରି ୧୦ ବର୍ଷ ପର୍ଯ୍ୟନ୍ତ ବୟସର କରାଟେକା ମାନେ ଭାଗ ନେଇଥିଲେ। ମୋଟ ୨୫୦ ଜଣ କରାଟେକା ଓ ୫୦ ଜଣ ଛାତ୍ରଛାତ୍ରୀ ସୁଟିଂରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଓସକାର ଯୁଗ୍ମ ସମ୍ପାଦକ କାଳୀପ୍ରସାଦ ନନ୍ଦ,ଉପସଭାପତି ସନ୍ତୋଷ କୁମାର ନାୟକ, ଦୂତିକୃଷ୍ଣ ବେହେରା, ଭବାନୀ ପ୍ରସାଦ ସାହୁ ପ୍ରମୁଖ କୃତି ପ୍ରତିଯୋଗୀଙ୍କୁ ମେଡାଲ ପ୍ରଦାନ କରିଥିଲେ।

## ପ୍ରଦୀପ ମେମୋରିଆଲ ରାଜ୍ୟ ସ୍କୁଲ ଓପନ୍ ଚେସ୍

### ସତଭିକ ବିଜେତା

ଭୁବନେଶ୍ୱର, ୨୩।୮ (ସବ୍ୟୁ) : ଷଷ୍ଠ ପ୍ରଦୀପ କୁମାର ରଥ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନସିପ୍‌ରେ ଭୁବନେଶ୍ୱରର ମଡେଲ୍ ଇଂଲିଶ ମିଡିୟମର ଛାତ୍ର ସତଭିକ ମହାନ୍ତି ଚାମ୍ପିଅନ ହୋଇଛନ୍ତି। ବ୍ଲୁମ୍ ସ୍କୁଲର ଆହାନ ଅଭିଜ୍ଞାନ ଦ୍ୱିତୀୟ, ଧ୍ରୀତିମାନ ଦେ ତୃତୀୟ, ଓମ୍ ଶତପଥି ଚତୁର୍ଥ ଏବଂ ଦୀପେନ୍ଦୁ ରଥ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସାଇ କ୍ରୀଷ୍ଣ ସାମଲ, ସ୍ୱୟଂସିଦ୍ଧି ସାହୁ, ପ୍ରୀତକୌସ୍ତୁଭ ରାଉତ ଓ ମହେଶ୍ୱର ପାଣିଗ୍ରାହୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ବିଭିନ୍ନ ବୟସ ବର୍ଗ ଯଥା : -୭, ୧୧, ୧୩, ୧୫ ଏବଂ ବାଳିକା ବର୍ଗର ଦୁଇଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ରୟାଲ ପବ୍ଲିକ ସ୍କୁଲର ଭାଇସ୍ ପ୍ରିନସପାଲ ପ୍ରଜ୍ଞାପରମିତା ସାହୁ ମୁଖ୍ୟ ଅତିଥି, ଓଡିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ସ୍ୱର୍ଗତଃ ପ୍ରଦୀପ କୁମାର ରଥଙ୍କ ପୁଅ ଦେବାଶିଷ ରଥ ଯୋଗ ଦେଇଥିଲେ।

## ଦେଢ଼ ଦିନରେ ସରିଲା ଅଷ୍ଟ୍ରେଲିଆ-ବାଂଲାଦେଶ ମ୍ୟାଚ

ମ୍ୟାକେ, ୨୩।୮ (ଏଜେନ୍ସି) : ମାତ୍ର ଦେଢ଼ ଦିନରେ ଅଷ୍ଟ୍ରେଲିଆ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ ଶେଷ ହୋଇଛି। ଏହି ମ୍ୟାଚରେ ବାଂଲାଦେଶକୁ ଧୂଳି ଚଟାଇଛି ଅଷ୍ଟ୍ରେଲିଆ। ପ୍ରଥମ ଟେଷ୍ଟକୁ ଅପ୍ରତ୍ୟାଶିତ ଭାବେ ବାଂଲାଦେଶ ଜିତିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଦଳ ମାଟି କାମୁଡିଛି। ବାଂଲାଦେଶ ପ୍ରଥମ ଇନିଂସରେ ୭୪ ରନ କରିଥିବା ବେଳେ ଦ୍ୱିତୀୟ ଇନିଂରେ ମାତ୍ର ୯୫ ରନ କରି ଅଲଆଉଟ୍ ହୋଇଥିଲା। ଏଥିଯୋଗୁ ଅଷ୍ଟ୍ରେଲିଆ ଗୋଟିଏ ଇନିଂସ ଓ ୫୧ ରନ ବ୍ୟବଧାନରେ ମ୍ୟାଚ ଜିତିନେଇଛି। ଏହି ମ୍ୟାଚ ଜିତି ଦୁଇ ଟିକିଆ ଟେଷ୍ଟ ଶୃଙ୍ଖଳାକୁ ମଧ୍ୟ ୧-୧ରେ ଡ୍ର କରିବାକୁ ଅଷ୍ଟ୍ରେଲିଆ ସକ୍ଷମ ହୋଇଛି। ଏହି ବଡ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ। ସେ ପ୍ରଥମ ଇନିଂସରେ ୬ ଟି ଓ ଦ୍ୱିତୀୟ ଇନିଂରେ ୪ ୱିକେଟ ଦଖଲକରିଥିଲେ। ୧୦ ୱିକେଟ୍ ସଫଳତା ଯୋଗୁ ତାଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ମିଳିଛି। ଏତଦ୍ ବ୍ୟତୀତ ସେ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ହାସଲ କରିଛନ୍ତି।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# ଭାରତର ସେମି ଲାଗି

## ଏଫ୍‌ଆଇଏଚ୍ ହକି ବିଶ୍ୱକପ୍

## କର ବା ମର



ଆମଷ୍ଟେଲଭିନ୍, ୨୩।୮ (ଏଜେନ୍ସି): ଏଫ୍‌ଆଇଏଚ୍ ହକି ବିଶ୍ୱକପର ଶେଷ ପୁଲ୍ ଇ ମ୍ୟାଚକୁ ଭାରତୀୟ ପୁରୁଷ ଦଳ ସେମିଫାଇନାଲ ଆଶା ଜଟିଳ ଗଣିତ ଉପରେ ନିର୍ଭର କରି ଖେଳିବାକୁ ଯାଉଛି। ଡିଫେଣ୍ଡିଂ ଚାମ୍ପିଅନ୍ ଏବଂ ଆୟୋଜକ ନେଦରଲ୍ୟାଣ୍ଡସଠାରୁ ୧-୩ରେ ପରାଜୟ ଭାରତକୁ ଦ୍ୱିତୀୟ ପର୍ଯ୍ୟାୟର ଉଦ୍‌ଘାଟନୀ ମ୍ୟାଚ୍ ପରେ କୌଣସି ପଏଣ୍ଟ ବିନା ରଖିଛି, ଯାହା ଆମ୍ଷ୍ଟେଲଭିନ୍‌ର ୱାଗେନର୍ ଷ୍ଟାଡିୟମରେ ସୋମବାର ଆର୍ଜେଣ୍ଟିନା ବିପକ୍ଷରେ ହେବାକୁ ଥିବା କର ବା ମର ମ୍ୟାଚ୍ ପୂର୍ବରୁ ସେମାନଙ୍କୁ କଠିନ ସ୍ଥିତିରେ ପକାଇଛି। ଭାରତକୁ କେବଳ ବିଜୟ ନୁହେଁ ବରଂ ନିଜ ଅଭିଯାନକୁ ଜୀବନ୍ତ ରଖିବା ପାଇଁ ଅନ୍ୟତ୍ର ଅନୁକୂଳ ଫଳାଫଳ ମଧ୍ୟ ଆବଶ୍ୟକ ହେବ। ନେଦରଲ୍ୟାଣ୍ଡସ୍ ୬ ପଏଣ୍ଟ ସହ ପୁଲ୍ ଇ ର ଶୀର୍ଷରେ ଥିବାବେଳେ, ଆର୍ଜେଣ୍ଟିନାର ଚମତ୍କାର ୩-୧ ବିଜୟ ପରେ ଇଂଲଣ୍ଡ ଏବଂ ଆର୍ଜେଣ୍ଟିନା ପ୍ରତ୍ୟେକ ୩ ପଏଣ୍ଟରେ ଅଛନ୍ତି। ଭାରତ ଶୂନ୍ୟ ପଏଣ୍ଟ ଏବଂ ବିଯୁକ୍ତ ୪ ଗୋଲ୍ ବ୍ୟବଧାନ ସହ ତଳେ ଅଛି। ଅନ୍ୟ ମ୍ୟାଚରେ ଇଂଲଣ୍ଡ ନେଦରଲ୍ୟାଣ୍ଡସକୁ ସାମ୍ନା କରୁଥିବାରୁ, ଯଦି ଭାରତ ଆର୍ଜେଣ୍ଟିନାକୁ ପରାସ୍ତ କରିପାରେ, ତେବେ ଭାରତର ଭାଗ୍ୟ ଶେଷରେ ଗୋଲ୍ ବ୍ୟବଧାନ ଦ୍ୱାରା ନିର୍ଣ୍ଣୟ ହୋଇପାରେ। ଭାରତ ଶୀର୍ଷ ଦୁଇ ମଧ୍ୟରେ ରହି ସେମିଫାଇନାଲରେ ପହଞ୍ଚିବା ପାଇଁ, ତାଙ୍କୁ ଆର୍ଜେଣ୍ଟିନା ବିପକ୍ଷରେ ଏକ ବଡ଼ ବିଜୟ ଆବଶ୍ୟକ। ତିନି ଗୋଲ୍ର ବିଜୟ ଭାରତର ଗୋଲ୍ ବ୍ୟବଧାନକୁ ବିଯୁକ୍ତ ୧କୁ ନେଇଯିବ ଏବଂ ଆର୍ଜେଣ୍ଟିନାକୁ ବିଯୁକ୍ତ ୩ରେ ରଖିବ, ଉଭୟ ଦଳ ୩ ପଏଣ୍ଟରେ ରହିବେ। ସେହି ପରିସ୍ଥିତିରେ, ଇଂଲଣ୍ଡକୁ ନେଦରଲ୍ୟାଣ୍ଡସଠାରୁ ଅତି କମରେ ଦୁଇ ଗୋଲରେ ହାରିବାକୁ ପଡ଼ିବ, ଯାହା ତାଙ୍କର ଗୋଲ୍ ବ୍ୟବଧାନକୁ ବିଯୁକ୍ତ ୨କୁ ନେଇଯିବ। ତା'ପରେ ତିନୋଟି ଦଳ ୩ ପଏଣ୍ଟରେ ସମାନ ଥିଲେ ମଧ୍ୟ, ଭାରତ ଗୋଲ୍ ବ୍ୟବଧାନରେ ଆର୍ଜେଣ୍ଟିନା ଏବଂ ଇଂଲଣ୍ଡ ଉଭୟଙ୍କଠାରୁ ଆଗରେ ରହିବ। ଆଉ ଏକ ରାସ୍ତା ଅଛି, ଯଦିଓ ଏଥିପାଇଁ ଆହୁରି ବଡ଼ ଫଳାଫଳ ଆବଶ୍ୟକ। ଯଦି ଭାରତ ଆର୍ଜେଣ୍ଟିନାକୁ ଚାରି ଗୋଲ୍ରେ ପରାସ୍ତ କରେ, ତେବେ ନେଦରଲ୍ୟାଣ୍ଡସ୍ ବିପକ୍ଷରେ ଇଂଲଣ୍ଡର ଯେକୌଣସି ପରାଜୟ ଭାରତକୁ ଆଗକୁ ପଠାଇବା ପାଇଁ ଯଥେଷ୍ଟ ହେବ। ତେବେ, ସେହି ପରିସ୍ଥିତିରେ ଇଂଲଣ୍ଡର ପରାଜୟ ଅତ୍ୟାବଶ୍ୟକ, କାରଣ ଡ୍ର ହେଲେ ସେମାନେ ୪ ପଏଣ୍ଟରେ ପହଞ୍ଚିଯିବେ ଏବଂ ଭାରତର ପହଞ୍ଚ ବାହାରେ ଚାଲିଯିବେ। ଯଦିଓ ଏହି ସମସ୍ତ ସମ୍ଭାବନା କାର୍ଯ୍ୟର ବିଶାଳତାକୁ ଦର୍ଶାଉଛି, ଭାରତର ତତ୍କାଳ ଧ୍ୟାନ ଓପନ୍ ପ୍ଲେରେ ନିଜ ଆକ୍ରମଣକୁ ଅଧିକ ଧାରାଳ କରିବା ଉପରେ ରହିବ। ହରମନପ୍ରୀତ ସିଂହ ପୁଣିଥରେ ଆଗରୁ ନେତୃତ୍ୱ ଦେଇଛନ୍ତି, ୬ଟି ଗୋଲ୍ ସ୍କୋର କରି ଆର୍ଜେଣ୍ଟିନାର ଟୋମାସ୍ ଡୋମେନେଙ୍କ ସହ ଟୁର୍ଣ୍ଣାମେଣ୍ଟର ସର୍ବାଧିକ ଗୋଲ୍ ସ୍କୋରର୍ ସ୍ଥାନ ଭାଗ କରିଛନ୍ତି। ତଥାପି, ଫିଲ୍ଡ ଗୋଲ୍ ସ୍କୋର କରିବାରେ ନିରନ୍ତରତା ଦଳକୁ ଏଡ଼ାଇ ଯାଇଛି, ଯାହା ପେନାଲ୍ଟି-କର୍ଣ୍ଣର୍ କନଭର୍ସନ୍ ଉପରେ ଅତିରିକ୍ତ ଚାପ ପକାଇଛି। ଇଂଲଣ୍ଡ ବିପକ୍ଷରେ ବିଜୟ ପରେ ଆତ୍ମବିଶ୍ୱାସରେ ଭରିଥିବା ଆର୍ଜେଣ୍ଟିନା ଦଳ ବିପକ୍ଷରେ ଫରୱାର୍ଡମାନଙ୍କୁ ଅଧିକ ଦାୟିତ୍ୱ ବହନ କରିବାକୁ ପଡ଼ିବ। ଅଭିଷେକ ଦୁଇଥର ଏବଂ ଦିଲପ୍ରୀତ ସିଂହ ଥରେ ସ୍କୋର କରିଛନ୍ତି, ଯାହା ସେମାନଙ୍କୁ ଏପର୍ଯ୍ୟନ୍ତ ଦଳର ଚାରିଟି ମ୍ୟାଚରେ ଲକ୍ଷ୍ୟଭେଦ କରିଥିବା ଏକମାତ୍ର ଭାରତୀୟ ଫରୱାର୍ଡ କରିଛି। "ସେମିଫାଇନାଲରେ ପହଞ୍ଚିବାର ଲଢ଼େଇରେ ରହିବା ପାଇଁ ଆମ ପାଖରେ ଏକ ଜୀବନରେଖା ଅଛି। ଆମକୁ କଣ କରିବାକୁ ପଡ଼ିବ ତାହା ସ୍ପଷ୍ଟ," ଭାରତର ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ୍ କହିଛନ୍ତି। "ଆମକୁ ଗୋଲ୍ ଆବଶ୍ୟକ କିନ୍ତୁ ସେହି ସମୟରେ ଆମକୁ ନିଜ ଖେଳକୁ ମଧ୍ୟ ପରିଚାଳନା କରିବାକୁ ଏବଂ ନିଜ ଗଠନକୁ ବଜାୟ ରଖିବାକୁ ପଡ଼ିବ।" ଆର୍ଜେଣ୍ଟିନା ବିପକ୍ଷରେ, ଭାରତକୁ ଶେଷ ତୃତୀୟାଂଶରେ ଅଧିକ ଗତିବିଧି, ଗୋଲ୍ ସାମ୍ନାରେ ଅଧିକ ଦକ୍ଷତା ଏବଂ ସୁଯୋଗଗୁଡ଼ିକ ପ୍ରତି ଅଧିକ ନିର୍ଦ୍ଦୟ ଆଭିମୁଖ୍ୟ ଆବଶ୍ୟକ ହେବ। ଚ୍ୟାଲେଞ୍ଜ୍ ବିଶାଳ, କିନ୍ତୁ ସେମାନଙ୍କର ବିଶ୍ୱକପ୍ ଅଭିଯାନ ଦାଉରେ ଥିବାରୁ, ଭାରତ ପାଖରେ ସବୁକିଛି ଦେଇ ଏହା ପାଇଁ ଯିବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି